407

# ଅଭିମାନନୀ ପ୍ରିୟା

ମୁଦ୍ରାକର
କବିରାଜ
ଶ୍ରୀ ରାମନାଥ ପାତ୍ରୀ ଶର୍ମ୍ମା
ବିନାୟକ ପ୍ରେସ, ବ୍ରହ୍ମପୁର (ଗଞ୍ଜାମ)

ଲେଖକ :
ଶ୍ରୀ ଇନ୍ଦ୍ରମା ଦଳାଇ

ମୂଲ୍ୟ—ଏକଟଙ୍କା ବାରଅଣା

ପ୍ରାପ୍ତି ସ୍ଥାନ :
ଉତ୍କଳ ସୁଭାଷିଣୀ ପୁସ୍ତକାଳୟ
୫/୭ ସାକ୍‌ଚି ବଜାର,
ଜାମସେଦପୁର

ପ୍ରକାଶକ
ବାଣୀ ମନ୍ଦିର
ଜାମସେଦପୁର

407

ଏକ—

ତାଙ୍କୁ ଯେଉଁଦିନ ପ୍ରଥମେ ଦେଖିଲି ସେ ଦିନଟି ମୋର ଚିରସ୍ମରଣୀୟ ହୋଇ ରହିଛି । ସେ ଦିନଟିକୁ ମୁଁ ଭାବେ ଗୋଟିଏ ଶୁଭଦୃଷ୍ଟି ଦିନ । ମାତ୍ର ଶୁଭ ହେଉ ବା ଅଶୁଭ ହେଉ ତାହା ସେ ମୋ ଜୀବନର ସରଳ ଗତି ପଥରେ ଏକ ଉତ୍କଟ ବ୍ୟତିକ୍ରମ ଆଣି ଠିଆ କରିଛି ଏଥିରେ ସନ୍ଦେହର ଅବକାଶ ନାହିଁ ।

ସେ ଦିନ ସାଢ଼େ ନ'ଟା ସମୟ । ମୁଁ ଯାଉଥିଲି ଅଫିସ୍ । ସେ ଠିଆ ହୋଇଥିଲେ ତାଙ୍କର ବାଡ଼ପାଖ କବାଟର ଦ୍ୱାରବନ୍ଧ ଉପରେ । ତାଙ୍କ ମୁହଁ ଉପରେ ଦୃଷ୍ଟି ପଡ଼ିଲାକ୍ଷଣି, ସେ ଅନ୍ୟାଡ଼କୁ ଘୁଞ୍ଚିଗଲେ । ମୋ ଆଖି ମଧ୍ୟ ନତ ହୋଇ ଆସିଲା । ମାତ୍ର ସେତିକିରେ ମୁଁ ଦେଖିଲି ସେ ଅନିନ୍ଦ୍ୟ ସୁନ୍ଦରୀ । ତାଙ୍କର ନିଟୋଳ ସୌନ୍ଦର୍ଯ୍ୟରେ ମୁଁ ଅଭିଭୂତ ହୋଇ ପଡ଼ିଲି ।

ସେ ସୁନ୍ଦରୀ । ତାଙ୍କ ସୌନ୍ଦର୍ଯ୍ୟର ଏହି ସମୀକ୍ଷଣ ଅବଶ୍ୟ ମୋର ଏକାନ୍ତ ବ୍ୟକ୍ତିଗତ ରୁଚି ଉପରେ ପର୍ଯ୍ୟବସିତ । ସର୍ବସାଧାରଣଙ୍କ ଦୃଷ୍ଟି ସମକ୍ଷରେ ସେ ଯେ ସୁନ୍ଦରୀ ରୂପେ ପ୍ରତିଭାତ ହେବେ ଏ ଅର୍ଥରେ

ନୁହେଁ । ମୋ ବ୍ୟତୀତ ଅନ୍ୟ କାହାର ଦୃଷ୍ଟିରେ ସେ ଅସୁନ୍ଦରୀ ମଧ୍ୟ ହୋଇପାରନ୍ତି । ମାତ୍ର ମୋ ଆଖିକୁ ସେ କାହିଁକି ସୁନ୍ଦରୀ ଦେଖା-ଗଲେ । ମୋ ବିବେଚନାରେ ତାଙ୍କଠାରୁ ସୁନ୍ଦରୀ ଜୀବନରେ ଅନ୍ୟତ୍ର ଦେଖିଲାପରି ମନେ ହେଉନାହିଁ । ତାଙ୍କର ସୌନ୍ଦର୍ଯ୍ୟ ଯେ ମୋପରି ଲୋକଟାକୁ ଏପରି ତୀବ୍ର ଭାବରେ ଆକର୍ଷଣ କରିବ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ ।

ଥରେ ହାତ ଦେଖି ଜ୍ୟୋତିଷ କହିଥିଲେ ମୋର ଆଧ୍ୟାତ୍ମିକ ଜ୍ଞାନ ପ୍ରବଳ ହେବ । କଥାଟିକୁ ମଧ୍ୟ ମୁଁ ବିଶ୍ୱାସ କରୁଥିଲି ମନେ ମନେ । ସେହି କଥା ପଦକରେ ଧର୍ମ କର୍ମ ଆଡ଼କୁ ମନଟା ଟାଣି ହୋଇଯାଇଛି ଅନେକଥର । କିନ୍ତୁ ପଥ-ସୁନ୍ଦରୀଙ୍କ ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇପଡ଼ିବା ଆଧ୍ୟାତ୍ମିକ ଜ୍ଞାନର ପ୍ରାବଲ୍ୟରୁ ବୋଧହୁଏ ସମ୍ଭବ ହେଲା । ତା'ନ ହେଲେ ଜ୍ୟୋତିଷଙ୍କ ପାଠ କଣ ଆଉ ମିଛ ହେବ ? ବାସ୍ତବିକ ମୁଁ ଭୁଲ କରୁଛି କି ପାପ କରୁଛି କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରିଲି ନାହିଁ ସେତେବେଳେ । ପାପୁ ବରଂ ହେଉ କିନ୍ତୁ ମୁଁ ଯାହା କରୁଛି ତାହା କରୁଛି । ମୁଁ ତ କିପରି ଆତ୍ମହରା ହୋଇପଡ଼ିଲି ! ଦର୍ଶନ ଇଚ୍ଛାରୁ ଏହି ନିର୍ମମ ଅଭିଳାଷର ବଶବର୍ତ୍ତୀ ମୋତେ ହେବାକୁହିଁ ପଡ଼ିଲା । ମୋର ହେଲା ପରାଜୟ । ମୁଁ ତାଙ୍କୁ ବାରମ୍ବାର ପଛକୁ ଫେରି ଫେରି ଅନାଇଲି ।

× × × ×

ପ୍ରଥମେ ଜାଣି ନ ଥିଲି ସେ କନ୍ୟା କି ବଧୂ । ସେ ବଧୂ ନ ହୋଇ ପାରନ୍ତି । ବଧୂ ହୋଇଥିଲେ ମୋ ପାପର ଗୁରୁତ୍ୱ ଏହାଦ୍ୱାରା ବୋଧହୁଏ ଦ୍ୱିଗୁଣର ହୋଇଯିବ । କାରଣ ଅପରର ସ୍ତ୍ରୀ, ଅନ୍ୟ କୁଳର ବଧୂ, ସମ୍ପୂର୍ଣ୍ଣ ଅପରିଚିତାଙ୍କୁ ଏପରି ଘନ ଘନ ଅବଲୋକନ

କରି କେବେ କେବେ କ୍ଷଣିକ ପାଇଁ ଅନିମେଷ ନୟନରେ ଅନାଇ ରହିବା କଦାପି ଶାସ୍ତ୍ରାନୁମୋଦିତ ନୁହେଁ ଏବଂ ଏହା କେତେଦୂର ଅନ୍ୟାୟ ମୋ ବିଗ୍ରହରେ ଏହାର କୌଣସି ସମାଧାନ ହୋଇପାରି ନ ଥିଲା ସେତେବେଳେ ।

ପୁଣି ମୋ କଥା ବାକି ଅଛି । ମୁଁ ଯେ ଅବିବାହିତ ତାହା ନୁହେଁ । ଘରେ ମୋର ପ୍ରାଣାଧିକା, ପ୍ରାଣପ୍ରିୟା, ଦୁଇଟି ସନ୍ତାନର ଜନନୀ, ସତୀ, ସାଧ୍ୱୀ, ପତିବ୍ରତା ଗୃହିଣୀ ବିଦ୍ୟମାନ । ଏସବୁ ସ୍ଥଳେ ମୋ ପାପର ଗୁରୁତା-ରୂପ କେତେ ଅଧିକ ହେବାର କଥା, ସହଜରେ ଅନୁମେୟ । ମାତ୍ର ଏ ସବୁର ବିଚାର ବୁଦ୍ଧି ମୋର ସେତେବେଳେ ନଥିଲା ।

ତାଙ୍କୁ ଅବା ମୁଁ ନ ଅନାନ୍ତି କିପରି ? ଏକେ ତ ସେ ସୁନ୍ଦରୀ, ଦ୍ୱିତୀୟରେ ମୋ ଅଫିସ୍ ଯିବା ରାସ୍ତା କଡ଼କୁ ଲଗି ତାଙ୍କର ବାସଗୃହଟି । ରାସ୍ତାର ଏତେ ପାର୍ଶ୍ୱରେ ତାଙ୍କ ଘରର ଖିଡ଼କି ଯେ, ରାସ୍ତା ଉପରେ ଦଣ୍ଡାୟମାନ ହୋଇ ହସ୍ତ ପ୍ରସାରଣ କଲେ ତାଙ୍କୁ ସ୍ପର୍ଶ ମଧ୍ୟ କରିହେବ । ମାନେ ମୁଁ ଯେଉଁ ରାସ୍ତା କଥା କହୁଛି ତାହା ଅବଶ୍ୟ ଗୋଟିଏ ସଙ୍କୀର୍ଣ୍ଣ ଗଳି ରାସ୍ତା । ଅଫିସ୍ ଯିବା ପାଇଁ ସିଧା ସଳଖ ପଡ଼େ । ପିଚୁ ରାସ୍ତାଟି ଟିକେ ବୁଲଣି ହୁଏ ବୋଲି ମୁଁ ଅଧିକାଂଶ ସମୟ ସେହି ବାଟେ ଯାଏ । ମୁଁ ତ ଏକଲା ନୁହେଁ; ଲୋକେ ପ୍ରାୟ ଯିବା ଆସିବା କରନ୍ତି । ତାହା ବୋଲି ରାସ୍ତାଟିକୁ ଜନାକୀର୍ଣ୍ଣ କୁହାଯାଇ ନପାରେ ।

ମଇଳା ପାଣି ଯିବାପାଇଁ ମସ୍ତବଡ଼ ନାଳଟିଏ ଯାଇଛି । ପରିବା ଚୋପା, ଠେଲା, ପାଉଁଶ, ଅଇଁଠା ପତ୍ର ଇତ୍ୟାଦି ସମସ୍ତ ଆବର୍ଜନା ନିଜର ସ୍ଫୀତିକୃତ ଶରୀର ବିସ୍ତାର କରି ସହରର ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀମାନଙ୍କର କାର୍ଯ୍ୟଦକ୍ଷତା ପ୍ରତି ଯେପରି ଭ୍ରୂକୁଟୀ କରୁଅଛନ୍ତି ।

ମାତ୍ର କଥା ହେଉଛି, ଏ ବାଟେ ତ ମୁଁ ବିଗତ ତିନିବର୍ଷ ହେଲା ଯାତାୟାତ କରୁଅଛି । ଏତେଦିନ ତାଙ୍କୁ ଦେଖି ନଥିଲି । ତାହା ସେ ଗୋଟାଏ ପୋଷ୍ଟାଲ୍ ଭ୍ୟାଠର ଏହାହିଁ ମୋର ଧାରଣା । କାରଣ ଏହି ଅଞ୍ଚଳରେ ଏବଂ ତାଙ୍କର ଏହି ବାସସ୍ଥାନକୁ ଲାଗି ଅନ୍ୟାନ୍ୟ ପ୍ରକାରର ଗୃହକ ସବୁହିଁ ପୋଷ୍ଟାଲ୍ ଭ୍ୟାଠର । ଏହି ଘରେ ବାସ କରୁଥିବା ପ୍ରୌଢ଼ ଲୋକଟିକୁ ମୁଁ ଅନେକଥର ଦେଖିଛି । ଆଳାପ ନଥିଲେ ମଧ୍ୟ ମୁଁ ତାଙ୍କୁ ଜାଣେ । ସେ ମଧ୍ୟ ମୋତେ ଚିହ୍ନିଥିବେ ଯଦିଓ ଆଳାପ ନାହିଁ, ସେ ବୋଧହୁଏ ଏ ଘରେ ଆଉ ରହୁ ନାହାନ୍ତି । କାରଣ ତାଙ୍କୁ ପ୍ରାୟ ବର୍ଷେ ହେବ ଦେଖୁ ନାହିଁ । ଏହାଙ୍କୁ ଦେଖିବାରୁ ମନେହେଲା ସେ ପ୍ରୌଢ଼ ଲୋକଟି ବୋଧହୁଏ ଏଠାରୁ ଗଲେଣି । ହୁଏତ ତାଙ୍କ ବିଭାଗର କେହି ନୂତନ କର୍ମଚାରୀ ଆସି ଏ ଘରେ ବସା ବାନ୍ଧିଛନ୍ତି ।

—§§§—

ନଂ 407
ତା 1.6.60

ଦୁଇ—

ସେଦିନ ଯତି ଆସିଥିଲା ଅଫିସ୍‌କୁ । ଯତି ମୋର ସହପାଠୀ ବନ୍ଧୁ । ଗପୁଡ଼ିଙ୍କ ଓସ୍ତାଦ୍ ଗପି ଗପି ତୁମକୁ ଭୋକ ଶୋଷ ଭୁଲାଇଦେବ ।

ଯତି ଓ ମୁଁ ସ୍କୁଲରେ ପଢୁଥିଲୁଁ । ତାକୁ ଆଉ ମୋତେ ତୁଳନା କଲେ ଆକାଶ ପାତାଳ ପ୍ରଭେଦ । ଆକୃତି କୁହ, ପ୍ରକୃତି କୁହ ବା ଅଧ୍ୟୟନ କୁହ କୌଣସି ଗୋଟିକରେ ସାମଞ୍ଜସ୍ୟ ନ ଥାଏ । କେବଳ ସେ ଓ ମୁଁ ଦୁହେଁ ଅଙ୍କରେ ଏକା ନମ୍ବର ପାଉଁ ଓ କ୍ଲାସରେ ପାଖାପାଖି ହୋଇ ବସୁଁ । ଅଙ୍କ ଶିକ୍ଷକ ଆମ ଦୁହିଁଙ୍କୁ ଖୁବ ଭଲ ପାଅନ୍ତି ।

ଯତି ମୁହଁଟି ଏପରି ଗଢ଼ା, ନ ହସିଲା ଲୋକ ତାର ମୁଖଭଙ୍ଗୀ ଦେଖିଲେ ହସିବ । ସେ ଜଣେ ବ୍ୟଙ୍ଗ ରସିକ ମଧ୍ୟ—ବିଦୂଷକ । ଥିଏଟର କଲେ ସର୍ବଦା ସେ ବିଦୂଷକର ଚରିତ୍ର ଆଗ୍ରହସହ ଗ୍ରହଣ କରେ ଏବଂ କୃତିତ୍ୱସହ ପରିସ୍ଫୁଟନ ମଧ୍ୟ କରେ । ଅଙ୍କ ବିଷୟଟି ବ୍ୟତୀତ ଅନ୍ୟାନ୍ୟ ବିଷୟଗୁଡ଼ିକରେ ସେ ଦୁର୍ବଳ । ପଢ଼େନାହିଁ

ଜମା । ଠିକେ ଅଧ୍ୟବସାୟ କରୁଥିଲେ ଭଲ ପଢ଼ିପାରୁଥାନ୍ତା । ମାତ୍ର ବହିପତ୍ର ଘଣ୍ଟା ଅଧଘଣ୍ଟା ବସିବା ତା ଦେହକରେ ହୋଇପାରେ ନାହିଁ ।

ଏପରି ସିନେମା ନାହିଁ ଯାହା ନ ଦେଖିଛି ଯତି । ମାରପିଟ୍‌ରେ ସମସ୍ତଙ୍କ ଆଗରେ ବାହାରିବ ସେ । କିଏ କିପରି ଚାଲେ, କିଏ କିପରି ହସେ, କିଏ କିପରି କଥା କହେ ତାର ଦେଖିବା ଓ ଜାଣିବା ଲୋକ ମଧ୍ୟରେ ଯାହାର ଯେଉଁଠି କିଛି ବିଶେଷତ୍ୱ ଥାଏ, ଯତି ସେସବୁର ନକଲ କରିଆସି କ୍ଲାସ ମଧ୍ୟରେ ଦେଖାଏ ଓ ଆମ୍ଭମାନଙ୍କୁ ହସାଏ ।

ଏହିସବୁ କାର୍ଯ୍ୟରେ ଧୁରନ୍ଧର ଯତିର କି ଆଉ ପାଠ ଶାଠ ହୁଏ ? ସହରର ଭାଇ ଭାଉଜ ହେଲେ ତାର ଅଭିଭାବକ । ବାପା ଓ ମାଆ ଉଭୟଙ୍କୁ ପିଲାଦିନୁଁ ସେ ହରାଇଥିଲା । ଭାଇଙ୍କ ମସ୍ତବଡ଼ ସଂସାରରେ ଯତି ପଢ଼ା ଉପରେ ଯତ୍ନ ନେବାକୁ ବେଳ କାହିଁ କାହାର ? ତେଣୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଗଲାବେଳକୁ ଯତିର ବାହୁରେ ଡୋର ବନ୍ଧାହେଲା ।

ପାଠ ଶାଠ ନ ହେଲା ନାହିଁ । ମାତ୍ର ସଙ୍ଗ ଦୋଷରୁ ଅତ୍ୟଳ୍ପ ବୟସରେ ଚରିତ୍ର ପଦାର୍ଥଟିକୁ ଦୂଷିତ କରି ପକାଇଲା ଯତି·····

ମୋ ସହିତ ସେତେ ଘନିଷ୍ଠତା ନଥିଲେ ମଧ୍ୟ ଯତି ବାଲ୍ୟ-କାଳର ସେହି ବନ୍ଧୁତା ଏକାବେଳକେ ତୁଟାଇଦେଇ ନଥିଲା । ଯତି ଖାଲି ସେ ଦିନ ଯେ ମୋ ପାଖକୁ ଆସିଥିଲା ତାହା ନୁହେଁ । ସେ ମଝିରେ ମଝିରେ ଏହିପରି ଆସି ପହଞ୍ଚେ । ଗୋଟିଏ ଅଷ୍ଟୁଯା ଧରଣର ସାଙ୍ଗଟିଏ ସେ ମୋର । ସେ ଆସେ ଓ ଆରମ୍ଭ କରିଦିଏ ତାର ବକ୍ତବ୍ୟ । ମୁଁ ଯେପରି ତାର ସର୍ବଶ୍ରେଷ୍ଠ ଶ୍ରୋତା । ମୋ ଆଗରେ

କହୁବା ପାଇଁ ତାର ଯାହାଙ୍କୁ ପେଟ ଭିତରେ ସଞ୍ଚିତ ଥାଏ, ସବୁ-ଯାକ ଅଳାଡ଼ ଦେବାର ବସ୍ତୀର୍ଣ୍ଣ ଅବସର ମିଳିଯାଏ ତାକୁ ।

ସେଦିନ ଦେଖିଲି, ନାକ ତଳକୁ ଖଣ୍ଡେ ପ୍ରଜାପତିଆ ନିଶ ପରି କିଛିଟିଏ ଗଜୁରିଲାଣି ଯଚରି । ପଚାରିଲି—"ଏ ଖଣ୍ଡିକ କେବେଠାରୁ ଏଠାରେ ବସା ବାନ୍ଧିଲାଣି ?"

ଯଚ ହସିଲା । ପାଟିଟା ତାର ଟିକେ ଲମ୍ବା । ଟିକେ ତ ନୁହେ ବେଶ୍ ଲମ୍ବା ଓ ବଙ୍କା ମଧ୍ୟ । ନାସିକାର ମଧ୍ୟ ଭାଗଟି ଯେଉଁ ଅନୁପାତରେ ଚେପ୍‌ଟା, ଦାଣ୍ଡିଟା ତଦାନୁସାରେ ଊର୍ଦ୍ଧ୍ୱଗାମୀ—କପୋଳ, ଅଧର ହନୁ ଇତ୍ୟାଦି ପର୍ବତ ଶ୍ରେଣୀମାନଙ୍କ ମଧ୍ୟରେ ମଧ୍ୟବର୍ତ୍ତୀ ଗିରି-ଶୃଙ୍ଗପରି । ହସିଲାବେଳେ ଦାନ୍ତଗୁଡ଼ିକୁ ଲୁଚାଇବାର ଅପୂର୍ବ ପ୍ରୟାସ ଟିକକ ଦେଖିଲେ ମଧ୍ୟ ଦର୍ଶକକୁ ହସମାଡ଼ିବ ।

କହିଲା—ଟାଟଧୋଇ ପିବାକୁ ତେଲ ଲଗାଇବା ସମୟରେ ଅଙ୍କାଡ଼ି ତେଲିଆ ହାତର ଉଷ୍ମାସ ପାଇ ଏ ଖଣ୍ଡିକ ଟିକେ ଟେହ୍ଲା ହୋଇ ଉଠିଛି । ତେଣୁ କ୍ଷୌର କର୍ମ ସମାପନ କରିବା ସମୟରେ ଏହାପ୍ରତି ମୋର ଟିକେ ଅନୁକମ୍ପା ଜାତ ହୋଇଛି ମାନ······

ସେ କହୁବାକୁ ଆରମ୍ଭ କଲାବେଳକୁ ମୁଁ ହସିବାକୁ ଆରମ୍ଭ କରି ଦେଇଥିଲି । ତା' କଥାରେ ମୁଁ ଏହିପରି ହସେ । ତେଣୁ ଅଧିକାଂଶ ସମୟରେ ମୋର ପେଟ ଦରଜ ହେବା ଭୟରେ ସେ ବାକ୍ୟଟିକୁ ବାଧ ହୋଇ ଅସମ୍ପୂର୍ଣ୍ଣ ରଖେ । ତାର ନାକ ଓ ପାଟି ଉଭୟର ସମ୍ମିଶ୍ରଣରେ ମୁହଁଟି ନିହାତି ଅସୁନ୍ଦର ଦେଖା ନଗଲେ ମଧ୍ୟ ଟିକେ ସୁନ୍ଦର ବୋଲି କେହି କହିବ ନାହିଁ ।

ତାପରେ ଏଣୁ ତେଣୁ ନାନା କଥାବାର୍ତ୍ତା । ଯଚ ଡାକିଲା ହୋଟେଲକୁ ଯିବା ପାଇଁ । ନ ଯିବାର ବାଟ ନାହିଁ । ବଡ଼ ବଦଖଇଁ,

ଏବେ ସେ ଝାଡ଼ାର ଷ୍ଟୋରର୍ସ ଡ଼ିପାର୍ଟମେଣ୍ଟରେ ଗୃହକର୍ମ କରୁଛନ୍ତି । ଷ୍ଟୋର୍ ଇସୁଅର୍ । ବେତନ ମନ୍ଦ ନୁହେଁ । ଅଫିସର କର୍ମଚାରୀମାନଙ୍କ-ଠାରୁ କୌଣସି ଗୁଣରେ ଊଣା ନୁହେଁ । ଯତି କଥା ଭାବି ମୁଁ ନିଜ ଭାଗ୍ୟକୁ ମଧ୍ୟ ନିନ୍ଦା କରେ । ଆମ ସମୟର ଅଧା ପାଠୁଆ ହେଲେ ମଧ୍ୟ ଯତିର ରୋଜଗାର ମନ୍ଦ ନୁହେଁ । ମାତ୍ର ଖର୍ଚ୍ଚର ଆଦ ଅନ୍ତ ନାହିଁ । ଚରିତ୍ର ସ୍ଖଳନତା ମଧ୍ୟ ତାହା ସହିତ ସଂଯୁକ୍ତ ହୋଇଯାଇଛି । ତେଣୁ ମାସ ଶେଷ ବେଳକୁ ଯତି କର୍ ବସିଥାଏ ଦୁନିଆଯାକର କରଜ ।

ଗୁ' ଖିଅ ପାଖରେ ଯତି ମୁହଁରୁ ଚିତ୍ର ଜଗତର ସର୍ବ ସମ୍ବାଦ ଶୁଣିବାକୁ ପାଇବ । କେଉଁ ଫିଲ୍ମ ପ୍ରଡ୍ୟୁସର୍ କି ନୂଆ ଚିତ୍ର ତୋଳୁଛନ୍ତି, କେଉଁ ଚିତ୍ରଟି କେଉଁ କମ୍ପାନୀରୁ ଆତ୍ମପ୍ରକାଶ କରିବା ଅପେକ୍ଷାରେ, କେଉଁ ଅଭିନେତା ଓ ନେତ୍ରୀ କେଉଁଥିରେ ଆଦର୍ଶ ଅଭିନୟ କରିଛନ୍ତି, (ଆଦର୍ଶ ବୋଇଲେ ଯତି ମତାନୁସାରେ ଅବଶ୍ୟ) କେଉଁ ଚିତ୍ରରେ କେଉଁ ଅଭିନେତ୍ରୀ ପ୍ରିୟତମଙ୍କ ଆସନ୍ନ ମିଳନ ଅପେକ୍ଷାରେ ପୁଲକରେ ନାଚି ନାଚି ଗୀତ ଗାଇ ଗାଇ ବୁଲୁଥିଲା ବେଳେ କପଟ ଭ୍ରୂ-ଭଙ୍ଗୀ କରିଛନ୍ତି ଓ ତାଙ୍କ ବକ୍ଷର ଦକ୍ଷିଣପାର୍ଶ୍ୱର ପରିଧେୟ କପଟ ଉଡ଼ୁଥିବା ଅବସ୍ଥାରେ ସ୍ନାପ୍ ନିଆଯାଇଛି, ବିଷୟବସ୍ତୁ କ'ଣ, କି କି ଗୀତ ଅଛି, ତାର ସ୍ୱର ମଧ୍ୟ ଏହିପରି ବୋଲି ଆରମ୍ଭ କରିଦିଏ—ଗାଇବାକୁ । ଭୁଲିଯାଏ ଯେ ସେ ଗୋଟିଏ ହୋଟେଲ ମଧ୍ୟରେ ବସିଅଛି । ତା ପରେ କେଉଁ ପ୍ରଯୋଜକ କେଉଁ ଅଭିନେତ୍ରୀଙ୍କର ଗୁପ୍ତ ପ୍ରଣୟ ପ୍ରାର୍ଥୀ, କେଉଁ ଅଭିନେତା ଓ ଅଭିନେତ୍ରୀଙ୍କ ମଧ୍ୟରେ ବିବାହ ସମ୍ବନ୍ଧୀୟ ନେଗୋସିଏସନ୍ ଚାଲିଛି ଇତ୍ୟାଦି ସମ୍ବାଦଗୁଡ଼ିକ ମଧ୍ୟ ଯତି ଅପର୍ଯ୍ୟାପ୍ତ ଭାବରେ ସଂଗ୍ରହ କରି ଶୁଣାଏ । ତୁମକୁ ସିନେମା ଦେଖିବାକୁ ପଡ଼ିବ ନାହିଁ । ଯତି ମୁହଁରୁ ତ ସବୁ ଶୁଣିପାରିବ ଅଙ୍…

ଘଣ୍ଟିର ପଢ଼ି—
ସୂଚନା ଦିଏନାହିଁ, କାଳେ ତା' ମନରେ
ପ୍ରତିବାଦ କରିବାକୁ ମଧ୍ୟ ଇଚ୍ଛା ହୁଏନାହିଁ । ସେ
ଶୁଣିଯାଏ ଓ ତା' କଥାକୁ ଅଗ୍ରହ ସହକାରେ ହୃଦୟଙ୍ଗମ କରିଛି ବୋଲି ଛଳନା କରିଯାଏ । ତା ନହେଲେ ଉପାୟ ନାହିଁ ।

ଏହାପରେ ସେ ଆସେ । ଚା ଜଳଖିଆ ଖୁଆଏ । ପାଖରେ ପଇସା ନଥିଲେ ମୋ ପାଖରୁ ଖାଏ । ମୁଁ ମଧ୍ୟ ତାକୁ ଖୁଆଏ । ଏଥି-ପାଇଁ କୁଣ୍ଠିତ ମୁଁ ହୋଇ ପାରେ ନାହିଁ । ଯତି ପାଖରେ କୁଣ୍ଠିତ ହେବାର ଜୋର୍ ନଥାଏ ମୋର । ଯତିକୁ ମୁଁ ସେହି ସହପାଠୀ ଭାବରେ ସ୍ନେହ କରି ଆସିଛି । ବାଲ୍ୟର ସେହି ପବିତ୍ର ମମତା ଭିତରେ ଏ ପର୍ଯ୍ୟନ୍ତ କେହି ହସ୍ତକ୍ଷେପ କରିନାହିଁ । ତାର ବାଲ୍ୟବନ୍ଧୁ ଓ ଅପର ମୁହଁରେ ହସ ଫୁଟାଇବା ପରି ଯେଉଁ ପ୍ରତିଭାର ନିପୁଣ [illegible] ତା' ଭିତରେ ଅଛି ଏଥିପାଇଁ ମୁଁ ତାକୁ ନିଜ ଅଜାଣତରେ ହୁଏତ ସ୍ନେହ କରେ । ସମବୟସୀ ହେଲେ ମଧ୍ୟ ଯତି ମୋଠାରୁ ଅଳ୍ପ ଢେଙ୍ଗା ଓ ସାବନା ବର୍ଣ୍ଣ ।

କିନ୍ତୁ ଯତି ଚରିତ୍ରହୀନ । ତା' ଚରିତ୍ର ସହିତ ମୋର ଅବା କି ସମ୍ପର୍କ ? ମୁଁ ରହେ କଦମାରେ ତ ସେ ରହେ ସାକ୍ଚୀରେ । ଏଥି ମଧ୍ୟରେ ଦୁଇ ତିନିମାଇଲ ତଫାତ । ଅଫିସ୍‌କୁ ଆସି ସେ ଯାହା ମୋ ସହିତ ଦେଖା କରିଯାଏ, ମୁଁ ଅବଶ୍ୟ ତାକୁ ବନ୍ଧୁତା ଖାତିରରେ ଅନେକ ଥର ଅନୁରୋଧ କରି ସାବଧାନ କରାଇଛି । ମାତ୍ର ତାହାରୁ ବର୍ତ୍ତିଛି ସେ ଆଉ ଭଲ ବାଟକୁ ଆସି ପାରିବା ପରି ଅବସ୍ଥାରେ ନାହିଁ । ମୁଁ କ୍ଷାନ୍ତ ହୋଇଛି । ଯତି ହୋଇ ପଡ଼ିଛି ବଡ଼ ଯୌନସ୍ପୃହାତୁର । ଇନ୍ଦ୍ରିୟ ଲାଳସାର ବଶବର୍ତ୍ତୀ ହୋଇ ସେ କୁ' ପଥ ଅବଲମ୍ବନ କରିଛି ।

ଏବେ ସେ ଝାଝାର ଷ୍ଟୋରର୍ସ ଡିପାର୍ଟମେଣ୍ଟରେ ଚାକିରି କରନ୍ତି...
ଷ୍ଟୋର୍ ଇସୁଅର୍ । ବେତନ ମନ୍ଦ ନୁହେଁ । ଅଫିସ୍‌ର [illegible] ସୁପିଥକୁ ଝା...
ଠାରୁ କୌଣସି ଗୁଣରେ [illegible] ଏହି ଚରିତ୍ରର ଏହି ବିଶ୍ଳେଷଣ ଠିକ ବା...
ଭାଗ୍ୟକୁ ମଧ୍ୟ ନି[illegible]ଏଣ ବିଷୟ ନେଇ ମୁଁ ତାକୁ ଘୃଣା କରିନାହିଁ
ଯେତି ଏମା ନବଟଙ୍କୁ ପ୍ରାପ୍ୟ ଥିଏ । ସତେ ଅବା ତା ଚରିତ୍ରର କମ...
ବିକାଶ କପଟ ଅଭୁଟ ଗଢ଼ରେ ପ୍ରାପ୍ତ ହୋଇ ରହିଛି ତାହ...
ଦେଖାଇବା ପାଇଁ । ମୁଁ ଦେଖେ ଯେତି ଠିକ୍ ସେହିପରି ଅଛି, ସେ...
କିଶୋର ବୟସର ଯେତିପରି । ପରିବର୍ତ୍ତନ ମଧ୍ୟରେ କେବଳ ବୟସ...
ତାରତମ୍ୟ ଓ ନିଜ ଉପଯୋଗ ଦିଗରେ ଅଳ୍ପ ନିର୍ଭରଶୀଳତା...
ତାର ଭାଗ୍ୟ ସୁପ୍ରସନ୍ନ ତା'ପ୍ରତି ଯାହାଙ୍କ ସେ ଚାକିରି ଖଣ୍ଡେ...
ଦେବାର ବହୁଳ ଯୁଗରେ ପାଇପାରିଛି । ତାହାଛଡ଼ା ଯେତି ଯାହାଥି...
ଅଳି ଛି ସେଇଥ । ସେଦିନ ଯେତି ଆସିଥିଲା, ବହେ ଖଣ୍ଡେ ଗଡି...
ରୁ'· ଖାଇ, ସିଗାରେଟ୍ ଫୁଙ୍କି ଚାଲିଗଲା । ପୁଣି ଆସିବ ବୋଲି
କହିଗଲା ମଧ୍ୟ ।

—%%%—

ଅଭର୍ଘ

ନି

ଯା ାର ସେହି କମନୀୟ ମୁଖକାନ୍ତି, ପ୍ରତିଦିନ ଠିକ୍ ମୋ ଫିସ ଯିବା ସମୟରେ ସେହି ବାତାୟନ ପଥରେ ଦୃଷ୍ଟି ହଏ, ାଙ୍କର ବୋଧହୁଏ କିଛି କାମ ନଥାଏ । ତେଣୁ ବାତାୟନ ପାଖରେ ାସି ବସି କର୍ମମୁଖର ରାସ୍ତାଅଡ଼କୁ ଚାହିଁ ରହି କର୍ମହୀନ ଆଳସ୍ୟମୟ ମୟଗୁଡ଼ିକ ଅତିବାହିତ କରିବା ତାଙ୍କର ଗୋଟାଏ ଅଭ୍ୟାସ । କିମ୍ବା ାଙ୍କର ସେହି ଆତୁର ନୟନ ଦୁଇଟି ବାତାୟନ ନିକଟବର୍ତ୍ତୀ ସ୍ଥାନରେ ାହାକୁ ଅନୁସନ୍ଧାନ କରୁଥାଏ । କିମ୍ବା କାହାକୁ ଅପେକ୍ଷା କରୁଥାଏ, ଏହି ସାଢ଼େ ନଅଟା ବେଳେ ତାଙ୍କର ଦେଖା ମିଳିବ ବୋଲି ଅନୁମାନ ବ କିମ୍ବା ପୂର୍ବ ନିର୍ଦ୍ଦେଶାନୁସାରେ ।

ଏଥିରେ ମୋର ଭାବିବାର କଣ ଅଛି ?

କିନ୍ତୁ ଖାଲି ସାଢ଼େ ନଅଟାରେ ନୁହେଁ, ସନ୍ଧ୍ୟା ପାଞ୍ଚଟାରେ ଵ ଅଫିସରୁ ଫେରିଲାବେଳେ ମୁଁ ପୁଣି ତାଙ୍କୁ ଯଥାସ୍ଥାନରେ ଦେଖେ । ମୋତେ ଦେଖିସାରିବା ପରେ ସେ ମୁଖପଦ୍ମଟି ଲୁଚାଇ ନିଅନ୍ତି ।

ଏମିତି ପ୍ରତିଦିନ ସେ ସକାଳ ସାଢ଼େ ନଅଟା ଓ ସନ୍ଧ୍ୟା ପାଞ୍ଚଟା, ଏ ଶନିବାର ଦିନ ଦୁଇଟା ବେଳେ ଏହି ଅନାଇବା ଅଭ୍ୟାସରେ

ହେଉ ଅଥବା କାହାକୁ ଅପେକ୍ଷା କରିବା ପ୍ରୟୋଜନରେ ହେଉ, ହୁଏତ ଝରକା ପାଖରେ କିମ୍ବା ତାଙ୍କ ବାଡ଼ିପଟ କବାଟଟି ଦରଆଉଜା କରି ତା ଫାଙ୍କରେ ଚାହିଁ ରହିଥାଆନ୍ତି ।

ଶନିବାର ଦିନ ଅଫିସ ଅଧବେଳା ହୁଏ ବୋଲି ମୁଁ ପ୍ରାୟ ଦିନ ଦୁଇଟାବେଳେ ଘରକୁ ଫେରେ । ବେଳକୁ ବେଳ ଦେଖିଲି ପଛକୁ ଅନାଇଲେ ସେ ମଧ୍ୟ ଅନାଇଥାଆନ୍ତି ଆସି ତାଙ୍କ ବାଡ଼ିପଟ ଦରଜା ମୁହଁରେ । ମୁଁ ଅନାଇଲେ ସେ ଲାଜ ନପାଇ କେବଳ ସେଇଠାରେ ଦଣ୍ଡାୟମାନ ରହି ମୁଖାବନତ କରି ଦିଅନ୍ତି । ଥରେ ଥରେ ବାଡ଼ି ଦୁଆର ମୁହଁରେ ଅର୍ଦ୍ଧ ଲଜ୍ଜାଯୁକ୍ତ ଅବସ୍ଥାରେ ତାଙ୍କୁ ଦେଖି ଅତିକ୍ରମ କରି ଆସି ଝରକା ନିକଟରେ ହେଲାବେଳକୁ ଠିକ୍ ଝରକା ନିକଟରେ ସେ ଆସି ଠିଆ ହୋଇଥାନ୍ତି ତଳକୁ ମୁହଁ ପୋତି କିଛି ନ ଜାଣିଲା ପରି । ସହସା ମୋ ଆଡ଼େ ଚାହିଁ ଦେଇ ଛଳନାଭରା ଲଜ୍ଜାରେ ଟିକେ ଘୁଞ୍ଚି ଯାଆନ୍ତି ଅନ୍ତରାଳକୁ ।

କୌତୁହଳର ଦାସ ହେଲେ ମନୁଷ୍ୟ ଏପରି ଗୋଟିଏ ଗୋଟିଏ କାର୍ଯ୍ୟ କରି ବସେ, ଯାହା ପରେ ଚିନ୍ତା କରି ବସିଲେ ତାହା ତାକୁ ନିତାନ୍ତ ହାସ୍ୟକର ଓ ନିରର୍ଥକ ମନେହୁଏ । ତାହାହିଁ ହେଲା ମୋର । ଏଣିକି ମୋର ଜୋତା ଫିତାଟା ମଧ୍ୟ କାହିଁକି ଠିକ୍ ହୁଗୁଳା ହୋଇ-ଯାଏ ତାଙ୍କ ଝିଡ଼କି ପାଖରେ । ଆଉ ମୁଁ ବାଧ୍ୟ ହୋଇ ନଇଁପଡ଼ି ଜୋତା ଫିତା ଖୋଲି ପୁଣି ଥରେ ଭଲ କରି ବାନ୍ଧେ । କେଉଁ ଦିନ ଟେବୁଲ୍ ଡ୍ରୟାର୍‌ର ଷ୍ଟୁର କେନୁଆଟି ମଧ୍ୟ ହାତରୁ ଖସିପଡ଼େ ତାଙ୍କ ଦରଜା ସିଧାରେ । କେବେ ପୁଣି ତୃଷାରେ କଣ୍ଠ ମୋର ଶୁଷ୍କ ହୋଇ ଆସେ । ମୁଁ ତାଙ୍କ ଝିଡ଼କିର ଅଳ୍ପ ଦୂରରେ ଥିବା ପାଣି କଳରେ ହାତ ଲଗାଇ ତୃଷା ନିବାରଣ କରେ । ଆଉ କେବେ ତାଙ୍କ ଘର ପାଖରେ ଅର୍ଥାତ୍ ସେ ଦେଖି [illegible] ଭଳି ସ୍ଥାନରେ ଠିଆ ହୋଇ ମୁଁ ଅପେକ୍ଷା

ର ମୋର ସହକର୍ମୀ କୌଶଳି କାହ୍ନୀ ବାବୁଙ୍କୁ, ଯିଏ କି ଗଣ୍ଡେ-
ପଛରେ ପଢ଼ିଯାଇ ଥାଆନ୍ତି ।

ପୃଷ୍ପବଣୀର ସ୍ଥିର ଜଳ, କ୍ଷୁଦ୍ର ଲୋଷ୍ଟ୍ରପାତରେ ମୃଦୁଳହଲ୍ଲ-
ଙ୍କାରେ ଚହଲି ଗଲାପରି ମୋର ସ୍ୱଚ୍ଛନ୍ଦ ଗତିପଥରେ ଏକ ସୁନ୍ଦରୀ
ଣୀର ଏହି ରୂହାଣି ଛଟକର ଅଭିନୟ କମ୍ପିତ ଚଉରୁଙ୍ଗଲ୍ୟ ଓ
ସୃଷ୍ଟି କରିବାରେ ଯେପରି ଅନୁକୂଳ ହେଲା, ମୋର କୌତୂହଳି
ର ଏହି ଉପରୋକ୍ତ ଉପସର୍ଗଗୁଡ଼ିକ ଉପରେ ଯେ ଏକ ପରେ ଏକ
ହୋଇ ଗଲେ ତାହା ଭାବିଲେ ଏବେ ମଧ୍ୟ ଅନ୍ତର ମୋର
ଶିତ ହୋଇଆସେ ।

ଏହାପରେ ଏ ସବୁ ଭିତରେ ମୁଁ ଅନୁଭବ କଲି ତାଙ୍କର
ାସ ଓ ପ୍ରୟୋଜନ ଗୁଡ଼ିକ ସହିତ ମୋର ଏହି ନୂତନ ଅଭ୍ୟାସ
ପ୍ରୟୋଜନ କେତୋଟି ସବୋତ୍ତଭାବେ ଖାପ ଖାଇଯାଉଛି ।
ହିଁ ଦୁହିଁଙ୍କ ପ୍ରୟୋଜନୀୟତା ବୋଧରେ ମନେ ମନେ ଆନନ୍ଦ
ି ।......

ଏହି ନୀରବ ତୃପ୍ତି ବନମଧ୍ୟରେ କାହାର ଲଳିତ କଣ୍ଠର ଗୋପନ
ାନ ମୋ କାନ ମୂଳେ ବାଜି ଉଠେ । କିନ୍ତୁ ମୋର ଅନାତ୍ମ
ତ୍ୱ ସଂସାରର ଘନୀଭୂତ ବାତାବରଣ ମଧ୍ୟରେ ତାହାର କ୍ଷୀଣ ସ୍ୱର
ୀନ ହୋଇଯାଏ—ଠିକ୍ ଖଣ୍ଡାଧାର ପ୍ରପାତର ଝଙ୍କ ଗମ୍ଭୀର
ନ ନିକଟରେ ଏକ କ୍ଷୁଦ୍ର ଶିଶୁର କରତାଳି ପରି ।

## ଗୁରୁ

ଏହାର କିଛୁଦିନ ପରେ ଦିନେ ଅଫିସ ଯାଉଥିଲି । ତାଙ୍କ ଘର ଅତିକ୍ରମ କରି ଯିବା ପରେ ପଛରୁ ଶୁଭିଲା—

"ବାବୁ !"

ଫେରିପଡ଼ି ଅନାଇଲି, ସେହି ପ୍ରୌଢ଼ ଭଦ୍ର ଲୋକଟି । ସେ ହାତ ଉଠାଇ ନମସ୍କାର କଲେ । କିପରି ସଂକୋଚ ଲାଗିଲା । ବୟସରେ କେତେ ବଡ଼ ହେବେ ।

"କଅଣ କହୁଛ, ମୋତେ ଡାକୁଛ ?" ମୁଁ ପଚାରିଲି ।

ଆଜ୍ଞା, ଖଣ୍ଡେ ଦରଖାସ୍ତ ଲେଖି ଦେବାକୁ ପଡ଼ିବ ଆପଣଙ୍କୁ ।

କଣ ପାଇଁ ?

ପୁଅଟି ଛୁଟିରେ ଯାଇଥିଲା । ଅଧିକା ସମୟ ରହିଗଲା । ଚାର୍ଜ-ସିଟ୍ଟାଏ ମିଳିଛି···ତାର ଜବାବ ଦେବାକୁ ହେବ ।

ଅଚ୍ଛା ଲେଖିଦେବି । ଲେଖିଦେବି ଯେ, ବର୍ତ୍ତମାନ ତ ଅଫିସ ଯାଉଛି । ବେଳ ନାହିଁ ।

ଆପଣ ଯଦି ଅଫିସରୁ ଫେରିଲା ବେଳେ ଏହି ବାଟ ଦେଇ ଆସନ୍ତେ, ତେବେ ତ ଲେଖିଦେଇ ପାରନ୍ତେ ।

ବେଶ୍ ତାହାହେଲେ ଆସିବ । ମୁଁ ତ ପ୍ରାୟ ଏହି ବାଟେ ଦେଇ ଯାଏ ସବୁଦିନେ । ଆଉ ଫେରିଲାବେଳେ ନିଶ୍ଚେ ଦରଖାସ୍ତଟାଏ ଲେଖି ଦେଇଯିବ । ତୁମକୁ ତ ବହୁତ ଦିନ ହେଲା ଦେଖୁ ନଥିଲି ?

କିପରି ଦେଖନ୍ତେ ବାବୁ ! ମୁଁ ତ ବସା ବଦଳାଇ ଗର୍ଦ୍ଦ-ମାଇନ୍ସ ଚାଲି ଯାଇଥିଲି । ଆଗେ ଆମେ କେଇଜଣ ଏଠାରେ ମେସ୍ କରି ରହୁଥିଲୁ ନା······

ଓ,···ଅଚ୍ଛା ମୁଁ ଆସିବି ।

କଷ୍ଟ କରି ଆସିବେ ବାବୁ, ମୁଁ ଅପେକ୍ଷା କରିଥିବି ।

ଆସିବି···ଆସିବି···

ଯିବାକୁ ଉଦ୍ୟତ ହେଲାବେଳକୁ ବାତାୟନ ପଥରେ ପୁଣି ସେହି ପ୍ରଫୁଲ୍ଲ-ଚନ୍ଦ୍ର-ହାସମୟୀ ମୁଖମଣ୍ଡଳଟି କ୍ଷଣକ ପାଇଁ ଦେଖା ଦେଇ ଅନ୍ଧାରରେ ଲୁଚିଗଲା ।

ଦ୍ରୁତ ଗତିରେ ଅଫିସ ଆଡ଼କୁ ଚାଲିଲି । ଏ ବାଟେ ମୋର ଯିବା ଆସିବା କରିବା, ପ୍ରୌଢ଼ ଲୋକଟି ସହିତ ଥିବା ମୁଖ ଦେଖା ପରିଚୟ ରଖିବାରେ ସେହି ସୁନ୍ଦର ମୁଖାକୃତିର ଆବିର୍ଭାବ, ଦରଖାସ୍ତ ଲେଖାର ଅନୁରୋଧ, ସ୍ତ୍ରୀ ଲୋକଟିକୁ ବାରମ୍ବାର ଅବଲୋକନ କରିବାର ସୁପ୍ତ ବାସନା, ଏ ସବୁ ଏକାସାଙ୍ଗରେ ପୂର୍ବାପର ସମ୍ପର୍କ ରଖି ଗୁନ୍ଥି ହେଲାପରି ଯେପରି ଗୋଟିଏ ଖଣ୍ଡିତ ଧାରଣାରୁ ଗୋଟିଏ ନବ ଛନ୍ଦ କାହିଁ କେଉଁଠାରେ ଲୁଚି ରହିଛି । ମୋର ମନକୁ ଏମିତି ମନେ ହେଲା । ସେହି ଲୁଚିଲା ଛନ୍ଦକୁ ଖୋଜିବା ପାଇଁ ମନଟା ବଡ଼ ବ୍ୟାକୁଳ ହୋଇ ଉଠିଲା ।

ମୁଁ ଅଫିସରେ ପହଞ୍ଚିଲି ।

—ଶେଷ

## ପାଞ୍ଚ

ପାଞ୍ଚଟାପରେ ଅଫିସ୍‌ରୁ ଫେରି ତାଙ୍କ ଘର ବାଟେ ଯିବାକ
ଦରଖାସ୍ତ ଖଣ୍ଡେ ଲେଖିଦେବା ପାଇଁ ହେବ । ମାତ୍ର ଦରଖାସ୍ତ ଲେ
ଦେବା ସେତେ ଜରୁରୀ ନୁହେଁ ଅନ୍ୟ ଗୋଟିଏ ପ୍ରଲୋଭନ ମତେ
ଟାଣି ତାଙ୍କ ଦରଜା ପାଖକୁ ନେଲା । ପାଞ୍ଚଟା ବାଜିବା ପୂର୍ବରୁ
ମୁଁ ଅଫିସରୁ ବାହାରି ପଡ଼ିଥିଲି । ତେଣୁ ହୁଏତ ଦେଖିଲି ଦର
ବନ୍ଦ । ବାହାର ପଟକୁ ଓହଳିଥିବା ଜଞ୍ଜିର ଧୀରେ ଧୀରେ ଖଟ୍
କଲି । କାରଣ ଲୋକଟିର ନାମ ମୋତେ ଜଣା ନଥିଲା । କବ
ହଠାତ୍ ଖୋଲିଗଲା । ସେ କବାଟ ଖୋଲି ମୋ ମୁହଁକୁ ଅନାଇ ଦେ
ଟିକେ କଣ ଅଡ଼କୁ ଘୁଞ୍ଚିଗଲେ । ସେ—ସେହି ସୁନ୍ଦରୀ ଯୁବତୀଟି
ଦରଖାସ୍ତ ଲେଖିଦେବା ପାଇଁ ସେତେ ନୁହେଁ ମାତ୍ର ଯାହାର ସା
ତନୁଲତାର ରୂପଲାବଣ୍ୟ ଦେଖିବା ପାଇଁ ମୁଁ ବିଶେଷ କରି ଥା
ଆସିଥିଲି, ସେହି ମୋ ଆଗରେ ଦଣ୍ଡାୟମାନା—ସେହି ଖୋ
ଦେଇଲେ କବାଟ ।

ମୁଣ୍ଡ ଭିତରେ ସତେ ଅବା ବିଜୁଳି ଚମକିଗଲା । ଅନ୍ୟଆ
ମୁହଁ ଦୂରେଇ ନେଲି । ସେ କିନ୍ତୁ ମୋ ଅଡ଼କୁ ସେହି ଭଳି ଅ
ଅନାଇ ଥାଆନ୍ତି । ମୁଁ କିଛି ସମ୍ଭ ବ ପଥରବତ୍ ହୋଇଥିଲି ।

—ଅପୁନାହାନ୍ତି ? ସେ କହିଲେ ।

ଆଶ୍ଚର୍ଯ୍ୟ ଲାଗିଲା । ବୋଧହୁଏ ମୋର ଆସିବାର ଅଭିପ୍ରାୟ ଭଲ ଏ ସ୍ୱାଙ୍କୁ ଜଣା । ମୋତେ ଯେପରି ଆଜି କାହାରି ନ କହି ଘର ରକୁ ଯିବାକୁ ହିଁ ପଡ଼ିବ, ତାଙ୍କ କଥା ଭିତରେ ଏହି ସୂଚନା ଧ୍ୱାତ ।

ମୁଁ ଭିତରକୁ ଗଲି । ଅଗଣା ଭିତରକୁ । ମୋର ଧାରଣା ବର୍ତ୍ତିତ ହୋଇଗଲା । ଏହା ପୋଷ୍ଟାଲ କ୍ୱାର୍ଟର ନୁହେଁ । କୌଣସି ଲୋକଙ୍କର ମସ୍ତବଡ଼ ଘଞ୍ଚା ଭିତରେ ଏହା ସାନଗା କମ୍ପା ଲେଣି ଭାଠ ରଖିବା ପାଇଁ ତିଆରି ହୋଇଥିବା ଦୁଇଟି କୋଠରି । ପି ଏ ବଖରା ଦୁଇଟି ଘଞ୍ଚା ଭିତରେ ଏପରି କୋଣରୁ ଏତେ ନାବସ୍ଥାରେ ରହିଛନ୍ତି ଯାହା ଦେଖିଲେ ପ୍ରଧାନ ଘଞ୍ଚା ସହିତ ହିଁଙ୍କର କିଛି ସମ୍ପର୍କ ଥିଲାପରି ମନେ ହୁଏନାହିଁ । ଏମାନେ ଣ ନେଇ ରହିଛନ୍ତି ।

—ସେ ଲୋକଟି କାହାନ୍ତି ? ପଚାରିଲି ।

ଆରପାଖ ଘର ବାରନ୍ଦାରେ ଖଣ୍ଡେ ସପ ପକାଇ ଦେଇ ସେ ଲେ—ବସନ୍ତୁ । ବଡ଼ ଅଡୁଆ ଲାଗିଲା ମୋତେ । ମୋ ପ୍ରଶ୍ନଟା ପରି ପବନରେ ଉଡ଼ିଗଲା । ମୋତେ ଥତମତ ହୋଇ ବସିବାର ଖି ସେ ହସିଲା ପରି ମୋର ମନେ ହେଲା । ଅବଶ୍ୟ ଟିକେ ହୋଇ ଅଡ଼େଇ ହୋଇ ସେ ହସିଲେ । କାରଣ କଥା ଭିତରେ ଇ ଲଳିତ୍ୟ ଫୁଟାଇ ସେ ପୁଣି କହିଲେ—"ବାପା ଏଇନେ ବେ ।"

ଏହି ସହଜ କଥାରେ ମୋ ମନର ଅନ୍ଧାର ମୂଲକରେ ଟିକେ ଲୋକ ସଞ୍ଚାର ହେଲା । ଏ ତାହାହେଲେ ପ୍ରୌଢ଼ ଲୋକଟିର ଣୀ କନ୍ୟା । ବଧୂ ନୁହନ୍ତି ··କନ୍ୟା ।

ପାଖାପାଖି ଦୁଇଟି ବଖରା । ଦୁଇଟିଯାକର ମୁହଁ ଉତ୍ତ… ଆଡ଼କୁ । ଆଗରେ ଲମ୍ବା ବାରଣ୍ଡାଟିଏ । ପୂର୍ବପାଖ ବଖରା ଶେଷ… ଏକ ଉଚ୍ଚ ପାଚେରି । ପାଚେରି ସମ୍ମୁଖରେ ବଡ଼ ଅଗଣାଟିଏ । ପଶ୍ଚି… ପାଖ ବଖରା ଆଡ଼କୁ ବାରଣ୍ଡା ଶେଷପଟରେ ଖଣ୍ଡେ ସ୍ଲେଟ କାନ୍ଥ ଆଡ଼ପ… ଦିଆଯାଇଛି । ତାର କଡ଼ରେ କୋଇଲା ଆଞ୍ଚ ଲଗାଯାଇଛି । ସେ ଗ… କରିବା ପାଇଁ ପାଣି ବସାଇଥିଲେ ଗୋଟିଏ ସ୍ଲେଟ ଡେକ୍‌ଚୀରେ… ପେଇଁବାଟେ ଅଗଣାକୁ ଆସିଲେ ସେହି କବାଟ ପାଖଆଡ଼କୁ ଅ… କାନ୍ଥଟି । ଏପାଖ ବଖରାର ଆଗରେ ବାରଣ୍ଡାରେ ବସିଥାଏ ମୁଁ ଅଧା କାନ୍ଥଟିକୁ ଅନ୍ତୁଆଳ କଲଭଳି ଖଣ୍ଡେ ବାଉଁଶ ତାଟି ମ… ବାରଣ୍ଡା ତଳକୁ ଅଣ୍ଟା ହୋଇ ବନ୍ଧା ହୋଇଛି । ପାଣି ଗର… ହେଉଛି; ତାଙ୍କୁ ତ' ଚାଅରେ କରିବାକୁହିଁ ପଡ଼ିବ । ସେ ଆଡ଼ ହୋ… ରହି ପାରିଲେ ନାହିଁ । ମୁଁ ପିଣ୍ଡା ତଳକୁ ଗୋଡ଼ ଓହଳାଇ ଖ… ଉପରେ ବସି ସେହିଆଡ଼କୁ ଅନାଇଥାଏ । ଏ ଦୁଇଟି ବଖରା ଭିତରେ… ଆଉ କେହି ଥିଲାପରି ମନେ ହେଲା ନାହିଁ ।

ତୁମ ମା—ମୁଁ ପଚାରିଲି

ସ୍ୱର୍ଗରେ—ମେ ପାଟିରୁ କଥା ନସରୁଣୁ ସେ କହି ପକାଇଲେ

ତୁମ ବାପାଙ୍କ ନାଁଟା କଣ ସେ···ମୋର ଠିକ୍ ମନେ ପଡ଼ୁନାହିଁ ତାଙ୍କ ବାପାଙ୍କ ନାମ କସି ନ ଜାଲେ ମୁଁ ଜାଣିନାହିଁ । ଜାଣିବା… ପ୍ରୟୋଜନ ମଧ୍ୟ ପଡ଼ିନାହିଁ । କିନ୍ତୁ ନ ଜାଣିବାର ମୂର୍ଖତା ସ୍ୱୀକା… କରିବା ପରିବର୍ତ୍ତେ ଜାଣିକରି ହୁଏତ ଭୁଲି ଯାଇଛି ବୋଲି କହି… କ୍ଷତି କଣ ? ତାଙ୍କ ବାପାଙ୍କ ନାମଟା ନ ଜାଣିବା ମୋର ମୂର୍ଖ… ବୋଲି ମୁଁ ଭାବୁଥ ସାରିଲଣି । ଯାହାଙ୍କ ହିଁପଟି ଦେଖିବାକୁ ଏ… ସୁନ୍ଦରୀ, ଯାହାଙ୍କ ଘରଦ୍ୱାରେ ମୁଁ ବରାବର ଯା'ଆସ କରେ ଏବଂ ଯାହାଙ୍କ… ଦରଖାସ୍ତ ଲେଖିବାର ଫରମାସୀ ତୁଲେଇବାକୁ ମୁଁ ଆଜି ଏଠା…

ଏକୁ ତାଙ୍କ ନାମଟି ନ ଜାଣିବା ମୂର୍ଖତା ଛଡ଼ା ଆଉ କିଛି ନୁହେଁ—ମୁଁ ପ୍ରକାର ଯୁକ୍ତି । ନିଜ ଯୁକ୍ତିରେ ନିଜେ ଆଶ୍ୱସ୍ତ ନ ହୋଇ ପାରିଲି ନାହିଁ ।

ଏଁ ?

ସ୍ମରଣ କରାଇ ଦେଲି ମୋର ପ୍ରଶ୍ନଟି ପୁଣି ।

"ବଙ୍କିମଚନ୍ଦ୍ର ରାଉତ", ସେ କହିଲେ । ସେ ହୁଏତ ଭାବିଥିଲେ କି ବାପାଙ୍କ ନାମଟା, ମୁଁ ମନେ ପକାଇ ପକାଇ ଶେଷକୁ ଦେବ । ସେଥିପାଇଁ ବୋଧହୁଏ ମୋ ପ୍ରଶ୍ନର ଉତ୍ତର ନ ଦେଇ ଏଂ ମନେ ପକାଇବାକୁ ସମୟ ଦେଇଥିଲେ ।

ଆଉ……

"ଆଉ, ମୋ ନାଁ…? ମୋ ନାଁ କହ । ସେ ସଙ୍ଗେ ସଙ୍ଗେ କହି ଇଲେ ।

ସ୍କୁଲରେ କଣ ଲେଖାଇଥିଲ ? ପ୍ରଶ୍ନ କଲି ମୁଁ ।

"ଜାହ୍ନବୀ" ସେ କହିଲେ ।

ଭାରି ଭୁଲ କରିଦେଲେ ଶିକ୍ଷକ ମହାଶୟ । ଜହ୍ନକୁ ଜାହ୍ନବୀ କରି ବରଂ ଶଶୀ କିମ୍ବା ଚନ୍ଦ୍ର କରି ଦେଇଥିଲେ ମୋ ମତରେ ଅର୍ଥ ହୋଇ ଥାଆନ୍ତା ବୋଲି ମୁଁ ଭାବୁଥିଲି ମନେ ମନେ । କିନ୍ତୁ ତ ଜାହ୍ନବୀ ନାମଟିର ତାର ନାମ ଯେ ଜହ୍ନରେ ପରିଣତ ହୋଇଛି ତା ମଧ୍ୟ ନ ହେବାର କାହିଁକି ? ଆମ ଗାଉଁଗହଳରେ ତ ପ୍ରକୃତ ମଗୁଡ଼ିକର ଏମିତି ଖୁବ ଭମଥୁର (?) ଗେହ୍ଲା-ସମ୍ବୋଧନ ହୋଇଥାଏ ଯା—ଭଗବାନଙ୍କୁ ଭଗିଆ, ଗୋପୀନାଥଙ୍କୁ ଗୋପିଆ, ପଞ୍ଚମୀକୁ ଞ୍ଚିଇ [illegible] ।

ସେ କତ୍ରଳକ ଆପି ପଢ଼ିଥିଲେ ଏତେ

"ହେଁ, ହେଁ, ଆପଣ ଆସି ବସିଛନ୍ତି·····ମୁଁ ପରା କହୁଛି ଆପଣ ନିଶ୍ଚେ ଆସି ବସିଥିବେ । ମୋର ବଜାରରେ ଟିକେ ଡେରି ହୋଇଗଲା । ହେଁ, ହେଁ, କେତେଗୁଡ଼ା ସମୟ ଆପଣଙ୍କର ନଷ୍ଟ କରିଦେଲି କୁହନ୍ତ ବାବୁ ?" ବଙ୍କିମ କହିବାକୁ ଲାଗିଲେ । ମୋର ସମୟ ନଷ୍ଟ ହେବାର ଅନୁଶୋଚନାରେ ବଙ୍କିମ ମୁହଁରେ ଭଦ୍ରାମୀର ହସ ।

—ସେଥିରେ କିଛି କ୍ଷତି ନାହିଁ । ତୁମେ କାହିଁକି ବ୍ୟସ୍ତ ହେଉଛ ?" ମୁଁ ବୁଝାଇ କହିଲି ବଙ୍କିମଙ୍କୁ ।

—ଅଲେ ଝିଅ, ଖଣ୍ଡେ କାଗଜ ଆଣିଲୁ ଟି···ଆଉ ବାବୁଙ୍କୁ ଚା' ଦେଇନାହୁଁ ? କହି ବୁଢ଼ା ଜଣ ଘର ଭିତରକୁ ପସିଗଲେ । ମୁଁ ଅନାଇ ଦେଖିଲି ତାଙ୍କ ହାତରୁ ବ୍ୟାଗ ନେଇ ଭିତରୁ ପୁଡ଼ୁଲଟିଏ ବାହାର କରି ଜାହ୍ନବୀ ସୁନ୍ଦରୀ ନେଲେ ଚୁଲି ପାଖକୁ ଏବଂ ତହିଁରୁ ଚିନି ବାହାର କରି ଚା'ରେ ପକାଇଲେ ।

ବୁଢ଼ାଙ୍କର ବଜାରକୁ ଯିବା କଥାଟା ଚିନି ନ ଥିବା ଯୋଗୁଁ ଓ ତାହା ପୁଣି ଚା'ରେ ପଡ଼ିବା ସକାଶେ ଯେଉଁ ଚା'ଟା ମୋର ଅଭ୍ୟର୍ଥନା ପାଇ ଯାଚିଲା ହେବ । ତାହାହେଲେ ଭାବି ଦେଖନ୍ତୁ କେତେ ବଡ଼ ମୁଁ !!! ଅଜଣା ଅଶୁଣା ଲୋକ ଘରେ ଖଣ୍ଡେ ଦରଖାସ୍ତ ଲେଖି ଦେଇ । ସେଥିପାଇଁ କେତେ ଅଭ୍ୟର୍ଥନା ମୋର !!!

ବାସ୍ତବିକ କଥାଟା ମୋତେ ଭଲ ଲାଗିଲା ନାହିଁ । ଇଏତ ସ୍ୱତ-ମତ ଖୋସାମୋଦ ହୋଇଗଲା । କିନ୍ତୁ ମୋର ବୁଝିବା ଭ୍ରମ । ଏହା ଯେ ଆମ ସାମାଜିକ ଆଚାର, ଶ୍ଳୀଳତା । କେହି ଆସିଲେ ଖଣ୍ଡେ ସପ ପାରିଦେଇ ବସିବାକୁ ଅନୁରୋଧ କରିବା, ଖଣ୍ଡେ ପାନ ଦେବା ବା ଟିକେ ଚା' ଦେବା ଏତ ହେଲା ସାଧାରଣ ଅତିଥି ପ୍ରତି ଆଗନ୍ତୁକ ପ୍ରତି ଆମର ଭଦ୍ରୋଚିତ ବ୍ୟବହାର । ସେଥିରେ ଏଥର କଣ କ୍ଷତଟା ହେଲା ?

ମୁଁ କିନ୍ତୁ ଡାକ୍ତରବାବୁଙ୍କୁ ଠିକେ ଅପାତ ନଦେଇ ଛାଡ଼ିଲି ନାହିଁ । ଇଲି ଚୁଲି ପାଖରୁ ସେ ମୋ ଆଡ଼କୁ ଠିକେ କଣେଇ କରି ଚାହିଁଲ ନେ ମୁଁ ସିଧା ସଳଖ ତାଙ୍କର ମୁହଁକୁ ଅନାଇ କହିଲି—ମୁଁ କିନ୍ତୁ ଖାସ୍ତ ଲେଖି ଦେଇପାରିବି ନାହିଁ ।

ବଙ୍କିମ ବାବୁ କାଗଜ ଖଣ୍ଡେ ଆଣି ମୋ ଆଡ଼କୁ ଅନାଇଲେ ଜ୍ଞାସୁ ଦୃଷ୍ଟିରେ ।

ମୁଁ କହିଲି—ଚା’ କପେ ମୋତେ ନ ପିଆଇଥିଲେ କଣ ବେଦ ଦ୍ର ହୋଇ ଯାଉଥିଲା ? ଘରେ ଯେତେବେଳେ ଚିନି ନଥିଲା, ରି କଣ ଦରକାର ଥିଲା ଯେ ବର୍ତ୍ତମାନହିଁ ଚିନି ଅଣାହେବ ଏବଂ ମୋତେ ପିଇବାକୁହିଁ ଦିଆଯିବ ?

ଏ କଣ ଗୋଟାଏ କଥା ବାବୁ ? ଚା’ କପେ ପିଇବାକୁ ଦେବା ବା କଥା ? ବଙ୍କିମ ହସିଲେ ।

ମୁଁ କିନ୍ତୁ ହସି ହସି ଡାକ୍ତରବାବୁଙ୍କ ଆଡ଼କୁ ଅନାଇଲି ।

ସେ ମଧ୍ୟ ହସି ହସି କହିଲେ—ଦରଖାସ୍ତ ଲେଖିଦେଇ ଚା’ ଇଲେ ଯଦି ବେଦ ଅଶୁଦ୍ଧ ହୋଇଯିବ ବୋଲି ଆପଣଙ୍କର ଭୟ ହେଉଛି, ତାହାହେଲେ ଦରଖାସ୍ତ ନଲେଖି ଚା’ ଓ ତା ସହିତ ଦି’ଟା ଲଖିଆ ଖାଇଲେ ତ କିଛି ଅଶୁଦ୍ଧ ହେବନାହିଁ । ନା’ କଣ ବାପା ? ମେ ପଛେ ଆଉ କେଉଁ ବାବୁଙ୍କୁ ଦରଖାସ୍ତ ଲେଖିବାକୁ କହିବ ଲି ।

ବଙ୍କିମ ହସିଲେ । ମୁଁ ତ ବହୁତ ହସିଲି ।

କଥାରେ ତାଙ୍କୁ ପାରିବେ ନାହିଁ ବାବୁ । ତା’ କଥା କୁହନ୍ତୁ ହିଁ । ଆପଣ ଆରମ୍ଭ କରି ଦିଅନ୍ତୁ ତ । କଥା କଅଣ କି...ମୁଁ ରେ କହୁଥାଏ, ଆପଣ ତା ପରେ ବାଗେଇ ସାଢ଼େଇ ବର୍ଣ୍ଣନା

ଲେଖିବେ । ଅର୍ଥାତ୍ ବିପଦ୍‌ଟା ପ୍ରଥମେ ଶୁଣିଗଲେ ମୋର ବନ୍ଧୁ ଛୁଟିରେ ରହି ଯିବାର ପ୍ରକୃତ କାରଣଟା ଆପଣଙ୍କୁ ଲେଖିବା ପା ସୁବିଧା ହୋଇଯିବ ।

ବାପା, ଲକ୍ଷିଅଛ ସାବଧାନେଇ ତା'ପରେ ଲେଖିଲେ ହୁଅନ୍ତା ନାହିଁ ? ତୁମେ ବି ନିମିତ୍ତ...

ତା ବି ଠିକ୍ କଥା ମା । ଅଫିସରେ ଖଟି ଖଟି ଆସିଛନ୍ତି । ହେଉ ଭଲହେଲା ତେବେ ଦେ ତାଲରେ ପାଣି ଦେ...

ଅଚ୍ଛା ମୁସ୍କିଲ୍ ତ...ମୁଁ ଚୁହୁଁଲ ଜାହ୍ନବୀଙ୍କ ଅଡ଼କୁ ।

ଦୟା କର ଶ୍ରୀଚରଣ କମଳେଷୁ ଦୁଇଟିକୁ...ମୁରୁବି ହସି ଦେ ମୋତେ ଅନୁନୟ କଲେ । ମୋତେ ଜୋତା ଖୋଲି ଉଠିବାକୁ

—§§§—

୬

ଯେଉଁ ବଖରା ଭିତରେ ଚୁଲି ଥିଲା, ସେହି ବଖରାରେ ମୁଁ ଳଖିଆ ଖାଇ ବସିଲି । ଘିଅରେ ଚୁଡ଼ା ଭଜା ହୋଇ ତା' ସହିତ ା ଗୋଳା ହୋଇଥିଲା । ଗୋଟିଏ ପ୍ଲେଟରେ ରଖି ଜାହ୍ନବୀ ରଣ୍ଡାରେ ଠିଆ ହେଲେ । ମୁଁ ଖାଇ ବସିବା ବେଳକୁ ବଙ୍କିମ-ବାବୁ ଲଟି ଧରି ଗାମୁଛା ବଦଳି ବାହାରିଗଲେ ।

ମୁଁ ଅନାଇ ରହିଲି ପଦାକୁ । ଅଗଣା ମଝିରେ ଝଙ୍କା ପଣସ ଛଟାଏ । ତା' ତଳେ ଛାଇ ଓ ଛପି ଛପିକା ସୂର୍ଯ୍ୟ କିରଣ, ଧଳ ଏ ମି ଅସ୍ତ ଯାଇନାହିଁ । ଅଗଣା ଅଡ଼େ ଟିକେ ଦୂରକୁ ଉତ୍ତର ଡ଼କୁ ଲମ୍ବା ଲମ୍ବା ପାହାଚ ଉପରକୁ ବଡ଼ ବଡ଼ କୋଠରୀମାନ । ସ ଗୃହଟି ସେହି କଣ୍ଟ୍ରାକ୍ଟରଙ୍କ ଘର । ଝରକାମାନଙ୍କରେ ମୂଲ୍ୟବାନ ନାର ପରଦା ଝୁଲୁଅଛି ।

ଛପି ଛପିକା ସୂର୍ଯ୍ୟ କିରଣରେ ଟିକି ଟିକି ଚଢ଼େଇ ଉଡ଼ି ଆସି ଗଡ଼ାଗୋଡ଼ ହୋଇ ଖେଳୁଛନ୍ତି । ଦୂରରୁ ସଡ଼କର ମଝିରେ ବାଇକ୍ ଓ ର୍‌ର ହର୍ଣ୍ଣ ଶବ୍ଦ ବେଳେ ବେଳେ ଭାସି ଆସୁଛି ।

ମୁଁ ଖାଇବାକୁ ଆରମ୍ଭ କରି ନଥିଲି । କାରଣ ଅଫିସରୁ ଫେରି ଙ୍କ ସଙ୍ଗେ ଖାଇବା ଅଭ୍ୟାସ ମୋର ନାହିଁ । ସନ୍ଧ୍ୟାକାଳିନ

ନିତ୍ୟକର୍ମ କେତେଠି ନପାରିବାଯାଏ ସ୍ୱସ୍ତି ମଧ୍ୟ ବୋଧ କରେନାହିଁ କିଛି ନଖାଇ ବରଂ ଗ୍ଲାସଟା କେବଳ ପିଇଥିଲେ ଆପତ୍ତି ନଥାନ୍ତା ।

"କଣ ଖାଇବେନି ସତରେ ?" ଜାହ୍ନବୀ ପଚାରିଲେ । କୋମଳ ସ୍ୱରର ପରିଚାଳକ ପରି କଣ୍ଠ ଉକ୍ତରେ ମୋ ସହିତ ଆତ୍ମୀୟତାର ନିବିଡ଼ ଅନ୍ତରଙ୍ଗତା ପ୍ରକାଶ ପାଉଥିଲା ତାଙ୍କର ।

"ମୋତେ ଏକେଲା ନଖୁଆଇ କଣ ଛାଡ଼ିବନି ?" ମୋ କଥାରେ ତାଙ୍କୁ ମଧ୍ୟ ମୋ ସହିତ ଖାଇବାକୁ ଇଙ୍ଗିତ ଦେଲି । ମୋର ବିଶ୍ୱାସ ସେ କଣ ସତରେ ମୋ ସାଙ୍ଗରେ ଖାଇବେ ନା ମୁଁ ଖାଇବି ।

"ମୋତେ କଣ ଆପଣଙ୍କ ସହିତ ଖାଇବାକୁ ହେବ ?" ଅପ୍ରସ୍ତୁତ ହେଲାପରି ଜାହ୍ନବୀ ପଚାରିଲେ ।

ଆପତ୍ତି ଅଛି, ନା ? ରସିକତା କରି ପଚାରିଲି ।

"ନାଃ..."

"ତେବେ ଆସନ୍ତୁ"...

"ସୌଭାଗ୍ୟ ଆସିନାହିଁ ।" ମୁଁ ଅପ୍ରସ୍ତୁତ ହେଲି । ଜାହ୍ନବୀଙ୍କ ଉତ୍ତର ବୁଝି ମଧ୍ୟ ପାରିଲି ନାହିଁ । ଏ କଥାଟା ବୁଝିବା ପାଇଁ ଯେଉଁ ଅନ୍ତର୍ଦୃଷ୍ଟି ମୋର ଦରକାର । ମାତ୍ର ଯାହା ମୁଁ ଅନୁମାନ କଲି, ଜାହ୍ନବୀଙ୍କର ସଂସାର ପ୍ରତି ଯେପରି ଟିକେ ବିତୃଷ୍ଣା ଆସିଯାଇଛି । କୌଣସି ବସ୍ତୁ ପ୍ରତି ଯତ୍ନ ନାହିଁ । ସବୁ ଯେପରି ତାଙ୍କର ଦାୟସାରା ହୋଇଗଲାଣି । ମୋ ସଙ୍ଗରେ ଖାଇବାକୁ ତାଙ୍କୁ ଡାକିବା ଅସଙ୍ଗତ ହେଲା ଭାବି ମୁଁ ଲଜ୍ଜିତ ହେଲି । ମାତ୍ର କଥା ବଦଳେଇ ନେବା ପାଇଁ କହିଲି— "ସୌଭାଗ୍ୟ ଆସିଲେ ଯେପରି ଆଉ ଡାକିବାକୁ ନପଡେ ।"

ଖାଆନ୍ତୁ ନା, ବାପା ଆସି ଦେଖିଲେ କଣ ଭାବିବେ କହନ୍ତୁ ତ ? ... ଓ ଅନୁନୟ ସ୍ୱରରେ ଜାହ୍ନବୀ କହିଲେ ।

ମୁଁ ଖାଇବାକୁ ଆରମ୍ଭ କଲି । ଜାହ୍ନବୀ ଅଗଣାର ପଣସ ଗଛ କୁ ଗଲେ । ମୁଁ ତାଙ୍କୁ ଭଲ ଭାବରେ ଦେଖିଲି । ଖାଲି ମୁହଁଟି ଣ୍ଟ ତାଙ୍କର ଅଙ୍ଗସୌଷ୍ଠବ ଯେପରି ହେବ ବୋଲି କଳ୍ପନା ଥିଲି ତାହା ଏବେ ମୋତେ ପରିବର୍ତ୍ତନ କରିବାକୁ ପଡ଼ିଲା । ଦୂରରୁ ଖିଲି ଜାହ୍ନବୀ ବଡ଼ ସ୍ଥୂଳସ୍ତନା । ନାରୀ ସୌନ୍ଦର୍ଯ୍ୟର ଏହି ବର୍ଣ୍ଣିତ ଶକୁ ସୃଜନ କଲାବେଳେ ବିଧାତା ହୁଏତ ସାମାନ୍ୟ ଅନ୍ୟ ସ୍କତା ହେତୁ ଧ୍ୟାନ ଦେଇ ନାହାନ୍ତି । ଏ ଶ୍ରେଣୀର ସ୍ତ୍ରୀ ଲୋକେ ଧାରଣତଃ ମୁଁ ଯେତେଜଣଙ୍କୁ ଜାଣେ ବା ସାଇ ପଡ଼ିଶାରେ ଦେଖିଛି ନ୍ତି ପ୍ରାୟ ପୃଥୁ ସ୍ତନା ତଥା ଏକ ସନ୍ତାନବତୀ । ଅବଶ୍ୟ ମୋର ଗତ ଅଭିଜ୍ଞତା ଗୋଟାଏ ସାଧାରଣ ଶାସ୍ତ୍ରୀୟ ନିୟମର ଅଙ୍ଗୀଭୂତ ବୈଜ୍ଞାନିକ ତତ୍ତ୍ୱମୂଳକ ହୋଇ ନପାରେ ।

ଜଳଖିଆ ଖାଇବା ସମୟଟିପାଇଁ ଜାହ୍ନବୀ ସେହି ଅଗଣାଅଢ଼େ ଭ୍ରମଣ କରି ମୋ' ଆଡ଼କୁ ଫେରି ଫେରି ଅନାଉ ଥିବାର ମୁଁ କଲି । ଅଧରରେ ସ୍ମିତହାସ୍ୟ ବହନ ମୋ ନୟନ ଦୃଷ୍ଟିର ଷଣ କରି ଯେଉଁ ଏକ ଅଜ୍ଞାତ ଆତ୍ମୀୟତାକୁ ସେ ଯେପରି ନିବିଡ଼ ବାର ପ୍ରୟାସ କରୁଥିଲେ ।

ଜଳଖିଆ ଶେଷ ହେଲାବେଳକୁ ଜାହ୍ନବୀ ଚା' ଆଣି ରଖି ଇ ଗଲେ ।

ସାତ

"ଝିଅର ବିବାହ ଦେବା ସକାଶେ ଛୁଟି ନେଇଥିଲି । କିନ୍ତୁ ଦୁର୍ଭାଗ୍ୟବଶତଃ ସେହି ବିବାହର ସମ୍ବନ୍ଧଟି ଭାଙ୍ଗିଗଲା । ଯାହାକିଛି ଟଙ୍କା ପଇସା ଖର୍ଚ୍ଚ କରିଥିଲି ସେତକ ବିନଷ୍ଟ ହେବା ଭୟରେ ଅନ୍ୟ କେତେକ ସ୍ଥାନରେ ମୁଁ ଝିଅର ବିବାହ ପ୍ରସ୍ତାବ ପକାଇଲି । ମାତ୍ର ମୋର ଦୁର୍ଭାଗ୍ୟରୁ ସବୁ ସ୍ଥାନରୁ ବଡ଼ ବଡ଼ ଯୌତୁକର ଚାହିଦା ଦେଖି ମୁଁ ବଡ଼ ଅଶାନ୍ତ ଅବସ୍ଥାରେ ପଡ଼ିଲି । ଏତିକିବେଳେ ନିମୋନିଆରେ ସ୍ତ୍ରୀର ବିୟୋଗ ଘଟିଲା । ଇତ୍ୟାଦି କାରଣରୁ ମୋର ଅଧିକ ସମୟ ରହିବା ଜରୁରୀ ହୋଇ ପଡ଼ିଲା । ଏଥିର ବିଚାର କରାଯାଇ ମୋ ଉପରେ ଅଣା ଯାଇଥିବା ଅଭିଯୋଗ ଉଠାଇ ନିଆଯାଉ ।"

ଏହା ହେଲା ମୁଁ ଯେଉଁ ଦରଖାସ୍ତ ଲେଖିଲି ତାର ମର୍ମ । ବୁଢ଼ା କାମ କରନ୍ତି ଟାଟାକମ୍ପାନୀର ବ୍ଲାଷ୍ଟ ଫାର୍ଣ୍ଣେସରେ । ମୋର ଧାରଣା ଥିଲା ଯେ, ବୁଢ଼ା ହୁଏତ ଜଣେ ପୋଷ୍ଟ ପିଅନ୍ ।

ବଙ୍କିମ ବଡ଼ ଆଶ୍ୱାସିତ ହେଲେ । ମୁଁ ସେଦିନ ଘରକୁ ଫେରିଲା ବେଳକୁ ସଞ୍ଜ ସାଢ଼େସାତ । ତାଙ୍କ ମୁହଁରୁ ଶୁଣିବା କଥା ସବୁ ସତ କେବଳ ସ୍ତ୍ରୀଙ୍କ ମୃତ୍ୟୁଟି ଗଢ଼ଦେଲେ । କାରଣ ସ୍ତ୍ରୀଙ୍କ ମୃତ୍ୟୁ ବହୁ ପୂର୍ବରୁ ହୋଇଯାଇଛି ।

ଖୋଲି ସେଥିରୁ ଗୋଟିଏ ଦିନରେ କ୍ଷୁଦ୍ର ଶବ୍ଦାବଳୀଟି ସହିତ ମୁଁ :ଶେଷ ବିଚଳିତ ହୋଇପଡ଼ିଲି । ଠିକ୍ ବିଚଳିତ ନୁହେଁ—ସମ୍ମୋହିତ ଲି ଯାହା । ମୁଁ ପରିଚିତ ହେବା ଅପେକ୍ଷା ତାଙ୍କ ଆବିର୍ଭାବର ସ୍ଥାର ଯେଉଁ କରୁଣ ଚିତ୍ର ମୋ ଆଖି ଆଗରେ ଅଙ୍କା ହେଲା, ରୁ କଥାହିଁ ମୁଁ ଭାବିଲି ବିଶେଷ କରି ।

ବଙ୍କିମଙ୍କ ନକ୍ଷତ୍ର ଭିତରେ ଏହି କେବଳ ଏକମାତ୍ର ବିବାଗୀ । ଆକାଶରେ ଜହ୍ନବୁଲୁଙ୍କୁ ପସନ୍ଦ କରିଲି । ବସନ୍ତର ରଶ୍ମିର ଝଲକ, ଳ ଶ୍ୟାମଳୀମାର ମସୃଣ ଆସ୍ତରଣ । ଅଥଚ ନେବା ପାଇଁ ଗୋଟିଏ ଏ ବୃକ୍ଷ ବୃକ୍ଷକୋଟର ତାର ଆବଶ୍ୟକ । କାରଣ ସବୁଆଡ଼େ ଶୂନ୍ୟ, ଶୂନ୍ୟ । ଏହା ଭିତରେ, ଏହି ବିରାଟ ଶୂନ୍ୟତା ଭିତରେ କେଉଁ ଡ଼ ବାନ୍ଧି ବୁଲିବ ? କିନ୍ତୁ କୌଣସି ବୃକ୍ଷ କୋଟର ତା' ପାଇଁ ମୁକ୍ତ ନୁହେଁ ।

ମୋ ଅନୁମାନରେ ଉନବିଂଶଟି ବସନ୍ତ ବହି ଗଲାଣି ଜାହ୍ନବୀ ରେ ଯୌବନର ଜାହ୍ନବୀ ଆଉ ବୁହାଇଦେଇ । ରୂପ ସହିତ ଗୁଣ ନୁହେଁ—ପାଠ ଶାଠ ମଧ୍ୟ କିଛି ହାସଲ କରିଅଛି । ଏପରି ଗୋଟିଏ କୁ ବିବାହ କରିବାକୁ ଓଡ଼ିଶାରେ କେହି ଇଚ୍ଛୁକ ନୁହନ୍ତି । ଶାରେ ନୁହେଁ, ଆମ ଦେଶରେ, ଆମ ସମାଜରେ । କାରଣ ? ଯୌତୁକ ଦୁର୍ଭିକ୍ଷ—ଯୌତୁକ ! ସନ୍ତ୍ରାରେ ବୁଲି ବୁଲି ଏ କଥା ଜଲେଇ ଚାଲିବ କାହିଁ । ଚିଠିଟି ଶୀଘ୍ର ଶୀଘ୍ର ଗୋଟେଇ ପକାଇବାକୁ ବ । ତେଣୁ ଉଦ୍‌ବେଳନା ଦ୍ରୁତତର ବଢ଼ିବାକୁ ବାଧ୍ୟ ହେଲି ।

“ଆଜି କଣ ବଡ଼ ସକାଳ ସକାଳ ଦେଖିଲି ଅଫିସକୁ ?” ଘରର ଲିଡ଼ ନ ଦେଇଣୁ ଘରଣୀ ପଚାରି ବସିଲେ ।

କାରଣ, ତୁମେ ଏହି କଥାହିଁ ପଚାରିବ । ପଚାରିବା ପାଇଁ । ସାଠିଆ ଖାଲି ଜଳ ଖଳ ହେଉଥିବ । ତୁମ ମନରେ ଭାବନାରେ

ଅଉ କିଛି ନାହିଁ । ଏବେ ଘର... ...ସେହି—ତେଣେ ଅସି
ଏ–କ୍ଷ ...

"ମଣ୍ଟିରେ ଖାଲି ତୁମେ ହରବର···" କହି କୁରକୀର ହୋ
ହସି ଉଠିଲା ନିରୁପମା ।

ବାଃ କେଉଁଠି ଏ ଖଣ୍ଡିକ ରଖିଥିଲ ମ ?

ମୁଁ ପଗ୍ ଗୋଟାଏ କୋଷ ପାଲଟି ଗଲିଣି ।

କି କୋଷ, ଫୁଲ କୋଷ ନା ବନ୍ଧା କୋଷ ?

ଫୁଲ ନୁହେଁ କି ବନ୍ଧା ନୁହେଁ······

ତାହେଲେ······

ବନ୍ଧା କୋଷ ।"

ମୁଁ ହସିଲି । ସାନ ଝିଅଟି ଧାଇଁ ଆସି ହାତ ଟେକିଲା । ତାଦ
କିଛି ଆଣିନାହିଁ ମୁଁ । ଲୁଗା ବଦଳି ଭାଗ କଲି ତା'କୁ । ନିରୁପ
ବହିଣ୍ଡା ଖଣ୍ଡିକ ଧରି ବସିଦେଲା ।

"ପାଣ୍ଟିକ ପାଖରେ ତାକୁ ଧରି ବସିଥିଲି । ସନ୍ତା ଆଡ଼କୁ ଅ
କହୁଛି—ବାପା କାହିଁ ? ବାପା କାହିଁ ? ମୁଁ କହୁଛି ବାପା ଅଫିସ୍
କହୁଛି—ଏଁ, ବାପା କେତେ, ଏଁ ବାପା କେତେ ? ମାନେ ବ
କେତେବେଳେ ଆସିବେ । ଶୁଣ ତୁମ ଝିଅ ସାନ୍ତ୍ରାଣୀଙ୍କ କଥା"
କହୁଁ କହୁଁ ନିରୁପମା ହସି ହସି ଗଡ଼ିଗଲା, ମୁଁ ମଧ୍ୟ । କହିଲି—
ବାଆ ବୁଢ଼ାକୁ ଚିହ୍ନାଇ ଦେଲନାହିଁ ?

ହଁ, ତା' ବାପାବୁଢ଼ାଙ୍କ ସବୁ ଗୁହାଳରୁ ଫିଟି ଯାଇଥିଲେ
ନୁହେଁ ଖୁବ୍ ହସିଲି ।

—୪୪୪—

ତହୁଁ ଅରବିନ୍ଦ ଅଫିସ ଯାଉଥିଲେ, ଜାହ୍ନବୀ କଥା ମନେ ଥିଲ । ଆଜି ନିଶ୍ଚୟ ବୃନ୍ଦାବନ ପାଖରେ ତାଙ୍କର ଦେଖା ମିଳିବ । ଆଜି ଦେଖିଲେ ସେ ଯେ ଖାଲି ହସିବେ ତାହା ନୁହେଁ ମାତ୍ର ପୁରାତନ ପରିଚୟକୁ ଉପର ଭୁଲି ଭୃତ୍ୟବତ୍ ପଛରେ ମଧ୍ୟ ଲାଗିଇ ପାରନ୍ତି । ହୁଏତ ସେହି ବାତାୟନ ପଥରୁ ହିଁ ଡାକି ପାରନ୍ତି, ଫେରିଲା ବେଳେ ଟିକେ ଆସିବେ ।" ମାତ୍ର ତାଙ୍କ ଘରକୁ ଯିବାର ଓ କିଛି ପ୍ରୟୋଜନ ନାହିଁ । କାରଣ ସମ୍ଭବତଃ ଆଉ ଦରକାର ଦେଖା ପାଇବା ନାହିଁ । ଯଦ୍ୟପି ଜାହ୍ନବୀ ଅନୁରୋଧ କଲେ ମଧ୍ୟ ମୁଁ ଯିବ ନାହିଁ କି ? ତା ପରେ ତାଙ୍କ ବାପା··· ·ସେ ବା' କଣ ଭାବିବେ···

କିନ୍ତୁ ଜାହ୍ନବୀ ମୋତେ ଏପରି ଅନୁରୋଧ କରିବାକୁ ଯିବ ବା ନାହିଁ କି ? ଆଉ ମୋର ମଧ୍ୟ ତାଙ୍କ ସମ୍ପର୍କରେ ଏତେ କଥା ଭାବିବା ଦରକାର ? ଜାହ୍ନବୀ ମୋର କେହି ନୁହନ୍ତି । ଦିନକର ଦେଖା ଆଳାପ । ତାକୁ କେନ୍ଦ୍ର କରି ଚିନ୍ତାରାଜ୍ୟରେ ବିଚରଣ କରିବା ମାତ୍ର ଅପ୍ରାସଙ୍ଗିକ, ଅବାଞ୍ଛନୀୟ ଓ ଅଶୋଭନୀୟ ମଧ୍ୟ ।

ମାତ୍ର କଣ ଶୋଭନୀୟ କଣ ଅବା ଅଶୋଭନୀୟ ସେ ବିଚାର-ଶକ୍ତି ମୋର ନଥିଲ ସେତେବେଳେ । ସବୁକୁ ତାଙ୍କର କଥାହିଁ ଭାବିବାକୁ ଲାଗିଲି । ଯାଇ ପହଞ୍ଚିଲି ସେଠି ଅଫିସ ମୋଡରେ ।

ଏଠାରେ ଦୁଇଟି ରାସ୍ତା, ଗୋଟିଏ ସହଜ ଓ ଅନ୍ୟଟି କ... ଗୋଟିଏ ପରିଷ୍କାର ପିଚୁ ରାସ୍ତା, ଅପ୍ରତିହତ ଯାନବାହାନ ଚଳା... ହଳ ପୂର୍ଣ୍ଣ, ଅନ୍ୟଟି ଆବର୍ଜନାମୟ ଓ ନିଭୃତ । ମାତ୍ର ଏହି ଆବର୍ଜନାମ... ପଥରେ ପ୍ରତିଷ୍ଠ ପଥ ପ୍ରସ୍ତୁଟିଏ । ଏହି ଆବର୍ଜନାମୟ ପଥରେ ମି... ତାର ଦେଖା—ବୃନ୍ତ କୋଳରୁ ମୃଦୁ ଗନ୍ଧବହ ସହିତ ଝରି ... ତାର କମନୀୟ ହସଟିକକ ।

ଗଲି ଉନ୍ନବର୍ଷ ଧରି ଯେଉଁ ରାସ୍ତାରେ ଅବାଧରେ ଯାଉଥିଲି ... ସେହି ବାଟରେ ଗଲବେଳକୁ କପରି ଗୋଟାଏ ଅନୁଭୂତି ... ପହଞ୍ଚୁଛି । ଟିକେ ଆନନ୍ଦ ପୁଣି ଟିକେ ଭୟ । କପରି କୁଣ୍ଠା ... କପରି ଉତ୍କଣ୍ଠା । ମୁଁ ଗଲାବେଳେ କେହି ହୁଏତ ଭାବିବ, ... ପାଖରେ ଏତେବଡ଼ ଚୌଡ଼ା ପରିଷ୍କାର ରାସ୍ତା ଥାଉଁ ଥାଉଁ ଏ ବା... ନାଁ ଏବାଟେ ଯାଆନ୍ତି ଭାବୁଁ କି ? ମୁଁ ଜାଣିବା ଘର ଝରକା ଫା... କିଏ କି ଦୃଷ୍ଟିରେ ଚାହାଁଉଥିଲେ ବେଳେ ମୋର ଦୃଷ୍ଟିକୁ ... ଅନୁସରଣ କରୁ ନଥିବେ ? ପରେ ଗୋଟାଏ କଥା ମନେ ପଡ଼ିଲା–
"ହାମ୍ ଦେଖତେ ଓାଲେଁ କି ନଜର ଦେଖତେ ହେଁ ।"

ମୁଁ ଟିକ ଗଳି ଭିତରକୁ ମୁହାଁଇଲା ବେଳକୁ ପଛରୁ ଶୁଣିଲି–
"ସୁଜୟ ବାବୁ !"

ପଛକୁ ଅନାଇଲି । ଏକାଉଣ୍ଟ ଅଫିସର ଜଣେ ବାବୁ ।

ବଡ଼ ଶୀଘ୍ର ବାହାରିଛନ୍ତି ଅଫିସକୁ ? —ସେ ପଚାରିଲେ

ମୁଁ ଟିକେ ଥତମତ ଖାଇଗଲି । ଶେଷ ଢୋକ ଗିଳିଲି–
"ଓ, ହଁ, ଆଜି ଟିକେ କାମ ଅଛି ।" ମୁଁ କଣ ସତରେ ଏତେ ଶୀ... ବାହାରିଛି ନା କଣ ? ମନେ ମନେ ଭାବିଲି । କପରି ... ଏତେ ଶୀଘ୍ର ବାହାରିଲି ନିଜେହିଁ ଜାଣେନା ।

ିବ ସାଢ଼େଆଠଟା ମଧ୍ୟ ହେବାକୁ ନାହିଁ ।" ସେ କହିଲେ । ସାଢ଼େଆଠଟା ମଧ୍ୟରେହିଁ ମୋତେ ଅଜ ପହଞ୍ଚିବାକୁ ହେବ ।" ମୋତେ କହିବାକୁ ପଡ଼ିଲା ।

ନ୍ତୁ ଏ ବାଟେ ଯିବା, ସେ ବାଟଟା ବଡ଼ ଅପରିଷ୍କାର ।

ନ୍ତୁ, ଆପଣ ବି ଶୀଘ୍ର ବାହାରନ୍ତି ?

ମୋର ଓଭର ଟାଇମ୍ ଅଛି ।

ମାନେ ଓଡ଼ିକାରାସ୍ତାରେ ଗଲୁ । ଜାହ୍ନବୀଙ୍କ ସହିତ ହୋଇ ପାରିଲା ନାହିଁ । ଛୁଟିପରେ ମଧ୍ୟ ସେବାଟେ ଯିବାର ହା ନଥିଲା, ଗଳିଗଳି ବଜାର ବାଟ ଦେଇ । ଓଭରଟାଇମ୍ ହ୍ନବୀଙ୍କ କଥା ଭାବିବାର ଅବକାଶ ପାଇନାହିଁ । ଆଜ ଏବେ କାମ, କାମ କରି କରି ମଣିଷ ପରିଶ୍ରାନ୍ତ ହୋଇଯିବ । ଲେ ବାହାରକୁ ଆସିବାର ଅବକାଶ ମିଳିବ ନାହିଁ ।

ଦନ ସତ···ନିରୁପମାକୁ ନିଦ ଲାଗିଯାଇଛି । ମୁଁ କିନ୍ତୁ କଥା ଭାବିବାରେ ବିନିଦ୍ର ରହିଛି । କାହିଁକି ତାଙ୍କ କଥା ? କି ସ୍ପର୍ଶ ଲାଗିଲା ମୋତେ ? ଜାହ୍ନବୀଙ୍କ ସହିତ କଥା-ହୁ ବୁଝିଛି, ସେ ଟିକେ ଅଧୁନିକ ରୁଚିସମ୍ପନ୍ନା । ତାଙ୍କର କାର ସ୍ୱର ମଧ୍ୟରେ ନିଗୂଢ଼ ଅର୍ଥ ନିହିତ ଥାଏ । ଦୁଏକ ଉପରି ପଡ଼େ ପଡ଼େ କଥା ତାଙ୍କର । ତାଙ୍କର ସୌନ୍ଦର୍ଯ୍ୟ ଯାହା ତାହା ନୁହେଁ, ସୌନ୍ଦର୍ଯ୍ୟର ନିଖୁଣତାରେ [illegible] ଯାଇଛି । ତଥାପି ସେ ସୁନ୍ଦରୀ ।

ବାରଣ୍ଡାରେ ଝିପ ଝାପ ଝଟିଲା । ତାଙ୍କୁ ଭୁଲି କରିବାକୁ ସମାର·ନିଦ୍ରା ଭାଙ୍ଗିଗଲା ।

ଶୁଣୁଛ" ? ସେ ଡାକିଲା ମୋତେ । ମୁଁ ଜବାବ୍ ଦେଲି ସାଙ୍ଗେ

ତୁମେ ଏତେ ବେଳଯାଏ ଶୋଇନା ! ଟିକେ ପଦାକୁ ଯିବ ମୋ ସାଙ୍ଗରେ ?

ଚୁଲ...

ଛୁଡ଼, ଝିଅ ଶୋଉ ।

ଝିଅ ଶୋଇଲା, ଦୁହେଁ ପଦାକୁ ଆସିଲୁ । ଆକାଶରେ ଚନ୍ଦ୍ର ନବଦମ୍ପତି ଓ ସୌନ୍ଦର୍ଯ୍ୟୋପାସକମାନଙ୍କ ପାଇଁ ଚନ୍ଦ୍ର ହୁଏତ ଆନ ରହୁ ନିଶୀଥ ରଜନୀର ନିଃସୀମ ନଭୋମଣ୍ଡଳରୁ ଅମ୍ଳାନ ବଦନ ଢାଳି ଦେଉଛି ତାର ସ୍ନିଗ୍ଧ ଶୀତଳ ଚନ୍ଦ୍ରିକା । ଢାଳରେ ପାଣି ନେ ନିରୁପମା ଉଦ୍ୟାନକୁ ଗଲା । ଫେର ଆସି ଚାହିଁଲା ମୋ ଆଡ଼କୁ କହିଲା—ଟିକେ ପଦାରେ ବସନ୍ତେ ନାହିଁ ? ନିରୁପମା ବାରଣ କଲା "ଖାଲି ଦେହରେ ପଦାରେ ବସିବ ? ଥଣ୍ଡା ଲାଗିବ ? ଦେଖୁନା—କେତେ ଶିଶିର ପଡ଼ୁଛି ? ସେଥିଁ ଅସୁସ୍ଥ ଦେହଟାକୁ ତୁମର......

ତା ହେଲେ ବି ବେଶ । କହିଲି ମୁଁ ।

ତା'ହେଲେ ବସିଥାଅ, ମୁଁ ମୋର ଶାଲଟି ଆଣେ । ନିରୁପ କିନ୍ତୁ ବସିଲି ମୁଁ ଜାଣେ, ସେ ମୋତେ ବାଧାଦିଏ ସନ୍ଧ୍ୟାରେ । ତାଙ୍କ ଖାଲ ପକାଇ ଆଣିଲାଇ ଦେଲ ତାକୁ ଗୁଡ଼ ଅଡ଼କୁ । ସେ ମୋତେ ଅଧରରେ ଚୁମ୍ବନ କଲା । ମୁଁ ମଧ୍ୟ । ଗାଡ଼ାର ଉପରେ ବସିଲୁ ଦୁହେଁ

କହିଲି—ଚନ୍ଦ୍ର କିପରି ଆସ ଅତେ ଅକାଇ ହସୁଛି... ଦେଖୁଛ

ଜମା ନୁହେଁ । ତୁମ ପରି ଉପେକ୍ଷିତ ଲୋକଙ୍କୁ ଅନାଇଲେ ଚନ୍ଦ୍ରକୁ ବି ଲଜ୍ଜା ମାଡ଼ିବ । ତୁମକୁ କଣ ଖାଲି ଚନ୍ଦ୍ର ଅନାଇଁ ହସୁଛି, ପବନ ବର୍ତ୍ତମାନ ତୁମ କାନରେ କଥା କହୁବ, କାଳେ ତୁମ ଉପରେ ଅଯଥା ପୁଷ୍ପବୃଷ୍ଟି କରିବ, କେତେ କଣ କରିବେ ସିଏ ଆସି । ବସୁନ ଆଉ ଟିକିଏ ବସ । ଆଉ କାଲି ସକାଳକୁ କହିବ ମୁଣ୍ଡଟା ଖାଲି

ସୀ ଭାରି ଲାଗୁଛି, ଟିକେ ଚିପିଦେବ···  ଓରେଃ···ଗୁଡ୍‌ଙ୍କର ଯ୍ନା !

ମୁଁ ଟିକେ ଦୁଷ୍ଟାମୀ ଆରମ୍ଭ କରି ଦେଇଥିଲି ବୋଲି ଏଇଟା ତାର ଅନ୍ତର ସୂଚନା । ଆଦର କରି ମୁଁ ତା ମୁଣ୍ଡଟିକୁ ମୋ କୋଳରେ ଉଠେଇଲି ଓ ଉଠାଇଧରି ଦେଲି ଗୋଟାଏ ଗଭୀର ଚୁମ୍ବନ ।

"ଉଃ, ଭିତରକୁ ଚାଲ୍‌ନା···"

"ଖୁବ୍ ଶୀଘ୍ର ତୁମେ ଆଜି ଶୋଇପଡ଼ିଲ ?" ପଚାରିଲି ।

ତୁମପରି ତ ଦିନମାନ ଅଫିସ ଫ୍ୟାନତଳେ ବସି ନଥିଲି ! ସାରାଦିନ ଖଟି ଜୀବନ ଯାଉ ପଡ଼ିଛି·····ତୁମକୁ ନିଦ ନଥିଲା ? କିଣ ାଇ ଖୋଲି ଭାବୁଥିଲ ?

ଭାବୁ ନଥିଲି କିଛି । ଖାଲି ତୁମ ନିଦ ଭାଙ୍ଗିବାକୁ ଅପେକ୍ଷା କୁଥିଲି ।

କାହିଁକି ? କି କାମ ଅଛିକି ମୋଠି ?

"କହୁଛି ଚାଲ—"

ମୁହଁଟା ମୋଡ଼ିଦେଇ ନିରୁପମା ଆଗେ ଆଗେ ଉଠିଗଲା । ମୁଁ ଉଠେ କିଳଣି ଲଗାଇ ଭିତରକୁ ଗଲି ।

—✻✻✻—

## ନଅ

ଗ୍ରାହକମାନେ ଅଫିସବାବୁଙ୍କ ଆଜ ଦରମା ମିଳିବା ଦିନ
କ୍ୟାସ୍ ଅଫିସରେ ଦେଖିବ ଭିଡ଼ । କ୍ୟାସ୍ ଅଫିସ ବାହାରେ ମଧ୍ୟ କ
ଭିଡ଼ ନୁହେଁ । କେତେ କାବୁଲିବାଲା, ପଞ୍ଜାବୀ, ମାରୱାଡ଼ି, ଦେ
ସୁଧଗ୍ରାହକ ପାଇଁ ଓ ନିଜ ନିଜର ପ୍ରାପ୍ୟ ଆଶାରେ ଅନାଇ ରହିଛନ୍ତି
ସମସ୍ତେ ଆପଣା ଆପଣା ଖାତକମାନଙ୍କୁ ମନେ ମନେ ଖୋ
ଦେଉଛନ୍ତି ।

ଅଫିସ ବୟ୍, ଅଫିସ ଗାର୍ଲସ୍ ମାନଙ୍କ ଚଳପ୍ରଚଳନ ମଧ୍ୟ ଘନେ
ଉଠିଛି । ଚା', ପାନ, ସିଗାରେଟ୍ ବୋହୁ ବୋହୁ ତାଙ୍କୁ ଫୁରସ
ନାହିଁ । ହୋଟେଲ୍ ମାନଙ୍କରେ ବାବୁମାନେ ଦଳକୁ ଦଳ, ପଞ୍ଝାକୁ ପ
ଯିବା ଆସିବାରେ ଲାଗିଛନ୍ତି ।

ଗୋଟାଏ ସୁ-ହିମଘ୍ନ ପରିମଣ୍ଡଳ ଫେଲର ବ୍ୟାପି ଯାଇ
ଅଫିସ ଦ୍ବାରପାଖରେ । କଣ ଗୋଟାଏ ଉତ୍ସବ ଭାବି ପାଇଁ ମୁଁ ଦେ
ଦିନର ଛୁଟି ନେଇ ଘରେ ଥିଲି । ମାତ୍ର ଦରମା ପାଇଁ ଯିବାକୁ ପଡ଼ିଲ
ଦରମା ନେଇ ଫେରିଲି ବେଳକୁ ସାଢ଼େଚାରିଟା, ଭାବିଲି ବଜା
ବାଟେ ଯିବି । ଝିଅ ପାଇଁ ସାଟେଣ୍ଡ୍ର ଇସ୍କୁଲ୍ ଅନ୍ତତଃ ନେଇ ନଗେ
ମନଟା ଭଲଲାଗିବ ନାହିଁ । ଦରମା ପାଇ ଆଜି ଭଏ କେତେ

ଭି କରୁଛନ୍ତି । କେତେ ସୁଖ ସମ୍ପଦରେ ଉଡ଼ାଇ ଦେଉଛନ୍ତି । ପଟେଲଙ୍କ ବାର୍ ଆଡ଼େ ଗଲେ ଏହାର ସ୍ପଷ୍ଟ ଆଭାସ ମିଳିଯିବ । ଅଂଶୁ କେଶରୀ ବାବୁଙ୍କ ଜୀବନରେ କି ସୁଖ ବା ଅଛି ?

ବଜାରରେ ଜାହ୍ନବୀ ଓ ତା' ବାପାଙ୍କ ସହିତ ଦେଖାହେଲା । ମାନେ ବୋଧହୁଏ କିଛି ଲୁଗାପଟା କିଣାକିଣି କରିବା ପାଇଁ ଥିଲେ ।

"ନମସ୍କାର ! ଜାହ୍ନବୀ ହାତ ଉଠାଇ କହିଲେ ମୋତେ ସ୍ପିପାର୍ । ଲଜ୍ଜମିଶା ଧରଦର ହସ, ଓଠରେ ତାଙ୍କର ଖେଳୁ ଥିଲା; କିନ୍ତୁ ସେ କୋପ କରି ଅନ୍ୟଆଡ଼କୁ ମୁହଁ ବୁଲାଇ ନେଲେ । ମଧ୍ୟ ମୋ ଆଡ଼କୁ ଅନାଇଲେ ।

"ଆପଣଙ୍କର ଜମାରୁ ଦେଖାନାହିଁ ବାବୁ ? ଏ ଗରିବ କୁଆଡ଼େ ଥରେ ପାଦ ପକାଇଲ ନାହିଁ ?"

ତୁମେ ଯେଉଁ ଦରଖାସ୍ତ କରିଥିଲ, ସେ ସମ୍ପର୍କରେ କଣ ହେଲା ? ସେହି କଥା କହିବା ପାଇଁ ଖୋଜୁଥିଲି । କେତେ ଅନାଏ, ମାତ୍ର ତାଙ୍କ ଦେଖା ପାଏନା । ଝିଅକୁ କହିଥିଲି ଯେ, ପ୍ରଭାସ ବାବୁଙ୍କୁ ପଚା ରୁ, କହିବୁ ଟିକେ ଆସିବେ ।

ଜାହ୍ନବୀ ଆଉ ମୋ ଆଡ଼କୁ ନ ଚାହାନ୍ତି । ମନ ଭିତରେ ଅଭିମାନ ଯଥ ଭର୍ତ୍ତି ହୋଇଛି ତାଙ୍କର ।

କହିଲି—"କଥା କଣ କି, ଅଫିସ ଗଲବେଳେ କି ଫେରିଲା ବେଳେ ମୋର ସାଙ୍ଗ ବାବୁମାନେ ଥାଆନ୍ତି ତ । ତାଙ୍କ ସହିତ ହୁଏତ ଯୋଗ କରି ଅନ୍ୟବାଟେ ଚାଲିଯାଏ । ମୁଁ ମଧ୍ୟ ଭାବୁଥିଲି ତୁମ ଦରଖାସ୍ତ; କିନ୍ତୁ କାଲି ପରିବ ଦିନ ଆଡ଼କୁ ଯିବି ବୋଲି ଭାବି, ଭୁଲିଯାଏ । ଅଚ୍ଛା, କାଲି ଯିବି ନିଶ୍ଚୟ ।"

"ହଉ, ଆସିବେ—ହଁ, ଦରଖାସ୍ତ କଥା କହୁଥିଲି—ଆପଣ ଆସିବେ, ଆସିଲେ ପରେ କଥାବାର୍ତ୍ତା ।" ବଙ୍କିମ କହିଲେ ।

"ଆଚ୍ଛା" କହି ଫେରିପଡ଼ିଲି ।

ଯେଉଁ ସୁନ୍ଦର ବଦନଟିକୁ ଛୁଣ୍ଡାଇ ଦେବାକୁ ଭାବି ତା' ପା ନ ମାଡ଼ିବାକୁ ସ୍ଥିର କରିଥିଲି, ବଳେ ବଳେ ଯଦି ଏଥର ତାହା ଆ ଦେହରେ ଗୁଡ଼େଇ ହେବ, ତେବେ ମୁଁ ନାଚାର । ପୁଣି ଥରେ ଯିବା ହେବ ଜାହ୍ନବୀଙ୍କ ଘରକୁ । କ୍ଷଣକ ପାଇଁ ମନର କେଉଁ କଣରେ ଅନାଦର ଶ୍ଳେଷ ତେଜଟିଏ ଯେପରି ଜାଗି ଉଠି, ଆଘାତ କରି ଦୋହଲାଇ ଦେଇଗଲା ମୋତେ ।

ବଜାରରୁ ଫେରିଲା ବେଳକୁ ପୁଣି ବାସ୍‌ଷ୍ଟାଣ୍ଡ ପାଖରେ ଦେଖିଲି ସେମାନଙ୍କୁ । ବଙ୍କିମ ସମବୟସୀ କାହାର ସହିତ କଥା ହେଉଛନ୍ତି ତିନି ଚାରିହାତ ଦୂରରେ । ଜାହ୍ନବୀ ଦେଖିପାରିଲେ ମୋତେ ।

"ଭଲ ତ'ହେଲେ ଆସୁଛନ୍ତି ?" ସତେ ଅବା ଅନାଗ୍ରହରେ ଭଦ୍ରତା ଖାତିରରେ ଏତିକି କହିଲେ ।

ତମର ବି କଣ ଦରଖାସ୍ତ ଲେଖିବାର ଅଛି ନା କଣ ? ହସି ହସି ପଚାରିଲି ।

"ନାଃ ।"

ତେବେ ମୋ ଆସିବାର ନିଃସନ୍ଦିହାନ ହେବାକୁ .....

ଅତିଥିଙ୍କର ସତ୍କାର ଭାର ମୋ ଉପରେ ଥିଲା, ତେଣୁ ଡାଲି-ଅଡ଼ୁକୁ ଆମ ଘରେ ରହି ଥିବ କି ନାହିଁ ମନେ ପକାଇବାକୁ ହେବ ଭଲକରି ।

ଭାରି ଖଣ୍ଡେ ହସିବାକୁ ମନ ହେଉଥିଲା । ମାତ୍ର ବହୁକଷ୍ଟେ । ମୁଁ କୌଣସିମତେ ହସ ସମ୍ଭାଳି ଗଲି, ଜାହ୍ନବୀ ମୋତେ ଲକ୍ଷ୍ୟ କରି ଅନାଉଛନ୍ତି । ମୁହଁରେ ଟିକେ ହେଲେ ହସ ନାହିଁ । ଅଭିମାନର

ତର ପ୍ରାଣପଣେ ହସକୁ ଲୁଚିବା ଚେଷ୍ଟା କରୁଛନ୍ତି ସେ ।
"ଶିକ ନଥିଲେ କଣ ହେଲା ମଧୁ ଅଛିତ..." ଅନୁଚ୍ଚ ସ୍ୱରରେ
ମୁଁ ।
ମାନେ ?"
କହିବାକୁ ଇଚ୍ଛା ହେଉଥିଲା ତୁମ ଓଠର ମଧୁ । କିନ୍ତୁ କହିପାରିଲି
। ଏତେଟା ସାହସ ମୋର ନଥିଲା । ଏତେ ସ୍ପର୍ଦ୍ଧା ମୋର
ନାହିଁ । କହିଲି—ମଧୁ ମାନେ ପଢ଼ି ନାହିଁ—ମହୁ । ଅବୋଧ
କଥାଟା ଗାଉଁଲୀଙ୍କ ପାଖରେ । 'ମଧୁ' ମାନେ ଜାଣିଥିବେ, ମାତ୍ର
ର ଅର୍ଥଟା ମୋତେ ବୁଝାଇବା ପୂର୍ବରୁ ବଙ୍କିମବାବୁ ଡାକିଲେ—
ଘରୁ ଫେରିଲେଣି ?
ହିଁ, ଲୁହ ସମସ୍ତେ ସାଙ୍ଗ ହୋଇ ଯିବା ଡାକ୍ତରେ ।
"ପାଗଳ ହେଲେ ବାବୁ ! ବାଟ କେଉଁଠାଏ ସେ ବାଗରେ ଯିବୁ ?
ଲକଟି ସହିତ କଥାବାର୍ତ୍ତା କରୁଁ କରୁଁ ଆମ୍ଭେମାନେ ଏଠାରେ
ଗଲୁ ।"
ସେଥିରେ କଣ ଅଛି ? ତୁମ୍ଭେମାନେ ପୋଷ୍ଟ ଅଫିସ ମୋଡ଼ରେ
ଇଯିବ । କେତେଟା ପଇସା ଖର୍ଚ୍ଚ ହୋଇଥାନ୍ତା ? ମୁଁ ଦେଇଥାନ୍ତି ଭଣ
ଜାଣ ? କିନ୍ତୁ ତୁମେ ସାହା ଲୁହ ବଙ୍କିମ, ତୁମର ଏ ଦ୍ୱିଅ ଖଣ୍ଡିଏ
ଅଭିମାନିନୀ । ତୁମ ଘରକୁ ନଗଲି ବୋଲି ମୋ ଉପରେ ରାଗ
ହୁଏ । ଆଉ ତୁମେହିଁ ଲୁହ, ତୁମ ସହିତ ମୋର ତ ଏତେ
ସୁଣା ନଥିଲା; ମୁଁ ବା ଜାଣିଥାନ୍ତି କାହିଁକି ? ତୁମେ କଣ ଭାବନ୍ତ...
ଇହ୍ରୁଲେକ ଏ......
ପାଟିରୁ କଥା ଛଡ଼ାଇ ନେଇ ବଙ୍କିମ କହିଲେ—ତା' ଭା[illegible]
ବାବୁ, ତା ଭାବିବେ ନାହିଁ । ଆପଣଙ୍କୁ ମୁଁ ବହୁତ ଦିନରୁ
ଜାଣେ ବାବୁ । ଆପଣ ତ ଅଟନ୍ତି ଏ ନିରୋଳ ନିପାଠୀ, ପୋଷ୍ଟ

ମାଷ୍ଟର ତାଙ୍କ ଟିକି ଝିଅଟିକୁ ଗୀତ ଶିଖାଉଥିଲେ । ସେ ବାବୁତ ବଦଳି
ହୋଇଗଲେଣି । କୁହନ୍ତୁ···ମୁଁ ଜାଣେ ବାବୁ, ମୁଁ କଣ ଆଉ ଜାଣି
କବ ଅଛୁ ? ୧୯୫୧ ମସିହା । ହଁ, ଠିକ୍ ସେହି ବର୍ଷ ହିଁ ତା' ଅ
ବର୍ଷ ଠିକ୍ ମନେ ହେଉନାହିଁ । ଆମ ଉଆସର ସମ୍ମୁ ବଡ଼ ବ
ଲୋକମାନେ ଆସିଥିଲେ । ଛକ ମଣ୍ଡଳରେ ସଭା ହୋଇଥିଲା, ସେଠା
କ'ଣ ଲେଖି ନେଇ ଆପଣ ପଢ଼ିଥିଲେ ନା ? କୁହନ୍ତୁ ଏ କଥା ମିଛ
ତା ପରେ—ହଁ, ତା ପରେ ଆମ ଦିଗମ୍ବର ତ କହେ ଆପଣଙ୍କ କଥା
କହେ ଖାଲି ଉଦ୍ବେଲିକ, ସମସ୍ତ ଅସମସ୍ତ ପଡ଼ିଲେ ମୁହଁକୁ ଅନାଇବେ
ହଁ, ଆପଣ ଅଫିସର ବାବୁମାନଙ୍କୁ କହୁ ପ୍ରତିବର୍ଷ ଦୁର୍ଗାପୂଜାରେ
ପୋଷ୍ଟ ପିଅନଙ୍କୁ କାଣ୍ଟୁ ବକସିସ ୫ ଅଠିଗା ଜଟ ତ, ଏମିତ ସମସ୍ତ
ଙ୍କଠୁ ପୋଷ୍ଟ ଗୋଟାଏ ପିଟିସନ ଲେଖି ସଇ କରେଇ, ୧୦ ଟୋଟା
ବାଟ କରଦେଲେ ଯେ, ଭଣ୍ଡି ପଦା କରେ, କହେ ଫି'ବର୍ଷ ଠିକ
ଗୁଲଣି ପଇସ ଲଇ ଅଦାୟ କର ନାଏ । ସବୁ ଜାଣେ ବାବୁ, ସବୁ
ଜାଣେ । ମୋତେ ଆଉ ଭୁଲାଇବାକୁ ପଡ଼ିବନାହିଁ ।

ଏଇ ବୁଝିଲ ବାବୁ, ବକିମଙ୍କ ସ୍ୱର ଟିକେ ନରମ ହୋଇ ଆସିଲା;
ପିଲାଦିନୁ ମା'ଙ୍କୁ ହରାଇଛୁ । ଏଇ ଗୋଟିକ ମୋର ଏଇନେ ସବୁ । ବାପ,
ଝିଙ୍କ ପାଖରେ ଯାହା ତାର ପାଠଶାଠ । ତେବେ ହଁ, ମୋର
ଶକ୍ତିମନ୍ତେ ମୁଁ ତାର ସବୁ ଅଳି ପୂରଣ କରନ୍ତି ବାବୁ । ଯେ ଭଲ ସେ
ଭଲ; ଯେ ଖରାପ, ଲକ୍ଷେ ଚେଷ୍ଟା କଲେ ବି ସେ ଭଲ ହେବନାହିଁ ।
ମୁଁ ଏଠେ ବାରଣ କରେନାହିଁ । ହଁ, ମୋ ଭିତ ସଫା କଥା; ବାହ
ଘରକୁ ଯିବା ବା କାହା ସହିତ କଥା କହିବା, କୌଣସି କଥାରେ ମୁଁ
ତାକୁ ଅଟକେ କରେନାହିଁ, ସହର ଜାଗାରେ କେଲେ ପିଲାଙ୍କୁ, ଏ
ଗୋଟାଏ ପରଦା କଣ ? ଭଲ ବାଟରେ ଗୁଡ଼ାକ ଭଲ ହେବ, ଖରା

ଠର ଗଲେ ଝଗଡ଼, ଯେ ଯାହା କହନ୍ତୁ, ସେ ତା ଫଳ ଭୁଞ୍ଜୁ ଭୁଞ୍ଜୁ
। ନା କଣ କହୁନାହାନ୍ତି ବାବୁ···ମୁଁ ସୁଧା ଭାବିଥାଏ ।
ବଙ୍କିମଙ୍କ କଥା ଯେପରି ଶେଷ ହେବନାହିଁ । ମୋ ବିଶ୍ୱାସ
ଯେ ଗୋଟାଏ କଷ୍ଟ ଇତିହାସ ମାନସ ପଟରେ ଲେଖି ରଖିଛନ୍ତି !
ଯେପରି ସ୍ୱର୍ଗରୁ ପଡ଼ିଲି ଏସବୁ ଶୁଣି ।

ବାସ୍ ଆସିଲା, ସମସ୍ତେ ବସିଲୁ ।

ଅସଲ କଥା, ତାଙ୍କୁ ବଡ଼ ଏକୁଟିଆ ଲାଗୁଛି ବାବୁ । ମୋ ପାଖକୁ
ଆସିଲୁ କିନା ? ପଢ଼ାଶୁଣା ଲୋକଙ୍କ ସହିତ କଥାବାର୍ତ୍ତା ଓ
ମିଳାମିଶା କରନ୍ତୁ ଏବଂ···ଆଉ କଣ ? ବଙ୍କିମ କହୁଲେ ।

ହିଁକି, କୁହିଁକି—ପଢ଼ାଶୁଣା ପିଲା ମାନେହିଁ ସେହିପରି । ତୁମ
କି ବଡ଼ ଏକୁଟିଆ ହୋଇଯାଉଛି ।

ହିଁ, କାହିଁକି ଆଉ କଣ ? ଡେରେକ ସେଠି କଣ ଆଉ ପାଞ୍ଚ ଦଶ
ନାହାନ୍ତି ? ହେଲେ ସେମିତି ପଢ଼ାଶୁଣା ଲୋକ ବା ଓଡ଼ିଆ ଘର
ନାହାନ୍ତି । ବଙ୍କିମ କହୁଲେ ।

ବାସ୍ ପୋଷ୍ଟ ଅଫିସ୍ ଛକପାଖରେ ପହଞ୍ଚିଲା, ସେମାନେ ସେଠି
ଲେ । ବଙ୍କିମ ଓହ୍ଲାଇଲେ ଆଗେ, ପଛରେ ଜାହ୍ନବୀ ।

ଜାହ୍ନବୀ ମୋ ଆଡ଼କୁ ଅନାଇଲେ । ଯେଉଁ ହସଟିକିକ ତାଙ୍କ
ଓଠରେ ଖୋଜୁଥିଲି, କୃତଜ୍ଞତା ଭରା ତାହା ସେ ଲୁଚାଇ ଦେଲେ
ହୁଏ । କିନ୍ତୁ ଗୋଟାଏ କରୁଣ ମର୍ମନ୍ତୁଦ ବେଦନାର ସ୍ପର୍ଶ ଦେଇ
ଥିଲେ ଶୁଷ୍କ ହସ ହସୁଥିଲେ ଜାହ୍ନବୀ, ଯାହାକି ମୁଁ ବୁଝି
ଲି ।

—§§§—

# ୫୦

ତଥାପି ସେ ସୁନ୍ଦରୀ; ସୌନ୍ଦର୍ଯ୍ୟ ପୂଜାରୀ, ମୋ ମନର
ପ୍ରାନ୍ତରରେ ତୁପର କୋଣାର୍କ ଭଗ୍ନଛନ୍ତି ତାଙ୍କର । ହଜି ଦେହବା ଅ
ଜଣେ ବା ପରେ ଜଣେ ସ୍ତ୍ରୀଲୋକମାନଙ୍କର ସଂସର୍ଗରେ ମୁଁ ଦେ
ଆସିନାହିଁ—ଅବଶ୍ୟ ଆତ୍ମୀୟ ସ୍ୱଜନଙ୍କ ବ୍ୟତୀତ । ଏ କ୍ଷେତ୍ର
ଜାଣୁଥାନ୍ତି ହେଲେ ପ୍ରଥମ । କିନ୍ତୁ ଯେ ସମ୍ଭ୍ରାନ୍ତା ନମ୍ରା,
ଯୌବନର ଉଦ୍ଦାମ ଭାରରେ ଯେ ଅବନତ, ତାଙ୍କ ପାଖରେ ମୋ
ସୁରୁଚିସମ୍ପନ୍ନ ଲୋକଙ୍କର କପଟ ବ୍ୟବହାର, କପଟ କଥାବ
ଲୁଚିବା ଉଚିତ, ଏସବୁର ଆଦବ୍‌କାଏଦା କିନ୍ତୁ ମୋତେ ମା
ନାହିଁ । ଆମ ଆଧୁନିକ ଲେଖକମାନଙ୍କର ଉପନ୍ୟାସ ଗୁଡ଼ିକ
ନାୟକ-ନାୟିକାମାନଙ୍କର ବାଗ୍‌ବିଳାସ ପଢ଼ିଲେ ମନେ ପଡ଼ିଯାଇ
ହେଲେ ତୁଚ୍ଛ ବୁଦ୍ଧିଆ କଥା ମନେ ଉଠୁଥାଆନ୍ତା; କିନ୍ତୁ ହେଲନାହି
ନିରସ୍ତ ହେଲି ।

ଯତ୍ନ କିନ୍ତୁ ଆମର ଏଭଳି ଔଦ୍ଧତ୍ୟ ଏ ବିଷୟରେ । ଏସବୁ ତ
…ଷର । କପଟ ଯେ ସେ ହିଁ ଅଗ୍ରଗଣ୍ୟ ସାଙ୍ଗରେ ଏକେଲଶ୍ରୀ ମିଶିତ
ତାଙ୍କୁ କୋଳାହଳରେ ବା ପାଖରେ ହସେଇ, ଖେଳେଇ, ନଚେ
ବୁଲେଇ, ବୁଲେଇ ପାରେ ମୁଁ କଳ୍ପନା କରିପାରେ ନାହିଁ ।
ବିଶେଷତଃ କିନ୍ତୁ ତାଙ୍କୁହିଁ ଶୋଭାପାଏ ।

ଜାଣୁଥିବା, ମୋପାଇଁ ତାଙ୍କଠାରେ ତୁପର ଦୁରନ୍ତ ଆକର୍ଷଣ
ହୃତ ହୋଇଛନ୍ତି । କେତେଥର ଭାବିଲି ଶ୍ଲେଷ ମୁଁ ଗୋଟାଏ ଧରି
...ନ୍ତି । ତା'ମଧ୍ୟ ଭାବି ଠିକ୍ କରିପାରିଲି ନାହିଁ । 'ଇନ୍ଦୁ', ଜାହାତ
...ମ, ସପ୍ତଦଶ ଶତାବ୍ଦୀର । 'ନଗୀନା', ତା ମଧ୍ୟ ଭଲ ହେଲା ନାହିଁ,
...ନ୍ତ ଗ୍ରାମ୍ୟ । 'ଜହ୍ନୀ' ହସ ମାଡ଼ିଲା, ଜହ୍ନୀ କି ଭେଣ୍ଡୀ ସେପରି
ପଣ୍ୟଦ୍ରବ୍ୟ ନୁହେଁ । ଗୁଡ଼, ସ୍ୱତନ୍ତ୍ର କିଛି ଗୋଟାଏ କଳ୍ପନା କରି
...ର କରିବାକୁ ହେବ ।

ଏ ଭିତରେ ମୋର କାହ୍ନୁବାଙ୍କ ଘରକୁ ଯିବା ତିନିଥର ହୋଇ-
। ଦୁଇଥର ଦରଖାସ୍ତ ସମ୍ବନ୍ଧୀୟ ଓ ଅନ୍ୟ ଥରଟି ନ ଗଲେ
...ଙ୍କ ମନରେ କଷ୍ଟ ହେବ ବୋଲି ଧୂଣି ବଙ୍କିମଙ୍କ ଅନୁରୋଧ
...ରେ ।

ନଣିଷର ଏ ତୃଷ୍ଣା ନେଣ୍ଟିଦାର ନୁହେଁ, ବାସ୍ତବପକ୍ଷେ ମୋର ରୂପ
। ସେହି ନୂତନ ଦାନର ସ୍ମୃତିର ଅପର୍ଯ୍ୟାପ୍ତିରେ ଯେପରି କ୍ରମେ
... କ୍ରମବଳୟ ଓ ହ୍ରାସ ଲାଭକରୁଛି । ଦୃଷ୍ଟିର ଘାତ ପ୍ରତି-
...ରେ ହୁଏତ ଅଜାଣିତ ଭାବରେ ବିରୋଧ ଭାବର ପ୍ରତିକ୍ରିୟା
...ଙ୍କୁ ମୋର ଦଂଶନ କରୁଛି କାହିଁ କେଉଁଠାରେ ଆତ୍ମଗୋପନ
। ତଥାପି କି ମୋହ କି ସମ୍ପାଦନ କାହିଁ କେଉଁଠି ଜାଗିରହୁ
...ର ନୀରବ କର୍ତ୍ତୃତ୍ୱ, ନୀରବ ନିର୍ଦ୍ଦେଶ ଚାଳନା କରି ଚାଲିଛି ।
...ତ, ଅବକ୍ତ ଓ ଉଦ୍ଭ୍ରାନ୍ତ ପରି ଲକ୍ଷ୍ୟହୀନ ଭାବରେ କାର୍ଯ୍ୟ କରି
...ଛି । ଭାବିବାର ଅବକାଶ ନାହିଁ । ତଥାପି ମଣିଷ ଜୀବନରେ କି
...ଥା ଅଛି ? ବିବାହିତ ମୁଁ । ବିଂଶତିବର୍ଷରେ ପଦାର୍ପଣ କରୁ ନକରୁ
...ନୁହଁ, ପିତାମାତା ହୋଇ ମୁକୁଟ ମୁଣ୍ଡରେ ବାନ୍ଧିଦେବା ପାଇଁ
...ର ହୋଇ ପଡ଼ିଲେ । ଫଳରେ ...ଶତ ବର୍ଷ ବୟସ ବେଳକୁ
... ହୋଇପଡ଼ିଲି ଦୁଇଟି ସନ୍ତାନର ପିତା । ଧନ୍ୟ ମୁଁ ଓ ଧନ୍ୟ

ମୋର ପିତାମାତା ! ଦସ୍ୟୁ ଏବେ ମଧ୍ୟ ଅପରୂପଙ୍କୁ ଭାବି କେହୁ କେ
ସମସ୍ତ ବିଶେଷରେ ମୁଁ ଅବିବାହିତ ବୋଲି ମଧ୍ୟ ପ୍ରତିପାଦନ କ
ଚନ୍ତି । ଏପରି କ୍ଷେତ୍ରରେ ବାରମ୍ବାର ସକାରଣ ଓ ଅକାରଣରେ
ଜାହ୍ନବୀଙ୍କ ଘରକୁ ଯିବାକୁ ମୁଁ ପସନ୍ଦ କଲିନାହିଁ । ଏପରି ଗୋଟି
ଅନୂଢ଼ା କନ୍ୟାର ସଂସ୍ପର୍ଶରେ ବାରମ୍ବାର ଆସିବା ନିରାପଦ ନୁହେଁ
ସମାଜରେ ରହୁଥିଲେ ଲୋକାପବାଦର ମଧ୍ୟ ଭୟ ଅଛି ପଦେ ପଦେ ।

ମୁଁ କିନ୍ତୁ ବୁଝିପାରିଲି ନାହିଁ, ଜାହ୍ନବୀଙ୍କୁ ଆଶ୍ରୟ କରି ଭାବ
ଓ ଚିନ୍ତାର ଉଦ୍ରେକ ହେବ କାହିଁକି ? ସେ କିଏ ? ତାଙ୍କ ସହ
ମୋର ବା ସମ୍ପର୍କ କଣ ? ତାଙ୍କ ଉପରେ ମୋର କି ଅଧିକାର ? କ
ଚାହେଁ ମୁଁ ବାସ୍ତବରେ ? ନିଜର ମନୋମତ ନାମରେ ତାଙ୍କୁ ଆଦ
କରି ଡାକିବି ବା କାହିଁକି ? ଆଉ ଡାକିବି ମଧ୍ୟ କେତେବେଳେ
ତାଙ୍କ ଘରକୁ ଯିବାର ପ୍ରୟୋଜନ ଯେତେବେଳେ ନାହିଁ, ଡାକିବା
ଆବଶ୍ୟକତା ଆସିବ କୁଆଡ଼ୁ ? ସବୁ ପ୍ରଶ୍ନର ଉତ୍ତର ପାଇଲି ଶୂନ
ସବୁ ନିରର୍ଥକ । ଏହି ବିରାଟ ଶୂନ୍ୟ ଗର୍ଭରେ କେବଳ ଜାହ୍ନବୀ
ସୌନ୍ଦର୍ଯ୍ୟର ଛାଇ ନାଚିଯାଏ ଯେପରି ସଞ୍ଚରି ଯାଉଛି ସ୍ତରେ ସ୍ତରେ
ମୋ ମାନସ ରାଜ୍ୟ ଉପରେ ଗତି କରୁଥିବା ଏକ କ୍ଷୁଦ୍ର ପ୍ରଭଞ୍ଜନ
...ତରର ଯେପରି କରୁଣ ଆର୍ତ୍ତନାଦ କରି ଉଠୁଛି ଜାହ୍ନବୀଙ୍କର
ଆହ୍ୱାନ । ମୁଁ କେତେବେଳେ ସ୍ତବ୍ଧ ହୋଇ ବସିରହି ଭାବିବାକୁ
ଲାଗିଲି ।

—§§§—

## ଏଗାର

ସେଦିନ ଅଫିସରୁ ଫେରିଲା ବେଳକୁ ଗଳି ଭିତରଦେଇ ଢ଼ିଯିବାକୁ ଯେପରି ପାଦ ମୋର ଅଁପଣା ମନକୁ ଟାଣି ହୋଇଗଲା । ଏଠେନକଲି କେଉଁଆଡ଼କୁ ନ ଅନାଇ ତଳକୁ ମୁହଁ ପୋତି ଚାଲିଗଲେତ କଥା ସରିବ । କିନ୍ତୁ ମୋତେ ଲାଗିଲା ମୁଁ ଯେପରି ବଡ଼ କ୍ଳାନ୍ତ ।

ଆସିବାକୁ କହୁଛି କିଏ ପୁଣି ତଳକୁ ମୁହଁ ପୋତି ଚାଲିଯିବାକୁ ବା କହୁଛି କିଏ ? କେତେ ଦୁର୍ବଳ ଏହି ମନ ପାଖରେ ମୁଁ !! ଚାଲିଲି—

ପଛରୁ ଡାକ ଶୁଭିଲା—"କଣ ଚାଲି ଯାଉଛନ୍ତି ?"

ମୁଁ ସେତେବେଳକୁ ଜାହ୍ନବୀଙ୍କ ଘର ବାଡ଼ିକବାଟ ଟପି ଯାଇଥିଲି । ପଛକୁ ଅନାଇଲି । ଜାହ୍ନବୀ ହସି ହସି ମୋତେ ମୁଣ୍ଡ ହଲାଇ ଡାକିଲେ । ନ ଯିବାକୁ ବାଟ ନଥିଲା ।

ଦ୍ୱାରବନ୍ଧ ଟପି ସେହି ଅଣଓସାରିଆ ଗୋହିରି ଭିତରେ ଜାହ୍ନବୀ ମୋତେ ଅଟେଇ ହୋଇ ଅତିକ୍ରମ କରି ଯିବାକୁ ରାସ୍ତା ଛାଡ଼ିଦେଲେ । ମୁଁ ତାଙ୍କୁ ଅତିକ୍ରମ କରି ଠିଆ ହେଲି । ସେ ବାଡ଼ପଟ କବାଟରେ କାଳିଣି ଲଗାଇ କହିଲେ—ଆଜି କଣ ସେ ବାଟଟା ଭୁଲିଗଲେ କି ?

କାହିଁକି ? ଟିକେ ଗମ୍ଭୀର ହେବାକୁ ଚେଷ୍ଟା କରୁ କରୁ ହସି ପକାଇଲି ।

ଦେଖି ନଥିଲି ଅଧୈର୍ଯ୍ୟ !

ଏବେ ତ ଦେଖାଦେଲ, କିନ୍ତୁ କ୍ରୁଦ୍ଧ.....ମୁଁ ତାଙ୍କ ଅଗଣି ଭିତରକୁ ଗଲି ।

ବାପା ?

କାନ ପାଖରେ...କିନ୍ତୁ, ବାହୁଦ୍ୱୟ ମୋ ହାତ ଧରି ଘରକୁ ଟାଣି ନେଇ ଖଟିଆରେ ବସାଇଲେ । "ଆପଣଙ୍କ ଦେହ କଣ କିଛି ଖରାପ ଅଛି ? ବାହୁଦ୍ୱୟ ପୁଣି ପଚାରିଲେ । ମୋର ମୁହଁ ନିକଟରେ ଠିଆ ହୋଇଥିଲେ ସେ ।

"ନା ତ ! କାହିଁକି ? ସେପରି କଣ କିଛି ଜଣାପଡ଼ୁଛି ? ମୁଁ ଝରକା ଆଡ଼କୁ ଅନାଇ ଅନ୍ୟମନସ୍କ ହେଲାପରି କହିଲି ।

ଏତେ ଶୁଖିଲା ଦେଖା ଯାଉଛନ୍ତି କାହିଁକି ? ଆଗରୁ ଏବାଟେ ଦିନରେ ଯିବା ଆସିବା କରୁଥିଲେ, ଏବେ କଣ ହେଲା ?

ମୁଁ ଟିକେ ବାହୁଦ୍ୱୟଙ୍କୁ ଅନାଇଲି ପରୀକ୍ଷକ ଭଳିପରି । ତାଙ୍କର ପ୍ରଶ୍ନ ଓ ଉତ୍ତର ପ୍ରତୀକ୍ଷା ଭିତରେ ଆନ୍ତରିକତାର ଅପ୍ରତିହତ ବେଗ ମୋତେ ସେପରି ତାଙ୍କର ନିକଟତମ ସାନ୍ନିଧ୍ୟକୁ ଚୁମ୍ବକାକୃଷ୍ଟ ଲୌହ ଖଣ୍ଡପରି ଟାଣି ନେଉଥିଲା । ମୁଁ ନିଜକୁ ଦୂରେଇ ନେବାକୁ ଚେଷ୍ଟା କରୁଥିଲି । କିନ୍ତୁ କିଏ ଜାଣେ ସେପରି ମୁଁ ହଜି ଯାଉଥିଲି କ୍ଷଣକୁ କ୍ଷଣ । କେବଳ ମନକୁ ସେପରି ଭାବ ମାନି ମାନି ମୁଁ ଖୋଜି ହେଉଥିଲି ମୋର ମୂର୍ଚ୍ଛନାମୟ ହୃଦୟ ଭିତରେ ।

କହିଲି—"କିଛି ନାହିଁ ହେଲେ କଣ ? କୌଣସିବାଟେ ହେଲେ ଦେଖିବ ଯିବା କଥା, ତୁମେ ନିତି ବାହାକୁ ଅପେକ୍ଷାକର ଝରକା ପାଖରେ ?

ମୁଁ ତାହାଙ୍କୁ ଅପେକ୍ଷା କରୁଥିଲି ଅକାଳାନ୍ତି ଦେଖାହେବା ଭୟରେ କଣ ଭାବି ବେଳାଣି ସେ ଦୂରେଇ ହୋଇ ରହୁଛନ୍ତି । ହେଲେ

ଥାଳିରେ ଅପେକ୍ଷା କରୁନାହିଁ **ଆଉ** ମୁଁ । ଆଜି ଦି'ଟା ଜଳଖିଆ ହେବ କି ନାହିଁ କହିଲେ ?

"ଜାହ୍ନବୀ ! **ଅସ୍ଥିରରେ** ମୁଁ ଡାକଦେଲି ।

ଆରେ ଏପରି ଭାବରେ ଅନାଉଛନ୍ତି କାହିଁକି ମ ?

ମୋତେ ଖୋଇବାରେ ତୁମର ଏତେ ଆନନ୍ଦ କାହିଁକି ଜାହ୍ନବୀ ?

ଅନ୍ୟ ମନସ୍କ ହେଲପରି ଜାହ୍ନବୀ ତଳକୁ ମୁହଁ ପୋତିଲେ । କହିଲେ—"ଜଳଖିଆ ନେଇଆସେ ତୁମକୁ" କହି ସେ ଚାଲିଯିବାକୁ ଉଦ୍ୟତ ହେଲେ । ମୁଁ ତାଙ୍କ ହାତଟି ଟାଣିନେଇ ଖଟିଆରେ ବସିବାକୁ କହିଲି । ସେ ମଧ୍ୟ ବସିପଡ଼ିଲେ । କହିଲି—ଆଜି ଯଦି ନଖାଏ·····

ନଖାଇ କରି ଯାଇପାରିବ ନାହିଁ । ଗୋଟାଏ ନିଃସ୍ୱ ବାଳିକାର ସ୍ନେହ ଅନୁରୋଧଟା ଯାହାର କି କିଛି ମୂଲ୍ୟ ନାହିଁ, ଆପଣି ଏଡ଼ାଇଦେଇ ଗଲେ କେଉଁ ବଡ଼ପଣ ପାଇବେ ଭଲ ? ତଳକୁ ଚାହିଁ ଜାହ୍ନବୀ କହିଲେ । ଏହାପରେ କିଏ କିପରି ଭାବିବ ଜାହ୍ନବୀଙ୍କ କଥାଟିକୁ ଏଡ଼ିଦେବା ପାଇଁ ।

ଖାଇ ବସିଲାବେଳେ କହିଲି—ଜାହ୍ନବୀ, ଆଜି ବି କଣ ତୁମକୁ ସାଙ୍ଗରେ ଖୋଇବାର ସୌଭାଗ୍ୟ ହେବନାହିଁ ?

ଆପଣଙ୍କ ସାଙ୍ଗରେ ଭଣି କେହି ନା କେହି ନ ଖାଇଲେ ଆପଣ ଖାଆନ୍ତି ନାହିଁ ? ସେ ପଚାରିଲେ ।

ଠିକ୍ ତା ନୁହେଁ । କିନ୍ତୁ ଏହି ଖାଇବାର ଯେଉଁ ବଦ୍‌ଅଭ୍ୟାସଟି ତୁମର ଅଛି ମୋର ମଧ୍ୟ ଜଣଙ୍କୁ କାହାକୁ ସାଙ୍ଗରେ ଖୋଇବାର ବଦ୍‌ଅଭ୍ୟାସ ଅଛି ।

ଯାହା ସାଙ୍ଗରେ ଭେଟ ହୋଇଚିବା ଉପରେ ଚୌରଙ୍କପରି ଲୁଚି ଲୁଚି ସେବାଟେ ପଳାଇଯାଉଛନ୍ତି ତା' ସାଙ୍ଗରେ କିପରି ଖାଇବେ ଆପଣ ? ଥାଳରେ ଜଳଖିଆ ଦେଉଁ ଦେଉଁ କହିଲେ ସେ ।

ସତେ ଆସନା, ଏକା ସାଙ୍ଗରେ ଖାଇବା, ବାପାତ ନାହାନ୍ତି କଣ କହୁଛ ?

ବାପା ଥିଲେ କଣ ନଥିଲେ କଣ ? ଆପଣ ତାଙ୍କୁ ଜମା ଚିହ୍ନି ନାହାନ୍ତି·····ସେଥିପାଇଁ କଣ ଭୟ ନାହିଁ ଯେ·····ତେବେ କଥା ହେଉଛି, ସ୍ୱାସ୍ଥ୍ୟରକ୍ଷା ଆପଣ ପଢ଼ି ନାହାନ୍ତି ? ଏକାସାଙ୍ଗରେ ଖାଇଲେ ରୋଗ ହୁଏ ।

କି ରୋଗ ?

ଏଇ ଛୁଆଁଛୁଇଁ ଲୋକଗୁଡ଼ାକୁ ନିହାତି ପର ବୋଲି ଭାବିବା ଆଉ ତାଙ୍କ ଦୁଆର ନମାଡ଼ିବା, ଆପଣଙ୍କର ଏହି ରୋଗଟା ମୋ ଦେହକୁ ଡେଇଁପାରେ ତ······। ନହସି ରହିପାରିଲି ନାହିଁ ।

ତାହାହେଲେ ସେଦିନ ଘର ମୋତେ ଏକା ଏକା ଖାଇବ ?

ନାହିଁ କି, ମୁଁ ପାଖରେ ବସିବି ।

ସତକୁ ସତ ସେ ଖାଇ ବସିଲେ । ମୁଁ ଖାଇବାକୁ ଆରମ୍ଭ କଲି । ସେ ଥାଳି ଉପରୁ ଏକପ୍ରକାର ମୋ ହାତକୁ ବଢ଼ାଇବା କାମ କଲେ । ମୁଁ ବସି ବସି ଖାଇବାରେ ଲାଗିଲି । ତାଙ୍କର ମଧ୍ୟ ଥରେ ଥରେ ଅନାଇଁ ବସିଥାଆନ୍ତି । କେତେ ଯେ ତୃପ୍ତି ହୃଦରେ ଭରି ରହୁଥାଏ ତାଙ୍କର, ତାହା ମୁଁ କଳନା କରିପାରୁ ନଥାଏ । ଅପୂର୍ବ କରୁଣାର ଦୀପ୍ତିରେ ସତେ ଯେପରି ଝଲସି ଉଠିଥାଏ ତାଙ୍କର ଆଖି ଦୁଇଟି ।

ନାରୀ ଶରବଦନ ପୁରୁଷକୁ ଖୁଆଇ ପିଆଇ ସନ୍ତୁଷ୍ଟ କରନ୍ତି । ପୁରୁଷର କ୍ଳାନ୍ତ ଦେହ ଓ ମନରେ ତୋଳି ଦିଅନ୍ତି ଶାନ୍ତିର ପ୍ରଲେପ । ନିଜର ଇଚ୍ଛାରେ ହଜାଇଦେଇ ଭଳ ଭ୍ରୂଣଠାରୁ ପିଣ୍ଡର ନିର୍ବାଣ ପର୍ଯ୍ୟନ୍ତ ନାରୀ ହିଁ ଅଟନ୍ତି ପୁରୁଷର ଲଳନାମୟୀ । ନାରୀର ଏହି ମହତ୍ତ୍ୱ ଟିକକରେ ତାଙ୍କରି ମହନୀୟ । କିନ୍ତୁ ଭାଗ୍ୟଚକ୍ର ଭିତରେ ତାଙ୍କରି ଯାତନାଠାରୁ ଅଳ୍ପ କେତେ ଦୂରରେ ? ଅତି ନିକଟରେ ଯେଉଁ ଯେପରି

ହୋଇଯାଇଛନ୍ତି ଅଛି । କିନ୍ତୁ ମୋର ଏତେ ନିକଟରେ, ମୋ ହୃଦୟର ଏହି ନିର୍ଦ୍ଦିଷ୍ଟ ସୀମା ଉଲଙ୍ଘନ କରି, ମୋର ଅଧିନାୟକତ୍ୱର ପରିବ୍ୟାପ୍ତି ଭିତରକୁ ଏତେଦୂର ପଶି ଆସିପାରିଲେ ସେ କିପରି ? ମୁଁ ଅବା କିପରି ଅଧିକାର ଦେଲି, ଆଉ ଦେଲି କେତେବେଳେ ?

ହଠାତ୍ ଜାହ୍ନବୀ ପଚାରିଲେ—କିପରି ଲାଗୁଛି ମୋ ହାତର ରନ୍ଧା ?

"ପ୍ରଶଂସାପତ୍ର ପାଇବାର ଯୋଗ୍ୟ ନିଶ୍ଚୟ" ମୁଁ କହିଲି । ହାତରେ ତୁମର ଅମୃତର ସ୍ୱାଦୁ ଦେଇଛନ୍ତି ବିଶ୍ୱସ୍ରଷ୍ଟା ଭଗବାନ । ଶେଷକୁ ରହିଲା କେବଳ ମାତ୍ର ଗୋଟିଏ କାକର । କହିଲି—"ଆଉ ହେବନାହିଁ ।"

ଆଉ ? ଏହି ଗୋଟିକ ସକାଶେ ସଙ୍ଗ ତୁଠା ପକାଇ ରଖିବ ?"

ତୁମକୁ କିନ୍ତୁ ଏଇଠା ମୁଁ ଖୋଇଦେବି । ତୁମେ କଣ ମନା କରିବ ? ଜାହ୍ନବୀ ଉଠି ପଡ଼ିଥିଲେ । ମୁଁ ତାଙ୍କ ହାତ ଧରି ଖଟିଆ ଉପରେ ବସାଇଦେଲି । ତାଙ୍କ ପାଟିରେ ଜୋର୍ କରି ଖୋଇଦେଲା ବେଳକୁ ସେ ଅଚେତ ହୋଇ ଢଳିପଡ଼ିଲେ; କିନ୍ତୁ ହାତଟି ମୋର ତାଙ୍କ ହାତ ଭିତରେହିଁ ବନ୍ଦୀ ହୋଇ ରହିଲା । ମୁଁ ଅଜ୍ଞାତ ଅବସ୍ଥାରେ ଟାଣି ହେଲପରି ବସିପଡ଼ିଲି ତାଙ୍କ ପିଠିକୁ ଆଉଜି ।

ଏ କଣ ହେଲା ମୋର ? କି ଆକର୍ଷଣ ମୋତେ ଏପରି ଜଡ଼ କରିଦେଲା ? ସନ୍ଧି ହୋଇଯାଇଛି ବାହାରେ । ମୁଁ ଅନେକ ବେଳୁଁ ଘରେ ପହଁଚି ସାରନ୍ତିଣି । ନିରୁପମା ନିଶ୍ଚୟ ପଚାରିବ—ଆଜି ଏତେ ଡେରି···? ଏହି ଉତ୍କଟ ପ୍ରଶ୍ନର ଚିନ୍ତା ଉଦ୍ରେକ ହେବାମାତ୍ରେ ସଦିର ଗମ୍ଭୀରତା ଯେପରି ମୋ ଚେତନାର ପ୍ରତି ସ୍ତରରେ ପ୍ରକଟିତ ହୋଇ ଉଠିଲା । ଆଉ ଡେରି କାହିଁକି ? ନିଜକୁ ସଂଯତ କରିନେଲି ଅତି କଷ୍ଟରେ । କିନ୍ତୁ ଦେହଟା ମୋର ଏପରି ଥରିବ କାହିଁକି ? ମୋର ଦୁର୍ବଳତା କଣ ଜାହ୍ନବୀ ଧରିପାରିଛନ୍ତି ? ମୋ ହାତଟି ସେହିପରି

ଏବ ଜାହ୍ନବୀ ଧୀରେ ଧୀରେ ଉଠିପଡ଼ିଲେ । କହିଲେ, "ଶେଷରେ ଆପଣ ମୋତେ ନ ଖୋଇ ଛାଡ଼ିଲେ ନାହିଁ ।" କହୁଁ କହୁଁ ସେ ଉଠି ଠିଆହେଲେ । ଏହା ଭିତରେ ଯେପରି ଆଳସ୍ୟ ଭରିଯାଇଛି ତାଙ୍କର ସାରା ଦେହରେ ।

ଯେତେବେଳେ ଅନିଚ୍ଛାସତ୍ତ୍ୱେ ସିନା ଖାଇଲ, ମୁଁ କଣ ଆଉ ଆଦର କରି ଖୋଇଦେଇ ପାରିଲି ? ହାତ ଧୋଇ ଆସି କହିଲି । ଏବେ ଚାଲିଲ ଜାହ୍ନବୀ, ଦେଖୁଛ କେତେ ଡେରି ହୋଇଗଲାଣି ?

ଆଉ ଟିକେ ବସିବେ ନାହିଁ ?

ଓଃ, ଆଉ ମଧ୍ୟ ବସିବାକୁ ପଡ଼ିବ ?

ନାଃ ଆଉ ଆପଣଙ୍କୁ ବସାଇ ଅଯଥା କଷ୍ଟ ଦେବନାହିଁ । ଟିକେ ଆସନ୍ତୁ ତ ଆପଣ······

ଜାହ୍ନବୀ ତାଙ୍କର ବାଡ଼ିପଟ କବାଟ ପର୍ଯ୍ୟନ୍ତ ଆସିଲେ । ଜହ୍ନରାତି ହୋଇଥିଲେ ମଧ୍ୟ ଗୋହିରୀ ଭିତରଟା ଅନ୍ଧାର । ଜାହ୍ନବୀ ଚାଲିଛନ୍ତି ଆଗେ ଆଗେ, ମୁଁ ତାଙ୍କ ପଛେ ଧୀରେ ଧୀରେ ଚାଲିଛି । ଏ କଣ ? କିଳଣୀ ନ ଖୋଲି ସେ କବାଟକୁ ଆଉଜି ଠିଆହୋଇ ରହିଲେ ଯେ !!

ଡାକିଲି······

ଓଃ, ଏ କିଳଣିଟା କି କଷ୍ଟ କରୁଛି ଖୋଲିବାକୁ । ଏତିକି ଉଚ୍ଚାରେ ମୁଣ୍ଡ ଭଳି ହୋଇଯାଉଛି । ଆପଣ ଖୋଲନ୍ତୁ ଟିକେ । କିଳଣି ଖୋଲିବାକୁ ଉପରକୁ ହାତ ବଢ଼ାଇଲି । ଧୀରେ ଧୀରେ ଦୁଇଟି ବାହୁ ମୋର କଣ୍ଠଦେଶକୁ ବେଷ୍ଟନ କଲା । ନରମ ଦୁଇଟି କୋମଳ ଅଧର । ପ୍ରବଳ ଉତ୍ତେଜନାରେ ମୁଁ ଯେପରି ଅଧା ଟଳିପଡ଼ିଲି । ମୁଁ କିଳଣି ଖୋଲିଦେଲି ହଠାତ୍ । ସେ କିନ୍ତୁ ନୀରବ ବନ୍ଧନରେ ବାନ୍ଧି ରଖିଲେ । କହିଲ, ଟିକେ ରହନ୍ତୁ··· ମୁଁ କବାଟ ମେଲିକରେ । କଣ୍ଠ ମୋର ସେତେ

ଯେପରି ଶୁଷ୍କ ହୋଇ ଆସିଛି ସେତେବେଳକୁ । ହୃତ୍‌ସ୍ପନ୍ଦନ ସତେ ବା ଅଟକି ଯିବ ମୁହୂର୍ତ୍ତିକ ମଧ୍ୟରେ ।

"ଆପଣଙ୍କୁ ଧରିପକାଇ ନଥିଲେ ମୁଁ ବୋଧହୁଏ କଣ୍ଟୁଝ ହୋଇ ପଡ଼ିଯାଇଥାନ୍ତି ।" କ୍ଷୀଣକଣ୍ଠରେ କହିଲେ ଜାହ୍ନବୀ । ଅସ୍ବସ୍ତିରେ ପଚାରିଲି, କଣହେଲା ?

ନାଃ, ମୁଣ୍ଡଟା ଭାଙ୍କି ଚକୀପରି ଘୂରିଗଲା । ଯାଆନ୍ତୁ ଆପଣ କହୁ ସେ ଘୁଞ୍ଚିଗଲେ । ଉଃ, ବାହାରର ଶୀତଳ ପବନ ଟିକେ ପାଇବା ପାଇଁ ଯେପରି ଶତଯୁଗରୁ ମୁଁ କୌଣସି ଅବରୁଦ୍ଧ କୋଠରୀ ମଧ୍ୟରେ ସଂଗ୍ରାମ କରୁଥିଲି । ଡାକିଲି, ଜାହ୍ନବୀ !

ହୁଁ ।

ଏତେ ଅପଚାର ତୁମେ କରନେଲ କିପରି ଜାହ୍ନବୀ ?

କାହିଁ ? ମିଛ କହୁଛନ୍ତି ଏକାବେଳକେ—

କିନ୍ତୁ ତୁମକୁ ଆଜି ଖୁବ୍ ଆଘାତ ଲାଗିଲା……

ଯାଆନ୍ତୁ ନା, ଡେରି ହେଉଛି । ମୋର ଅସହାୟତା ଉପଲବ୍ଧି କରି ବ୍ୟଥା ଓ ଅନୁରାଗରେ ଯେପରି ନମ୍ର ହୋଇଯାଇଛି ତାଙ୍କର କଣ୍ଠସ୍ୱର । ପୁଣି ତାହାର ସହିତ ଜଡ଼ି ଯାଇଛି ଛଳନାର ଅନୁପ୍ରାସ !


ଯିବାକୁ ତୁମେ ଦେଉଛ କେଉଁଠି ଜାହ୍ନବୀ ?

ଏଇତ ଅପଣା ଯାଇ ବାହାରେ । ଏବେ ଯାଆନ୍ତୁ । ମୁଁ ଭିତରେ ରଖି ବନ୍ଦ କରିଥିଲି; କିନ୍ତୁ ଆପଣ ଖୋଲିଦେଇ ବାହାର ଯାଇଛନ୍ତି । ଜାହ୍ନବୀ କବାଟ ଆଉଜାଇ ଦେଲେ ।

ମୋର କହିବାର କିଛି ନଥିଲା । ଅତୃପ୍ତିର ଦୀର୍ଘ ନିଶ୍ୱାସ ପକାଇ ମୁଁ ଧୀରେ ଧୀରେ ବାଟ ଚାଲିବାକୁ ଲାଗିଲି । ଅଳ୍ପଟିକକରେ ବଞ୍ଚିଗଲି ଗୋଟାଏ ବିଷମ ବିପର୍ଯ୍ୟୟରୁ । ସେହି ବାହୁ ଦୁଇଟିର ଉଷ୍ଣ ଆଶ୍ଳେଷ

ତବୁ ଉଠିଲୁ ସେପରି ଦେବଦାସ୍ମ । ରୂପ-ଉର୍ବଶୀର ତତ୍ତ୍ୱାଧାନରେ ସୌରଭ-ପ୍ରସୂନର ସମ୍ପର୍ଣ୍ଣ-ଅବସାଦ ବହନ କରି ଅଙ୍ଗପଙ୍କ୍ତି ଯେପରି ଝଳପଡ଼ିବ ମୋର । ମୁଁ କଣ ରୁଗ୍ଣ ? ନିରନ୍ତରପୁ କ୍ଲାନ୍ତି ଅନୁଭବ କରିବାକୁ ଲାଗିଲି । ଥର ଥର କମ୍ପିତ ପାଦ ଦୁଇଟି ନିଭାଚାଲ ପଥରେ ମଧ୍ୟ କୁଣ୍ଠିତ ଭାବରେ ମୋତେ ଦୋଳାଇ ଦୋଳାଇ ବହନ କରି ଚାଲିଥିଲା । କଏ ମୋତେ ଧରିବ ଭଲ ? ତୋର ନୈତିକତା ନା ନିରୁପମା ପ୍ରେମର ମୋହରତା, କିଛି ଠିକ କରିପାରିଲି ନାହିଁ ।

—§§§—



# ବାର

ସେଦିନ ରାତିରେ ଘରକୁ ଫେରି ମୁଁ ନିଶ୍ଚିନ୍ତରେ ଶୋଇ ପାରିଲି ନାହିଁ ! ଜାହ୍ନବୀଙ୍କ ନିକଟରେ ଏପରି ଆତ୍ମଗୋପନ କରିବା ଓ ଏପରି ଛଳନାପୂର୍ଣ୍ଣ ବ୍ୟବହାର କରିବାର ଚୌର୍ଯ୍ୟ ପ୍ରବୃତ୍ତିକୁ ମନୁଷ୍ୟତାର ପରିପୂରକ ରୂପେ ଗ୍ରହଣ କରିବାକୁ ମନକୁ ମୋର ବାଧିଲା । ପ୍ରାଣ-ଭିତରେ ଯେପରି ମୋର କାନ୍ଦଉଠିଲା ଜାହ୍ନବୀ ପାଇଁ କାହିଁ କେଉଁ ଅତଳ ଗହ୍ୱରରେ ଅନ୍ୟଏକ ଚେତନାମୟ ପ୍ରାଣ । ନାଃ ମୋତେ ଜାହ୍ନବୀଙ୍କ ନିକଟରେ ଆତ୍ମପରିଚୟ ଦେବାକୁ ପଡ଼ିବ । କର୍ମଭାରଗ୍ରସ୍ତା ପୂଜାରିଣୀ ଅର୍ଘ୍ୟହସ୍ତରେ ପଥପାର୍ଶ୍ୱର ଦେବାର୍ଚ୍ଚନକୁ ଅନ୍ଧକାର ଭେଦ କରି ଯାଉଥିବା ସମୟରେ ତାଙ୍କୁ କହିଦେବାକୁ ପଡ଼ିବ, ସେଠାରେ ତାର ବାଞ୍ଛିତ ଆରାଧ୍ୟ ଦେବତା ନାହାନ୍ତି—ମନ୍ଦିର ଶୂନ୍ୟ । ନହେଲେ ବର୍ତ୍ତ୍ମା ପୂଜାମଣ୍ଡପ ଉପରେହିଁ ସଂଜ୍ଞାହୀନ ହୋଇ ପଡ଼ିବ । ମୁଁ ସେ ଅବାନ୍ତର କଥା ଜାଣିଥିଲେ ଜାହ୍ନବୀ ହୁଏତ ଏତେଦୂର ଅଗ୍ରସର ହୋଇ ନଥାନ୍ତେ ।

ତହିଁ ଆରଦିନ ସିଧାସଳଖ ଅଫିସରୁ ଫେରି କହିଲି—"ଜାନୁ, ଆଜି ଗୋଟାଏ ଭଲ ଇଂଲିସ୍ ଛବି ଅଛି । ଉଚ୍ଚ ଦ'ଖ ଉପତ ଭଇ-ଖିଷ ଥିଲେ । ଅଫିସର କେତୋଟି ଲୋକଙ୍କ କଥା ଭାଙ୍ଗି ନପାରି କହିଦେଇଛି ଯିବି ବୋଲି ।"

ଯିବ ଯଦି ଯାଅ, ଭାତ ଦଣ୍ଡାଏ ଶୁଖି ଗୁଞ୍ଜଳ ହୋଇଯିବ ଦେଖିଲ ବେଳକୁ । ମୋତେ କଣ ଭଣ୍ଡାଥିଲ ? ମୁଁ ନ ହେଲେ ଟେବଲ୍‌ର ଚୁଲି ଲଗାଇ ଥାଆନ୍ତ । ନିରୁପମା କୁଣ୍ଠିତ ହୋଇ କହିଲା । ମୁଁ ଚଳଖିଆ ଖାଇ ବାହାରି ପଡ଼ିଲି ।

ସିନେମା ଦେଖାର ଉପଯୋଗୀ ନ ହେଲେହେଁ ଘରୁ ବାହାରିବାର ଓ ନିରୁପମା ଠାରେ କପଟ ଆଚରଣ କରିବାର ମୂଳ ଉଦ୍ଦେଶ୍ୟ ଏହା ନୁହେଁ । ଝିଲିକ ଉପରେ ମୋର ମୃଦୁ କରାଙ୍ଗୁଳି ଘାତ ଶୁଣିପାରି ଝାଙ୍କ୍ରା ଚାହାଁନ୍ତି ଆସିଲ

"ଏ ସମୟର ଥିବ ବୋଲି ଆପଣ କିପରି ଜାଣିଲେ ?"

ତୁମର ଅବହି, ପାନିଆ, ଶାଢ଼ୀ ବ୍ଲାଉଜ୍ ଓ ଗହିଣା ଗଚ୍ଛେ ଏକୁଆଟରେ ଦେଖିଥିଲି । ତେଣୁ ଅନୁମାନ ନିହାତ ମନ୍ଦ ନୁହେଁ । କଣ କହୁଛ ?

"ଆପଣ ଏ କାରଣରୁ ଜଣେ ଯଦି କୌଣସି ସିନେମା ଅଭ୍ୟର କମ୍ପା ସି. ଆଇ. ଡି. ଇନ୍‌ସପେକ୍ଟର ହୋଇଥାଆନ୍ତେ ତେବେ ବୁଦ୍ଧିମତ୍ତାର ପ୍ରକୃତ ସଦୁପଯୋଗ ହୋଇଥାଆନ୍ତା" ଜାହ୍ନବୀ ଟିପ୍ପଣୀ ଦେଲେ ।

ହେଉ ବୃଥା ପରା ହେବାର ହୋଇଥାଆନ୍ତା, କିନ୍ତୁ ବର୍ତ୍ତମାନ ଯାହା ହେବାର ହେଉ—ମାନେ ଗୁଲ...

କେଉଁଠିକି ?

ସିନେମା ଦେଖିବାକୁ ।

ସିନେମା ଦେଖିବାକୁ ମୁଁ ଜମା ଭଲ ପାଏନାହିଁ ବାବୁ ! ପରଦା ଉପରେ ପରଦାପଟେ ଯୁହିଁ ରହିଲେ ମୋ ଆଖି ପୋଡ଼େ । ସତରେ କଣ ମୋତେ ସିନେମା ଦେଖାଇ ନେବାପାଇଁ ଆପଣ ଆସିଛନ୍ତି ? ମୋର ବିଶ୍ୱାସ ହେଉନାହିଁ !

ନ ହେଲେ କେଉଁଥିପାଇଁ ଟିକେ ବୁଲି ଆସିବା...

ଗୁଲନ୍ତୁ···ମୋପାଇଁ ଟିକେ ଅପେକ୍ଷା କରିବାକୁ ପଡ଼ିବ, ଟିକେ ଶାଢ଼ୀଟା ବଦଳାଇ ପକାଏ । ସେପର୍ଯ୍ୟନ୍ତ ପଦାରେ ଠିଆ ନହୋଇ ଘର ଭିତରକୁ ବାହାର ଆସନ୍ତୁ । କଣ କହୁଛନ୍ତି ?

ତୁମ ବାପାଙ୍କ ସମ୍ମତି ଆଣିବା ଦାୟିତ୍ୱ କିନ୍ତୁ ମୋର ନୁହେଁ କହିଦେଲି ।

ହାଃ ହାଃ ହାଃ ! ହସି ଗଡ଼ିଗଲେ ଜାହ୍ନବୀ । ତାଙ୍କ ସାମନା-ସାମନି ନହେଲେ ଖଣ୍ଡେ ଦରଖାସ୍ତ ଲେଖି ପଠାଇ ଦିଅନ୍ତୁ ତାଙ୍କ ଡିପାର୍ଟମେଣ୍ଟକୁ । ସେତ ବର୍ତ୍ତମାନ ଛୁଟି ଉପରେ ଅଛନ୍ତି । ଦୁହେଁ ହୋ ହୋ ହୋଇ ଖୁବ୍ ଗୁଡ଼ାଏ ହସିଲୁ ।

ପ୍ରଶସ୍ତ ରାଜପଥ ଉପରେ ପାର୍ଶ୍ୱକୁ ଲଗି ଚାଲିଲେ ଜାହ୍ନବୀ । ମୋ ବକ୍ତବ୍ୟ କପର ଭାବରେ ଆରମ୍ଭ କରିବି ତାହାର କୌଣସି ସୂତ୍ର ଆବିଷ୍କାର କରିପାରୁ ନଥାଏ ମୁଁ । ଜାହ୍ନବୀ କିନ୍ତୁ ଅନର୍ଗଳ ଗପିବାରେ ଲାଗିଥାନ୍ତି ଏଣୁତେଣୁ କେତେ କ'ଅଣ । ଶେଷରେ ମୁଁ ପ୍ରଶ୍ନକଲି—"ତୁମର ସ୍ୱର୍ଗତ ମାଆଙ୍କୁ ଛାଡ଼ି ତୁମ ପରିବାରରେ କଣ ଆଉ କେହି ନଥିଲେ ଜାହ୍ନବୀ ?"

ଆଗେ କୁହନ୍ତୁ ତ, ଏଠି ପରିବାରର କଥା ଛଡ଼ା ଆଉ କଣ କିଛି ନାହିଁ ଗପ୍ପ କରିବାକୁ ଆପଣଙ୍କର ? ଜାହ୍ନବୀଙ୍କ କଣ୍ଠରେ 'ବିରକ୍ତିର ସୂଚନା ପ୍ରକାଶ ପାଉଥିଲା । ଆମ୍ଭମାନେ ସର୍ବେଜଟାଉନ ପାରହୋଇ ରଖାଇ ନଦୀକୂଳଆଡ଼କୁ ଅଗ୍ରସର ହେଉଥାଉଁ । ପାର୍କଷ୍ଟ୍ରୀଟର ଦୂରରେ ଗୋଟାଏ ଗଡ଼ାଣିରେ ଗଡ଼ିଗଲୁ ନଦୀକୂଳକୁ ।

ଭବିଷ୍ୟତରେ ଅର୍ଥାତ ବୃଦ୍ଧାବସ୍ଥାରେ ତୁମ ବାପା ଲକ୍ଷ୍ମୀବାବୁଙ୍କ ଭରଣପୋଷଣ କଥା ବାବୁଙ୍କ ମୋତେ ଟିକିଏ ଆଲୋଚନା କରୁଛି ।

ଆପଣ ଜାଣନ୍ତିନି ସବୁ ? ମୋର ଭାଇ ଏବେ ବଞ୍ଚିଥିଲେ ବି. ଏ. ପଢ଼ୁଥାନ୍ତେ ଚାକିରି ଖୋଜ କରିପାରନ୍ତେ । ମୋ ଅପେକ୍ଷା ଦଇଟି ବର୍ଷ

ବଢ଼ା । ଝାଲଫଏଣ୍ଟରେ ପଡ଼ି ଅକାଳବେଳାରେ ତାଙ୍କର ପ୍ରାଣଗଲା । ଦାରିଦ୍ର୍ୟ ଯୋଗୁଁ ଅମ୍ଭ ଦୁହଙ୍କର ଦାୟିତ୍ୱ ଦାଦାଙ୍କ ପରିବାର ଉପରେ ନ୍ୟସ୍ତକରି ବାପା ଦୁର୍ଭାଗ୍ୟ ବରଣ କରିଛନ୍ତି । ଅଗେ ସେ ଜଣେ ଟେପାଷ୍ଟ୍ରିଅନ୍ ଥିଲେ ଏଇ ବର୍ଷେ କି ଦେଢ଼ବର୍ଷେ ହେବ ଟାଟାକମ୍ପାନୀରେ ଭର୍ତ୍ତି ହୋଇଛନ୍ତି । ଭାଲୁବାଙ୍କ ଖୋଟେକ ଅସୁସ୍ଥ ହେବା ସଙ୍ଗେ ସଙ୍ଗେ ବ୍ୟଥିତ ହୋଇପଡ଼ିଲି । ମାତ୍ର ଲକ୍ଷ୍ୟକଲି କଣ୍ଠସ୍ୱର ଟିକେ କୋମଳ ହୋଇ ଆସିଥିଲେ ମଧ୍ୟ ଏ କଥାଗୁଡ଼ିକ ଯେପରି ନିହାତ ମାମୁଲି ହୋଇପଡ଼ନ୍ତି ଭାଲୁବଙ୍କ ପାଖରେ । ମୋ କଥା କିନ୍ତୁ ଅକୁହା ରହିଲା ।

ହେମନ୍ତର ଧୂସର ଗୋଧୂଳି ଅନେକବେଳୁଁ ଆକାଶରେ ବିଲୀନ ହୋଇ ଯାଇଥିଲା—ତା ପଛେ ନଇଁ ଆସିଥିଲା ଗୋଟିଏ କୁହେଳି ଝୋଲ୍ୟାସ୍ତୃତ । ନଦୀକୂଳରେ ସାମାନ୍ୟ ଶୀତାନୁଭବ ହେଉଥିଲେହେଁ ଆମେ ଯାଇ ବସିଲୁ ପାଣି କୂଳରେ ଏବଂ ଏହି ପାର୍ବତ୍ୟ ନଦୀଗର୍ଭରେ ଲମ୍ବମାନ ଏକ ବୃକ୍ଷଶାଖା ପାଖରେ । କୁହେଳିର ଆବରଣ ଭେଦକରି କ୍ରମେ ଚନ୍ଦ୍ରର ଶୀତଳ-କୌମୁଦୀ ଝରି ଝରି ଆସିଲା ଊର୍ଦ୍ଧ୍ୱ ଗଗନରୁ । ଆମେ ଲୋକାଳୟର କୋଳାହଳ ଠାରୁ ଅପେକ୍ଷାକୃତ ଏକାନ୍ତ ଓ ନିଭୃତ ସ୍ଥାନରେ ଦୁଇଟି ପ୍ରାଣୀ ବସିର ଏକ ଜଳୁ । ସମସ୍ତ ବେଦନାର ଗୌରବରେ ଘାରିହୋଇ ମୂକ ହୋଇପଡ଼ିଲୁ କ୍ଷଣକପାଇଁ । ହଠାତ୍ ଭାଲୁବ ଚନ୍ଦ୍ରପଟକୁ ଲକ୍ଷ୍ୟକରି କହିଲେ, "ପୂର୍ଣ୍ଣିମା ଆଉ କେଇଦିନ ନାହିଁ, ନୁହେଁ ? ଦେଖନ୍ତୁ ଚନ୍ଦ୍ରକୁ ।

କହିଲି—"ହିଁ, ଦୀପାବଳୀ ଅମାବାସ୍ୟା ଯିବାପରେ ଅନେକଦିନ ହୋଇଗଲାଣି ପ୍ରାୟ ।" ମୁଁ ଚନ୍ଦ୍ରପଟକୁ ଅନାଇ ଟିକେ ଅନ୍ୟମନସ୍କ ହୋଇପଡ଼ିଲି । ଭାଲୁ... ଆସି କେତେବେଳେ ମୋ କୋଳକୁ ... ଢଳିପଡ଼ିଲେଣି ମୋତେ ଜଣାନାହିଁ ।

"ଏଇ ଦୀପାବଳୀ ଦିନ କେତେ ଅପେକ୍ଷା କରିଥିଲି ଆପଣଙ୍କୁ ଆପଣ ଜାଣନ୍ତି ? ଦେଖାହିଁ ଦେଲେନାହିଁ । ଚନ୍ଦ୍ର ଆଡ଼କୁ ଅନାଇ କଣ ଏତେ ଭାବୁଛନ୍ତି ମହାଶୟ ?" ଜାହ୍ନବୀ ପ୍ରଶ୍ନ କଲେ ।

ଚମକିଲି ପରି କହିଲି—ଏଁ, ହଁ, ମୁଁ ଭାବୁଥିଲି, ଆକାଶରେ ସେଇ ଚନ୍ଦ୍ର ଓ ପୃଥିବୀରେ ଏଇ ଚନ୍ଦ୍ର ଦୁହିଙ୍କ ଭିତରେ ପ୍ରଭେଦ କେଉଁଠି ?

ମୋତେ ପଚାରୁଛନ୍ତି ନାହାନ୍ତି ? ଶୁଣନ୍ତୁ ମୁଁ କହୁଛି···

କହିଲି—ନା, ନା, ମୁଁ ନିଜେ ପ୍ରଭେଦ ଜାଣିପାରୁଛି । ତୁମଙ୍କୁ ଆଉ କହିବାକୁ ହେବନାହିଁ । ତଥାପି ମୋତେ କହିବାକୁ ନ ଦେଇ ଜାହ୍ନବୀ କହିଲେ—"ଆକାଶର ଚନ୍ଦ୍ର ବସ୍ତୁତ ଏକାକିନୀ; କିନ୍ତୁ ପୃଥିବୀ ଚନ୍ଦ୍ରର ପାର୍ଶ୍ୱମଣ୍ଡନ କରିଛନ୍ତି ଏକ ଦିଗ୍‌ଭ୍ରାନ୍ତ କବି । ଆକାଶ ଚନ୍ଦ୍ର ବିଦ୍ୟମାନ ଏକ ସୀମାହୀନ ଶୂନ୍ୟ ସାମ୍ରାଜ୍ୟରେ । ଝଡ଼ ଝଞ୍ଜା ତାଙ୍କର ପାଦସ୍ପର୍ଶ କରିପାରିବ ନାହିଁ । କିନ୍ତୁ ସେ ସ୍ଥାନରେ ପୃଥିବୀ ଚନ୍ଦ୍ର ବସିଛି ଏକ ନଦୀକୂଳରେ, ଯହିଁରେ ଆସିପାରେ ପ୍ରାବୃଟର ବନ୍ୟା, ପୁଣି ଆସିପାରେ ଗ୍ରୀଷ୍ମ ପ୍ରକୋପରେ ମରୁର ପିପାସା-କାତରତା ।" ମୁଁ ଜାହ୍ନବୀଙ୍କ ଆଡ଼େ ଅନାଇଲି ।

ସେ ହସି ହସି ମୋ କୋଳଆଡ଼କୁ ଢଳିପଡ଼ିଲେ । ମୁଁ ଶୀହରି ଉଠିଲି କ୍ଷଣକପାଇଁ; କିନ୍ତୁ ବାଧା ଦେଇପାରିଲି ନାହିଁ । ତାଙ୍କର ବାସ ପରିପାଟୀର ସଂଯମ ମଧ୍ୟ ଦୂର ହୋଇଥିଲା । ମୁଁ ଅର୍ଶାୟିତ ଅବସ୍ଥାରେହିଁ ରହିଗଲି ।

ଏହା ବ୍ୟତୀତ ଅନ୍ୟକିଛି ପ୍ରଭେଦ ପାଉଛନ୍ତି କି ? ଭାବନ୍ତୁ ଦେଖି···ଇଏ କଣ ? ଆପଣ କିଛି କହୁନାହାନ୍ତି ଯେ ? ଦେଖୁଛି, ଆପଣ କିଛି କହିବେ କହିବେ ହୋଇ ଅଟକି ଯାଉଛନ୍ତି । ଛି···ଛି, ଏପରି ମୌନବ୍ରତ ଅବଲମ୍ବନ କଲେ ଚଳିବ ? ମୁଁ ଯାହା କହିଗଲି

ତାହା ଉପରେ ଏକ ବ୍ୟାପକ ସମାଲୋଚନା···ହଁ, ହଁ, ଆଉ ଗୋଟାଏ ପ୍ରଭେଦ ମୁଁ ଲକ୍ଷ୍ୟକଲି । ଆକାଶ ଇନ୍ଦୁ ପକ୍ଷେ ମ୍ଳାନ ଓ ଅପର ପକ୍ଷରେ ଦୀପ୍ତିମାନ ହେବ । କିନ୍ତୁ ଆପଣଙ୍କର ଏହି ହତଭାଗିନୀ ପୃଥିବୀ-ଇନ୍ଦୁ ଥରେ ମ୍ଳାନ ହେଲେ ସେହି ତାର ଶେଷ ।

ଜାହ୍ନବୀ, ତୁମେ ବଡ଼ ବେଶୀ କହିଗଲଣି; ଏବେ ମୋର ପାଳି । ଅଚ୍ଛା, ତୁମକୁ ଶୀତ ଲାଗୁନାହିଁ ? ତୁମ ଦେହରେ···

ଶୀତ ଲାଗୁଛି ଟିକେ ଟିକେ ଅବଶ୍ୟ । ହଠାତ୍ ଶ୍ଳଥବାସ ବକ୍ଷ ଅଞ୍ଚଳକୁ ଛୁଇଁଦେଇ ଜାହ୍ନବୀ ଟିକେ ସଙ୍କୁଚିତ ହୋଇପଡ଼ିଲା ପରି ଜଣାଗଲା । ତା'ପରେ ସେ ଲଜ୍ଜା ବିନମ୍ର ସ୍ନିଗ୍ଧ ସ୍ମିତହାସ ହସି କହିଲେ—ଆପଣଙ୍କୁ ଶୀତ ଲାଗୁଛିତ ଭୁବନ୍ତୁ ମୁଁ ମୋର ପଣତ······ ହସି ହସି ଜାହ୍ନବୀ ମୋ କୋଳ ଅଞ୍ଚଳକୁ ତାଙ୍କର ଉତ୍ତରୀୟଟି ଝୁଲାଇ ଦେଇ ଆଉକି ବସିଲା ପରି ବସିଲେ ।

ଟିକେ ଗମ୍ଭୀର ହେବାକୁ ଯାଇ କହିଲି—ଜାହ୍ନବୀ, ତୁମକୁ ଗୋଟାଏ କଥା କହିବାପାଇଁ ଅଛି ମୋର । ତୁମେ ଠିକ୍ଏ ପ୍ରକୃତକୁ ବୁଝିଲ ନାହିଁ ?

ଭୁବନୁନା, ମୁଁ ଭଣି ମନା କରୁଛି···କିଛି ଗୋଟାଏ କହିବାକୁ ଯେ ଆପଣ ହୁଏତ ଗତରାତ ଅନିଦ୍ରା ରହି ଅଛ ଏଠାକୁ ତାଙ୍କ ଅଣିଛନ୍ତି ଆପଣଙ୍କ ହାବଭାବରୁ ମୁଁ ବୁଝୁଛି ଅବଶ୍ୟ । କଣ ସେ କଥାଟି ପ୍ରକାଶ ବାବୁ ?

ତୁମେ କପରି ଜାଣିଲ ଜାହ୍ନବୀ ?

କୌଣସି ଏକ ଅନିର୍ଦ୍ଦିଷ୍ଟ ଆଶଙ୍କାରେ ଏବେ ତାହାଙ୍କ ଦେଖାହିଁ ମିଳୁନା, ସେ ଲୋକ ଆଜି ହୁଏତ ଜଣେ ଅବିବାହିତା ତରୁଣୀ ସହିତ [illegible] ପ୍ରବୃତ୍ତ ହୋଇ [illegible] ବାହାରିଛନ୍ତି ଏହା ମନରେ [illegible] କରି ନା କହି [illegible] ଛିଳି ସମ୍ପର୍କ [illegible] ।

ଅଛୁ, ମୋ ପାଇଁ ତୁମର ଏତେ ଅନୁରାଗ କାହିଁକି ଜାହ୍ନବୀ ? କହିପାରିବ, ଦିନକୁ ଦିନ ତୁମର ଏଇ ସ୍ନେହ ବନ୍ଧନ ଏପରି ଅଚ୍ଛେଦ୍ୟ ହୋଇ ମତେ ବାନ୍ଧି ରଖୁଛି କାହିଁକି ?

କିପରି ବାନ୍ଧି ରଖିଲି ? ଆପଣତ ବଡ଼ ଅଷ୍ଟଧା ଲୋକ । ଏପରି ନିଷ୍ଠୁର ପ୍ରକୃତିର ହୋଇପାରନ୍ତି ଆପଣ, ମୋର ଧାରଣା ନଥିଲା । ଆଗେ ସେଇ ସେହିବାଟେ ଯାଉଥିଲେ । ଏବେତ ଗତପଥ ସମ୍ପୂର୍ଣ୍ଣ ଓଲଟେଇ ଦେଇଛନ୍ତି । ଜାହ୍ନବୀଙ୍କ କଣ୍ଠରେ ଆର୍ଦ୍ରଭାବ ସଜଳସ୍ପର୍ଶ ମୁଁ ବେଶ୍ ବାରିପାରିଲି ।

ସାହସର ସହିତ କହିଲି—"ଜାହ୍ନବୀ !"

କଣ ? କହୁଥାଆନ୍ତୁ ମୁଁ ସବୁ ଶୁଣିପାରୁଛି । ବନ୍ଧନ ଉପରେ ପ୍ରହାର ଚଳାଉଛନ୍ତି ନା କଣ ? କହିଲି—ମୁଁ ଯାହା କହିବି, ଆମ ଦୁହିଁଙ୍କର ମଙ୍ଗଳ ପାଇଁହିଁ କହିବି ।

ଏକାଠି ମିଶାଇଦିଅନ୍ତୁ ନାହିଁ । ଦୁହିଁଙ୍କ ମଙ୍ଗଳ ଏକାଠି କରିଦେଲେ ହିସାବରେ ଗୋଳମାଳ ହୋଇଯିବ ବାବୁ···" ଯେତେ ପରିହାସ କଲେ ମଧ୍ୟ ଜାହ୍ନବୀଙ୍କ କଣ୍ଠ ଆର୍ଦ୍ରରୁ ଆର୍ଦ୍ରତର ହେବାର ମୁଁ ସ୍ପଷ୍ଟ ଜାଣିପାରିଲି । ମୁଁ କିଛି ଗାମ୍ଭୀର୍ଯ୍ୟ ଦେଖାଇକରି କହିଲି—

ତୁମେ ବୋଧହୁଏ ଜାଣନା ମୁଁ ବିବାହିତ ଜାହ୍ନବୀ !!!

ଓଃ, ବିବାହିତ·····

ହଁ ଜାହ୍ନବୀ, ମୋତେ ଏହା ପ୍ରକାଶ କରିବାକୁ ତୁମେ ସୁଯୋଗହିଁ ଦେଇନାହିଁ ।

ହିଁ···ଆପଣ ବିବାହିତ । ଆପଣ ତାହାହେଲେ ବିବାହିତ ନା ? ଆପଣଙ୍କ କଥାଟାକୁ ସବୁଦା କାନଦେଇ ଶୁଣେନାହିଁ । ସେ ବି ଥରେ ବୋଧହୁଏ ଏମିତି ଇଙ୍ଗିତ କରୁଥିଲେ ଆଉ ମୁଁ ମଧ୍ୟ ତାହିଁକି ଅନୁମାନ କରୁଥିଲି ଆଜି ଖସିବେଳେ । ଏବେ ଦେଖିଲେ, ମୁଁ କହୁଥିଲି ନା···

ଏହି କଥାଟି ଉଦ୍‌ଗାର କରିବା ପାଇଁ ହୁଏତ ଗତରାତିରେ ଆପଣଙ୍କ ନୈଶ୍ୟଯାତ୍ରା ପ୍ରତି ଚିତ୍ତ ବିରକ୍ତ ଆସିଥିଲୁ ! ଆଜିର ଏ ସାନ୍ଧ୍ୟଭ୍ରମଣଟି ତାହାହେଲେ ନିତାନ୍ତ ନିଷ୍ଫଳ ହୋଇନାହିଁ । ଆପଣଙ୍କର ଏହି ସତ ପରିତାପ ପାଇଁ ଆଜିର ସନ୍ଧ୍ୟାକୁହେଳିମୟ ପାର୍ବତ୍ୟ ତଟିନୀର ଏହି ବାଲୁକା ଶଯ୍ୟାପରେ ହେମନ୍ତ ରଜନୀର ଏହି ନୃତ୍ୟଶୀଳ ଓ ରଜନୀ ସଙ୍ଗୀତ ସାକ୍ଷ୍ୟ ରଖି ମୁଁ ଏକ ଦୀର୍ଘ ଧନ୍ୟବାଦ ଅର୍ପଣ କରୁଅଛି ଆପଣଙ୍କୁ ।

କି ଅଦ୍ଭୁତ ପ୍ରକୃତିର ନାରୀ ଏହି କାଞ୍ଚନ ! ମୋ ଜାନୁ ଉପରେ ଦ୍ୱିଧାହୀନ ଭାବରେ ମୁହଁ ମାଡ଼ିଦେଇ ପଚାରିଲେ—ଅଚ୍ଛା ନାରୀ କ ତାର ହୃଦୟର ପ୍ରତିଦାନ ମାଗେ ପୁରୁଷ ଠାରୁ ? କିଏ ଦେଇପାରେ ତାର ପ୍ରତିଦାନ ? ପ୍ରେମ ପଥ ଏହି ଅବାଧ ବନ୍ଧନ, ସାମାଜିକ ନୀତି ପ୍ରବାହର ଅନ୍ତ, ଏତେ ଆଗ ପଛ କରି ଚାଲିଥାଆନ୍ତା, ତାହାହେଲେ ତାର ଅସ୍ତିତ୍ୱ ନଥାନ୍ତା । ମୋ ପାଖରେ ଏ ସବୁର କିଛି ମୂଲ୍ୟ ନାହିଁ ଅନ୍ତତଃ । ଏ କ୍ଷେତ୍ରରେ ଆପଣ କି ଉପଦେଶ ଦେବା ସ୍ୱୀକାର କରନ୍ତୁ ତ !

ତୁମର ଏଥି ଉପରେ କୌଣସି ଉପଦେଶର ପ୍ରୟୋଜନ ହୁଏ ନାହିଁ । ମୁଁ ଖାଲି ଚାହୁଁଥିଲି ତୁମର ପ୍ରେମ, ତୁମର ଏକାନ୍ତ ଆତ୍ମୀୟ ଭିତରେ ମୁଁ ଆହୁ କେଉଁଠାରେ ଯେପରି ହଜିଯାଇଛି । ତୁ ହୃଦୟର ସ୍ପନ୍ଦନ ଭିତରେ ଦେଖୁଛି ମୁଁ ଯେପରି ନାହିଁ ସେଠାରେ ମୁଁ କେଉଁଠାରେ ରହିବି ?

ସେପରେ ନିଜକୁ ଜଣେ ହରାଇଲେ ? ତାହାହେଲେ ଦାୟୀ ଆପଣ । ଏଥିରୁ ତୁମକୁ କିଛି ଲାଭ କରୁ ହୋଇପାରେ ଆପଣଙ୍କର ହୋଇଥିବ ! ମୁଁ କଣ ଧରିପାରେ ! ମୁଁ ଜଣେ ଦୁଃଖିନୀ ଅବଳା ପୁରୁଷ ଠାରୁ...

କିଛି କହିବାର ଯୁକ୍ତି ନଥିଲା । ନୀରବ ରହିଲି । ଜାହ୍ନବୀ ମଧ୍ୟ ନୀରବ ରହିଲେ । କିଛିକ୍ଷଣ ପରେ ମୋତେହିଁ ନୀରବତା ଭଙ୍ଗ କରିବାକୁ ପଡ଼ିଲା ।

ରାତି ହେଲା, ଏବେ ଉଠ ଜାହ୍ନବୀ……

ଉଠୁଛି, ମୋତେ ଧରି ଧରି ନେବେ କିନ୍ତୁ । ଏଇ ନଈ ଅନ୍ଧାରରେ ମୁଁ ଉଠିପାରିବି ନାହିଁ ବାବା—

ଜାହ୍ନବୀ ଉଠିଲେ । ହେମନ୍ତ ରଜନୀର ସେହି ମ୍ଳାନ ଚନ୍ଦ୍ରାଲୋକରେ ତାଙ୍କର ସଜଳ ଗଣ୍ଡ ଚକ୍ ଚକ୍ କରି ଉଠିଲା । ତାଙ୍କ ମୁହଁଟି ତୋଳା ଥିଲା । ସେ ମୋ ଆଡ଼କୁ ଅନାଇ ହସିଲେ । କି ପ୍ରଶାନ୍ତ ସେ ହସ ! କହିଲେ—ମୁହଁ ଉପରେ ଖୋଜିଲେ ପାଇବେ କୁଆଡ଼ୁ ? ମାରିବେତ ଏଥର ହୃଦୟକୁ କାନପାତି ଶୁଣନ୍ତୁ । ହୁଏତ ଏଇଠାରେ ମିଳି ଯାଇଥିବେ । ଜାହ୍ନବୀ ତାଙ୍କର ବକ୍ଷଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କରି ମୋ ପାଖକୁ ଲାଗିଆସିଲେ । ଆପଣ ଏହି ଶୁଭକର୍ମଟିକୁ ସାରିଦେଇ ଭଲ କରିଛନ୍ତି ପ୍ରକାଶ ବାବୁ, ନହେଲେ ମୋପରି ଏକ ହତଭାଗିନୀର କଠିନ କବଳରେ ହୁଏତ ଆପଣଙ୍କର ଅନାଗ୍ରହୀ ଦେହଟା ମଧ୍ୟ ବନ୍ଦୀ ହୋଇ ପଡ଼ିଥାଆନ୍ତା ନା ? କଥା ଭିତରେ ଏକ ଅଶ୍ରୁତପୂର୍ବ କରୁଣ ଛନ୍ଦର ଅନୁପ୍ରକାଶ ।

କିନ୍ତୁ ଉତ୍ତର ଦେବାକୁ ଭାଷା ନଥିଲା ମୋର । ଅନୁଭବ କଲି ମୋ ଜାନୁ ଉପରେ ଲୁଗା ଜାହ୍ନବୀଙ୍କ ଲୁହରେ ଭିଜିଯାଇଛି ।

ନଦୀତଟ ଅତଡ଼ା ଉପରକୁ ଉଠିଲାବେଳକୁ ଜାହ୍ନବୀ ଉଠିପାରିଲେ ନାହିଁ । ମୁଁ ପ୍ରଥମେ ହାତଧରି ଟାଣିଲି । କିନ୍ତୁ ତଥାପି ସେ ଉଠିବାକୁ ଅକ୍ଷମ । ତାଙ୍କର ଏତେବେଳେ ମଧ୍ୟ ଅଭ୍ରାନ୍ତ ଛଳନାମୟ ପରିହାସରେ ମୋତେ ହସିବାକୁ ପଡ଼ିଲା । ଅଗତ୍ୟା ଧୈର୍ଯ୍ୟଶାଳିନୀ ଜାହ୍ନବୀଙ୍କୁ ଅନ୍ତରର ଅକୃତ୍ରିମ ଧନ୍ୟବାଦ ନଦେଇ ରହିପାରିଲି ନାହିଁ । କହିଲେ—

ବନ୍ଧନରୁ ମୁକ୍ତ ହେଲେଣି ଭାବି, କଣ ମୋତେ ଏଠାରେ ଛାଡ଼ିଦେଇ ପଳାୟନ କରିବାର ମତଲବ୍ ନା କଣ ? ଧରନ୍ତୁ ଟିକେ—ଅରେ···

ମୁଁ ଭାଉଜଙ୍କୁ ବୁକୁ ପର୍ଯ୍ୟନ୍ତ ଉଠାଇ ଧରି ଉପରକୁ ଆଣିଲି ।

ଧନ୍ୟବାଦ, ଆପଣଙ୍କ ସପରିବାର ମଙ୍ଗଳ କାମନା କରୁଛି । ହେଲେହେଲେ ତାଙ୍କ କଥା ମଧ୍ୟ କିଛି ଜାଣିଥାନ୍ତି । ମାତ୍ର ଏବେ ଅନେକ ଡେରି ହେଲଣି ! ମୋତେ ଫେରିଯାଇ କିଛୁ ସେଟେପଉବାସ କରିବାକୁ ପଡ଼ିବ ।

ଭାଉଜଙ୍କ ଘର ପାଖରେ ପହଞ୍ଚିଲାବେଳକୁ ମାତ୍ର ସାଢ଼େ ଆଠଟା । ଭାଉଜ ଗୁଁ ତିଆରି କରି ବସିଲେ । ଗୁଁ ଖାଇ ଫେରିଲାବେଳକୁ କହୁଁଲେ ଏ ବାଡ଼ଟା କଣ ଚିରଦିନ ଲାଗି ବନ୍ଦ ହୋଇଗଲା ଆପଣଙ୍କର ? ଆଖିରେ ତାଙ୍କର ଅଶ୍ରୁର ପାଣିବାର ଥଳ ଥଳ କରୁଛି ଯେପରି··· ମୁଁ ଲୁଗା କାନିରେ ତାଙ୍କର ଅଶ୍ରୁ ପୋଛି ଦେଉଁ ଦେଉଁ ସେ ଢଳି ଅସିଲେ ମୋ ବକ୍ଷକୁ । ସ୍ନେହରେ ଏବେ ବକ୍ଷ ଆଡ଼କୁ ଟାଣିନେଲି । ମୋର କର୍କଶ ବକ୍ଷ ଉପରେ ତାଙ୍କର ମୁଣ୍ଡଟି ସଙ୍କୋଚରେ ଚାପିଧରି କହିଲି—ସତ୍ତ୍ୱର କି ଦୋଷ ଭାଉଜ ? ଗୁଲିଲ ବାଲରଙ୍କ ଦୋଷ । ଏତେ କଳୁଷିତ ମନରେହିଁ ତୁମ ସହିତ ଦେଖା କରିବାକୁ ଅଥୟ ହୋଇ ପଡ଼ିଥିଲି । ତୁମେ ଆଜ ତାହା ସବୁ ପ୍ରେମବାରିରେ ଧୋଇଦେଇ ସୁଖପୁଞ୍ଜ କରି ଅପହରଣ କରି ନେଇଛ । ଏ ଦେହଟା ଭିତରେ ଆଉ କଣ ଅଛି ଭୂଇ—କେବଳ ରକ୍ତର ଜଳୁଆ ଭିତରେ ଏକ ଅବୁଝା ଶିଶୁର ମୂଲ୍ୟହୀନ କ୍ରନ୍ଦନ ଛଡ଼ା ? ତୁମପରି ପ୍ରେମମୟୀର ନିର୍ମଳ କୁଟୀର ଠିକ ଖୋଲିଛି ଦେଉଁ ସତ୍ତା ପାଖରେ ତାହା କି କେବେ ରୁଦ୍ଧ ହୋଇପାରେ ମୋ ପାଇଁ·····? ଯାଉଛି ।

ଅସରନ୍ତି ଅଶ୍ରୁ ପ୍ରବାହକୁ ସମ୍ବରଣ କରି କରି ମୁଁ ଭାଉଜଙ୍କଠାରୁ ବିଦାୟ ନେଲି ।

—ଃଃଃ—

## ତେର

ଜାହ୍ନବୀଙ୍କ "ରୂପଭଙ୍ଗୀ ଓ ସାଧାରଣ ଭାବରେ ତାଙ୍କ ମନର ଅବସ୍ଥା ମୁଁ ବେଶ୍ ବୁଝିପାରୁଛି । ଆଖି ଦୁଇଟିର ଭ୍ରୂଲତା ମଝିରେ ନାସିକାର କୁଞ୍ଚିତ ସ୍ଥୂଳତା ଓ ଟାଣୁଆଣି, ମୁଖାକୃତି ମଧ୍ୟରେ ମୋ ପାଇଁ ପ୍ରଥମ ଯାଦୁକରୀ ପରି ବୋଧହେଲା । ଏଥିଲାଗି ତାଙ୍କର ମୁହଁଟିର ସୌନ୍ଦର୍ଯ୍ୟ ଯେପରି ଶତଗୁଣରେ ବଢ଼ିଯାଇଛି । ଓଠ ଦୁଇଟି ପାତଳା ଓ ହସଟି ମଧ୍ୟ ଚିତ୍ତାକର୍ଷକ । ଗଣ୍ଡ ଓ ଅଧର ସମନ୍ୱୟରେ ହାସ୍ୟଚ୍ଛଟାର ଯେଉଁ ଗୋଟିଏ ସୌନ୍ଦର୍ଯ୍ୟ ପରିଲକ୍ଷିତ ହୁଏ ନୟନର ପଲକ ଭଙ୍ଗୀରେ ତାର ଆତ୍ମପ୍ରକାଶ ସବୁକୁ ଭରିନିଏ ଅତି ଅପସାର । ମୁଁ ଭାବେ ଜାହ୍ନବୀଙ୍କ ହସଟି ଏହିପରି ମନୋଜ୍ଞ । ତାଙ୍କର ଗୌରବର୍ଣ୍ଣ ଅଙ୍ଗର ଉଜ୍ଜ୍ୱଳତା ଓ ମସୃଣତା ଭିତରେ ମଧ୍ୟ ବୈଶିଷ୍ଟ୍ୟ ଅଛି । ଏସବୁ ଉପରେ ତାଙ୍କର କଥା କହିବାର ଚଳଣି ଓ ମନୋଭାବର ଅପୂର୍ବ ଅଭିବ୍ୟକ୍ତିକୁ ପ୍ରଶଂସା ନକରି ରହି ପାରୁନାହିଁ ।

ଯାହା ଦେଖିଲି ସଂସାର ପ୍ରତି, ବିଶେଷତଃ ଆମ ଶ୍ରେଣୀଗତ ସମାଜ ଉପରେ ବହୁ ବେଶୀ ବିଦ୍ୱେଷ ଜନ୍ମିପାରିଛି ଜାହ୍ନବୀଙ୍କର । ପ୍ରତି କାର୍ଯ୍ୟକଳାପରେ ଏପରିକି ଦୈନନ୍ଦିନ ନିତ୍ୟକର୍ମ ଭିତରେ ମଧ୍ୟ ତାଙ୍କର ଜଟିଳ ଓ ନିରାନନ୍ଦ ଭାବ ଫୁଟି ଉଠିଛି । ବେଶପରିପାଟି ମଧ୍ୟ

ପରିବହନ୍ତ । ଏହି କେତେଥର ମିଳାମିଶାରେ ମୁଁ ଅନୁଭବ କଲି, ଜାହ୍ନବୀ ମୋତେ ସଦାସର୍ବଦା ପାଖରେ ଚାହାନ୍ତି । ତୁମର ସେ ତଥାକଥିତ ସମାଜର ରୀତିନୀତି, ଅଗ୍ରୁର ବ୍ୟବହାର କିମ୍ବା ଲୋକାପବାଦ କୌଣସିଟିର ମୂଲ୍ୟ ନାହିଁ ତାଙ୍କ ପାଖରେ । ତାଙ୍କ ଜୀବନ ଉପରୁ ଯେପରି ମାୟା ମମତା କମି ଯାଇଛି । ସେ କୌଣସି ପ୍ରବାହରେ ସେ ନିଜକୁ ଭସାଇ ଦେବାକୁ ଚାହାନ୍ତି ।

ବୁଝିଲି ଏ ଅବସ୍ଥା ଚିରସ୍ଥାୟୀ ନୁହେଁ । ତାଙ୍କର ବିପୁଳ ଯୌବନ ଓ ବୟସବୃଦ୍ଧି ଲକ୍ଷକରି ଅପଣା ମନହିଁ ଏଥିପ୍ରତି ଅଭିମାନିନୀ ହୋଇ ଉଠିଛି । ଅଭିମାନ — ତାଙ୍କର ବୟସ ହେଲା କାହିଁକି ? ଯୌବନ କାହିଁକି ଆସିଲା ? ଯଦିଓ ଆସିଲା, ଏହାର ଭାର ବହନ କରିବାକୁ ସେ କେତେଦୂର ଅସମର୍ଥ ଓ ଏଥିରେ ସାର୍ଥକତା ଆଣିବା ପାଇଁ ସେ କେତେଦୂର ନିଷ୍କ୍ରି ? ଏହିପରି ପ୍ରାୟ ହୋଇଥାଏ । ଠିକେ ବୟସ ହେଲା ପର୍ଯ୍ୟନ୍ତ ଯୁବକ ଓ ଯୁବତୀ ଯଦି ଅବସ୍ଥା କ୍ଷେତ୍ରରେ ଅବିବାହିତ ରହନ୍ତିଲେ ତେବେ ସେମାନେ କପରି ଗୋଟାଏ ନିରୁତ୍ସାହୀ ହୋଇ ପଡ଼ନ୍ତି । ଅବଶ୍ୟ ଯେଉଁମାନେ ପଦସ୍ଖଳନ କରନ୍ତି ସେମାନଙ୍କ କଥା ସ୍ୱତନ୍ତ୍ର ।

ମୁଁ କିନ୍ତୁ ଜାହ୍ନବୀଙ୍କ ମନର ଏ ଅବସ୍ଥା ପାଇଁ ନିଜକୁ ସହାନୁଭୂତିଶୀଳ କରିପାରିଲି ନାହିଁ । ସହାନୁଭୂତି ଦେଖାଇଁ ଦେଖାଇଁ ଯଦି ଦେହାନୁଭୂତ ପଣରେ ପରିଣତ ହେଲା । ଏବେ ଦରଦ ଦେଖାଇବା କଥା ଥାଉ; ଯେତିକି ଟଙ୍କା ଗଲା ସେତିକି ଫଳ ପାଇଲି । ମୁଁ ଏକରକମ ସ୍ଥିର କରିନେଲି, ସେବାଟେ ଆଉ ଯିବାଆସିବା କରିବି ନାହିଁ । ଜାହ୍ନବୀଙ୍କ ଆଗରେ ଯାହା କରିବ ବାକିରେ ରହିଯାଇ ଥିଲି ତାହାର ସମାପ୍ତି ସେହିଠାରେହିଁ ହେଲା । ସେବାଟେ ଆଉ ଯିବା ଆସିବା କଲିନାହିଁ । ଯୋଗ ମଧ୍ୟ ଏପରି ଘଟିଲା, ମୋତେ ଛୁଟି ନେଇ

ଗ୍ରାମକୁ ଯିବାକୁ ପଡ଼ିଲା, ଠିକ୍ ଏହି ସମୟରେ । କାଳସ୍ରୋତରେ ଯେଉଁ ଦୁଇଖଣ୍ଡି କୁଟାପରି ଆମେ ଭାସି ଭାସି ପାଖକୁପାଖ ଲାଗି ଆସିଥିଲୁ ହୁଏତ ଜଳଘୂର୍ଣ୍ଣିର ଆବର୍ତ୍ତନ, ପ୍ରମାଦବର୍ତ୍ତନ କିମ୍ବା ବିବର୍ତ୍ତନ ଭିତରେ ପଡ଼ି ଯାହାହେଉ ଜାହ୍ନବୀ ଓ ମୁଁ ବେଶ୍ ଦୂରେଇ ଗଲୁଁ ।

—§§§—

## ଚଉଦ

କବି ଯଥାର୍ଥ କହୁଛନ୍ତି—"ଅତି ଅଦ୍ଭୁତ ଅଟେ ମନର ଗତି ।" କବି ଓ ମନୀଷୀମାନଙ୍କର ମୂଲ୍ୟବାନ କଥା ପଦେ ପଦେ ପଢ଼ିଲେ ବା ଶୁଣିଲେ ଏ କାନରେ ପଶି ସେ କାନରେ ବାହାରିଯାଏ, ଶୁଣି ଶୁଣି ଦେହସୁହା ମଧ୍ୟ ହୋଇଯାଏ । କିନ୍ତୁ ଜୀବନର ଯାତ୍ରାପଥରେ ମଣିଷ ଯେତେବେଳେ ନିଜେ ଅନୁଭବ କରେ, ସେତେବେଳେ ଯାଇ ସେହି କଥାଗୁଡ଼ିକର ତାତ୍ପର୍ଯ୍ୟ ବୁଝିପାରେ । ସେତେବେଳେ ସେ ବୁଝେ ଯେ କେତେ ଅନୁଭବ ଓ ଅଭିଜ୍ଞତା ଭିତରେ ଉଦ୍‌ବେଳିତ ପ୍ରାଣବାରିଧିର ସେଗୁଡ଼ିକ ଉତ୍ତର ଖଣ୍ଡ ଖଣ୍ଡ ମଣି ସଦୃଶ ଅଟନ୍ତି ।

ଦେଢ଼ମାସ ଛୁଟିରେ ରହି ଗ୍ରାମରୁ ଫେରି ଅଫିସ ଗଲାବେଳକୁ ଭାବୁଥିଲି କେଜାଣି ସେହି ଘଟଣା ଗଲା ପୁଣି ମନରୁ ମୋର ଅପସରି ଗଲା । ଭାଲୁବାଇ କିନ୍ତୁ ନାହାନ୍ତି—ଅଉ ନାହାନ୍ତି ତାଙ୍କର ବାପା ବଙ୍କିମ ବାବୁ । ଘରରେ ଶିକୁଳି ବନ୍ଦ । ମୁଁ ପୂର୍ବପରି ନିତ୍ୟପ୍ରତି ସେହି ବାଟେଦେଇ ଯିବାଆସିବା କଲି; ମାତ୍ର କେବେହେଲେ ତାଙ୍କ କଥା ଭାବିଲି ନାହିଁ । ଦିନ କେତୋଟିର ସଂସର୍ଗରେ ଯେଉଁ ଅଦ୍ଭୁତ ଟିକିଏ ଭାଲୁବାଇଙ୍କ ପ୍ରତି ଜାତ ହୋଇଥିଲା, ସେହି ଟିକିଏ ପାଇଁ ଭିତର ଅଲୁଅ ବେଦନାର କରୁଣ ସ୍ପନ୍ଦନ ଅନୁଭବ କଲି କେତେଦିନ ପାଇଁ—ସେହି ବାଟରେ

ଗଲାବେଳେ, ବିଶେଷତଃ ସେହି ଝରଣା ଧାରେ ହେଲାବେଳକୁ । ତାପରେ ନିଶ୍ଚିତ ରୂପେ ଜାଣିଲି ଜାହ୍ନବୀ ଆଉ ଏଠାରେ ରହୁ ନାହାନ୍ତି । ହୁଏତ ବଙ୍କିମ ବସା ବଦଳି କରି ଚାଲିଗଲେଣି ।

ସେମାନଙ୍କର ଖବର ଜାଣିବାକୁ ମନ ବଳୁନାହିଁ । କି ଲାଭ ? ଜାହ୍ନବୀ ଯଦି ଏଠି କେଉଁଠି ଥିବେ ମୋତେ ବଡ଼ ସ୍ୱାର୍ଥପର ବା ଅଭଦ୍ର ଭାବୁଥିବେ । ଭାବିଲେ ଭାବନ୍ତୁ । କାହାକୁ ଏ ବିଷୟ ପଚାରିବା ପାଇଁ ମଧ୍ୟ ଇଚ୍ଛା କଲିନାହିଁ । ଅନେକ ଦିନ ଗତ ହୋଇଗଲା । ଭୁଲିବାକୁ ଇଚ୍ଛା କଲେ ସୁଦ୍ଧା ଭୁଲି ପାରିଲି ନାହିଁ ଜାହ୍ନବୀଙ୍କ ମୁହଁଟି—ଯେଉଁଠାରେ ସମାବେଶ ଅତୁଳନୀୟ ପ୍ରକୃତିର ସୃଷ୍ଟି ଓ ସୌନ୍ଦର୍ଯ୍ୟର ଶାରଦ ବେଳା ସ୍ନିଗ୍ଧ-କାନ୍ତ-କୋମଳତା ପରସ୍ପରକୁ ଜଡ଼ିତ ଓ ଫଳାପଟରେ ଗଢ଼ି ଦେଇଥିଲେ ଶିଳ୍ପଚର୍ଯ୍ୟା ଓ ତନ୍ତୁର ବର୍ଣ୍ଣବୈଭବର ଅଭାବନୀୟ ରମଣୀୟତା । ନାସିକାର ସୁନାଚଣ୍ଡିଆର ପାଲିସ ଉପରେ ପ୍ରତିଫଳିତ ତାଙ୍କ ନୟନର ତୀକ୍ଷ୍ଣ ଦୃଷ୍ଟି, ଅଦ୍ଭୁତ ସ୍ପନ୍ଦନର ଧାରିକୁ ମୋର ଚିନ୍ତାଧାରାର ପଟେଳ ପଟେଇ । ସତେ ବସି ବସି ମୋ ସ୍ତ୍ରୀ ସହିତ ଜାହ୍ନବୀଙ୍କୁ ତୁଳନା କରୁଥିଲି । ରୂପ, ଗୁଣ ଓ ଶିକ୍ଷା ଏ ତିନୋଟି କଥାରେ ଜାହ୍ନବୀ ନିରୁପମା ଠାରୁ ବେଶି ଉପରେ । କିନ୍ତୁ ଜାହ୍ନବୀ ପରସ୍ତ୍ରୀ······

ଯୌବନର ପ୍ରଭାତ ବେଳବେଳକୁ ନିରୁପମା ମୋ ଘରେ ପାଦ ଦେଇ ମୋ ଜୀବନ ସହିତ ଜଡ଼ିତ ହୋଇଥିଲା । ଯୌବନର ଉନ୍ମତ୍ତତାରେ ସେ କେବେ ପାର ହୋଇନାହିଁ । ଜାହ୍ନବୀ କିନ୍ତୁ ଯୌବନର ଉତ୍କ୍ଷିପ୍ତ କୂଳରେ ଦୋଳି ଦୋଳି ସାହିତ୍ୟିକା ଜୀବନକୁ ଗୁଡ଼ି ଶାନ କରୁଛନ୍ତି । ତେଣୁ ସେ ହୁଏତ ନିଜ ଜୀବନ ଓ ନିଜ ଲକ୍ଷ୍ୟ ବଦଳରେ ଅନେକ ବଞ୍ଚିତ ବା ବନ୍ଧୁ ତେଣୁ । ସେ ଶିକ୍ଷିତା ଓ ଧୂର୍ତ୍ତା ମଧ୍ୟ; ତେଣୁ ତାଙ୍କ ମନର ଚିନ୍ତାଧାର ବଦଳେଇବାକୁ

ଚରିତ୍ର । ତାଙ୍କ ମନରେ ହୁଏତ କେତେ ଯୁବକଙ୍କ ଆକୃତି ଓ ପ୍ରକୃତି ଛାୟାପାତ କରୁଛି । ସେମାନଙ୍କ ସାହଚର୍ଯ୍ୟରେ ତାଙ୍କ ଚିନ୍ତାଧାର ଜଟିଳତା ଓ ଚପଳତା ଅଧିକରୁ ଅଧିକ ହୋଇ ଯାଇଥାଇ ପାରେ ।

କିନ୍ତୁ ନିରୁପମା ସାମାନ୍ୟ ପାଠ ପଢ଼ିଥିଲେ ମଧ୍ୟ ତା'ମନରେ ଏତାଦୃଶୀ କିଛି ସ୍ଥାନ ପାଇବାର ଅବକାଶ ମିଳିନାହିଁ । ମନଟି ତାର ନିତାନ୍ତ ସରଳ । ଥରେ ଥରେ ସେ କହେ, ସେ ମୋପାଇଁ ଅଯୋଗ୍ୟ । ମୋର କାର୍ଯ୍ୟକ୍ରମ, ମୋର ପ୍ରୟୋଜନ, ମୋର ଚିନ୍ତାଧାରା ଏବଂ ରୁଚି ସହିତ ସେ ଓତପ୍ରୋତ ଭାବରେ ସର୍ବଦା ନିଜକୁ ଜଡ଼ିତ କରି ମୋତେ ଖୁସି ଦେଉଛି ।

ଜାମାରେ ବୋତାମ ଲଗାଇଦେବା, ଜୋତାରେ ପାଲିସ୍ ଲଗାଇ ଦେବା, ପାଉଣ୍ଟେନ୍‌ପେନ୍‌ରେ ସାହି ଭରିଦେବା ଇତ୍ୟାଦି ଏତେ ଟିକି ଟିକି କାମ ମଧ୍ୟ ସେ ମୋତେ କରିବା ଦେଉନାହିଁ । ଘରେ ଗୃହକର୍ତ୍ରୀ ଥିବା ଦୃଷ୍ଟିରୁ ମୋ ହାତରେ କେବେ ପାଣି ମଧ୍ୟ ଅଣାଇ ଦିଏ ନାହିଁ । ସ୍ତ୍ରୀ ଭାବରେ ଏସବୁ ତାର କରଣୀୟ ବୋଲି ଯଦି କିଏ ଭାବେ ଭାବୁ । ମାତ୍ର ସେ ଯେ ମୋତେ ପ୍ରାଣଭରି ଭଲପାଏ ଏସବୁ କଣ ତାର ନିଦର୍ଶନ ବୋଲି କହିଲେ ଭଲପାଇବାର ଯଥାର୍ଥ ଅର୍ଥ ପ୍ରକାଶ ପାଇବ ବୋଲି ବୁଝାଯିବ ନାହିଁ ?

କେବେ କେଉଁ କ୍ଷେତ୍ରେ ଯଦି କଳହ ଲାଗିଲେ ସେ ପ୍ରଥମେ ନୁଏଁ । ଅଳି ଅଝଟ ମୁହୂର୍ତ୍ତ ମଧ୍ୟ କରେନାଏ । ମୋତେହିଁ କେନ୍ଦ୍ର କରି ତାର ଇଚ୍ଛା, ତାର ରୁଚି ଓ କାର୍ଯ୍ୟକ୍ରମ ଘେରିରହି ଘୂରି ବୁଲୁଥାନ୍ତି । ନିରୁପମା ପାଖରେ ମୋର ଲଜ୍ଜିବାର କିଛିନାହିଁ । ଅଥଚ ସ୍ୱାମୀ ଭାବରେ ସ୍ତ୍ରୀଠାରୁ ଆଶା କରିବା ଉଚିତରେ ଆଉ ଅଧିକ କିଛିନାହିଁ ।

ପୂର୍ବାବସ୍ଥାରେ ମୁଁ ଭାବୁଥିଲି ଏଣେ ଓଡ଼ିକ ନିରୁପମାକୁ କହୁ-ଥିଲି । ତାଙ୍କ ସହିତ ବେଶ, ତାଙ୍କ ଚାଲିରୁ ଶିଖିବା, ତାଙ୍କ ରୁଚିବୋଧ

ମୋ ପ୍ରତି ତାଙ୍କର ଆଦର ସମ୍ମାନ । କୌଣସି ଭାବାନ୍ତର [illegible]ନାହିଁ, ନିରୁପମାର ମୁଁ ଜାହ୍ନବୀ ରୂପର ତା' ଆଗରେ ପ୍ରଶଂସା କରେ ମଧ୍ୟ । ପରିଶେଷରେ ସେ କହିଲ—"ତାଙ୍କୁ ଦିନେ ଆସିବାକୁ କହିଲନାହିଁ ଆମ ଘରକୁ ?"

ଜାହ୍ନବୀ କହିବା କଥାଟା ମଧ୍ୟ ମୁଁ ବାଦ୍ ଦେଇନାହିଁ କହିବାକୁ ନିରୁପମା ଆଗରେ । ସେଥିପାଇଁ ସେ ମୋତେ ବିଶ୍ୱାସ କରେ ପ୍ରତି କଥାରେ ।

ଆମ ଦୁହିଁଙ୍କର ନିଭୃତରେ ଯାହା ଆଳାପ ହୁଏ, ତା' ଭିତରେ ମୋ ଅଫିସ କଥା, ମୋ ଗ୍ରାମ କଥା, ମୋ ସାଙ୍ଗମାନଙ୍କ କଥା, କୌଣସିଟି ବାଦ୍ ଯାଏନାହିଁ । ଏହିସବୁ ଭିତରେ ତା' ଆଗରେ ଜାହ୍ନବୀଙ୍କ କଥାର ମଧ୍ୟ ଅବତାରଣା ହୋଇଛି । ଏସବୁ କଥାରେ ତାର ଆଗ୍ରହ ଅଧିକ ସଞ୍ଜୀବିତ । ଟିକେହେଲେ ଭ୍ରାନ୍ତିର [illegible] ନିଏ । ସେ ମଧ୍ୟ ତା' ବାପଘର କଥା, ତା' ଗାଁ କଥା, ତାର ବାଲ୍ୟଜୀବନର ଟିକିନିଖି ସ୍ମୃତି, ସବୁ ବଡ ଯତ୍ନ ଓ ବିସ୍ତୀର୍ଣ୍ଣ ଭାବରେ ବର୍ଣ୍ଣନା କରିଥାଏ ।

ମୋତେ ଲାଗେ ସଂସାରର କୌଣସି କଥା ଆଉ ତେଣିକି [illegible] କରିବାକୁ ନାହିଁ । ରାଜନୀତି ରୁଚି, ଇତିହାସ ରୁଚି, [illegible], ଅର୍ଥନୀତି, ପ୍ରେମ, ଜନ୍ମ, ମୃତ୍ୟୁ ଇତ୍ୟାଦି ସବୁକଥା ଆମର ଆଲୋଚନା ହୁଏ । ଏସବୁ କଥାରେ କାଣ ତା' [illegible] [illegible] ଦିଏ । କାରଣ ଶିକ୍ଷା ଦୀକ୍ଷାର [illegible] ନିରୁପମାର [illegible] [illegible] । [illegible] [illegible] ମୋତେ କୌଣସି କଥା ବୁଝାଇଲେ ତା' ବୁଦ୍ଧିଦୀପ୍ତ [illegible] [illegible] ସହଜରେ [illegible] [illegible] [illegible] । ଏହାରୁ [illegible] [illegible] ଦାମ୍ପତ୍ୟ ଜୀବନ ବେଶ୍ [illegible] [illegible] । ମୁଁ [illegible] [illegible] [illegible] [illegible] [illegible] [illegible] ସ୍ତ୍ରୀ । ବାସ୍ତବରେ କହିବାକୁ

ଗଲେ ନିରୁପମାକୁ ପାଇ ମୁଁ ଅତ୍ୟନ୍ତ ସୁଖୀ ଓ ପରିତୃପ୍ତ ।

ତଥାପି ଭୋଗତୃଷ୍ଣା ମଣିଷ ମନରେ ଜାଗେ କାହିଁକି ? ମୁଁ କିନ୍ତୁ ବୁଝିହେଲା, ଏତେ ପରିତୃପ୍ତି ଭିତରେ ଅନ୍ୟ ଜଣକ ପ୍ରତି ଆସକ୍ତି କେବଳ ମୋର ହେଲା ନା ଏହା ମନୁଷ୍ୟର ପ୍ରକୃତି !

ଗୋଟାଏ ନିହାତି ଅପ୍ରାସଙ୍ଗିକ ପ୍ରଶ୍ନ ମୁଁ ପଚାରି ବସିଲି ନିରୁପମାକୁ । ପଚାରିଲି—ତୁମେ ଯେ ଏତେ ଝିଙ୍କାଝିଙ୍କି କାମଗୁଡ଼ିକ କରିଦେଉଛ, ତୁମେ ଯଦି ଆଜି ମରିଯାଅ, ତେବେ ବୁଝିପାରୁଛ ଏହି ସବୁ କାମ ଭିତରେ ମୁଁ ତୁମକୁ କିପରି ଖୋଜିବି ଆଉ ଝୁରିବି ?

ନିରୁପମା କହିଲା—ମୁଁ ମରିଗଲା ସାଙ୍ଗେ ସାଙ୍ଗେ ତୁମେ କଣ ମୋତେ ଭୁଲିଯିବା ପାଇଁ ଚାହୁଁଛ ?

କହିଲି—ତା'ତ ନୁହେଁ । ମାତ୍ର ବୁଝୁନା, ଏସବୁ କାମ ମୋର ହାତରଡ଼ା ହୋଇ ପଡ଼ୁଛି ଯେ ?" କଣ କହିବି ଭାବି ନ ପାରି ମୁଁ ଏତିକି କହିଲି ଖାଲି । ନିରୁପମା ତାର ଅନ୍ତର ଯେ କେତେ ଦୂର କରିପାରିଛି ମୋ ହୃଦୟ ଭିତରେ, କଳନା କରିପାରିଲି ନାହିଁ ।

କହିଲା—"ସତେ, ତୁମେ କଣ ଭାବି ବସିଲଣି, ମାତ୍ର ମୁଁ ଚାହେଁ, ତୁମ ଆଗରେ ମୁଁ ଆଖି ବୁଜିଲେ ଭଲ ହୁଅନ୍ତା…"

କହିଲି—କିପରି ?

ନିରୁପମା କହିଲା—ମୁଁ ତ ଜାଣିଛି ତୁମକୁ ଛାଡ଼ି ମୁଁ ଦଣ୍ଡେ-ହେଲେ ରହିପାରିବି ନାହିଁ । ମୋର ହାର୍ଟଫେଲ୍ ହୋଇଯିବ । ହସିଲି । ସମସ୍ତେ ବୋଧହୁଏ ଏହିପରି ଭାବନ୍ତି । ମାତ୍ର କାହାରି ହାର୍ଟ-ଫେଲ୍ ହୁଏନାହିଁ । ଥଟ୍ଟା କରି କହିଲି—ହାର୍ଟଫେଲ୍ ନ ହେଲେ ବୋଧହୁଏ ଜୀବନ ହସିଦେବ…

କହିଲା—ସେ'ତ କହିହେଉନାହିଁ । ସେତେବେଳେ କଣ କରିବି ଏବେ କିପରି କହିବି ? କିନ୍ତୁ ମୋର ବିଶ୍ୱାସ ହେଉଛି ମୁଁ ନିଶ୍ଚେ

ତୁମ ବିଷୟରେ କିଛି ଦୁଃସମ୍ବାଦ ଶୁଣିଲେ, ଆଉ କିଛିନାହିଁ ଖାଲି ଥର ଥର ହୋଇ ପଡ଼ିଯିବ···ବେଶ୍, ସେତିକିରେ ସବୁ ଶେଷ····· ମୁଁ ହୋ ହୋ ହୋଇ ହସି ଉଠିଲି । କିନ୍ତୁ ଦେଖିଲି ନିରୁପମାର ଆଖି ଛଳ ଛଳ ହୋଇ ଉଠିଛି । ତାକୁ ମୁଁ କୋଳକୁ ଆଉଜାଇ ନେଲି ।

ସେ କହିଲା—ଅଚ୍ଛା କହିଲ ଗ୍ରେରସ୍ତ ଭୂତଙ୍ଗା ପାଖରୁ ଛଡ଼ାଇଛ ହୋଇ କିପରି ରହନ୍ତି ? ମୁଁ ତ ତାହାଙ୍କ ଜମା ସେକଥା ଭାବି-ପାରୁନାହିଁ ।

କାହିଁକି ? ମୁଁ ଥରେ ଛୁଟିରେ ତୁମକୁ ଗାଆଁକୁ ନେଇ ଛାଡ଼ି ଆସିବି । ତୁମେ କଣ ରହିବ ନାହିଁ ବାପା ବୋଉଙ୍କ ପାଖରେ ?

ସେମିତ ଅସୁବିଧା କିଛି ପଡ଼ିଲେ ରହିବି । ମାତ୍ର ମନ ମୋର ଜମା ସମ୍ଭାଳି ହେବନାହିଁ । ତୁମେ କିପରି ଖାଇବ, କିପରି ଅଇଁଠା ବାସନ ଧୋଇବ, ଗାଧୋଇ ସାରିବା ପରେ ତୁମର ପାଳିଆ ଲୁଗା ନିଏତ ଭୁଲିଯାଇ ପକାଇ ଦେଇଥିବ, ଅଫିସରୁ ଫେରି ଦେଖିବ ତାହା କେହି ଶୁଖାଇ ନାହାନ୍ତି । ସେହିପରି ଓଦା ହୋଇ ପଡ଼ିଛି । ସେ ସବୁ କଥା ଛାଡ଼, ତୁମେ ହାତରେ ଷ୍ଟୋଭ ଅଟେ କରିବ କିପରି ? କହିବ, ହୋଟେଲରେ ଖାଇବି; କିନ୍ତୁ ହୋଟେଲରେ ଖାଇଲେ ତୁମ ଦେହ ଜମା ଭଲ ରହିବ ନାହିଁ······

ମନେ ମନେ ହସିଲି । ଏଇଥିପାଇଁ ଯେ, ନିରୁପମା ମୋତେ ଏକ ଛୋଟ ଶିଶୁ ବୋଲିହିଁ ମନେକରେ । ଆଉ ସେହିପରି ଭାବ ତା'ର ଅସହାୟତା ଛଳରେ ସେ ତାର ବିରାଟ କର୍ତ୍ତବ୍ୟ ବିସ୍ତାର କରି ଚାଲିଛି । କିନ୍ତୁ ତାର ସରଳ ପ୍ରାଣର ଚିନ୍ତାଧାରାର ଏହି ଅଭିବ୍ୟକ୍ତିରୁ ଯେଉଁ ନିର୍ମଳ ଆନନ୍ଦଟିକିକ ପାଏ ତାହା ଯେ କୌଣସି ସ୍ୱାମୀ ପକ୍ଷରେ ପରମ ବିସ୍ମୟ ଯେ ନହେବ ମୁଁ କାହିଁକି ତାହା ବିଶ୍ୱାସ କରିପାରୁ-

ନାହିଁ, ମୁଁ କହୁଛି—ନିରୁ । ତୁମେ କଣ ଭାବୁଛ, ମୁଁ ଟିକି ପିଲଟିଏ, ଏ ସବୁ କରିପାରିବି ନାହିଁ ?"

କରିପାରିବ ନାହିଁ କାହିଁକି ? ତେବେ ମୁଁ ଆଖିଁ ଆଖିଁ ତୁମେ ଏସବୁ କରିବ କାହିଁକି ? ଆଉ ମୁଁ ସେଠାରେ ବସି ବସି ମଜା ମାରୁଥିବି କାହିଁକିଟା ?

ଏହି 'କାହିଁକିଟା' କହିଲାବେଳେ ନିରୁପମା ଏପରି ଭାବରେ ମୁହଁଟା ମୋଡ଼ିଦେଲା ଯେ, ତା' ମୁଣ୍ଡଟି ଧରିପକାଇ ପ୍ରେମାବେଶରେ ଟାଣିନେବା ପାଇଁ ଲୋଭ ହେଲା । ହସିଲି ମଧ୍ୟ ।

ଏଁ ହସୁଛ ? କହିଲା—ଖାଲି ଚିଡ଼ସାହ ବଢ଼ିଗଲେ···

କଣ ? ପଚାରିଲି ମୁଁ ।

ଏଇ ଯଉ, ଖାଟ ଧନାକୁ ଆସିଛ, ଟିକେ ହାଲକା ଲାଗୁଛି । ଗୋଡ଼ ହାତ ମୋଡ଼ିଦେବା, କମ୍ପା ମୁଣ୍ଡ ଟିକେ ଚାପିଦେବା······

ତା ପରେ ?

ତା ପରେ ମୋ ମୁଣ୍ଡ···

ନା ନା, ତା ପରେ କଣ କୁହନା, ଅଟକିଗଲ କାହିଁକି ?

କିଲାଣ୍ଟ, ମୁଁ ତୁମ ପାଖରେ ଏତେ ଫଟେଇ ହୋଇପାରିବି ନାହିଁ ।

ଆଚ୍ଛା, ତୁମେତ କହୁଛ ଗାଁରେ ତୁମକୁ ଛାଡ଼ି ଆସିଲେ ରହିପାରିବନାହିଁ······

ହୁଁ ତ···

ତେବେ ବାପ ଘରକୁ ଯାଇ କେଉଁ ରହିପାରୁଛ ?

ହୁଁ ଖୁବ୍ ତ ଜାଣ ଆଉ···ବାପ ଘରକୁ ଯାଏ, ତା ବୋଲି ସେଠାରେ ରହିବା ପାଇଁ କଣ ମନ ଥାଏ ? ବର୍ଷେ ଦୁଇବର୍ଷ ପରେ ବାପାଙ୍କୁ ଥରେ ବାପ ଘରକୁ ଯିବାପାଇଁ କାହାର ମନ ନହେବ ? ନବୁ ତାଙ୍କ, ଆସିବା ପାଇଁ ମୁଁ କେତେ କଷ୍ଟ ଉତ୍କଣ୍ଠ ହୁଏ ?

କାହିଁକି ? ତୁମେ ଜଣା କୁହ 'ମୋତେ ଛାଡ଼ିଦେଇ ଅଛ' ବୋଲି ?

ଠିକ୍ ସେମିତି କହୁନାହିଁ । ତେବେ କହେ···ସେ ଦିନଠୁଁ ଆସିଲିଣି···ଖାଲି ମୋ ଖୁଣ୍ଟ ଆଗରେ କହେ ମ···ମୋତେ ବାର ବାର କରି ଶୀଘ୍ର ଫେରି ଆସିବାକୁ କହୁଥିଲେ, ମାନେ ତୁମେ କହୁଥିଲ ବୋଲି···ଏମିତି ଶୁଣେଇ ଶୁଣେଇ କହେ—ଖାଲି ଖୁଣ୍ଟ ଆଗରେ !|

ତଥାପି ତୁମକୁ ନ ପଠାଇଲେ ?

ମୁଁ ତୁଛାକୁ ଚୁପ୍ ସେ । ଦିନେ ରାତିରେ ଖାଏନାହିଁ । କଥା କଥାକେ ରାଗେ । ଫଳରେ ଖୁଣ୍ଟ ବୁଝିପାରି ବୋଉକୁ କହେ··· ଏମିତି ।

ସେମାନେ କିଛି ଭାବନ୍ତି ନାହିଁ ?

ହିଁ, କହନ୍ତି ସବୁ, ଆଗ ନିରୁପମା ଅଛି ନାହିଁ । ଥଟ୍ଟା ମାଇଁପେ କହନ୍ତି—"ଘଇତାକୁ ଛାଡ଼ି ଦଣ୍ଡେ ରହିପାରୁନାହିଁ ଲୋ ମା !"

ଏ କଥାରେ ଲଜ୍ଜା ମାଡ଼ୁନାହିଁ ତୁମକୁ···

ଲାଜ ନମାଡ଼େ ବୋଲି ନୁହେଁ । କିନ୍ତୁ ତୁମେ ବିଶ୍ୱାସ ସିନା କରିବନାହିଁ ମୁଁ କିନ୍ତୁ ଦୁଇଦିନରୁ ଚାରିଦିନ ରହିଲେ, ମନଟା କାହିଁକି ଭଲ ଲାଗେନାହିଁ । ଖାଲି ତୁମକୁ ଦେଖିବାକୁ···ସ୍ୱାମୀ ସୋହାଗିନୀ ନିରୁପମାର ଏ ସରଳ କଥା ଭିତରେ ମଧୁର ଆବେଗ ଭିତରକୁ ମୁଁ ଟାଣି ହୋଇଗଲି । ମୁଁ ତାକୁ ଆଲିଙ୍ଗନ କଲି ।

ଦେଖ, ଉପରେ ଗପସପ କରୁଥିଲେ, ଏଣିକି ଚାଲିଲ ପାଖଲମି । ଛାଡ଼ ତ···ନହେଲେ ମଞ୍ଜୁକୁ ଉଠାଇ ଦେବ ।

ମଞ୍ଜୁକୁ ଉଠାଇଦେଲେ ସେ କାନ୍ଦିବ; ତାକୁ ସମ୍ଭାଳିବ କିଏ ! ତୁମେ ତ···

ଯାଅ, ତୁମେ ଟିକେ ଶୋଇଲ, ତକିଆ ଉପରେ ମୋତେ ରଖି, ଚାହିଁବ···

ମୋ ଗୋଡ଼ କିଛି ହେଉନାହିଁ ।

ରଖନା, କିଛି ନହେଲେ ବି ରଖ ।

ଅଚ୍ଛା, ଗୋଡ଼ ଲଦେଇ ବରଂ ଅଙ୍ଗୁଠିଗୁଡ଼ାକ ଟିକେ ଫୁଟାଇ ଦିଅ ଦେଖି...

ନିରୁପମା ଅଙ୍ଗୁଠି ଫୁଟାଇ ଦେଲା । ପାପୁଲି ମଧ୍ୟ ଚାପିଦେଲା । ମୁଁ କିନ୍ତୁ କିଛି ପ୍ରତିବାଦ କରୁ ନଥାଏ । ତା ପରେ ସେ ହାତ ମଧ୍ୟ ମୋଡ଼ି ଦେବା ପାଇଁ ଦେହକୁ ମୋର ଲାଗି ଆସିଲା । ମୁଁ ତାକୁ କୌଣସିମତେ ଟାଣି ଓଠାର ପାଖରେ ଶୁଆଇ ଦେଲି । ପ୍ରତିରୋଧ କଲାନାହିଁ । ନିରୁପମା ମୋ ମୁହଁ ପାଖରେ ମୁହଁ ରଖି ଓ ମୋ ଛାତି ଉପରେ ତା' ଭୁଜଲତାଟି ଲମ୍ବାଇ ଦେଇ ଶୋଇଲା ।

ନୀରବତା ଭିତରେ ତାର ଆତ୍ମସମର୍ପଣ । ଆଖି ମୁଦାହୋଇ ଓଠରେ ଗଭୀର ତୃପ୍ତିର ହସ ଓ ମୋ ସୋହାଗର ସମର୍ଥନ ଭିତରେ କପର ନଗୋଟାଏ ଅନିର୍ବଚନୀୟ ମାଧୁରୀମା ଯେପରି ମଣ୍ଡିତ ହୋଇଥିଲା ନିରୁପମାର ମୁଖମଣ୍ଡଳରେ । ଆଦରରେ ଡାକିଲି—ନିରୁ !

'ହଁ'

"ଶୋଇଲ ନା କଣ ?"

ନାଃ ।

ତୁମ ଦେହରେ ହାତ ଦେଲାକ୍ଷଣି ଏପରି ହେଉଥିଲ, ଏବେ କିନ୍ତୁ ନିଜକୁ ଶୋଇପଡ଼ିଲ କାହିଁକି ? ଏଁ ତୁମ...

ତୁମର ଏପରି ଅହେତୁ ପାଇଁ ବଳ କଣ ? ଆଖି ଦୁଇଟି ସେହିପରି ମୁଦିରଖି ନିରୁପମା କହିଲା । ଓଠରେ କ୍ଷୀଣ ହସ ଲାଗିରହିଥିଲା ତାର !

ତା' ହେଲେ ଶୁଅ—ଅଭିମାନର ଛଳନା କରି କହିଲି ।

ପରେ·····ବାହୁ ବନ୍ଧନରେ ମୋତେ ଅବଦ୍ଧ କରି ଅନୁପମା ମୋ ସ୍କନ୍ଧରେ ମୁହଁ ମାଡ଼ିଦେଲା । କହିଲା—"ମୋପାଇଁ ଟିକେ ଚାମ କରିଦେବ ?"

କହିଲି—'କ୍ଲୁବ'

ଦରଜା ବନ୍ଦ କରିଦେଲ ଅନେକ୍ତ ନାହିଁ ? ଶୁନାଠି···

ଆଜ୍ଞା —

ନାଃ, ବଡ଼ ଗରମ ଲାଗୁଛି ।

ମୁଁ ବତି ଲିଭାଇବା ପାଇଁ ଉଠିଗଲି ।

—୫୫୫—

# ପନ୍ଦର

ରବିବାର । ସମୟ ଗୁବଣ୍ଠା । କିଛି କିଣିବା ଅଭିପ୍ରାୟରେ ମୁଁ ଯାଉଥିଲି ସାକ୍ଚୀ ମାର୍କେଟ । ମୋ ବସା ନିକଟରୁ ସିଧା ସଳଖ ଷ୍ଟ୍ରେଟ୍ ମାଇଲ ରୋଡ଼ ସାକ୍ଚୀ ପର୍ଯ୍ୟନ୍ତ ଚାଲିଯାଇଛି । ସାକ୍ଚୀରେ ପହଞ୍ଚିବା ପୂର୍ବରୁ ମୁଁ ଦକ୍ଷିଣପାର୍ଶ୍ୱର ଶାଖା ରାସ୍ତା ଫାର୍ଡ୍ୟାରମିଲ ରୋଡ଼କୁ ଭାଙ୍ଗିଗଲି ଜଣେ ସହକର୍ମୀ ଅନୁତ ଦେଖା କରିବ ବୋଲି । ଷ୍ଟ୍ରେଟ୍ ମାଇଲ ରୋଡ଼କୁ ଦ୍ୱିଖଣ୍ଡିତ କରି ଡୁମ୍ପାଇପ୍ ରୋଡ଼ ଯାଇଛି କଦେଗ୍ରା ପର୍ଯ୍ୟନ୍ତ । ଦୁଇଟି ରାସ୍ତାର ସଂଯୋଗସ୍ଥଳର ଛକଟି ମୁଁ ଟପିଁ ରାସ୍ତାକୁ ଗଡ଼ିଗଲି ତାହାର କିଛିଦୂର ପଛରେ ।

ଛକ ପରେ ଷ୍ଟ୍ରେଟ୍ ମାଇଲ୍ ରୋଡ଼ ଉପରେ ଗୋଟିଏ ପୋଲ । ପୁଲ ପାଖରେ ଲମ୍ବା ନେକିଂ ଦମ୍ପମାଳକ୍ଷ । ତଳେ ମଇଳା ପାଣିର ମସ୍ତବଡ଼ ଡ୍ରେନ୍ । ପୋଲ ନିକଟରେ କେତେକ ପାନଦୋକାନୀ ଓ ଚଣାଚୁର ଦୋକାନୀ ନିଜ ନିଜର ସ୍ଥାନ ନିରୂପଣ କରିନେଇ ଛୋଟ ଛୋଟ ବ୍ୟବସାୟ ଖୋଲି ଦେଇଛନ୍ତି । ଅପରପାର୍ଶ୍ୱରେ ସୁସଜ୍ଜିତ ପାର୍ଶୀ ହଷ୍ଟେଲ୍ ସଦସ୍ୟମାନଙ୍କର ଅମୋଦ ପ୍ରମୋଦର ମୁଖରିତ ହୋଇଉଠିଛି ।

ସହକର୍ମୀ ବନ୍ଧୁ ଅନୁତ ଦେଖାକର ଫେରିବା ପରେ ଏହି ଛକ ପାଖରୁ ଦୃଷ୍ଟି ଫେରାଇ ଦେଖିଲି ପଟେପଡ଼ ଲୋକଟିଏ । ସାମାନ୍ୟ

ଦୂରତା ଯୋଗୁଁ ଯତିକୁ ସଙ୍ଗେ ସଙ୍ଗେ ଚିହ୍ନିବାରେ ଟିକିଏ ନିରୀକ୍ଷଣ କରିବାକୁ ପଡ଼ିଲା । ହଁ ସେ ନିଶ୍ଚୟ ଯତି । ଭାବିଲି ଡାକଟାଏ ମାରିବି, ମାତ୍ର ଡାକିପାରିଲି ନାହିଁ । କାରଣ, ଯତି ମଜ୍ଜି ଥିଲା କୌଣସି ଏକ ସ୍ତ୍ରୀଲୋକ ସହିତ କଥାବାର୍ତ୍ତାରେ ।

ମୁଁ ଆଉଟିକେ ପାଖକୁ ଗଲି; ମାତ୍ର ଏପରି ସ୍ଥାନକୁ ଗଲି, ଯେଉଁ ସ୍ଥାନଟିକୁ ଯତି ମୋତେ ସହଜରେ ଦେଖି ପାରିବ ନାହିଁ । ଯାହା ଦେଖିଲି ସେଥିରେ ବିସ୍ମୟ ହେବାର କିଛି ନାହିଁ । କାରଣ ଯତିର ଚରିତ୍ର ମୋତେ ଭଲ ଭାବରେ ଜଣାଥିଲା । ଯତି ସେ ସ୍ତ୍ରୀଲୋକଟି ସହିତ ବେଶ୍ ପ୍ରେମାଲାପରେ ମଜ୍ଜିଗଲା । ଏ ସହରରେ ଏପରି ଏକ ଶ୍ରେଣୀର ଲୋକ ଅଛନ୍ତି, ଯେଉଁମାନଙ୍କର ସ୍ତ୍ରୀବଦଳରେହିଁ ପ୍ରେମାଳାପ ଆରମ୍ଭ ହୋଇଯାଏ । ଯତି ନିହାତ ନିମ୍ନସ୍ତରକୁ ଖସିଯାଇଛି ।

ନନ୍ଦପାଇପ ରୋଡ଼ର ବେନିପାର୍ଶ୍ୱରେ ଛାୟାପ୍ରଦ ବଡ଼ ବଡ଼ ବୃକ୍ଷ-ମାନ ରୋପଣ କରାଯାଇଛି ଅଳ୍ପ ଅଳ୍ପ ବ୍ୟବଧାନରେ । କଟେଜ୍ ନିକଟରେ ଏହି ରାସ୍ତାର ଏକ ଶାଖା ସୁନାରୀ ବସ୍ତିଆଡ଼କୁ ଚାଲିଯାଇଛି । ଏହି ରାସ୍ତାର କିଛି ଦୂରକୁ ଚାଲିଲେ ଗୋଟିଏ ବୃକ୍ଷ ମୂଳରେ ମୁଁ ଯତିର ଗତିବିଧି ଲକ୍ଷ୍ୟ କରିବାକୁ ଲାଗିଲି । ରାସ୍ତାଟି ଜନଗହଳି ନ ହେଲେ ମଧ୍ୟ ଏକାବେଳକେ ଜନଶୂନ୍ୟ ନୁହେଁ ।

ଇଚ୍ଛା କରିଥିଲେ ଅନ୍ୟସ୍ଥାନରୁ ମଧ୍ୟ ମୁଁ ଏମାନଙ୍କର ଗତିବିଧି ଲକ୍ଷ କରିପାରିଥାନ୍ତି । ମାତ୍ର ମୋର କାହିଁକି ଏପରି ଅନୁମାନ ହେଲା ଯେ, ସେମାନେ ସେମାନଙ୍କର ଏଇ ଫୁସୁଗଲ୍ପ ଟିକେ ବେଶୀକ୍ଷଣ ସ୍ଥାୟୀ କରିବା ପାଇଁ ଏଇବାଟ ଦେଇ ଯାଇପାରନ୍ତି । କାରଣ, କଟେଜ୍ ନିକଟରେ ଛୋଟ ଧରଣର ଲେକ୍‌ଟିଏ ଅଛି । ଅବସର ବିନୋଦନ ପାଇଁ ବାବୁଭାୟାମାନେ ଏଇଠିକି ବୁଲି ଆସନ୍ତି । ଏ ଧରଣର ଯୁଗଳ-ବିଳାସୀମାନଙ୍କର ଏ ସ୍ଥାନଟା ପ୍ରାୟ ସବୁସମୟର ବିହାର ସ୍ଥଳ ।

ମୁଁ ପ୍ରାୟ ଦଶ ପନର ମିନିଟ ପର୍ଯ୍ୟନ୍ତ ଅପେକ୍ଷା କଲି । ସ୍ତ୍ରୀଲୋକଟି ସେ ନିତାନ୍ତ ନୀଚସ୍ତରର ଏଥିରେ ସନ୍ଦେହର ଅବକାଶ ରହିଲା ନାହିଁ । ସେ ବଜାରର ବୋଝବାଲି ହୋଇପାରେ କିମ୍ବା କାରଖାନାର ଶ୍ରମିକା (ରେଜା) ହୋଇପାରେ । କାରଣ, ଏ ଧରଣର ରମଣୀକୁଳ ଏ ସ୍ଥାନରେ ସହଜରେ ଯତିବାବୁଙ୍କୁ ଧରିଦେବା କିଛି ଆଶ୍ଚର୍ଯ୍ୟର କଥା ନୁହେଁ ।

ତାହାର କେଉଁ ସୌନ୍ଦର୍ଯ୍ୟ ଯେ ଯତିବାବୁଙ୍କ ଆଖିରେ ଏଭଳି ଭେଲିକି ଲଗାଇଛି, ତାହାହିଁ ଜାଣିବା ପାଇଁ ମୋର କୌତୂହଳ ହେଲା । ମୋର ଅନୁମାନ ସାର୍ଥକ କରି ସେମାନେ କିଛିକ୍ଷଣ ପରେ ଚାଲିବାକୁ ଆରମ୍ଭ କଲେ । ସେ ନିକଟବର୍ତ୍ତୀ ହେଲାବେଳକୁ ମୁଁ ଦୋକାନରେ ପଇସା ଦେବା ବାହାନା କରି ବସିପଡ଼ିଲି । କହିବାକୁ ଭୁଲି ଯାଇଥିଲି, ଯତି ସାଙ୍ଗରେ ସାଇକେଲ ଆଣିଥିଲା ।

ସେମାନେ କଥାବାର୍ତ୍ତା କରି କରି ଚାଲିଗଲେ । କଥାବାର୍ତ୍ତା ଚାଲିବେଳେ ଯତି ଓ ତାର ମୁଖଭଙ୍ଗୀରୁ ଜଣା ପଡୁଥିଲା ସେମାନେ କିଛି ଅଶ୍ଳୀଳପରିହାସ କରି କଥା ହେଉଛନ୍ତି । ମୋତେ ପାରହୋଇ ଗଲାବେଳେ ସେମାନଙ୍କର କଥାବାର୍ତ୍ତା ମଧ୍ୟ ମୋର କାନରେ ପଡ଼ିଲା । ଯତି ଏପରି ତନ୍ମୟ ହୋଇ ପଡ଼ିଥିଲା ଯେ, କେହି ଯେ ତାର ଗତିବିଧି ଲକ୍ଷ କରୁଥିବ ତାହା ମୋଟେ ତାର କଳ୍ପନାରେ ନଥିଲା । ଏହା ତାର ଚରିତ୍ରର ମଧ୍ୟ ବୈଶିଷ୍ଟ୍ୟ । କାରଣ ଏପରି ଚାଲିବେଳେ ଲୋକଦୃଷ୍ଟି, ଲଜ୍ଜା, ଆତ୍ମସମ୍ମାନବୋଧ ସେ ହରାଇ ବସିଥାଏ ।

ଦୂରରେ ସେମାନେ କଥାବାର୍ତ୍ତା ହେଉଥିଲେ । ସ୍ତ୍ରୀଲୋକଟି ଛତିଶଗଡ଼ ଅଞ୍ଚଳର । ତାର ହିନ୍ଦୀ କଥାର ସାରମର୍ମ ଏହି ଯେ ତୁମେ ଗଲାମାସରେ ଯାହା ଦେବାପାଇଁ କହିଥିଲ ଏ ପର୍ଯ୍ୟନ୍ତ ତ ପୂରା କଲ-ନାହିଁ ; ପୁଣି କେଉଁ ମୁହଁରେ ମୋ ପାଖକୁ ଆସୁଛ ? ତୁମର ବେହୁଦା

ଲୋକ ମୁଁ ଆଉ କେବେ ଦେଖିନାହିଁ । ଉତ୍ତରରେ ଯତି ଯାହା କହିଲା ତାହା ଶୁଣି ମୁଁ ନ ହସି ରହିପାରିଲି ନାହିଁ । ସେ କହିଲା—ଦେଖ୍, ଏ ମହେନ୍ଦ୍ରପୁରରେ ପ୍ରକୃତି ଯେତେବେଳେ ଧାରଅଡ଼ାର ଚଳୁଛି, ଏ ପୃଥିବୀସ୍ଥାନର ଟିକିଏ ଉଧାର ଧାର ଚଳିଲେ କ୍ଷତି କଣ ? ତୋପାଇଁତ ଏ ଜୀବନଟା ହିଁ ହାଜର । ଛାର ଗୋଟାଏ ବ୍ଲାଉଜ କିବା କଥା ? ତୋତେ ଦିନେ ନ ଦେଖିଲେ ଯେ ମୁଁ ରହିପାରୁ ନାହିଁ ; ତୁ ଭଲା ଏତେ ପର ଭାବୁଛୁ କାହିଁକି ?

ଯତି ତାକୁ ସାଇକେଲ ଆଗରେ ବସାଇଲା ଓ ପନ୍ନପରବା ଝୁଲଟା ହ୍ୟାଣ୍ଡେଲ୍ ଆଗରେ ଲଟକାଇ ଦେଲା ।

ମୋର ବୁଝିବାକୁ ବାକି ରହିଲା ନାହିଁ ଯେ ସ୍ତ୍ରୀଲୋକଟି ଦେଖି-ବାକୁ ଯିଏ ଏତେ କୁତ୍ସିନ ଓ ବର୍ଷୀୟସୀ ନିଶ୍ଚେ ଜାଲଖାନାରେ ଦାମ ଟରେ ଓ ଅଜା ରବିବାର ହାଟ କରିବା ପାଇଁ ଆସିଥିବା ବେଳେ ଯତି ତାକୁ ହାଟ ମଧ୍ୟରୁ ସଙ୍ଗରେ ଧରିଛି । ସେ ସୁନାଗ୍ରି ବସ୍ତୀରେ ରହୁଥିବ, କାରଣ ଏ ରାସ୍ତାରୁ ଯେଉଁ ଶାଖା ରାସ୍ତାଟି ସୁନାଗ୍ରି ବସ୍ତୀଆଡ଼େ ଯାଇଛି ଏମାନେ ସେହିଆଡ଼କୁ ଗଲେ । ତେଣୁ ଯତି ହୁଏତ ତାକୁ ତା'ଘର ପାଖରେ ଛାଡ଼ି ଆସିବ ନହେଲେ ତା'ଘରେ ଅତିଥି ହେବ । ତା'ସହିତ ଯତିର ସଦ୍‌ଭାବ ଯେ ଅନେକ ଦିନରୁ ଅବାଧରେ ଗଢ଼ି ଆସିଛି, ତା' ମଧ୍ୟ ହୃଦ୍ଧି ହୋଇଗଲା ମୋ ପାଖରେ । କାନ୍ଦୁଣୀ ବେଣୀ ଅପେକ୍ଷା ଏ କମନ୍ତ୍ରିଟି ଆଉ କେଉଁ ଗୁଣରେ କମ୍ ? ଅବିବାହିତ ଜୀବନରେ ଯତି କଏ ଏପରି କେତେ ସ୍ତ୍ରୀ ସହିତ କନ୍ତ୍ରାକ୍ଟସା ଚରିତାର୍ଥ କରି ଶୀଳର କି ଘାତ କରିଛି ତାହା ମୁଁ ମନେମନେ ଚିନ୍ତା କରିବାକୁ ଲାଗିଲି । ଦୀର୍ଘ ନିଶ୍ୱାସଟିଏ ମାରି ଆପଣା ରାସ୍ତା ଧରିଲି ।

## ଷୋହଳ

ଏହା ଭିତରେ ଅନେକ ଦିନ ବିତିଗଲାଣି, ଦର୍ଷେ ହୋଇଯିବ । ଯତି ତାର ଭାଇଭାଉଜଙ୍କ ନିକଟରୁ ଅଲଗା ହୋଇ ରହୁଥିଲା ଅନେକ ଦିନରୁ । ଏବେ ତାର ଭାଇଙ୍କର ମୃତ୍ୟୁ ହୋଇଛି । ଭାଉଜ ଗ୍ରାମରେ ବାସ କରୁଅଛନ୍ତି । ନାମକୁ ମାତ୍ର ଯେଉଁ ଜଣକ ତାର ଅଭିଭାବକ ପଦରେ ଥିଲେ ସେ ମଧ୍ୟ ଗଲେ । ଆଗରୁ ପିତା ମାତା ଯାଇଥିଲେ । ଏବେ ଯତି ସଂସାରରେ ଏକେଲା । ଭାଇ ଅନେକଥର ତାର ବିବାହ ପ୍ରସ୍ତାବ ଚଳାଇ ତାଙ୍କ ମତରେ ଉପଯୁକ୍ତ ପାତ୍ରି ନପାଇ ଯତିକୁ ବିବାହ କରାଇ ପାରି ନଥିଲେ । ଏବେ ଯତିପାଇଁ କନ୍ୟାପାତ୍ରି ଖୋଜିବାକୁ ଆଉ କେହି ରହିଲେ ନାହିଁ ।

ଜଣେ ଯତିକୁ କହିଲା—ଯତି, ତୁ ବାହା ସାହା ହୋ—ତୋର ବେଶ ବୟସ ହେଲାଣି । ଆଉ କିଛିଦିନ ଗଲେ ତୋତେ ଆଉ କେହି କନ୍ୟାର୍ଥୀ ଯୋଗ୍ୟ ବିବାହ ଦେବାକୁ ସମ୍ମତ ହେବେ ନାହିଁ । ଚିରକୁମାର ରହି ଚରିତ୍ରକୁ ଏପରି ଭାବରେ ନଷ୍ଟ କରିବା ଅପେକ୍ଷା ବିବାହିତ ହୋଇ ସଂସାର ପାତିବା ବରଂ ଭଲ ।

ଚରିତ୍ରକୁ କିପରି ଭାବରେ ନଷ୍ଟ କରିଛି ସେ କଥା ସେ ମୋତେ ପଚାରିବାର ସାହସ ସଞ୍ଚୟ କରିପାରିଲା ନାହିଁ । ମୁଁ ମଧ୍ୟ ଏ ପ୍ରସଙ୍ଗରେ

ଅଧିକ କିଛି କହିଲି ନାହିଁ । କଟେଜ୍ ଷ୍ଟ୍ରୀଟର ସେହି ନିନ୍ଦନୀୟ ଘଟଣା ଦେଖିବା ପରେ ମୁଁ ଯତିକୁ ଘୃଣା ଚକ୍ଷୁରେ ଦେଖୁଥିଲି । ଅବଶ୍ୟ ନିଜେ ନିଜପାଇଁ କାପର କନ୍ୟାଟିଏ ଠିକ୍ କରି ବିବାହ କରିବ? ଏତ ଅଉ ବିଲତ ନୁହେଁ; ତେଣୁ ମୁଁ ଅଉ ଉପଦେଶ ଦେବାକୁ ମନ କଲିନାହିଁ । ମୋ ଉପଦେଶ ସେ ଘୃଣାଭରେ ମଧ୍ୟ କର୍ଣ୍ଣରେ ଆଣିବ ଏ ଆଶା ସୁଦୂର ପରାହତ ।

ତା ମୁହଁରୁ ଥରେ ଶୁଣିଲି ସେ ବସା ବଦଳି କରି ଇଷ୍ଟପାର୍କ ବସ୍ତୀର କୌଣସି ସ୍ଥାନରେ ବାସ କରୁଛି । ଝାଟାରେ ବାସୋପଯୋଗୀ ଭଡ଼ାଘର ଖଣ୍ଡେ ମିଳିବା ଏକ ଦୁଃସହ ବ୍ୟାପାର । କୋମ୍ପାନୀ ତାର କର୍ମଚାରୀମାନଙ୍କୁ ବସାଘର ଖଣ୍ଡେ ଖଣ୍ଡେ ଯୋଗାଇବା ପାଇଁ ଯେଉଁସବୁ ନିୟମ ଶୃଙ୍ଖଳା ପ୍ରବର୍ତ୍ତନ କରିଛି ତାହା ଅନୁସରଣ କରି ଘର ପାଇବା କୋମ୍ପାନୀରେ ଅର୍ଦ୍ଧ ଜୀବନ ବ୍ୟାପି କାର୍ଯ୍ୟ କରିବା ପରେ ହୁଏତ ସମ୍ଭବ ହୋଇପାରେ । ଏପରି ଅବସ୍ଥାରେ ଘର ବଦଳାଇବା ଅର୍ଥ ସ୍ଥାନାଭାବ ଯୋଗୁଁ ଏକସ୍ଥାନରୁ ସ୍ଥାନାନ୍ତରକୁ ବାଧ୍ୟତାମୂଳକ ପରିବର୍ତ୍ତନ କରିବା ତାହା ମଧ୍ୟ ଭଡ଼ାରେ ଘର ମିଳିବା ସମ୍ଭବପର ହେଲେ । ଏହିପରି ସ୍ୱଳ୍ପ ମଧ୍ୟରେ ପଞ୍ଚ ଯତି ଜାମସେଦପୁରରେ ପ୍ରାୟ ସର୍ବତ୍ର ଭ୍ରମଣ କରି ସାରିଲଣି । ଅବିବାହିତ ଏବଂ ଏକାକୀ ଜୀବନ ନିର୍ବାହ କରୁଥିବା ଲୋକଙ୍କୁ ଭଡ଼ାଘର ମିଳିବା ଅତ୍ୟଧିକ କଷ୍ଟକର କଥା । ତା ଘରଆଡ଼େ ଯିବାପାଇଁ କେବେହେଲେ ଇଚ୍ଛା କରିନାହିଁ, ସେ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ । ଭାଇ ଭାଉଜଙ୍କ ସହିତ ରହୁଥିଲା ବେଳେ ଅବଶ୍ୟ ଯାଉଥିଲି । ମାତ୍ର ତାଙ୍କ ଭାଇଙ୍କ ମୃତ୍ୟୁ ପରେ ସେ ତିନି ଚାରି ଯାଗା ବସା ବଦଳି କରି ସାରିଲଣି; ମୁଁ କିନ୍ତୁ ଯାଇନାହିଁ ।

ଦିନେ ଟିଫିନ୍ ଛୁଟି ସମୟରେ ସେ ଆସି ମୋ ପାଖରେ ପହଞ୍ଚି କହିଲା—ତୋତେ ଗୋଟିଏ ଚିଠି ଲେଖିଦେବାକୁ ହେବ, "ପ୍ରଭାସ ।"

କି ଚିଠି ? ମୁଁ ପଚାରିଲି ।

“ପ୍ରେମ ଚିଠି ।”

ପ୍ରେମ ଚିଠି ! ବଡ଼ ଆଶ୍ଚର୍ଯ୍ୟ ଲାଗିଲା ମୋତେ !

ହଁ ଭାଇ, ସେ ଅନେକ କଥା······ଆରମ୍ଭ ହୋଇଗଲା ତାର ବକ୍ତବ୍ୟ ।

ସାରାଂଶ—ଯତି ଆଜକାଲି ପ୍ରେମ କରୁଛନ୍ତି । ସ୍କୁଲ୍‌ପାଠର ନିର୍ଜୀବ ପ୍ରେମ ନୁହେଁ । ସମ୍ଭ୍ରାନ୍ତ ଭଦ୍ର ସମାଜରେ ଓ ଭଦ୍ରଘରେ ବେଶ୍ ପଢ଼ାଶୁଣା ସୁନ୍ଦରୀ ବାଳିକା ସହିତ । ସେ ବସା ବଦଳି କରି ଏବେ ଯେଉଁଠାରେ ଯାଇ ପହଞ୍ଚିଛି ସେଠାରେ କେଉଁଠି ଅନ୍ୟ ଜଣେ ଓକିଲଙ୍କ ପରିବାରରେ ଅଛନ୍ତି । ତାଙ୍କ ପରିବାର ମଧ୍ୟରେ ତାଙ୍କ ନିଜ ସନ୍ତାନ ସନ୍ତତିଙ୍କ ବ୍ୟତୀତ ଅନ୍ୟ ଏକ ଝିଅ ମଧ୍ୟ ଅଛି । ଝିଅଟି ସେହି ଭଦ୍ରଲୋକଙ୍କର ଦୂରସମ୍ପର୍କୀୟା କୌଣସି ଆତ୍ମୀୟା ହୁଅନ୍ତି । ଯତି ସେହି ବାଳିକାଟି ସହିତ ପ୍ରେମ କରେ । ପ୍ରେମ ଆରମ୍ଭ ହୋଇଗଲାଣି । ଯତି କଥାରେ ପ୍ରେମର ପ୍ରଥମ ସୋପାନଗୁଡ଼ିକ ସେ ଅତିକ୍ରମ କରି ସାରିଲଣି । ବର୍ତ୍ତମାନ ପ୍ରେମର କ୍ରମପରିଣାମ, ଚିଠିପତ୍ରର ଆଦାନ ପ୍ରଦାନ ଉପରେ ଆସି ପହଞ୍ଚି ଯାଇଛି । ଯେହେତୁ ସେ ଭଲ ଚିଠି ଲେଖି ଜାଣେ ନାହିଁ ଏବଂ ଯେହେତୁ ପ୍ରେମ ଚିଠିରେ ଯେଉଁ ଉନ୍ମାଦନା, ଗୁଲୁଗୁଲିଆ ଫୁଲ୍ଲସ୍ତ ଭାଷା ରହିବ ତାହା ତା ଦ୍ୱାରା ଲେଖା ହୋଇ ପାରିବ ନାହିଁ । ସେ ସବୁ ମୁଁ ଲେଖିଦେଇ ପାରିବି ବୋଲି ତାର ବିଶ୍ୱାସ । ତେଣୁ ମୋତେ ଲେଖିଦେବାକୁ ତାର ସାଦର ଅନୁରୋଧ ।

ମନେ ମନେ କେତେ ଯେ ହସିଲି ତାହା କଳନା କରିପାରୁନାହିଁ । ମୋର ଯତିର ମନର ସବୁଗୋଟା ଭାବେ କିଏ ? ମହାପ୍ରେମିକ ଯତୀନ୍ଦ୍ରଙ୍କର ବନ୍ଧୁ ଲକ୍ଷ୍ମୀଧର ମୋ ଅନ୍ତରଟା ଯଦି ତରଳିଗଲେ ପ୍ରେମରେ ସାଗ୍ରହ

ନହେଲା, ତାହାହେଲେ ସେଇଟା କେବଳ ମୋର ଦୁର୍ଭାଗ୍ୟ । ପଚାରିଲି—ଯଦି, ତୋର ଏ ପିଲାଳିଆ ଢଙ୍ଗ କେବେଯିବ କହତ ? ତୋର ବୟସ ତେର ହୋଇଲାଣି । ସାଧାରଣ ମଣିଷର ଏ ବୟସରେ ଗୋଟାଏ ହିତାହିତ ଜ୍ଞାନ ଆସିଥିବା କଥା । ମାତ୍ର ମୁଁ ଦେଖୁଛି ··

ବାଧା ଦେଇ ସଖି କହିଲା—ତୁ ମୋତେ ଯେତେ ନିନ୍ଦାକର ଭାଇ, କିନ୍ତୁ ମୋର ଏତିକି ଅନୁରୋଧଟା ରକ୍ଷା କରିବାକୁ ପଡ଼ିବ । ତୁ ଭାବେନା ମୁଁ ତରୁଣ ବନ୍ଧୁପ୍ରୀତିର ଚପଳତାରେ ମାତି ନାରୀସଙ୍ଗସୁଖ ପାଇଁ ଏ ରଟି ଦେବ ବୋଲି···

ତାହା ନୁହେତ ଏହାର ଅର୍ଥ କଣ ?

ତୋ ବୟସରେ କଣ ମୋର କଡ଼ାକର ହିତାହିତ ଜ୍ଞାନ ନାହିଁ ? ଅବଶ୍ୟ ବୟସ ଦୋଷରେ ମୁଁ କେଉଁଠି କେମିତି ଥରେ ଅଧେ ଭୁଲ କରି ପକାଇଥିବ । ହୁଏତ କେତେକ କଥାର ତାହା ତୁ ଧରି ପାରିଥିବୁ ମାତ୍ର ଏ ସେତେବେଳେ ତାହା ପ୍ରଯୁଜ୍ୟ ନୁହେଁ । ଜଣେ ଭଦ୍ର ପରିବାର ସନ୍ତତ ମୋର କଣ ଏତିକି ବିଚାର ବୁଦ୍ଧିର ଅଭାବ ?

ତୁ ଯଦି ଏତେ କଥା ବୁଝିପାରୁଛୁ, ଏ ପ୍ରେମ ଚିଠି ଗୋଟାଏ କଣ ? ଏହାର ପ୍ରତିକ୍ରିୟା କଣ ହେବ କହିଲୁ ?

ତୋ ଆଗରେ ସପଥ କରୁଛି ପ୍ରଭାସ, ମୁଁ ସେହି ପିଲାଟି ସହିତ ବିବାହ କରିବାକୁ ଚାହେଁ ।

ତା' ହେଲେ ମନ୍ଦ କଣ ? ମୋ'ର ବା କାହିଁକି ଆପତ୍ତିର ମତାନ୍ତର ହେବ । କିନ୍ତୁ ପ୍ରେମ ଚିଠିଟାଏ କଣ ତାର ଉତ୍ତମ ଉପାୟ ? କୌଣସି ମଧ୍ୟସ୍ଥ ବ୍ୟକ୍ତିଙ୍କ ଦ୍ୱାରା ପ୍ରସ୍ତାବ ପଠାଇବା କଣ ଅନୁଚିତ ହେବ ?

ମୁଁ କେବଳ ସେ ପିଲାଟିର ଅଭିମତ ଓ ସମ୍ମତି ଚାହେଁ । କାରଣ ମୁଁ ଜାଣେ ସେ ଝିଅଟି ସେ ପରିବାରର ଦେହ ନୁହେଁ, ଝିଅ ।

ତାର ପୂର୍ବ ଇତିହାସ ଓ ସଙ୍ଗେ ସଙ୍ଗେ ତାର ମନୋମତ ଜାଣିନେଲେ ତା'ପରେ ମଧୁସ୍ମିତାଙ୍କ ହାସ୍ୟ କଥାଟା ଉଚ୍ଚା କରିଇ ନେବ ।

"କିନ୍ତୁ ସେ ସବୁ ସମ୍ବାଦକ ମଧୁସ୍ମିତାଙ୍କ ହାସ୍ୟ ଅତି ସହଜରେ ଅପହରଣ କରିପାରିପାରେ ?"

ନା ଭାଇ, ତାର ହାବଭାବ ଓ କଥାରୁ ଦୃଷ୍ଟିରେ ଏପରି ଗୋଟାଏ ଇଙ୍ଗିତ ଥିଲାପରି ମୋର ମନେ ହେଉଛି ଯେ ଗୋଟାଏ ପରି କାହାଣି କଳୁଷ ହୋଇ ଉଠିଛି ମୋ ମନ ଭିତରେ ।

ଯତି ମନର ଏତାଦୃଶ୍ୟ ବୃଦ୍ଧ ଭକ୍ତି ଉପରେ ମୋର ଅନ୍ଧ କିଛି ବହୁବାର କହିଥିଲି । ତା' ପରେ ଯେ ଯାଇଛି ସେ ଯାଉ । ଅତୀତ ଭଳିକୁ ଭୁଲିଯାଉ । ଯେତେବେଳେ ବୁଦ୍ଧି ବିବେଚନା ସେ ହରାଇଲାଣି, ବନ୍ଧୁ ବାନ୍ଧବ ଆତ୍ମୀୟସ୍ୱଜନଙ୍କ ସତ୍ ପରାମର୍ଶ କେତେବେଳେ ଗ୍ରହଣ କରେନାହିଁ, ତା ପକ୍ଷରେ ଅତୀତକୁ ଭୁଲି-ଯାଇ ଶେଷ ସୀମାରେ ପହଞ୍ଚିବା ଶ୍ରେୟସ୍କର । ସେତେବେଳେ ତାର ଚେତନାର ଉଦୟ ଅପେକ୍ଷାପୂର୍ଣ୍ଣ ହେବ । ଲୋକେ ହୁଏତ ମୋତେ ଦୋଷ ଦେବେ । କିନ୍ତୁ ଏ କ୍ଷେତ୍ରରେ ଯତି କଥାରେ ସତ୍ୟହୋଇ ଉଠିଲାଏ ଲେଖିଦେବାକୁ ଅସମ୍ମତ ହୋଇପାରିଲି ନାହିଁ । ତାର ଉପରେ ମୁଁ ଠିକେ ବିଶ୍ୱାସ ସ୍ଥାପନ କରିପାରି ହୋଇଥିଲି । ମୋ ସ୍ଥାନରେ ଅନ୍ୟ କେହି ହୋଇଥିଲେ ସେ ହୁଏତ ବୁଦ୍ଧି ବଳରେ ଅନ୍ୟ ଉପାୟ ଅବଲମ୍ବନ କରି ପୁତ୍ରହାସ ଯତିକୁ ପରାସ୍ତ କରି ଏଥିରୁ କ୍ଷାନ୍ତ ହୋଇଥାନ୍ତା । ଯେ ଦିଗରୁ ବିଚାର କଲେ ହୁଏତ ମୋତେ ବୋକା ବୋଲିବାକୁ ପଡ଼ିବ । କିନ୍ତୁ ମୁଁ ଅସହାୟ । ତେଣୁ ଯେ ଯେଉଁ ଦିଗରୁ ସମାଲୋଚନା କରନ୍ତୁ ନା କାହିଁକି, ମୋତେ ମୁଣ୍ଡ ନୋଇଁ ଦେବାକୁହିଁ ପଡ଼ିବ । ଯତି ତାର ଗୋପନ ପ୍ରିୟାଟିକୁ ଦେଖିବା ମୋ ଭିତି ମାଧ୍ୟମରେ ସଜ କରିଲ ବିବାହ କରିବ ଅଥବା ଅଳ୍ପ ସମୟ

ମଧ୍ୟରେ ପିଠି ଓ ମୁଣ୍ଡରେ ଉତ୍ତମ ମଧ୍ୟମ ଦୁଇଟା ପାଇବ; ତାହା ମୁଁ ମୋର ଦୂରଦୃଷ୍ଟି ଭିତରେ ସ୍ଥାନ ଦେଇନାହିଁ ।

କହିଲି—ଦେଖ ଯତି, ପ୍ରେମ ପ୍ରେମ କେବେ ବି ତା' ସହିତ ମୁଁ କରିନାହିଁ । କଣ ଲେଖିବାର ଇଚ୍ଛା ତାହା କହିଲେ ସେତିକି ଯାହା ବାଗେଇ ସାଗେଇ ଲେଖିଦେଇପାରେ । କଥାଟା କିନ୍ତୁ ଆମ ଭଲ ଲାଗୁନାହିଁ ମୋତେ......ବନ୍ଧୁ ଭାବରେ ଯଦି ଏପରି ଅବାନ୍ତର ଅନୁରୋଧ କରି ବସୁ, ତାହାହେଲେ ବନ୍ଧୁ ଭାବର ସେହି ପବିତ୍ରତା ରହିବ କେତେବେଳେ ?

ତୁ ତାହାହେଲେ ମୋତେ ବିଶ୍ୱାସ କରୁନାହୁଁ ପ୍ରଭାସ ?

ବିଶ୍ୱାସ କିମ୍ବା ଅବିଶ୍ୱାସର ପ୍ରଶ୍ନ ଏଠାରେ ଉଠୁନାହିଁ ତ...ଯତି ତାର ନାଟକୀୟ ଢଙ୍ଗରେ ମୋ ହାତ ଧରିପକାଇଲା । କହିଲା—ତୁ କିଛି ଚିନ୍ତା କରନାହିଁ ପ୍ରଭାସ । ଯତି ଏପରି କୌଣସି ଗ୍ଲାନି କରିପକାଇବ ନାହିଁ, ଯଦ୍ଦ୍ୱାରା ତା' ସଙ୍ଗେ ସଙ୍ଗେ ତୋତେ ମଧ୍ୟ ଅପବାଦ ମିଳିବ । ତୁ ଖାଲି ଖଣ୍ଡେ ଚିଠି ଲେଖିଦେ...ଅଥ ଏଥିରେ ତୋର ମୁଣ୍ଡ ଖେଳାଇବା ଆଦୌ ଆବଶ୍ୟକ ଅଛି ମୁଁ ମନେକରୁନାହିଁ ।

ମୋତେ ହସିବାକୁ ପଡ଼ିଲା ବାଧ୍ୟ ହୋଇ...ତାର କଥା କହିବା ଓ ନାଟକୀୟ ଭଙ୍ଗୀରେ ହାତ ଧରି ପକାଇବା ଭଙ୍ଗି ତଥା ଅନ୍ତରଙ୍ଗମୟ ପ୍ରେମର ତା ହାସ୍ୟକର ମୁଖମଣ୍ଡଳରେ ପରିସ୍ଫୁଟନ ଭଙ୍ଗିରେ । କହିଲି—ତୁ ବଡ଼ ବେହୁଦାଟାଏ...

ସେ ପୁଣି କହିଲା—ଦେଖ୍ ସ୍ତ୍ରୀ ଲୋକଙ୍କୁ ଭୁଲାଇବାକୁ ହେଲେ ତାଙ୍କ ରୂପର ପ୍ରଶଂସା ଗୁଡ଼ାଏ ଆଗେ କରିଦେବ । ତା ପରେ ପହିଲି ଦେଖାରେହିଁ ମୁଁ ତାଙ୍କୁ ଭଲ ପାଇପକେଇଲି, ମୋ ମନ ଭିତର ବ୍ୟାକୁଳ ହେଉଛି ଇତ୍ୟାଦି ଇତ୍ୟାଦି । ଯଗ ଚିଠିଟା ବେଶୀ ବଡ଼ ହେବା ଠିକ୍ ନୁହେ ।

ହସି ଗୁପ୍ତି ଚିଠିର ଗପ୍ପଟିର ହୋଇ କହିଲି—ସେସବୁ ତାର ବ୍ୟକ୍ତିଗତ କଥା ଉପରେ ସେତେଟା ମୋର ହସ୍ତକ୍ଷେପ କରିବା ଠିକ ନୁହେଁ କେବଳ ଜାଣିବାକୁ ଇଚ୍ଛା କରେ—ପହିଲି ଦେଖା କିପରି, କେଉଁ ସ୍ଥାନରେ ହେଲା ଓ କେଉଁ ସମୟରେ ଇତ୍ୟାଦି ନ କହିଲେ ମୁଁ ଲେଖିବି କିପରି ?

ଏକଥା ପଚାରିବା ବେଳେ ମୋର ଗୋଟାଏ ଧାରଣା ଥିଲା ଯେ, ଆଜିକାଲି ଆମ ଦେଶରେ ଆକ୍ସିଡେଣ୍ଟ ମୂଳକ ପ୍ରେମ କିମ୍ବା ପ୍ରେମ ମୂଳକ ଆକ୍ସିଡେଣ୍ଟ କିଛି ଟିକେ ଜ୍ୟାଦା ହେଉଛି । ତେଣୁ ଭାବିଥିଲି ବୋଧେ ଯତିବାବୁଙ୍କ ପ୍ରେମ ମୂଳରେ ନିହାତି ମାମୁଲି ସାଇକେଲ ଆକ୍ସିଡେଣ୍ଟଟାଏ ଥାଇପାରେ ।

ଯତି କହିଲା—ନା, ନା, ଅଛ ତୁ ଲେଖିବୁ କିପରି ? କର୍, କର୍ ଇଚ୍ଛା କର୍ । ଇଂଲଣ୍ଡ ବହିରେ ତ ଖାଲି ପାର୍କମୂଳ, ନଦୀକୂଳ, ସିନେମାହଲ୍ ମାଳ ମାଳ ହେଉଛି । ସେସବୁ ତୁ କଣ୍ଟୁ ଜାଣିନୁ !

ହସିପକାଇଲି । କହିଲି—"ସେଥି ପ୍ରତି କିମିତି ଲେଖିଲେ ଚଳିପାରୁ ହେବ ତାହା ତୋର କହିବା ଉପରେହିଁ ନିର୍ଭର କରୁଛି ।"

ଜାଃ, ତୁ ସେଇଟା ନିଜେ ଲେଖିଦେବୁ । ମୁଁ କାଲି ଠିକ୍ ଏତିକିବେଳକୁ ଆସିବି । ଦୁହେଁ ପଢ଼ିବା, ଯେଉଁ ଦରକାର ହୁଏ ଟିକେ ଅଦଳବଦଳ କରି ନେଇହେବ, ଏଣୁ କଣ ? ଆଜି, ଆ ଚା' ଖାଇବା······

ମତେ କଣ ଚା' ଖୋଇ ଘୁଷ୍ ଦେଉଛୁ ଏଥିପାଇଁ ?

"ଆରେ ବନଶି କଣ୍ଟା ଦେଇଦେଲେ ତୋ ହାତରେ, ମାଛକୁ ଖେଳେଇ ଖେଳେଇ ଟୋପ ଗିଳେଇ ପାରିବା ଦୁଦ୍ ଖାଲି ତୋର ଉପରେ ଛାଡ଼ିଦେଲି । ଧରିକି ଦେଇପାରିଲେ କେତେ ଖାଇବୁ ଖା, ଖୋଇ ଖୋଇ ତୋତେ ଅମାଶୟ ଧରିଦେବ । କଣ ଭାବୁଛୁ ?

ସତେ ଭାଇ, ମୁଁ ତାଙ୍କୁ ଚାହେଁ । ସେ ଯଦି ମିଳିଯାଏ, ଦେଖିବୁ ମୋ ଚରିତ୍ର କିପରି ବଦଳିଯିବ ।" କହୁ କହୁ ଯତି ମୋତେ ନେଇ ହୋଟେଲରେ ପହଞ୍ଚିଲା ।

କଣ କୃତକାର୍ଯ୍ୟ ହେବୁ ବୋଲି ଏପରି ଦୃଢ଼ ଆଶା ଧରି ବସିଛୁ ? ସେ କଥା ପଚାରିଲି ମୁଁ ।

"କାହିଁକି ? ମୁଁ ଭାବୁଛି ଏହା ଗୋଟାଏ ସୁଯୋଗ । ଏକ୍‌ଦମ୍‌ ସୁବର୍ଣ୍ଣ ସୁଯୋଗ"—ଗୋଟିଏ ଲେଖାଏଁ ରାଜଭୋଗ ପାଇଁ ଅର୍ଡ଼ର ଦେଇ ପୁଣି କହିବାକୁ ଲାଗିଲା ଯତି—ମୁଁ ଶୁଣିପାରୁଛି ସେ ପିଲାଟି ଭଦ୍ର ଲୋକଙ୍କର ଏକମାତ୍ର କନ୍ୟା, ଭାରି ଲକ୍ଷ୍ମୀ ହେବ । ଆଉ ବହୁତ ଯାଗାରୁ ସମ୍ବନ୍ଧ ଆସି ଭାଙ୍ଗିଗଲାଣି । କେହି ବାହା ହେଉନାହାନ୍ତି । ତାଙ୍କୁ କାହାର ହାତରେ ସମର୍ପଣ କରିଦେଇ ପାରିଲେ ସେମାନେ ନିଶ୍ଚିନ୍ତ ହେବେ । ବୟସ ମଧ୍ୟ ତାର ବଳେଇଲାଣି । କିନ୍ତୁ ଯାହାକହ ଭଲ ପିଲାଟିଏ ଏକା···ରାଜଭୋଗରେ ସଦ୍‌ବ୍ୟବହାର କରୁଥାଏ ଓ ମନେ ମନେ ହସୁଥାଏ ମୁଁ । ତା'ପରେ ଆସିଲା ଚା'—କିନ୍ତୁ ମିଠାଇରେ ଚା' ଖାଇଲେ······

"ଠିକ୍‌, ଠିକ୍‌"—ଯତି ମଗାଇ ପଠାଇଲା ଦୁଇଟି ଅମଲେଟ୍‌ ।

ଚା' ଖିଆର ପର୍ବ ଭିତରେ ଯତି ମୋତେ ମନେ ପକାଇ ଦେଲାପରି କହିଲା—ଦେଖ ଭାଇ ଭୁଲିବୁ ନାହିଁ । ଏବେ ମନଦେଇ ଲେଖିବୁ । ଭାବିବୁ 'ତୁ' ନିଜେ 'ମୁଁ' ।

କହିଲି—ମୁଁ ଚେଷ୍ଟା କରିବି ।

ଚେଷ୍ଟା ଫେଷ୍ଟା ନାହିଁ । କାଲି ମୁଁ ଚିଠି ନେବି, ନେବି, ଆଉ ନେବି । ଚିଠି ମୋର ଜବାବ କହିବ ।

ଆଉ କାଲିପରିକୁ ଯା—ମୁଁ ଗୋଟାଏ ଚିଠି ଲେଖିଦେବି ଆଉ କଣ ? ତୁ ପେଟଭରିଲେ ଏତେବେଳ ଯାଏ ଲଗାଉଛୁ କଣ ଲଗାଇ

ଅଛି ? ତେବେ ମୁଁ ଯାହା ଲେଖିବି, ତୁ ତାକୁ ଅନ୍ୟ କାଗଜରେ ନିଜ ହସ୍ତାକ୍ଷରରେ ଲେଖି ପଠାଇବୁ ନା ?

ଆ-ହା-ହା, ଯାହାନ୍ତ ମୋ ହସ୍ତାକ୍ଷର ନା, ପ୍ରେମିକାତ ଖାଲି ମୋ ହସ୍ତାକ୍ଷର ଦେଖି ଭୁଲିଯିବେ । ତୁ ଗୋଟାଏ ନିପଟ ପାଗଳ୍...

ଆରେ, କି ଅଷ୍ଟୁର୍ଣ ଲୋକ ? ତୁ ପ୍ରେମ କରିବୁ, ମୁଁ ଲେଖିବି ଚିଠି । ମୋର ହସ୍ତାକ୍ଷରରେ ଚିଠି ଯିବ । ଏସବୁ ପାଗଳାମି କଥା ଛାଡ଼ ଯତି—ଅଚ୍ଛା କର ଅବଶ୍ୟ କହୁନାହିଁ । କିନ୍ତୁ ଠୋ ଠୋ ହୋଇ ହସିଉଠିଲା ଯତି ।

ତୁ' ତ ବେଶ୍ ହସାଇଲୁ ?

ହସାଇଲି ମାନେ ? ତୋର ଟିକେହେଲେ ଦାୟିତ୍ୱ ଜ୍ଞାନ ନାହିଁ ।

ଆଉ ଏତେ ବଗଳା ଭାଇ, ଚିଠିଟା ତୋ ହସ୍ତାକ୍ଷରରେ ନଗଲେତ ହେଲା, ଆଉ କଣ ? ଭାଲି କିନ୍ତୁ ନିର୍ବାଚ କର ପେସାଇବୁ ନାହିଁ ପ୍ରେମିକା......

ଆଚ୍ଛା, ତାହା ସହିତ ତୋର ପ୍ରଥମ ଦେଖା ସମ୍ବନ୍ଧରେ କିଛି କହୁନାହିଁ ଯେ...ତା' ସହିତ ଆଉ ସାଇକେଲ୍ ଆକ୍ସିଡେଣ୍ଟ କରିନାହୁଁ ତ ?

ଅର୍ଥାତ୍ ? ଯତି ବିସ୍ମିତ ଭାବେ ମୋ ଆଡ଼େ ଚାହିଁ ରହିଲା ।

ଅର୍ଥାତ୍ ବୁଝିପାରୁନାହୁଁ ? ଆଜିକାଲି ଆକ୍ସିଡେଣ୍ଟରୁ ମଧ୍ୟ ପ୍ରେମ ଉତ୍ପତ୍ତି ହେଉଛି...

ହସି ହସି ଯତି କହିଲା—"ନାଃ, ତା ଅବଶ୍ୟ ନୁହେଁ—ତେବେ...

ତେବେ କଣ ? ମୁଁ ପଚାରିଲି ।

ପଦାରୁ ସ୍ପଲ୍ କହୁଛି । ଆମ୍ଭେମାନେ ହୋଟେଲରୁ ବାହାର ଆସିଲୁ ।

—⁂—

# ସତର

ହଇହେ। ଶୁଣୁଛ ?

କଣ ?

ପ୍ରେମ ଗଠି କଥିବ ଲେଖାହୁଏ ଜାଣିଛ ?

କି ପ୍ରେମ ଗଠିବା ? କାହା ସାଙ୍ଗରେ ପ୍ରେମ କରୁଛ କି ?

କାହା ସାଙ୍ଗରେ କଲେ ଭଲ ହେବ କହୁଛ ?

ଯେ ସଙ୍ଗାତ ରଖିଥିବ ତୁମପାଇଁ·····

କଣ ?

"ପ୍ରେମ ପସନ୍ଦ"···ନିରୁପମା ଖିଲ୍‌ଖିଲ୍ ହୋଇ ହସି ଉଠିଲା ।

ତୁମେ ହସୁଛ !

ତୁମେ ତ ପ୍ରେମ କରିବ, ମୁଁ କାହିଁକି ବାଦକ ମ ?

ମୋର ପଛକେ କଣ ହୋଇଯାଉଛି, ପରେ ତୁମକୁ ହସ ମାଡୁଛି ?

କାହାପାଇଁ କଣ ହୋଇଯାଉଛି ତୁମର···?

ତୁମଙ୍କପାଇଁ···

ମୋପାଇଁ ? ମୁଁ କଣ କଲିକି ?

ତୁମେ ପୁଣି କଣ କରି ବୋଲି ପଚାରୁଛ । ତୁମେ ଯାହା କରୁଛ ଦେଖିଥିବାଇଁ ତ ମୋତେ ବାହାରପଟେ ପ୍ରେମ କରିବାକୁ ପଡ଼ିଲାଣି ।

କହୁନା, ମୁଁ କଣ ମନା କରୁଛି କି ?

ତେବେ କହୁଛ, କଣ ଲେଖିବ—?

ତୁମେ ତ ପ୍ରେମ କରିବ, ମୁଁ କଣ କହିବି ?

ଆରେ ଶୁଣନା, କଣ ବୋଲି ଆଗେ ଆରମ୍ଭ କରିବ ?

ଉଁଃ, ମୋତେ ଆସେନାହିଁ କି, ଗୋଟେଇଁ ଶିଖାଇନାହାନ୍ତି । ନିରୁପମା ମୁହଁ ମୋଡ଼ିଦେଇ ଚାଲିଗଲା ।

ଆଚ୍ଛା, ଏଇକଥା ନା ? ଚିଠିଟା ଲେଖିସାରିଲେ ତୁମେ କିନ୍ତୁ ପଢ଼ି ପାରିବ ନାହିଁ ।

ତୁମ ଚିଠି ତୁମ ପ୍ରେମିକା ପଢ଼ିବେ ନା, ମୁଁ କାହିଁକି ପଢିବି ମ ?

ତୁମେ ତ ଆଜିକାଲି ବେଶ୍ ଉତ୍ତର ଦେଇ ଶିଖିଲଣି····· ବେଶ୍, ବେଶ୍, ଗୋଟାଏ ପୁରସ୍କାର ନଦେଲେ ମନଟା ସମ୍ଭାଳି ହେଉନାହିଁ । ଦେଖିଲି ଗୁଲୁ ମୋର ବଡ଼ପୁଅ ବାହାରେ ଅଛି । ମୁଁ ନିରୁପମା ନିକଟକୁ ଉଠିଗଲି । ସେ ଧାଇଁ ଧାଇଁ ତଳକୁ ଓହ୍ଲେ ମୁହଁ ଲୁଚାଇ ପଳେଇଗଲା । ମୁଁ କାଗଜ ଉଠାଇ ଫେରିଲି ଟେବୁଲ୍ ପାଖକୁ ଚିଠି ଲେଖିବି ବୋଲି । ହିଁଅଟି ମଧ୍ୟ ବାରଣ୍ଡାରେ ଖେଳୁଥାଏ । ନିରୁପମା ସେଠାରୁ ଅପି ଡାକ ପକାଇଲା—ପ୍ରେମିକ ମହାଶୟ, ଟିକେ ଶୀଘ୍ର ପ୍ରେମ ଚିଠାଟା ଲେଖା ଶେଷକରି ଖାଇ ବସିବେ ?

ଦୁଇଟି ସନ୍ତାନର ଜନନୀ ହେଲେ ମଧ୍ୟ ବାସର-ଶେଯର ସେହି ନବବଧୂଟୀର ଲୁଚକାଳି ଟିକକ ଏବେ ମଧ୍ୟ ମୁଁ ନିରୁପମାର ଚାହାଣି, ଠାଣି ଓ ସୁଗୋଲ ଗଣ୍ଡ ଉପରେ ଖୋଜିଲେ ପାଏ । ନିରୁପମା ସହିତ ଧରାଧରି, ହସଖେଳର ଲଘୁ ଆମୋଦ ଭୁଲି ମୋ କାମରେ ମନଦେଲି । କଣ ଲେଖିବି ଚିଠି ? ବଡ଼ ସମସ୍ୟାରେ ପଡ଼ିଲି ମଣିଷ— ଏ ଗଳ୍ପ ପାଇଁ । ଭାବିଭାବିଥାଏ···ତେବେ କଥାଟି, ଭାବିଭାବି ପରେ ଶେଷକୁ ଲେଖିଲି । ଲେଖା ସରୁ ନସରୁଣୁ ନିରୁପମା ମୋ ହାତରୁ ଛଡ଼ାଇ ନେଇ ପଢ଼ିବାକୁ ଆରମ୍ଭ କରିଦେଲା ହସି ହସି—

ସୁମିତ୍ର.....!

ପନ୍ଦର ଦିନ ତଳେ—ଦିନେ ସକାଳେ ବିଛଣାରୁ ଉଠି ପାଖ ଝରକା ଖୋଲିଦେଲା ବେଳକୁ ଅଦୂରରେ ପାଣିକଳ ପାଖରେ ତୁମକୁ ଦେଖିଲି । ଆଖପାଖରେ କେହି ଉଠି ନଥିଲେ । ଝରକା ଖୋଲା ଶବ୍ଦରେ ଚମକି ପଡ଼ି ତୁମେ ଚାହିଁଲ ମୋ ଆଡ଼କୁ—ସର୍ବରୀର ଶେଷ ବିଦାୟ ସ୍ପର୍ଶରେ ପ୍ରଭାତକୁମାରୀ ବୁକୁରେ ଚମକ ଲାଗିଲାପରି । ମୁଁ ତ ଆଗରୁ ତୁମକୁ ଚାହିଁ ରହିଥିଲି—ମୋ ଚାହାଣୀରେ ତୁମ ଚାହାଣୀ ଧକ୍କା ଖାଇଲା । କେବଳ ସେତିକି ନୁହେଁ, ତୁମର ସେହି ଚାହାଣୀ ଖଞ୍ଜି କି ମୋ ବୁକୁ ଭିତରେ ମଧ୍ୟ ଦାରୁଣ ଧକ୍କାଟିଏ ଦେଲା । ସେଦିନ ଠାରୁ ସେତିକି.....

ଅଚ୍ଛା, ପ୍ରିୟତମା ! ଏହି ପନ୍ଦର ଦିନ ଭିତରେ ମୁଁ ଦେଖୁଛି ତୁମେ ମୋତେ ଅତିଷ୍ଠ କରିସାରିଲଣି । ଭାବେ, କେଉଁ ସୁନ୍ଦରୀ କର ତୁମକୁ ଯେ ଗଢ଼ିଛି ସେ କଣ ଖାଲି ମୋର ମନକୁ ଜଳାଇ ପୋଡ଼ାଇ ମାରିବାକୁ ?

ତୁମକୁ ତ ଆଗରୁ ଦେଖି ନଥିଲି.....ଲକ୍ଷ କରୁଛି, ତୁମେ ମୋ ଆଡ଼କୁ ଫେରି ଫେରି ଅନେକଥର ଅନାଉଛ । ମୋ କଥା ତ କହିବାର ନୁହେଁ । ଏହି ବାରମ୍ବାର ଦେଖାଦେଖି ଭିତରେ ସେଦିନ ସନ୍ଧ୍ୟାରେ ତୁମେ ହସି ପକାଇଲ । ମୁଁ ବି ତୁମ ସହିତ ହସିଲି । ତୁମ ମନରେ କଣ ଭାବୁଛ ମୋ କଥା, ମୁଁ ତ ଜାଣିନି କିନ୍ତୁ ଏ ଛୋଟ ଚିଠିଟି ଲେଖି ମୋ ମନର ଅବସ୍ଥା ତୁମକୁ କହି ନଦେଲେ ଥୟ ହୋଇ ପାରିଲି ନାହିଁ । ଏଥିପାଇଁ ତ ମୁଁ ଅନେକ କିଛି ଜାଣିବାକୁ ମନ ହେଉଛି । ମୋପରି ତୁମେ ମଧ୍ୟ ସେପରି ଚାହୁଁଛ ସେଥିରୁ ଅନୁମାନ କରୁଛି ତୁମେ କିଛି କହୁଛ କିମ୍ବା ନଚେତ୍ କିଛି ନା କିଛି କହିବାକୁ ଇଚ୍ଛା ପ୍ରକାଶ କରୁଛ । ମୋର ଏହି ସରଳ କଥା କେବେହେଁ ବୁଝିବାରେ

ଭ୍ରମ କରିବ ନାହିଁ । ଅନ୍ତତଃ ଅଭଦ୍ର ବୋଲି ନ ଭାବି ଖଣ୍ଡେ ଛୋଟ ଉତ୍ତର ଦେବ । ତାହେଲେ ଆମେ ଦୁହେଁ ଦୁହିଁଙ୍କ ପାଖରେ ପରିଷ୍କାର ହୋଇଯିବା ଓ ତେଣିକି ସ୍ୱଚ୍ଛନ୍ଦରେ ନିଜ ନିଜ ବାଟରେ ଚାଲିପାରିବା । ମୁଁ କିନ୍ତୁ ତୁମର ସ୍ୱର୍ଗୀୟ-ସୁଷମାଭରା ମୁଖମଣ୍ଡଳଟି ଭୁଲି ପାରିବି ନାହିଁ । ତୁମେ ଗାଳିଦେବ, ଦିଅ; କିନ୍ତୁ ସୁନ୍ଦର ଜିନିଷଟିଏ ଦେଖିଲେ ଯଦି ଲୋଭ ହୁଏ, ତେବେ ସେଟା ଖାଲି ମୋର ଦୋଷ ନୁହେଁ, ବୋଧହୁଏ ମଣିଷ ପ୍ରକୃତିର । ଉତ୍ତର ଖଣ୍ଡେ ଦେବାପାଇଁ ନିଷ୍ଠୁର ଆଚରଣ କରିବ ନାହିଁ । ଇତି ।

ତୁମର

ରୂପଭିକ୍ଷାରୀ

ଏଁ, ଏ ରୂପଭିକ୍ଷାରୀଟି କିଏସ ?

ଯଉ ।

"ହୁଁ...ନିଜ ସୁନ୍ଦର ହେ, ନ ଜାଣି କେତେ ସୁନ୍ଦର...ତୁମ ସାଙ୍ଗଟି ? ଠିକ୍ ତୁମେ ଯେମିତି, ତୁମ ସାଙ୍ଗ ମଧ୍ୟ ସେମିତି ।" ଏକ ଦୀର୍ଘ ନିଶ୍ୱାସ ସହ ମନ୍ତବ୍ୟ ପ୍ରକାଶ କରି ନିରୁପମା ମୋ ହାତକୁ ଚିଠିଟି ବଢାଇ ଦେଲା । ତାର ମୁଖଭଙ୍ଗୀ ଦେଖି ନ ହସି ରହିପାରିଲି ନାହିଁ ।

ତହିଁ ଆରଦିନ ଦେଖିଲି ଯଉ ଚିଠିଟା ପଢି ବେଶ୍ ପ୍ରୀତ ହୋଇଛୁ । ଜୀବନରେ ଯିଏ ଏପରି ନିର୍ଭେଜାଳ ପ୍ରେମ କରିନାହିଁ ତା ହାତଲେଖା ଚିଠିରେ ଯେତେପରି ପ୍ରେମିକ ଯଦି ସନ୍ତୁଷ୍ଟ ହୁଏ, ତେବେ ସେ ପ୍ରେମିକ ଧନ୍ୟ କି ମୁଁ ଧନ୍ୟ ତାହା ସ୍ଥିର କରିପାରିଲି ନାହିଁ । ଉତ୍ତର ପାଇଲେ ନେଇଦେବି ଆସିବ କହି ଯଉ ଚାଲିଗଲା ।

## ଅଠର

ଆଠ ଦଶ ଦିନ ପରେ ଯତି ଫେରିଲା । ପଚାରିଲି—"କିରେ ତୋର ପ୍ରେମ ଅଭିଯାନ କେତେଦୂର ? ଚିଠିର ଉତ୍ତର ଆସିଲା ?"

ହସି ହସି ଯତି କହିଲା—"ଆସିବ ନାହିଁ ? ଏଇ ନେ ନା ।" ସେଥି ଭିତରେ ତାର ଯେତେ ଆନନ୍ଦ ଉଚ୍ଛୁଳି ଉଠୁଥିବ ବୋଲି ଆଶା କରୁଥିଲି, ତା ମୁହଁରେ ଦେଖିଲି ନାହିଁ । ବଡ଼ ଆଶ୍ଚର୍ଯ୍ୟ ଲାଗିଲା ମୋତେ ଉତ୍ତର ଆସିଛି ଶୁଣି । ଚିଠିଟି ନ ପଢ଼ି ଫେରାଇ ଦେଲି । ଯା ଭିତରେ ମୋର ହିଂସା ହୋଇ ନଥିଲା ବୋଲି ଦମ୍ଭର ସହିତ କହିପାରୁ ନାହିଁ । ତାପରେ ଯତିପରି ବଣିଆ, ଛତରା ସହିତ ପ୍ରେମପତ୍ର ଲେଖି ପ୍ରେମ କରିବା ଉଦ୍ଦେଶ୍ୟ ଘରର ଝିଅ ମଧ୍ୟ ଅଛନ୍ତି ! ହାୟରେ ହତଭାଗ୍ୟ ଦେଶ !!

ଯତି କହିଲା— ପଢ଼ୁ ନାହୁଁ ?

କହିଲି—ତୋ ପ୍ରେମିକାର ପତ୍ର ପଢ଼ିବା ମୋ ପକ୍ଷରେ ନିତାନ୍ତ ଅନୁଚିତ ହେବ । ଯଦି ନିତାନ୍ତ ଶୁଣାଇବାକୁ ଚାହୁଁ ତେବେ ଯେଉଁ ଅଂଶଟା ମୋର ଶୁଣିଲେ ଚଳିବ ଖାଲି ସେତିକି ପଢ଼ି ଶୁଣାଇ ଦେ । ତୁମ ଭିତରେ ହୁଏତ କେତେ ପ୍ରାଣ ଦିଆନିଆ କଥା ଲେଖାଥିବ । ତାପରେ ତୋ ପ୍ରେମିକାର ଗୁହାରୀ ତୋ ବୁକୁରେ ଯେଉଁ ଦାରୁଣ ଧକ୍କା ମାରିଛି, ଏବେ ଯଦି ତା କାହାଣୀ ଆସି ମୋ ବୁକୁରେ ବ

ଗୋଟାଏ ଲିଫାପ ଅଳ୍ପକ୍ଷଣ ରଖାଏ ତେବେବେ ମୁଁ ଏକାଗ୍ରତାରେ ଚୋବାଙ୍କ ପଦ ପ୍ରକ୍ଷା ମନ ଲଗାଇଲି । କହୁଛି—"ଲୁଚାଇ ଗୋଟାଏ ଚିଠି ଲେଖିଛି ଆଜି ? ପଢ଼ନା, ପୁଣି ପଢ଼ି ଦେଖେଇ ଉତ୍ତର ଦେବାକୁ ପଡ଼ିବ ?" ବୁଝେଇ ପଢ଼ିଲି—

ମହାଶୟ,

ଆପଣଙ୍କ ଚିଠିଟା ଦୁର୍ଭାଗ୍ୟବଶତଃ ମୋ ହାତରେ ହିଁ ପଡ଼ିଲା; ନହେଲେ ଏତେବେଳକୁ ମୋ ଅଗ୍ରଜଦାଦାମାନଙ୍କ ହାତ ମୋର ମେଣ୍ଟି ଦୁଇଖଣ୍ଡ ହୋଇ ସାରନ୍ତାଣି, ତାହା କଥାରେ କହୁ ହୁଅନ୍ତା ନାହିଁ । ଏଥର ଦୁର୍ଗାପୂଜାରେ 'ଛଦମହଲ' ପେଣ୍ଡାଲରେ ଥିଏଟର ହୋଇଥିଲା । ସେଥିରେ ଜଣେ ଯେଉଁ ଜୋକର ପାର୍ଟ କରିଥିଲା ତା ମୁହଁର ଆକୃତି ଠିକ୍ ଆପଣଙ୍କ ମୁହଁର ଆକୃତି ପରି । ସେଥିପାଇଁ ମୁଁ ବାରମ୍ବାର ଚାହୁଁଥିଲି । କିଛିଦିନ ପରେ ନିଶ୍ଚିତ ରୂପେ ମନେହେଲା ଆପଣ ନିଶ୍ଚେ ସେହି ଲୋକ ହେବେ । ପେଣ୍ଡାଲ ଉପର ଅଭିନୟ ମନେ ପଡ଼ିଯିବାରୁ ହସି ପକାଇଲି । ଏହାଛଡ଼ା ଅନ୍ୟ କୌଣସି ଚିନ୍ତା ମୋ ମନରେ ନାହିଁ । ମୋ କଥା ବୋଧହୁଏ ଆପଣଙ୍କ ନିକଟରେ ସ୍ପଷ୍ଟ ହୋଇଗଲା ;

ମୋ ମୁହଁର ସ୍ୱର୍ଗୀୟ ସୁଷମାର ଯେଉଁ ପ୍ରଶଂସା କରିଛନ୍ତି ସେଥିପାଇଁ ଧନ୍ୟବାଦ । ସୁନ୍ଦର ଜିନିଷଟିଏ ଦେଖିଲେ ଯେଉଁମାନେ ଲୋଭ କରନ୍ତି ସେମାନେ ତହିଁସଙ୍ଗେ ପାପ ମଧ୍ୟ କରନ୍ତି । ଲୋଭରୁ ପାପ ଓ ପାପରୁ ମୃତ୍ୟୁ ହୁଏ ବୋଲି ଜାଣିଥିବେ । ଏହା ଭାବି ଦୟାକରି ଆପଣ ଆପଣଙ୍କ ରାସ୍ତାରେ ସିଧା ସିଧା ଚାଲିବେ ।

ଲତା

.........

ଚିଠିଟା ପଢ଼ି ମନ ବସି ରହିପାରିଲା ନାହିଁ । ଭାବିଲି—ଜାଣିଛନ୍ତି ଚୋରଙ୍କର ମହାଶୟ ! ଧରନ୍ତୁ ଚିଠିଟା, ଆଉ ଧରନ୍ତୁ ଆପଣଙ୍କର ସିଠା ବସ୍ତା । ମନେ ରଖନ୍ତୁ ଏଇଟା ସେଣ୍ଟ୍ରାଲ ଜୁଡ଼ି, ଅଫିସ ।

ପରି ଭାବିଲି—“ତାର ଉତ୍ତର ବି ଲେଖିଦେବି କାଲି ।”

ଅନ୍ତରାତ୍ମାରେ କହିଲି—ନେଃ, ଏଥର ପୁଣି କି ଉତ୍ତର ଦେବାକୁ ହେବନି ?

ବାଃ, ଉତ୍ତର ଦେବନାହିଁ ଗୋଟାଏ କଣ ? ତୁ'ଟା ଏତେ ବୋକା ବୋଲି ଜାଣି ନଥିଲି । ବୁଝି ପାରୁନ ? ଚୋରଟା ଭାବ ସିଧା ହେବ । କପାଳ ଠଣ୍ଢେଇ ବସେଇ ଲେଖିଛି । ମୋତେ ବାରମ୍ବାର ଅନାଇବା ଭଙ୍ଗୀରେ ଯେଉଁ ହାତସଫେଇ ଦେଖାଇଛି ତାହା ମୁଁ ମାନୁଛି । ତୁ ଏବେ ଦେଖିଥାଉ ପରେ ସେ ମୋତେ ସେଣ୍ଟ୍ରାଲରେ । ସେ ମୁହଁଟା ଦେଖିଲେ କ ହସେ ପୁଣି କାଏ ? ମାଫ ଶେଷପାଦକୁ କପଟ ବୁଦ୍ଧିର ଗୁରୁଗିରି ଖେଳାଇଛି ସତ୍ୟ ନା ? 'ଲୋଭରୁ ପାପ, ପାପରୁ ମୃତ୍ୟୁ' ତା'ପରେ "ଆଉ ଚିଠିପତ୍ରି ଦେବନାହିଁ" ବୋଲି ତ ଲେଖିନାହିଁ । ଆଉ ଗୋଟେ ଚିଠି ଲେଖି ତାର ପରିଚୟ ମାଗିଲେ ସତ କଣ । ପତ୍ନୀ କଥା ଶୁଣି ମୁଁ ଆକାଶରୁ ପଡ଼ିଲି । ପିଲାଟି ଯେ ତାକୁ ନ ଖୋଜି ଭଉଣୀକୁ ରକ୍ଷା କରି ଉତ୍ତର ଦେଇଛି, ଏତିକି ପରମ ଭାଗ୍ୟ ବୋଲି ମୁଁ ମନେ କରୁଥିଲି । କିନ୍ତୁ ପତ୍ନୀ ଯେ ଏତେ ଅଭଦ୍ର ହେବ ମୁଁ ବିଶ୍ୱାସ କରୁନଥିଲି । ପଚାପଚି ଲେଖିବାରେ ମୋର ମଧ୍ୟ ସାହସ ନାହିଁ । ପରନ୍ତୁ ନବନାୟିକାର 'ଲୋଭ, ପାପ, ମୃତ୍ୟୁ' ଏ କେତୋଟି କଥା କାନମୂଳେ ମୋର କେବଳ ଏକ କୌତୂହଳ ପୁଣି କେବଳ ଏକ ପ୍ରେରଣା ଉଦ୍ରେକ କରୁଥିଲା । ଅନ୍ତର ଯେପରି କହି ଉଠୁଥିଲା ତୁମ ପ୍ରେମ ଓ ସୌନ୍ଦର୍ଯ୍ୟର ଅଧୀନ ସିନ୍ଧୁ ଭିତର ନିର୍ଜନ ବେଳାଭୂମିରେ ଶୁଣା ପ୍ରାଣ ମୋର କାନ୍ଦି ଉଠିଛି ହେ ପ୍ରେମମୟୀ ! ଏପରି କାନ୍ଦ କାନ୍ଦ ହୃଦୟ ଆଶଙ୍କା ଦେଇ

ଝଡ଼ଥିଲା ସକାଳ ଗର୍ଭରେ ସ୍ଥାନ ଦେଲେହିଁ ମୋର ପରମ ସୌଭାଗ୍ୟର ଚରମ ପରିଣତି ହୋଇ ସାରିବ । ଏହାର ପରବର୍ତ୍ତୀ ଘଟିର ଅପ୍ରକାଶ ଏହାପର ଭାବରେ ହେଲେ ବୋଧହୁଏ ଭଲ ହୁଅନ୍ତା । ମାତ୍ର ଯଠକୁ ଦୁଇଟା ଚଇକଣା ଜଣି ନଦେଇ ମୁଁ ପୁଣି ସେ କାଗଜ ଶଠି ଲେଖିବାକୁ ହାତ ମେଲା କରୁପାରୁ ନାହିଁ । ବୋଧହୁଏ ମଜା ଦେଖିବାର ଗୋଟାଏ ଅଦମ୍ୟ କୌତୁହଳ ଜାତ ହୋଇଥିଲା ମୋ ଭିତରେ ।

—§§§—

ଊଣେଇଶ

ଏହା ଭିତରେ ଅଢ଼େଇ ବର୍ଷ ଛଅ ମାସ ବିତିଗଲାଣି । ଯତି ପ୍ରେମ ପଥରେ ଆଗେଇ ଚାଲିଛି । ମୁଁ ପ୍ରାୟ ଆଠ ଦଶ ଖଣ୍ଡି ଚିଠି ଲେଖି ସାରିଲିଣି । ମାତ୍ର ପ୍ରଥମ ଚିଠିର ଉତ୍ତର ପାଇଲି ବେଳରୁ ଯେଉଁ ବାଳିକାଟିକୁ ଅତି ସମ୍ଭ୍ରାନ୍ତ ବୋଲି ଭାବୁଥିଲି ସେ ଯେ ଯତି ହୃଦୟର ବି ପରିଚୟ ଖାଲି ଧୀରେ ଧୀରେ ଚାଲିଯାଉଛି ମୁଁ ଜାଣି ବୁଝିଲି ନାହିଁ ।

ମୋତେ ପୁଣି ଛୁଟିରେ ଯିବାକୁ ପଡ଼ିଲା । ଏଣେ ନିରୁପମା ଜିଦର ଲଗାଇଲା; ତେଣେ ପୁଣି ବାପା, ଆମ ନୂଆ ବାଡ଼ିରେ ଘର ତିଆରି କରିବା ଆୟୋଜନ ଲାଗି ମୋତେ ବାରମ୍ବାର ଡାକି ପଠାଇଲେ । ନିରୁପମାର ଜିଦର ସେ ଏବର୍ଷ ଗ୍ରାମରେହିଁ ଦୋଳଉତ୍ସବ ଦେଖିବ । ବହୁତ ଦିନ ହେଲା ଦେଖିନାହିଁ ।

ମୁଁ ଛୁଟିପାଇଁ ଦରଖାସ୍ତ କଲି । ଛୁଟି ମଞ୍ଜୁର ହେଲା । ବିଦେଶରୁ ଘରକୁ ଯିବାର ପ୍ରସ୍ତାବ, ଛୁଟିପାଇଁ ଦରଖାସ୍ତ ଦେବା, ଲଗାପତ୍ର କିଣା ଓ ଅନ୍ୟାନ୍ୟ ପ୍ରୟୋଜନ କରିବା, ଲୋନ୍‌ପାଇଁ [illegible] ସୋସାଇଟି ଅଫିସରେ ଦରଖାସ୍ତ କରିବା, ଋଣ ମଞ୍ଜୁର ହେବା ଇତ୍ୟାଦି ଇତ୍ୟାଦି ଆନୁଷଙ୍ଗିକ ଉଦ୍‌ଯୋଗ ଭିତରେ ଯତି ପାଖରେ ମୋର ଆଉ ଭେଟ

ହେଉନାହିଁ । ତେବେ ମୁଁ ଯେଉଁ ଚିଠିଗୁଡ଼ିକ ଲେଖିଲି ସେଗୁଡ଼ିକ ନିରର୍ଥକ ହେଉନାହିଁ । ଏଥିପାଇଁହିଁ ମୋର ଆନନ୍ଦ ବେଶୀ । ସେ ଝିଅଟି ଚିଠିକୁ ପେନ୍ସିଲ ଲେଖାରେ ଦେଖି ଯେଉଁ ହେୟଜ୍ଞାନ କରିଥିଲି, ଏ ଚିଠିଗୁଡ଼ିକରୁ ତା ହୃଦୟ ଭିତରେ ବାସ କରୁଥିବା ପ୍ରକୃତ ମନୁଷ୍ୟ ସତ୍ତାର ପରିଚୟ ପାଇ ତଥା ନିଜର ଦୁରତିକ୍ରମଣୀୟ ପରିସ୍ଥିତିର ଆଶୁ ପ୍ରତିକାର ପାଇଁ, ତାର ଅବର୍ଣ୍ଣନୀୟ ବ୍ୟାକୁଳତା ଲକ୍ଷ୍ୟ କରିବା ପରେ ତାକୁ ଉଦାର ବିବେକାନ୍ୱିତ ବୋଲି ମତ ଦେଇପାରିଲଣି । ଅଉ ସେ ପାର୍ଶ୍ୱପଡ଼ିଶା ଭିତରୁ ଜଣେ ସ୍ନେହୀ ବ୍ୟକ୍ତିଙ୍କ ସହିତ ବନ୍ଧୁତା କରି ଓ ତାଙ୍କୁ ମଧ୍ୟସ୍ଥ କରି ପିଲଟିର ଅଭିଭାବକଙ୍କ ନିକଟରେ ସମ୍ବନ୍ଧ ପକାଇବା ସକାଶେ ଅନୁରୋଧ ମଧ୍ୟ କଲଣି ।

ଏତିକିବେଳେ ମୁଁ ପାଉଛୁ ଛୁଟିରେ । ଅପରିସୀମ ତୃପ୍ତିରେ ମୋ ଅନ୍ତର ଭରିଯିବା କଥା; ମାତ୍ର ଭିତରେ ଗୋଟାଏ ହିଂସା ଯେମିତି ଫଣ ଫଣ କରି ହୃଦୟ ଭିତରେ ମୋର ଦଂଶନ କରିଯାଉଛି । ପତ୍ନୀ, ତାର ପ୍ରେମିକା ଏ ସମସ୍ତଙ୍କୁ ଛାଡ଼ି ଜନ୍ମଦିନ ପାଇଁ ଛୁଟିନେଇ ମୁଁ ରାମଦେବ-ପୁର ଯାଉଛି । ନିଶ୍ଚିତରୂପେ ବିଶ୍ୱାସ କଲି ଯେ, ତା'ପାଇଁ ପ୍ରେମଚିଠି ଲେଖିବା ପରି ମୋର ଅଜ୍ଞତାରୁ ଜାଣି ଶେଷହେଲି ଓ ପତ୍ନୀ ମଧ୍ୟ ଅନେକ ଦୂରେଇ ଗଲେ ମୋଠାରୁ ।

—୦—

## କୋଡ଼ିଏ

ପାରିବାରିକ ଦୁଃଖ ଧନ୍ଦା ଭିତରେ ମୁଁ ବହୁତ ବ୍ୟସ୍ତ ହୋଇ ପଡ଼ିଛି । ଦୁଇମାସ ଫର୍ଲୋ ଲଭିବୁ କୋଡ଼ିଏ ଉଚେଣ୍ ଦିନପ୍ରାପ୍ତ ବ୍ୟକ୍ତି ହୋଇ ଗଲଣି । ହଠାତ୍ ଦିନେ ଯତିର ଚିଠି ପାଇଲି । ଚିଠି ଭିତରେ ନିମନ୍ତ୍ରଣ କରିଛି ତା' ବିବାହରେ ଯୋଗ ଦେବାପାଇଁ ।

ଯତି ବିଭା ହେଉଛି 'ଫୁଲ' ସହିତ । ତାର ପ୍ରେମିକା । ଚିଠିରୁ ଜାଣିଥିଲି ଫୁଲ ବୋଲି । ଅସଲ ନାଁ ତା' ହୋଇପାରେ ଆଉ ନହୋଇ ବି ପାରେ । ପ୍ରେମପତ୍ର ଭିତରେ ଦେବାପାଇଁ ହୁଏତ ମନଗଢ଼ା ନାଁ ବି ହୋଇପାରେ । ସେ ଯାହାହେଉ ସେ ବିଷୟ କିଛି ଲେଖା ନଥିଲା । କିନ୍ତୁ ଯତି ଦୁଃଖକରି ଲେଖିଥିଲା ଯେ, ମୁଁ ଛୁଟିରେ ଆସିବା ଆଗରୁ ତାକୁ ନ କହିଲି କିପରି ? ସେ ଯାହା, କଦାପି ତା' ବିଭାଘର ପୂର୍ବରୁ ଛାଡ଼ିଦେଇ ନଥାନ୍ତା ବୋଲି ଲେଖିଥିଲା—ତାହା ସତ । ମାତ୍ର ଯତିପରି ସାଙ୍ଗଟିଏ ପାଇ, ମୁଁ ନିଜକୁ ଏତେ ଧନ୍ୟ ମନେ କରୁ ନଥିଲି ଯେ, ମୋ ପାରିବାରିକ ଅବସ୍ଥା ଦୃଷ୍ଟିରୁ ଛୁଟିର ତାରିଖ ଘୁଞ୍ଚାଇ ତା' ବିଭାଘରେ ଯୋଗ ଦେବାପାଇଁ ରହୁଥାଆନ୍ତି । ତଥାପି ସେ ଜଣେ ମୋର ସାଙ୍ଗ । ତାର ଚରିତ୍ର ଓ ଦୃଷ୍ଟିଭଙ୍ଗି ନିର୍ବିଶେଷରେ ତା ବିଭାଘରେ ଯୋଗ ଦେବାପାଇଁ ଜୋର ଜବରଦସ୍ତି କରିଥିଲେ ମୋତେ ୨ ଜଣେ

ଛୁଟି ଘୁଞ୍ଚାଇବାକୁ ପଡ଼ିଥାଆନ୍ତା। ଏ କଥା ମୁଁ ଅସ୍ୱୀକାର କରିପାରିବି ନାହିଁ। ସେ ମୋ ନିକଟରେ କରୁଣାର ପାତ୍ର।

ସେ ଯାହାହେଉ ମୁଁ ତା' ବିଭାଘରେ ଯୋଗ ଦେଇପାରିଲି ନାହିଁ। ଯୋଗଦେବା କଥାଟା ଉପରେ ଏତେ ଗୁରୁତ୍ୱ ମଧ୍ୟ ଦେଲି-ନାହିଁ। ସବୁ ଜାଣିଥିଲେ ମଧ୍ୟ ଯାହା ଯେ ସତକୁ ସତ ବିଭା ହେଉଛି ମୋତେ ସେପରି ଅଳୀକ କଥାଟି ପରି ଲାଗିଲା। ନିରୁପମା ବାପାଘରେ। ସୁବ୍ରତଚନ୍ଦ୍ର ଓ ମଞ୍ଜୁ ଏ ଦୁଇ ଭଉଣୀ ଦୁହେଁ ମଧ୍ୟ ତାଙ୍କ ମା ସହିତ ମାମୁଘରେ। ପାଖରେ ଥିଲେ ନିରୁପମାକୁ ଏ ବିବାହ ନିମନ୍ତ୍ରଣ କଥା ସତେଇଁ ସତେଇଁ କହି ପକାଇଥାଆନ୍ତି। କଣ ମନେକରିଥାଆନ୍ତା ସେ—କହିଥାଆନ୍ତା, "ତୁମେ ତ ଅଳ୍ପ ପ୍ରେମପତ୍ର ଲେଖିଲ ହୋ !!!"

ଦୁଇମାସ ଛୁଟି ପରେ ମୁଁ ପୁଣି ମାସେ ଅଧିକା ଛୁଟି ନେଲି। ଘରକାମ ସେତେଦୂର ହେବା କଥା ତା' ହୋଇପାରି ନଥିଲା, ମୂଲିଆ ଅଭାବରୁ। ଏଇ ହେଲା ଗୋଟାଏ କାରଣ, ଦ୍ୱିତୀୟ କାରଣ, ବୋଉ କହିଲା—"ତୁମେ ସବୁ ଏ ଗରମ ଦିନଟା ଟିକେଇ କଟେଇ ଯାଅ। ସେଠାରେ ଯାହା ଗରମ ହୁଏ, ପିଲାଗୁଡ଼ାଙ୍କୁ ନେଇ ଦହଗଞ୍ଜ କରିବୁ କାହିଁକି? ନହେଲେ ଏମାନେ ଗାଁରେ ରହନ୍ତୁ, ରଜ ଗଲେ ଯିବେ।" ରଜ ଗଲେ ଏମାନେ ଯିବେ ଅର୍ଥାତ୍ ରଜ ଗଲେ ମୁଁ ପୁଣି ଥରେ ଛୁଟିନେଇ ଆସି ଏମାନଙ୍କୁ ନେଇଯିବି। ଅଯଥା ଗାଡ଼ିଖର୍ଚ୍ଚ ବ୍ୟତୀତ ଅନ୍ୟ କିଛି ନୁହେ। ତା'ପରେ ତୃତୀୟ କାରଣ ହେଲା, ଏଥର ଗାଁକୁ ଆ‐ ତାଙ୍କ ଘରଆଡ଼େ ଜମା ଯାଇନାହିଁ—ଶ୍ୱଶୁର ଘରଆଡ଼େ। ନିରୁପ‐ ମନକଷ୍ଟ କରୁ କି ନକରୁ ଶାଶୂ ନିଶ୍ଚେ ମନକଷ୍ଟ କରିବେ। ଶଳାଭାଉ‐ ମଧ୍ୟ କମ୍ ଖୋଣ୍ଟା ଦେବେନାହିଁ। ତା'ପରେ ଥରେ ଗଲେ ଫେ‐ ଦୁଇଦିନରେ ନଫେରେ। ମୋ ଶ୍ୱଶୁର ସେ ଭଳି ଖାଇଲବାଲା; ଗଲେତ କଥାଛଡ଼; ଭଲ ଭଲ ଜିନିଷ ଆଣି ଗଦା କରିବେ। ଆଜି

କଥା, ଭାଲ ସେ କଥା, ଦୁନିଆରେ ଯେପର ଭଲ ଭଲ ସୁସ୍ୱାଦୁ ଜିନିଷ ଖାଇବା ଛଡ଼ା ଅନ୍ୟ କୌଣସି ସମ୍ଭୋଗ ନାହିଁ ତାଙ୍କ ମତରେ । ଆଠ ଦଶ ଦିନରୁ କମ୍‌ରେ ତାଙ୍କ ଘରୁ ବିଦାୟ ନେବାର ସୁ' ନାହିଁ । କହିବେ—କୋଉ ସବୁଦିନେ ଆସୁଛନ୍ତି···ନା ପାଖରେ ଅଛନ୍ତି । ଥରେ ଗଲେତ ପୁଣି ବର୍ଷେ ଦେଢ଼ବର୍ଷ ।

ସବା ଶେଷରେ ନିରୁପମା କହେ, ଏଥର ପୁରୀ, ଭୁବନେଶ୍ୱର ଓ କୋଣାର୍କ ଏ ତିନିଟା ଯାଗା ସେ ଦେଖିବହିଁ ଦେଖିବ । ବହୁତ ଦିନରୁ ଲଗାଇଛି । ମାତ୍ର ତାର ଏ ଆଶା ପୂରଣ ହୋଇନାହିଁ । ରମଣୀବାବୁଙ୍କ ଜୀବନରେ ମାସେ ଦୁଇମାସ ଛୁଟି ନେଇ ସସ୍ତ୍ରୀକ ତୀର୍ଥ ଦର୍ଶନ ଯେପରି ସହଜ କଥା, ନିରୁପମା ତାହା ଜାଣେ । ତେଣୁ ସେ ଭାବିଥିଲା, ତା' ବାପଘର ତରଫରୁ ଏ ଯାତ୍ରାର ଆୟୋଜନ କରିବ ଓ ତାଙ୍କୁ ଜିଦ୍ ଧରି କହିବ ଯେ, ଆମ ସଙ୍ଗତ ଜ୍ୱାଇଁଙ୍କୁ ମଧ୍ୟ ଯିବାପାଇଁ ଅନୁରୋଧ କର ବୋଲି ।

ସେ ତାହା କରିଥିଲେ ଓ ସେମାନେ ଏପରି ଅନୁରୋଧ କଲେ ମୁଁ ଯଦି ଅନୁସମ୍ମାନ ରକ୍ଷା କରି ନପାଏ, ତେବେ ବାପ୍ପାଙ୍କ ଶ୍ୱଶୁରଙ୍କ ମନରେ ଦୁଃଖ ହେବ । ଏ ସବୁ ବିଷୟ ଭାବି ଚିନ୍ତି ମୋତେ ଅଦ୍ଧା ମାସେ ଛୁଟି ନେବାକୁ ପଡ଼ିଲା ।

ଅଧିକା ଛୁଟିରୁ ଦେଢ଼ଦିନ ଗତ ହେବା ପରେ ଖଣ୍ଡେ ଚିଠି ସଖ ପାଖକୁ ଲେଖିଲି । ଲେଖିଲି—ତା' ଚିଠି ଆସିଲାବେଳକୁ ମୁଁ ଘରେ ନଥିଲି । ଫେରିକରି ତା' ଚିଠି ପାଇଲାବେଳକୁ ବିଭାଘରର ତାରିଖ ପାରି ହୋଇ ଯାଇଥିଲା । ଅଙ୍କ ପରିସ୍ଥିତି ଭାବନାରେ ଯୋଗ ଦେବା ସମ୍ଭବ ମଧ୍ୟ ହୋଇ ନଥାନ୍ତା । ଏଥିପାଇଁ ସେ ମୋତେ କ୍ଷମା କରିବ ଓ ମୁଁ ତା' ବିଭାଘରରେ ସମସ୍ତଙ୍କ ଅପେକ୍ଷା ବେ ଅଧିକ ଖୁସି ଏହା ଅବଶ୍ୟ ସେ ବିଶ୍ୱାସ କରିଥିବ ।

## ଏକୋଇଶି

ଏହାପରେ ମୁଁ ଥାଠା ଫେରି ଆସିଲି । ଯତି ସନ୍ଦେହ ସେଇଁଦିନ ପ୍ରଥମେ ଦେଖାଦେଇଥିଲା, ସେ ଦିନଠୁଁ ତା' ଘରକୁ ଯିବାପାଇଁ ମୋତେ ବଳେଇଲା । ମାତ୍ର ମୁଁ ସମୟର ଅଭାବ ଦେଖାଇ ଗଲିନାହିଁ । କହିଲି ସମୟ ଦେଖି ଯିବି । ତୁ ଏପରି ବ୍ୟସ୍ତ ହେଉଛୁ କାହିଁକି ? ତୋ'ପରି ବନ୍ଧୁ ଘରକୁ ଯିବିନାହିଁ ତ ଆଉ ଯିବି କାହା ଘରକୁ ? ବିଶେଷତଃ ଭେଟଟା ଯେତେବେଳେ ଏତେଦିନଯାଏ ବାକି ପଡ଼ିଛି ?

ସତ କହିବାକୁ ଗଲେ ଯତିର ବିବାହରେ ମନଟା କାହିଁକି ମୋର ମରି ଯାଇଥିଲା । ମୁଁ କାହିଁକି ନିଜକୁ ନିତାନ୍ତ ଅତି ଦୀନହୀନ ମନେ କରୁଥିଲି । ଯେମିତିକି ଏହିଭଳି ପ୍ରେମକର ମୁଁ କାହିଁକି ବଞ୍ଚି ନଦେଲି । ମୋ ଜୀବନରେ କାହିଁକି ଭଲ ପାଇବା ସମ୍ଭବ ହେଲାନାହିଁ— କୌଣସି ଗୋଟିଏ ସୁନ୍ଦରୀ ବାଳିକାକୁ ? କାହିଁକି ? ନିରୁପମା କଣ ସୁନ୍ଦରୀ ନୁହେଁ । ମୋ ମନ କହିଲା ନିରୁପମା ସତେ ସେପରି ସେତେ ସୁନ୍ଦରୀ ନୁହେଁ......ନିରୁପମା ଯେ ଅସୁନ୍ଦରୀ, ତାହା ବି ନୁହେଁ । ମାତ୍ର ନିରୁପମା ମୋର ସ୍ତ୍ରୀ ଓ ସେ ମୋତେ ଗଭୀର ଭାବରେ ଭଲପାଏ । ତଥାପି ନିଜପ୍ରତି କିପରି ଗୋଟାଏ ଅସନ୍ତୋଷ ଓ ଯତିପ୍ରତି ହିଂସା, ଗୋଟାଏ ଅପୂର୍ବ ଭାବ ମନରେ ମୋର ଜାଗି ଉଠିଲା ।

ଦୁଇଟି କଥା ଲକ୍ଷ୍ୟକଲି ଯଶ ବିଷୟରେ । ପ୍ରଥମତଃ ଯଶର ବେଶ, ପରିପାଟି ଟିକେ ବଦଳିଯାଇଛି । ତା' ବ୍ୟବହାରିକ ପୋଷାକ ପରିଚ୍ଛଦ ଦେଖିଲେ ତାକୁ କେହି ବଜାର କମ୍ପା ଗୁଣ୍ଡା କହୁଥିଲେ । ଅଜିକାଲି ସେ ଜଣେ ଭଦ୍ରଲୋକପରି ଦେଖାଯାଏ । ତାର ସେ ଜଗ ପଟ୍‌ଲୁନ୍ ସହିତ ମାଟିଆ ଫେଲ୍ଟ ହ୍ୟାଟ୍ ଅଉ ନାହିଁ । ଭିତରି ଉପରର ପୋଷାକ ଛାଡ଼ିଦେଲେ ଏବେ ସୁସ୍ତ୍ରାପାଟରେ ସବୁବେଳେ ଧୋବ ପଞ୍ଜାବୀ ବ୍ୟବହାର କରିବାର ମୁଁ ଦୁଇ ତିନିଥର ଦେଖିଲିଣି ।

ଦ୍ୱିତୀୟତଃ ଯଶର ସ୍ୱାସ୍ଥ୍ୟ ଅନେକ ହାନି ହୋଇଯାଇଛି । ଏବେ ତାକୁ ଦେଖିଲେ ମେଲେରିଆ ରୋଗୀପରି ଦେଖାଯାଏ । ଦିନେ ମୁଁ ତାକୁ ଏ ବିଷୟରେ ସତର୍କ କରିଦେଇଥିଲି । ମାତ୍ର ସେ ତାହାର ଯଥାର୍ଥତା ମୋଟେ ହୃଦୟଙ୍ଗମ କରି ନଥିଲା ।

ଏହାଛଡ଼ା ଅନ୍ୟ ଏକ ଆଶ୍ଚର୍ଯ୍ୟ କଥା ମୁଁ ପ୍ରାୟ ବରାବର ଦେଖିଲି ତା' ମନରେ ଆଗର ସ୍ଫୂର୍ତ୍ତି ବା ପ୍ରଫୁଲ୍ଲତା ନାହିଁ । ଦିନେ ପଚାରିଲି—କଣରେ, ବାହାଘର ପରେ ତୋ ମନର ସରସତା କଣ ମଉଳି ଗଲାପରି ଜଣାଯାଉଛି ? କଥା କଣ ? ଏତେବେଳକୁ ତା' ବାହାଘର ହେବାର ପୁରା ଛଅମାସ ହୋଇଯିବ । ସେ ଯାହା କହିଲା—ମୁଁ ଏକାସମୟରେ ଆଶ୍ଚର୍ଯ୍ୟାନ୍ୱିତ ଓ ମର୍ମାହତ ହୋଇପଡ଼ିଲି । ଶୁଣିଲି ସେ ବାହା ହୋଇ ଅଦୌ ସୁଖୀ ହୋଇପାରିନାହିଁ । ଆଗର ଚାଞ୍ଚଲତା ମଧ୍ୟ ଆଉ ଏଣିକି ଦେଖା ପାଉନାହିଁ । ଅଧିକାଂଶ ସମୟ ସେ ଗମ୍ଭୀର ଓ ଚିନ୍ତିତ ଥିଲାପରି ମନେ ହେଉଛି । ଏଯାଏ କିନ୍ତୁ ଦିନେହେଲେ ତା' ଦୁଆରେ ମୁଁ ପାଦ ପକାଇନାହିଁ ।

ପଚାରିଲି—ତୁ'ତ ତାକୁ ନିଜେହିଁ ମନୋନୀତ କରି ଓ ପସନ୍ଦ କରି ବାହାହେଲୁ । ଅଉ ସୁଖୀ ନ ହେବାର କାରଣ ଆସିଲା କେଉଁଠୁ ?

କହିଲି—ମୁଁ ଭାବିଥିଲି ଅନ୍ୟପ୍ରକାର ଭାବ·····କଥା ଭିତରେ ଯେପରି ଦରଦ ସ୍ୱର ଉଠିଥିଲା ଯତର। ମୁଁ ନିଜେ ଖାଲି ଭୁଲ କରିନାହିଁ, ତାକୁ ମଧ୍ୟ ଅସୁଖୀ କରାଇଛି।

କିପରି ?

ମୁଁ ଯେପରି ଲୋକଟିଏ ହେବି ବୋଲି ସେ ଆଶା କରିଥିଲା, ଫଳରେ ମାନେ ତା' କହିବା ଅନୁସାରେ ମୁଁ ତାହା ନୁହେଁ।

ତା' କହିବା ଅନୁସାରେ ମାନେ ? ସେ କଣ ଏ କଥା କହେ ?

"ସେ ଏକଥା କହେନାହିଁ, ଯଦିଓ ମୁଁ ବୁଝିଛି ଏହାହିଁ ତା' ମନର କଥା" ପତି କହିଲା।

ଯେଉଁଦିନ ଏକଥା ଶୁଣିଲି ପତି ମୁହଁରୁ, ସେଦିନ ତାଙ୍କ ଘରକୁ ଗଲି। କାରଣ ସେଦିନ ଆଉ ମୋତେ ସେ ନଛାଡ଼େ। ସେ ମୋର ଅଫିସ ଛୁଟି ହେବା ପର୍ଯ୍ୟନ୍ତ ବସି ରହିଲା।

କହିଲି—ଦେଖ ଭାଇ, ତୋ' ଘରଠୁଁ ମୋ ବସା ଛଅ ସାତ ମାଇଲରୁ କମ ହେବନାହିଁ। ଗଲେ ଅବଶ୍ୟ ଫେରୁ ଫେରୁ ରାତି ନଅ ଦଶ ହେବ। ମୋର ଘରକୁ ଖବର ପଠାଇଦେବା ଉଚିତ। ନହେଲେ ମୋ ସ୍ତ୍ରୀ ବଡ଼ ଚିନ୍ତିତା ହୋଇପଡ଼ିବ। ତେଣୁ ବରଂ ମୁଁ କାଲି ତୋ ଘରକୁ ଯିବା ପାଇଁ ପ୍ରସ୍ତୁତ ହୋଇ ଆସିବି।

ସେ କିନ୍ତୁ ମାନିଲା ନାହିଁ। କହିଲା—"ପ୍ରଥମ କଥା ତୋ' ଘର ପାଖରୁ ମୋ ବସା ଛଅ ସାତ ମାଇଲ ନୁହେଁ। ତା'ପରେ ତୁ ମୋତେ ଗୋଟିଏ ଚିଠି ଦେ'। ମୁଁ ଯାଇ ତୋ ଘରେ ଦେଇ ଆସିବି।

କହିଲି—ତୁ' କେବେ ଯାଇଁ ଧରେନ ପାଇଥିଲୁ। ମୋ ସ୍ତ୍ରୀ ତୋତେ ଚିହ୍ନିପାରିବ ନାହିଁ।

ମୁଁ ଡାକିବି ତୋର ପୁଅକୁ—ନାଁ ଟା କଣ ତାର—

କହିଲା "ଗୁରୁଚନ୍ଦ୍ର।"

ବେଶ୍ ମୁ 'ଗୃହୁ' ବୋଲି ଡାକି ଚିଠି ଦେଇଦେବ ।

ଶେଷରେ ଟମା ନିକଟରୁ ଖଟେଣ୍ଡ୍ର ଛୁଟ ଚଠ ନେଇ ଯଣ ସାଇକେଲ୍ ଧଇଲା ।

—§§§—

## ବାଇଶି

ସାଇକେଲ ଟ୍ରେଲର୍‌ରେ ବସାଇ ଯଦୁ ମୋତେ ସାକ୍‌ଟିବଜାର ଭିତରେ ବୁଲାଇ ବୁଲାଇ ଜଙ୍ଗାଣି ଆସିଲା ଟୁଙ୍ଗୁ ରୋଡ଼କୁ । ଏଥିଭିତରେ ସେ ଲୁଅଟେ ପୁଣି ବସା ବଦଳି କରି ଟୁଙ୍ଗ୍ ରୋଡ଼କୁ ଆସିଛନ୍ତି । ଏ ଘରଟିର ମାଲିକ ଜଣେ ବୃଦ୍ଧ; ଶରଟି ଟି. ଆର. ଝାଇପ୍ । ବୃଦ୍ଧ ଏକୁଟିଆ, ବୃଦ୍ଧାର ପରିବାର ସମସ୍ତେ ଦେଶରେ । ତେଣୁ ସେମାନେ ଏକାନ୍ନବର୍ତ୍ତୀ ପରିବାରରେ ଚଳୁଛନ୍ତି । ଶୁଣିଲି ସେ ଅନ୍ୟ କୌଣସି ସ୍ଥାନରେ, କୌଣସି ନମ୍ବରରେ ଖିଅପିଅ କରି ସମୁଦାୟ ଘରଟି ଜଣେ ବଙ୍ଗାଳୀଙ୍କୁ ଭଡ଼ାରେ ଦେଇଦେଇଥିଲା । ମାତ୍ର ଯଦୁ ସସ୍ତ୍ରୀକ ଅସି ଏଠାରେ ରହିବାକୁ ଅନୁରୋଧ କରିବାରୁ ବୃଦ୍ଧା ବଙ୍ଗାଳୀଟିକୁ ଘର ଖାଲି କରିବାକୁ ତାଗିଦ୍ କଲା । ଶେଷରେ ଘର ଖାଲି ହେବାରୁ ସେ ଏବେ ନିଜେ ମଧ୍ୟ ଅସି ରହୁଛି । ସେ ଏମାନଙ୍କୁ ସ୍ନେହ କରେ । ତେଣୁ ଦୁଇ ବଖରାରୁ କେବଳ ଗୋଟିଏ ଏମାନେ ଭଡ଼ାରେ ନେଇଥିଲେ ବି ଉଭୟ ବଖରାରେ ଅବାଧ ଚଳପ୍ରଚଳ ହୁଅନ୍ତି ।

ମୋତେ ଆଗ ଘରେ ବସାଇ ସେ ଅଉଘରକୁ ଗଲା—ସମ୍ଭବତଃ କିଛି ଖିଅପିଅର ଯୋଗାଡ଼ ଲଗାଇବାକୁ । ସାଧାରଣ ଦିନର ଖାଦ୍ୟ ସାମଗ୍ରୀ ଅପେକ୍ଷା ଆଜିକାର ଖାଦ୍ୟ ସାମଗ୍ରୀ ଭିତରେ କିଛି ତାରତମ୍ୟ

ଥିବ । କାରଣ ମୁଁ ଅତିଥି ଏବଂ ମୋର ପ୍ରାପ୍ୟ ସମ୍ମାନର ଭୋଜ ଏବେ ମଧ୍ୟ ବାକିପଡ଼ିଛି । ଏହିକଥା ଭାବି ମୁଁ ଟିକେ ମନେ ମନେ ହସୁଥିଲି ଓ ଅମୃପ୍ରସାଦ ଲାଭ କରୁଥିଲି ।

ଯତି ଅଫିସର ଭିତରେ କି କି ପ୍ରସ୍ତାବ ହେଉଛି କିମ୍ବା ପୂର୍ବ ପ୍ରସ୍ତାବିତ ଅନୁସାରେ ଆୟୋଜନ କେତେଦୂର ତାର ତନଖି ନେବା ପାଇଁ କି ପ୍ରକାର ସ୍ତ୍ରୀ ସହିତ ପ୍ରଶ୍ନୋତ୍ତର କରୁଛନ୍ତି ସେ ବିଷୟର କୌଣସି ଧାରଣା ମୋର ନଥିଲା । ମୁଁ ଖାଲି ସେମାନଙ୍କର ଟୁପ୍ ଟାପ୍ କଥାବାର୍ତ୍ତା ଶୁଣିବାକୁ ପାଉଥିଲି ଯାହା । ଏଣେ ସେ ବୁଢ଼ା ଲୋକଟି ଆସି ମୋ ସହିତ ଏଣୁତେଣୁ ଗପ ଲଗାଇଦେଲେ । ତା' ଭିତରେ ତାଙ୍କ ସର୍ଭିସ କଥା, ଟାଟାକମ୍ପାନୀର କର୍ମଚାରୀମାନଙ୍କର ଦରମା ବଢ଼ାଇବା ପାଇଁ ସ୍ଥାନୀୟ ଶ୍ରମିକ ସଂଘ କି କି ଯତ୍ନ କରୁଛନ୍ତି ଇତ୍ୟାଦି···

ଏସବୁ ହେଉଁ ହେଉଁ ଯତି ଚା' ନେଇଆସିଲା, ସ୍ୱମତେ ଚା' ଖାଇ କେତେଥର କେତେ ଗପ ଆରମ୍ଭ କରିଦେଲି । ଯତି କିନ୍ତୁ ଭିତର ଘରକୁ ଯାଇଁ ମଝିରେ ମଝିରେ କିଛି ଖବର ଅନ୍ତର ବୁଝି ଆସୁଥାଏ । ସଞ୍ଜ ଅଠଟା ବେଳକୁ ଖିଆପିଆ ହେଲା । ସେଦିନର ମାଛ ତରକାରୀର ସ୍ୱାଦ ଆଜି ପର୍ଯ୍ୟନ୍ତ ଭୁଲିପାରିନାହିଁ । ତା' ପରେ ମୁଁ ଘରକୁ ଫେରିଯିବା ପାଇଁ ତରତର ହେଲି । ଯତି ମୋତେ ଛାଡ଼ିବା ପାଇଁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିଲା ।

ତା' ଘରୁ ବାହାରି ବାରଣ୍ଡାରେ ଯୋତା ପିନ୍ଧିବାବେଳେ ବୁଝି-ପାରିଲି ତା ସ୍ତ୍ରୀ ହୁଏତ ମୋତେ ଦେଖିପାରିଛନ୍ତି । ଯତିବାବୁଙ୍କ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କ ସାଙ୍ଗବାବୁଟି କପରି ଅଦ୍ଭୁତର ନର, ବାନର ନା ବାଘ କି ଜଳହସ୍ତୀ (ଜଳହସ୍ତୀ ଜଳଚର ପ୍ରାଣୀ ହୋଇଥିବା ହେତୁ ସ୍ଥଳଚର ହୋଇ ନପାରନ୍ତି, ଅଜ ବାଘ ମଧ୍ୟ ହୋଇ ନଥିବେ । )

ଦେଖିନେବା ପାଇଁ ନିଶ୍ଚୟ କବାଟ କଣରୁ ଚାହିଁଲେ ଅନାଇଥିବେ । ମୋର କିନ୍ତୁ ସେ ସୌଭାଗ୍ୟ ହେଲନାହିଁ ।

ବାଟରେ ଯତି କହିଲା—ଦେଖ ଭାଇ, ମୋ ସ୍ତ୍ରୀଙ୍କୁ ଦେଖିପାରିଲ୍-ନାହିଁ ବୋଲି ମନେ ମନେ ତୁ ନିଶ୍ଚୟ କଷ୍ଟ କରୁଥିବୁ । କିନ୍ତୁ ଆଶ୍ଚର୍ଯ୍ୟର କଥା, ସେ ଯେ କାହିଁକି ତୋ ସାମନାକୁ ଆସିଲନାହିଁ କହିପାରିବି ନାହିଁ । ତୋ ସାମନାକୁ ଆଣିବା ପାଇଁ ତା' ହାତ ପର୍ଯ୍ୟନ୍ତ ଧରି ଟାଣିଲି । ତଥାପି ସେ ଲାଜ କରି ଆସିଲ ନାହିଁ । କିନ୍ତୁ ମୋର ଅନ୍ୟାନ୍ୟ ଜଣାଶୁଣା ବନ୍ଧୁମାନଙ୍କ ଆଗକୁ ଆସିବାକୁ ସେତ ଏତେ ଜିଦ୍ ଧରି ଅଟକି ହୋଇନାହିଁ !

ହସିଲି—କହିଲି—ମୁଁ ଭାବିଲେ ତୋର ବଡ଼ ସାଙ୍ଗ ହୋଇଥିବି . ସେଥିପାଇଁ ବେଶୀ ଲଜ୍ଜା···ଏଥିପାଇଁ ମନ କଷ୍ଟ କରିବି ବୋଲି ଭାବୁଛୁ କାହିଁକି ?

ମୁଁ କିନ୍ତୁ ତାକୁ ଆଜି ଠିକ୍ କରିବି······

"ଧେତ୍ ପାଗଳ ! ହଁ ତୁମ ଦୁହିଁଙ୍କୁ ମୁଁ ଆଜି ନିମନ୍ତ୍ରଣ କରି ଯାଉଛି ! ସୁବିଧା ଦେଖି ଦିନେ ଆମ ଘରଆଡ଼େ ବୁଲିଯିବ ।" ସେ ମୁଣ୍ଡ ହଲାଇ ହଁ କଲା । ବାସ୍ ଆସିବାରୁ ମୁଁ ବସିପଡ଼ିଲି ।

—※※※—

## ତେଇଶି

"ସାଙ୍ଗେ ଗୃହତ୍ୟାଗବେଳେ ଯେଉଁ ଲୋକଟି ଉଠିନେଇ ଅପି-ଥିଲେ ସେହି କଣ ତୁମ ସାଙ୍ଗ ଯତିବାବୁ ?" ନିରୁପମା ପଚାରିଲା ।

ହଁ, ହଁ, ସେହି ହେଉଛନ୍ତି ପ୍ରେମିକ ଶ୍ରୀମାନ ଯତୀନ୍ଦ୍ରନାଥ ଦାସ ।

ଓହୋ, ତାଙ୍କୁ ପୁଣି ଏମିତି ପ୍ରେମ କରୁଥାଏସେ ! ପ୍ରେମ କରି କରି ଶେଷରେ ଆପଣାର କରିନେଲେ । ଧନ୍ୟ କହିବା ତୁମ ପୁରୁଷ ଜାତିକୁ ! ବୋହୂଟିକୁ ତାଙ୍କର ଦେଖିଲ ନାହିଁ ?

ଦେଖା ଦେଲେନାହିଁ ।

ହୁଁ ଲୁଚୁଅଛ କାହିଁକି ମ ? ତୁମ ସାଙ୍ଗ ମାଇପକୁ କିଏ ନେଇ ଯାଉଛନ୍ତି ?

ସତରେ, ଲଜ୍ଜାର ଦେଖା ଦେଲେନାହିଁ ।

"ତାଙ୍କ ଦୁହିଁଙ୍କର ଖୁବ୍ ମନ ମିଳୁଛି ନା ?"

"କହିପାରିବି ନାହିଁ । ତେବେ ଯତି କହୁଥିଲା, ତାଙ୍କ ଭିତରେ ଲୁଚାଇ ଖୁବ୍ ଝଗଡ଼ା ହେଉଛି କଥା କଥାକେ ।"

"କାହିଁକି ବା ?"

"ଆରେ, ମୁଁ କେମିତି କହିବି ?"

"ତୁମକୁ କହୁନଥିଲେ ତୁମ ସାଙ୍ଗ ?"

"କାହିଁକି ଭଲଲାଗେ, ସେକଥା କହୁନାହିଁ ; ଖାଲି ଭଲ ଲାଗେ ବୋଲି କହୁଥିଲି ।"

ତାଙ୍କ ଘରେ ଖାଇ ଆସିଛ ?

ହଁ ।

ତାଙ୍କୁ ସବୁ ଆସିବାକୁ କହିନ ?

କହିଛି ।

କେବେ ଆସିବେ ସେମାନେ ?

ତାଙ୍କ ସମସ୍ତ ସୁବିଧା ଦେଖି ଆସିବେ । କିଜାଣି ନଆସି ବି ପାରନ୍ତି ।

ଅଚ୍ଛା କହିବ ମୋତେ ?

କାହିଁକି ?

ଭଲ ଖାଇବା ଜିନିଷ କିଛି ଆଣିବା, ଅଉ ଖଣ୍ଡେ ଶାଢ଼ୀ······

ଅସ୍ପଷ୍ଟରେ ନିରୁପମାଆଡ଼କୁ ଚାହିଁଲି ।

ଚାହିଁଛ କଣ ବା ? ଖଣ୍ଡେ ଶାଢ଼ୀ ତାଙ୍କ ବୋହୂଙ୍କ ପାଇଁ ନନେଲେ ସୁନ୍ଦର ଦିଶିବନାହିଁ ।

ଦୀର୍ଘ ନିଶ୍ୱାସଟାଏ ପକାଇଲି । କହିଲି--ହଁ, ସେ କଥାତ ଅଛି । ପିଲାମାନେ ସମସ୍ତେ ଖାଇପିଇ ଶୋଇଲେଣି ? ତୁମେ ଖାଇନା ?

ନାଁ ।

ଜାଣିଛ ତ ମୁଁ ଡେରିକରି ଆସିବି । ମୋ ପାଇଁ କାହିଁକି ଅପେକ୍ଷା କରିଥିଲ ?

ଭାବୁଥିଲି ଏଥର ତୁମକୁ ନଖୋଇ ତୁମ ସାଙ୍ଗ ଓ ତାଙ୍କ ସ୍ତ୍ରୀ ମୋ ପାଇଁ ମଧ କିଛି ପଠାଇବେ ବୋଲି । ତାହାର ଅପେକ୍ଷାରେ ଥିଲି ।

ହସିଲି ।

ଅଉ ଦି'ଟା ଖାଇବ ଆସ ।

କଣ ?

ମୋ ରାଣ, ଅପନା ! ଏତେବାଡ଼ ଅମ୍ବୁ ଅମ୍ବୁ ଝଡ଼ିପିବଣି । ନିରୁପମା ଅନୁନୟ ଭାବରେ ଅନାଇଲା ମୋଅଡ଼କୁ ।

ପାଗଲ୍ ନା କଣ ? ଏବେ ଖାଇକରି ଅମ୍ବୁ ଅମ୍ବୁ ପୁଣି ଖାଇବ ? କେଇଥା ପେଟକି ମୋର ?

ତା'ହେଲେ ତୁମେ ଶୁଅ । ମୁଁ ଦି'ଟା ଖାଇନିଏ । ବିଛଣା ତ ପାରିଦେଇଛୁ, ଯାଅ—

ପାଣି ଦିଅ, ପିଇବି !

କଣ ଖାଇବାକୁ ଦେଲେ ତୁମ ସାଙ୍ଗ ?

କହୁଛୁ ଅସ ।

ନିରୁପମା ସ୍ତୋତ୍ରେଇଶାଳକୁ ଚାଲିଗଲା ।

—§§§—

## ଚବିଶି

ଗୋଟିଏ ହାତରୁ ବର ନମିଳୁ ପଛେ, ମୁଁ ଏକାଥରରେ ଦୁଇଟିଯାକ ହାତରୁ ବର ମାଗୁଥିଲି ଗୋପାଳୀଙ୍କ ପାଖରେ । ଶେଷକୁ ବୁଝିଲି ଆଉ ଅନେକ ଜନ୍ମର ବର ମାଗିବାକୁ ପଡ଼ିବ । ତେଣୁ ଆଜିକାଲି ଗୀତ ଗାଇ ବସିବା ଭୁଲ୍ଭା ପାଗଳାମି ଛଡ଼ା କିଛିନୁହେଁ ମୋ ପକ୍ଷରେ ।

ସେଦିନ ତାନ୍‌ପୁରା ଧରି ମୁଲ୍‌ତାନି ରାଗରେ ଆଲାପ କରୁଥିଲି । ଗୁରୁ ବାବୁ ମୋତେ ବିରକ୍ତ କରୁଥିଲା ଅଙ୍କ ପ୍ରଶ୍ନ ବୁଝି ନପାରି । କ୍ଲାସ ଫୋର୍‌ରେ ପଢ଼େ । ହେଟେଇ ଧଳା ସରବା ଉପରେ । ନିରୁପମା ଅପା ତାକୁ ଶାସନ କରି କହିଲା—କାହିଁକି ଗୋଟା ବିରକ୍ତ କରୁଛ ମ ? ଦେଖୁଛ ତ, ଭାଇ ଅଚ୍ଛା ଗୀତ ବୋଲୁଛନ୍ତି, କଣ କହ ମୁଁ ବୁଝାଇଦେବି ।

ଗୁରୁ କହିଲା—ହଁ ତେବେ ତ ଭାରି ଅଙ୍କ ଅଟେ । ସେଦିନ ଖଟେଇ କରିଦେଲି ଯେ, ସ.ର୍ କହିଲେ ଭୁଲ ହୋଇଛି ।

“ଅଚ୍ଛା, ଆଜି କହିତ କି ଅଙ୍କ ?” ନିରୁପମା ପଚାରିଲା ।

"ବାପା ପୁଅର ବୟସ ମିଶି ଅଶୀ ବର୍ଷ । ଦଶବର୍ଷ ପୂର୍ବେ ବାପର ବୟସ ପୁଅ ବୟସର ଦୁଇଗୁଣ ଥିଲା, ତେବେ କାହାର ବୟସ କେତେ ?"—ଗୃହ୍ଣୁ ପ୍ରଶ୍ନଟି ପଢ଼ିଦେଲା ।

ଏଇ ଅଙ୍କଟା ତତେ ଆସୁନାହିଁ ? ଆଗେ ଅଶୀରୁ ଦଶ ଫେଡ଼ିଦେ । ଯେତେହେବ ତାକୁ ତିନିରେ ହରଦେବୁ । ତାହେଲେ ପୁଅର ବୟସ ଆସିଯିବ । ପୁଣି ତାକୁ ଦୁଇରେ ଗୁଣିଦେଲେ ବାପର ବୟସ ଆସିଯିବ । ନିରୁପମା ବୁଝାଉଥିଲା ପୁଅକୁ ଅଙ୍କ ।

ତାନ୍‌ପୁରା ରଖି ମୁଁ ହୁଁ ହୁଁ ହୋଇ ହସିଉଠିଲି । ତୁମପରି ମା'ଟିଏ ମାଷ୍ଟରାଣୀ ଭାବରେ ପାଇଲେ ଗୃହ୍ଣୁ ଠିକ୍ ଅଙ୍କରେ ଶହେରୁ ଶହେ ନମ୍ବର ଆଣିବ । ମୁଁ ଉଠିଯାଇ ଗୃହ୍ଣୁ ବଦଳରେ ନିରୁପମାର ଗାଲ ଦୁଇଟାକୁ ଚପିଧରି ଭଲ ଭାବରେ ଦୋହଲାଇଦେଲି । ଲାଜରେ ଲାଲ ପଡ଼ିଗଲା ନିରୁ । "ଛାଡ଼ିଲ ମଣିଷଟାଏ ମ ! ପିଲାଟା ଆଗରେ·····।" ମୁଁ ମଧ୍ୟ ଅପ୍ରତିଭ ହେଲି । ବାତାବରଣ ବଦଳେଇବାକୁ ମୁଁ ଚ୍ଲେଟ କଟକଣାଟାଏ ଗୃହ୍ଣୁକୁ ମଧ୍ୟ ଦେଲି ।

କହିଲି—ଏବେ ନେ,' ବୋଉକୁ ଓ ତୋତେ ଉଭୟଙ୍କୁ ମୋତେ ଅଙ୍କ ଶିଖାଇବାକୁ ପଡ଼ିବ । ଦଶବର୍ଷ ଭିତରେ ବାପ ଓ ପୁଅ ଉଭୟଙ୍କର ବୟସ ସମାନ ଭାବରେ ବଢ଼ିଛି । ତେଣୁ ପୁଅର ଦଶବର୍ଷ ଅଧିକ ହେଲେ ବାପର ମଧ୍ୟ ଦଶବର୍ଷ ଅଧିକ ହୋଇଛି । ତାହାହେଲେ ଅଶୀବର୍ଷରୁ କୋଡ଼ିଏ ବର୍ଷ ଫେଡ଼ିଲେ ଯାହା ରହିବ ଦଶବର୍ଷ ପୂର୍ବେ ବାପ ପୁଅର ବୟସ ମିଶି ସେତିକି ଥିଲା; ନୁହେ ?

ନିରୁପମା ନିଜ ଭୁଲ ବୁଝିପାରି ହସିଲା; ଗୃହ୍ଣୁ କିନ୍ତୁ ଠିକ୍ ବୁଝିଲା ନାହିଁ । କିନ୍ତୁ ଏଣିକି ତାକୁ ଉଦାହରଣ ଦେଇ ବୁଝାଇବାକୁ ଆରମ୍ଭ କଲା ତା'ର ମାଆ; ମୁଁ ପୁଣି ତାନ୍‌ପୁରା ପାଖକୁ ଉଠିଗଲି ।

ଶୋଇଲାବେଳେ ନିରୁପମା ପ୍ରସ୍ତାବ କଲା, ଗୁଡୁପାଇଁ ଟିଉସନ୍ ମାଷ୍ଟରଟିଏ ରଖିଲେ ଭଲ ହୁଅନ୍ତା । ମୁଁ ମଧ୍ୟ କଥାଟାର ସତ୍ୟତା ଉପଲବ୍ଧି କଲି । କିନ୍ତୁ ମୋତେ ମଧ୍ୟ ନିରୁପମାକୁ ବୁଝାଇବାକୁ ପଡ଼ିଲା ଯେ, ସଂସାର ଖର୍ଚ୍ଚରୁ ଟିଉସନ୍ ମାଷ୍ଟର ପାଇଁ ଦଶଟଙ୍କା ବଞ୍ଚାଇବା ସମ୍ଭବ ହେବନାହିଁ । ସେ କଥାର ସେହିଠାରେ ହେଲା ପୂର୍ଣ୍ଣଚ୍ଛେଦ । ନିରୁପମା ଏ ବିଷୟରେ ଅଧିକ ଯୁକ୍ତି ନ କରି ଯେଉଁ ନୂତନ ଉକ୍ତିଟି କଲା ତହିଁରେ ମୁଁ କମ୍ ଅସ୍ଥିର ହେଲିନାହିଁ ।

ପଚାରିଲା—କେତେଦିନ ହେଲାଣି ?

କଣ କେତେଦିନ ମ ? ଦେଢ଼ମାସରୁ ତ ଉପର ହେଲାଣି ।

ହେଃ, ମିଛ; କୁଆଡ଼ୁ କପାଳ ବନ୍ଦ ହୋଇଯାଇଛି । ଏତେ ଶୀଘ୍ର ସନ୍ଦେହ କରିବା ଉଚିତ ନୁହେଁ ।

ହିଁ ଉଚିତ ନୁହେଁ । ମୋଠାରୁ ତୁମେ ବେଶୀ ଜାଣ ଏକଥା ?

ତା'ହେଲେ କଣ କହୁଛ ?

ଯା' କହୁଛି ତା' ସତ, ଦେଖିବ ନାହିଁ ?

ଏ କଥାରେ ମୁଁ ଯେ ଆନନ୍ଦିତ ହେଲି, ଠିକ୍ କହିପାରୁନାହିଁ । ଦୀର୍ଘନିଶ୍ୱାସ ପକାଇ ନୀରବ ରହିଲି ।

ନୀରବତା ଭାଙ୍ଗି ନିରୁପମା କହିଲା—ତୁମେ ତ କେବେହେଲେ ବାଧା ମାନିବା ଲୋକ ନୁହ । ସମସ୍ତ କାଳର ଖବର ନାହିଁ ତୁମ ପାଖରେ, ଦିନ ଅଦିନର ମଧ୍ୟ ପରବାନାହିଁ ।

ହୁଃ, ଦେଖାଯିବ.....

ହିଁ, ତୁମର କଣ ହୋଇଯାଉଛି କି ?

ସେଥିପାଇଁ କହେ କିଛିଦିନ ଅନ୍ତତଃ ଗ୍ରାମରେ ରୁହ । ତୁମେ ତ ମାନିବ ନାହିଁ । ଆଉ ବି ଗୋଟିଏ କଥା; ତୁମେ ଗ୍ରାମରେ ରହିଲେ

ଗୁଲୁର ପଢ଼ାପଢ଼ି କ୍ଷତି ହେବ ? ତାକୁ ତା' ମାମୁଁଘରେ ଛାଡ଼ିଲେ ହୁଅନ୍ତା ନାହିଁ ?

ହେବ ନାହିଁ କାହିଁକି ? ସେମାନେ ତ ଆଗ୍ରହରେ ରଖିବେ; ଭାଇ ଏଥରକ ମଞ୍ଜୁକୁ ଜମା ଛାଡ଼ୁ ନଥିଲେ । ଭାଉଜ କହିଲେ—ମୋରି ତ ପିଲା ନାହିଁ, ଏ ମଞ୍ଜୁଟି ଥାଉ ନାନା, ତାକୁ ମୋ ପାଖରେ ଛାଡ଼ି ଦେଇ ଯା' । ଭାଉଜବୋଉ ମୋତେ ନାନା ବୋଲି ଡାକନ୍ତି । ବୋଉ ରାଜି ହେଲା । କହିଲା—ପର ପିଲାକୁ ତୁ ରଖିପାରିବୁ ? ତା' ବାପା ତାକୁ ଛାଡ଼ିଦେବେ, ତୁ ରଖିବୁ ?" ନିରୁପମା କହିଲା ।

ତାହାହେଲେ ତୁମକୁ ଗ୍ରାମରେ ଛାଡ଼ି, ଗୁଲୁକୁ ତା' ମାମୁଁଘରେ ନେଇ ଛାଡ଼ିଦେବି । କୁହ ରଟେ ଦେବ ?

ଆଉ ? ତୁମେ ରହିବ ଏଠି, ମୁଁ ରହିବି ଟାଉନରେ ଆଉ ଗୁଲୁ ରହିବ ମାମୁଁଘରେ । ବେଶ୍ ସମସ୍ତେ ଗନ୍ଧ ଖେଳେଇ ହୋଇ ରହିବା । ଭଲ କଥା କହୁଛ ତୁମେ ।

ତା'ହେଲେ ଚୁପ୍ କରି ଶୁଅ, ଅତି ବେଶୀ ବକ୍ ବକ୍ ହୁଅନାହିଁ । ଯା' ହେବାର ହେବ, ଚିନ୍ତାକରି ଲାଭ କଣ ?

ନିରୁପମା ମୋତେ ତା' ପାଖକୁ ଅଣେଇ ନେବାକୁ ଟାଣିଲା । ମୋର ମୁଣ୍ଡ ବାଳଗୁଡ଼ିକରେ ଅଙ୍ଗୁଳି ଚଳେଇ ଚଳେଇ କହିଲା—ମୋର କି ଚିନ୍ତା ମ ? ଯାହା ଖାଲି କଷ୍ଟ···ନହେଲେ ତୁମର ମୁଣ୍ଡରେ ତ ସବୁ ବୋଝ··· କଣ୍ଠସ୍ୱର ନରମ ହୋଇ ଆସୁଥିଲା ନିରୁପମାର ।

ଆଦର କରି ତାକୁ ଆହୁରି ନିକଟକୁ ଟାଣିନେଲି । କହିଲି "ମୁଁ ଜାଣେ, ସେଇଁ କେତୋଟି ଦିନ କଷ୍ଟ ହେବ ତାକୁ ଛାଡ଼ିଦେଲେ ଛାତି ଭିତରେ ତୁମେ ଗଳାରେ ଫୁଲି ଉଠିଛ; ନୁହେଁ ?" ଛାତି ଭାରି ଗଳାରେ ଫୁଲି ଉଠୁ ବା ନଉଠୁ, ମୁଣ୍ଡରେ ମୋର କିନ୍ତୁ ଧନ୍ଦ ଲାଗିଥିଲା, ଅର୍ଥ-ନୀତିରେ, "ମାଲଥୁସିଅନ୍ ଥିଓରି ଅଫ୍ ପପୁଲେସନ୍ ।"

ଛାଡ଼େନା···ଲକ୍ଷ୍ମୀ ମୋ ହାତଟା ଟାଣିନେଇ ବେକରେ ତାର ଗୁଡ଼େଇ ଦେଲା ସେ । ଘନ ଘନ ଦୀର୍ଘ ନିଶ୍ୱାସରେ ଭଜାଇଦେଲା ବକ୍ଷ ମୋର । ଦେହ ଓ ମନରେ ମୋ ସନ୍ଧ୍ୟା ଏକାକାର ହୋଇ ମିଶିଯିବ ସତତ ଯେମିତି ।

—§§§—

## ପଚିଶି

ବହୁତ ଦିନ ହେଲା ପଚି ସହିତ ଦେଖା ହୋଇନାହିଁ । ଦୁଇ ତିନିମାସ ଅବଶ୍ୟ ହୋଇଯିବଣି । ସମୟ ବହୁ ଗଡ଼ିଲଣି । ଗଣି ରଖିବାକୁ ହେଲନାହିଁ ମଣିଷର ।

ସେମାନେ କେବେହେଲେ ଆମ ଘରକୁ ଆସିନାହାନ୍ତି ପଚି ଓ ତାର ସ୍ତ୍ରୀ । ଆଉ ପଚିର ମଧ୍ୟ ଏତେଟା ଦେଖା ମିଳେନାହିଁ । କର୍ମକ୍ଲାନ୍ତ ହୋଇ ଓ ମୋ ସଂସାରର ଝାମେଲାକୁ ସମ୍ଭାଳିବା ଭିତରୁ ପଚି ଘରକୁ ଯିବାକୁ ସମୟ ମିଳେନାହିଁ । ଅସଲ୍ କଥା ଇଚ୍ଛାହିଁ ନଥାଏ ।

ଅକସ୍ମାତ ପଚିର ଦିନେ ଆବିର୍ଭାବ ହେଲା ମୋର ଅଫିସ ଛୁଟି ହେଲାବେଳକୁ । ଖୁଁ ଖୁଁ ହୋଇ କାଶୁଥିଲା ପଚି । ତାକୁ ଦେଖିଲେହିଁ ଅସୁସ୍ଥ ମନେହେଲା । ପଚିର ସ୍ୱାସ୍ଥ୍ୟ ଏକବାରେ ନଷ୍ଟ ହୋଇଗଲାଣି । ଏଇ ଦୁଇ ତିନିଟା ମାସ ଭିତରେ ପଚି ଦେହର ଏତେ ପରିବର୍ତ୍ତନ ଆସିବ କଳ୍ପନା କରି ନଥିଲି । କହିଲା--ଦଶଟା ଟଙ୍କା ଦେଇପାରିବୁ ପ୍ରଭାସ ?

ହତବାକ୍ ହୋଇ ଚାହିଁ ରହିଲି ପଚିକୁ । ତାର ରୂପ ବେଶ ଦେଖିଲେ ଦୟା ହେବାର କଥା । କିନ୍ତୁ ମୋ ପାଖରେ ଟଙ୍କା ନଥାଏ । ସାଧାରଣତଃ ବିଶେଷ କାମ ନଥିଲେ ଅଫିସକୁ କେବେହେଲେ ଟଙ୍କା ଧରି ଆସିବା ମୋର ଅଭ୍ୟାସ ନୁହେ । ମୋର ନ ଦେଇପାରିବାର

ଅବସ୍ଥା ଯତି ସଙ୍ଗେ ସଙ୍ଗେ ଜାଣିନେଲି । କହିଲି—ତା' ହେଲେ ଯାଉଛୁ, ବଡ଼ ଜରୁରୀ ଥିଲା ।

ଏତେ ଯଦି ଜରୁରୀ, ତେବେ କାଲି ଆସି ନେଇଯିବୁ । କାରଣ ମୁଁ ତ ସଙ୍ଗରେ ଟଙ୍କା ପଇସା ଆଣେନା । ଇମିତ ଗୃହିଣୀ ଅଠେଣି ପଡ଼ିଥାଏ ପକେଟରେ । କିନ୍ତୁ ତୋର କଣ ହୋଇଛି ? ତୁ ଏତେ ଦୁର୍ବଳ ଦେଖାଯାଉଛୁ ଯେ—?

ଦଶ ପନ୍ଦରଦିନ ହେଲା ଟିକେ ଟିକେ କାଶ ହେଉଛି । ସେଥିପାଇଁ ଔଷଧ ଖାଉଛି । ଡାକ୍ତରଙ୍କ ପରାମର୍ଶରେ ଦୁଧ ଅଣ୍ଡା ଇତ୍ୟାଦି ଖାଇବାକୁ ପଡ଼ୁଛି । ତେଣୁ ଟିକେ ଅଭାବରେ ପଡ଼ିଯାଇଛି......ଅଚ୍ଛା ଯାଏ କାଲି ଦଶଟା ବେଳକୁ ଆସିବ । ଯତି କହିଲା ।

ତା' ପରେ ଘର ଖବର କଣ ? ମୁଁ ପଚାରିଲି ।

ଭଲନୁହେ ।

ଭଲ ନ ହେବାର କାରଣ ତ ଦେଖୁନାହିଁ ?

ଯାହା ଥିଲା, ତୁ ଯିବା ଦିନରୁ ଅବସ୍ଥା ଅଧିକ ଖରାପଆଡ଼କୁ ଚାଲି ଯାଉଛି ।

ମାନେ ?

ମାନେ, ସେଦିନ ସତକୁ ସତ ମୋର ସ୍ୱଭାବ ବଦଳିଗଲା......

କଣ ମାଇପର ଜନ୍ମ ନା କଣ ?

ମୁଁ ନିଜକୁ ଅଭ୍ୟନ୍ତରରେ ଅଣିପାରିଲି ନାହିଁ ପ୍ରକାଶ । ତୋପରି ବନ୍ଧୁ ସହିତ ସେ ଠିକ ଦେଖାକଲିନାହିଁ ସେ ମୋର କି ସ୍ତ୍ରୀ କେ—

ମୁଁ ଜଳ ଜାମ୍ବୁଡ଼ ପକାଇଲି । ଖୁଁ ଖୁଁ ହୋଇ ଦୂରରୁ କାଶିଲା ଯତି । ଅକାଳେ ତରେ ଟେପର ମୁହଁ ମୋର କଳ ପଡ଼ିଗଲାପରି ଲାଗିଲା । ମୁଁ ଅନ୍ୟମନସ୍କ ହୋଇ ରହିଗଲି ।

ଯାଉଛି, କାଲି ଆସିବି ଦଶଟାବେଳେ କହି ଯତି ଚାଲିଗଲା । କଣ ଭାବି ଭାବି ଯେ ମୁଁ ଆସି ଘରେ ପହଞ୍ଚିଲି ଏବେ ମନେ ହେଉନି । କେଡ଼େ ହୀନ, ଚଣ୍ଡାଳ ଏ ପିଲାଟା ! ସେଦିନ ମନଟା ମୋର ମୋଟେ ଭଲ ଲାଗିଲାନାହିଁ । କିପରି ଗୋଟାଏ ଦୁର୍ବଳତା ଯେପରି ଚାରିଆଡୁ ମୋତେ ଆକ୍ରମଣ କରି ବସିଲା । ଯତିର ଏହି ସ୍ୱୀୟ ଜୀବନଟି ଆଣି ଯତି ସହିତ ମିଳାଇବାର ମୂଳରେ କିଏ ? ମୁଁ ନୁହେ କି ? ତା' ହେଲେ ମୁହିଁ ଏକା ଏସବୁ ଅନର୍ଥର ମୂଳ । ମୋର ନୀରସ ମୁଖମଣ୍ଡଳ ଦେଖି ବାରମ୍ବାର ପ୍ରଶ୍ନ କଲା ନିରୁପମା । ମାତ୍ର ମୁଁ କିଛି ଉତ୍ତର ଦେବା ଅବସ୍ଥାରେ ନଥିଲି ।

ତହିଁ ପରଦିନ ଯତି ଠିକ୍ ସମୟରେ ଆସିଲା । କିଛି ନକହି ମୁଁ ତାକୁ ଟଙ୍କା ଦେଲି । ସେ ମଧ୍ୟ କିଛି ନକହି ଟଙ୍କା ନେଇ ଚାଲିଗଲା ।

## ଛବିଶି

ଦିନ ଉନିଶ ! କାମରେ ବ୍ୟସ୍ତଥାଇ ମୁଁ ଯେପରି ନିଜର ଅସ୍ତିତ୍ୱ ଭୁଲିଯାଇଛୁ । ଆମ ଅଫିସ ଚପରାଶୀ ଯେ ମୋତେ କେତେ-ବେଳୁ ଡାକୁଛି ମୁଁ ଜମା ଶୁଣିପାରୁନାହିଁ ।

ଚାରି ଥର ଡାକ ପରେ ମୋର ଚମକ ଭାଙ୍ଗିଲା । ପଚାରିଲି କାହିଁକି ଡାକୁଛୁ ?

ଚପରାଶିଟି କହିଲା—ଆପଣଙ୍କୁ ଜଣେ ଭଦ୍ରଲୋକ ଖୋଜୁଛନ୍ତି । ମୁଁ ତାଙ୍କୁ ବାହାରେ ଠିଆହେବାକୁ କହିଛି । ମୁଁ ଯାଇ ଦେଖିଲି । ଆରେ, ଏତ ସେହି ବୁଢାଟି, ଯାହା ବସାରେ ଯଚିବାବୁ ରହନ୍ତି ।

କହେ, ତୁମେ କୁଆଡେ ?

ବାବୁ, ଏ ଯେତେବେଳେ ଅଫିସ ସବୁ ଖୋଜିସାରିଲିଣି ।

କଅଣ କହୁଚ ?

ଆପଣଙ୍କ ସାଙ୍ଗ, ଯଚିବାବୁ ବେମାର ପଡ଼ିଛନ୍ତି । ଆଜକୁ ଚାରି ପାଞ୍ଚଦିନ ହେବ ଭର୍ତ୍ତି ହୋଇଛନ୍ତି ଡାକ୍ତରଖାନାରେ ।

ପଚାରିଲି—କଣ ହୋଇଛି ?

ଝାଡ଼ା ଝାଡ଼ା ବାନ୍ତି ହେଉଥିଲା, ଏବେ ଜର ହେଉଛି ।

ଆରେ, କାଶ ତ ଅନେକ ଦିନ ତଳେ ହୋଇଥିଲା, ପ୍ରାୟ ମାସକ ପୂର୍ବରୁ । ଆଜିଯାଏ ଭଲ ହୋଇନାହିଁ ? ଆଚ୍ଛା, ମୋ ପାଖକୁ କିଏ ପଠାଇଛନ୍ତି ପତ୍ର ?

ନା, ତାଙ୍କ ସ୍ତ୍ରୀ ।

ସେ କେମନ୍ତ ଜାଣିଲେ ମୋ କଥା ?

ତା' ତ ବାବୁ କହିପାରିବି ନାହିଁ ମୁଁ ।

କଣ କହି ପଠାଇଲେ ?

ମତେ ଦୁଇ ତିନିଦିନ ହେବ କହୁଲେଣି ଯେ, ପ୍ରଭାସବାବୁଙ୍କ ପାଖକୁ ଯାଇ ଠିକ୍ ଖବରଟା ନେଇଆସ । ସେ ଜେନେରାଲ୍ ଅଫିସରେ କାମ କରନ୍ତି । ଜେନେରାଲ୍ ଅଫିସ ବୋଲିତ ଏତେବଡ଼ିଏ ବିଲ୍ଡିଂ । ମୁଁ ଏବେ ଆପଣଙ୍କ ଭେଟ ପାଉଛି କେଉଁଠି ?

ମୁଁ ତ ତାଙ୍କ ଘରକୁ ଥରେ ଯାଇଥିଲି ସେଥର, ତୁମର ମନେଥିବ । କିନ୍ତୁ ମୋ କଥା ସେ ଜାଣିଲେ କିପରି ?

ଯତିବାବୁ କହି ନଥିବେ ?

ହଁ-ହୁଁ, ଯତି ଯେ ମୋ ବିଷୟରେ କିଛି କହିଥିବ, ଏକଥା ବାହିଁକି ବିଶ୍ୱାସ କରିନାହିଁ । କିଜାଣି, କହିଥିବ ଅବା । କହିଲି— ଆଚ୍ଛା ତୁମେ ଯାଅ, ମୁଁ ଦେଖିବା ପାଇଁ ଯିବି ।

ବୁଢ଼ା ଫେରି ଯାଉଥିଲେ, ପୁଣି କଣ ଭାବି ମତେ ଡାକିଲେ ।

ଆଉ କିଛି କହିବାର ଅଛି ?

ସେ ସ୍ୱର ଟିକେ ନମ୍ର କରି କହିଲେ—ଯତିବାବୁ କିପରି ଲୋକଟିଏ ବାବୁ ?

ବାହିଁକି ? କଣ ହେଲା ?

ମୁଁ ତାଙ୍କୁ ଆଗେ ଖୁବ ସ୍ନେହ କରୁଥିଲି ବାବୁ । କିନ୍ତୁ.....

କିନ୍ତୁ କଣ ?

ଆପଣ ଯାଆନ୍ତୁ ବାବୁ, ସେ ଭଦ୍ରଲୋକପରି ଜମା ଜଣାପଡ଼ୁ-ନାହାନ୍ତି ।

କାରଣ ?

କାରଣ, ଏହୁ ତାଙ୍କ ହାବଭାବରୁ……

ଅଚ୍ଛା, ପରେ ସେ କଥାଭାଷା ହେବ, ମୋର ତେଣେ ଟିକିଏ କାମର ଚାପ ପଡ଼ୁଛି । ବୁଝିଲ—ତୁମେ କିଛି ଭାବିବ ନାହିଁ । ତୁମେ ଯାଅ, କହିଦେବ ଖବରଟା ମୁଁ ପାଇଲି ବୋଲି । ମୁଁ ଆଜି କାଲି ଭିତରେ ମେଣ୍ଟ୍ବାଲ ଯାଇ ଯଶର ଖବର ନେବି ।

ବୁଢ଼ା ଗଲାବେଳେ ନମସ୍କାରଟାଏ ମଧ୍ୟ କରିବାକୁ ଭୁଲିଲେନାହିଁ ।

ମୋ ସ୍ଥାନକୁ ଫେରି ଆସି କାମରେ ମନ ଦେଲି । ମାତ୍ର ମନ ମୋର ଉଚାଟିତ ହୋଇ ଉଠିଲା । ଯଶର ବିବାହ ପୂର୍ବର ଗୋଟିଏ କଥା ମନେପଡ଼ିଲା—"ଦେଖ୍ ତାକୁ ପାଇଲେ, ତୁ ଦେଖିବୁ ମୋ ଜୀବନ କିପରି ବଦଳିବ ।"

—§§§—

## ସତେଇଶି

ଛୁଟୀ ହେଲାମାତ୍ରେ ତରତର ହୋଇ ବାହାରିପଡ଼ିଲି ମେଡ଼ିକାଲ୍ । ଦଶମିନଟ ପରେ ଖୋଜି ପାଇଲି ପରିକୁ ।

ମୋତେ ଟି. ବି. ଧରିଛି ବୋଲି ଡାକ୍ତରମାନେ ସନ୍ଦେହ କରୁଛନ୍ତି ପ୍ରଭାସ । ଚମକିପଡ଼ିଲି ମୁଁ ହଠାତ କଥାରେ । ଏ କେତେଦିନ ହେଲା ମୁଁ ଯେ ଏପରି ଗୋଟାଏ ସନ୍ଦେହ କରୁ ନଥିଲି ତାହାନୁହେଁ । ସେପରି ମୋର ଚମକ ଲାଗି ଯିବା କଥା—କାଲି ଥରେ ପୁଣି ବ୍ଲାଡ଼୍ ଏକ୍ସାମିନ୍ କରିବେ ଓ ଏକ୍ସରେ ନେବେ ।

ସ୍ପେସାଲ ୱାର୍ଡ଼ରେ ପରିକୁ ରଖିଥିଲେ । ପାଖ ବେଡ଼୍‌ରେ ବସିପଡ଼ି ତା' ଦେହରେ ହାତ ମାରିଲି । ଜର ଅଛି ସାମାନ୍ୟ ।

ପଚାରିଲି—ରାତିରେ ତୋ ଦେହକୁ ଖାଲି ଜଳେ ?

ହୁଁ ।

ଭୋରରେ କଥା କହିବାକୁ କଷ୍ଟ ହେଉଛି ?

ହେଉଛି ଭାଇ……

ତୋତେ ବର୍ତ୍ତମାନ କାଶ ଲାଗୁଛି ?

ଠିକ ଖୁଁ ଖୁଁ ହୋଇ ଥରେ ଦୁଇଥର କାଶି ପରି ଖଙ୍କାର ପକାଇଲା ଖଟିଆ ତଳେ ରଖା ଯାଇଥିବା ପିକଦାନି ଉପରେ । ଖଙ୍କାର

ସହିତ ରକ୍ତ । କଣ କହିବ କହିବ ହୋଇ ରହିଗଲା । ଏ ପ୍ରଶ୍ନଟି ଶେଷକୁ ପଚାରିବ ବୋଲି ଭାବୁଥିଲି ମାତ୍ର ଉତ୍ତର ପାଇଗଲି ।

ଭାରି କ୍ଳାନ୍ତ ଲାଗୁଛି ମତେ ।

ଏମିତ ହେଉଛୁ କେତେଦିନ ହେଲା ? ରକ୍ତ ଅଡ଼କୁ ଲକ୍ଷ୍ୟ କରି ପଚାରିଲି ।

ଦୁଇ ତିନିଦିନଠାରୁ ବରାବର ଲକ୍ଷ୍ୟ କରୁଛି ।

ତୁ ଯେ ଦିନେ ଏପରି ଅବସ୍ଥାରେ ଆସି ପହଞ୍ଚିବୁ, ଭାବୁଥିଲୁ କେବେ ?

କଳା ଓଠ ଉପରୁ ମଲ୍ଲି ଚେଇଠାକୁ ଉଡ଼ାଇ ଉଡ଼ାଇ ସେ କହିଲା—ନାଃ, ଅବସାଦ କଥା କେବେ ଭାବିଛି ବୋଲି ମନେ ପଡ଼ୁନାହିଁ । ମୁଁ ଛାଡ଼ିଦେଲେ ବାକିତ ନୁହେଁ ପ୍ରଭାସ । ତୋର ବ୍ୟସ୍ତ ହେବା ଆଦୌ ଉଚିତ ନୁହେଁ—ତାପରେ······

ତା'ପରେ ଆଉ କଣ କହିବାକୁ ଚାହୁଁ ?

ତୋ କଥା ମୋ ସ୍ତ୍ରୀକୁ କହିଦେଇଛି ।

ଅର୍ଥାତ୍, ମୋ ନାଁ, କେଉଁଠି କାମ କରେ, କେଉଁଠି ରହେ ଏଇ ସବୁତ ?

ହଁ, ସେଇସବୁ······

କହିବାର ଅର୍ଥ······

ଅର୍ଥ ଅତି ପରିଷ୍କାର । ଝିଅଟି ହସିଲା ପରା । ତାର ରକ୍ତହୀନ ଓଠ ଉପରେ କ୍ଷୀଣ ହସର ଝଲକଟିକୁ ଚଷ୍ମାକାଚର ଭିତରେ ଥିବା ଡୋଳା ଭିତରେ ଦେଇ ଦେଖିବ କଣିକାଏ ତୀକ୍ଷ୍ଣ ଜ୍ୟୋତି ଝଲସୁଥିଲା । କଙ୍କାଳସାରମୂର୍ତ୍ତି ଉପରେ ଖେଳି ହୋଇଥିବା ହସର ମାଧୁର୍ଯ୍ୟର ନିତାନ୍ତ ଶୁଷ୍କ ।

ଏ ରୋଗରୁ ବଞ୍ଚିବା ମୋ ପକ୍ଷରେ କେତେ ଅସମ୍ଭବ, ତାହା ଅବଶ୍ୟ ତୁ ଦେଖିପାରୁଛୁ ମୋ ଅବସ୍ଥାରୁ । ତେଣୁ......

କି ଭାବନା ଯେ ମୋ ମୁଣ୍ଡରେ ଖେଳୁଥାଏ, ମୁଁ ଠିକ୍ କହିପାରୁନାହିଁ ! ମାତ୍ର ଏତକ ଶୁଣିଲା ପରେ ସେଠାରେ ରହିବାକୁ ମୋର ଇଚ୍ଛା ହେଲନାହିଁ । ମୁଁ ଫେରିବାକୁ ତରତର ହୋଇପଡ଼ିଲି ।

ପଚାରିଲି—ତୋତେ ଦେଖିବାକୁ ତୋ ସ୍ତ୍ରୀ ଆସେନାହିଁ ?

ହୁଏତ, ଆସୁଥିବ ସେହି ଘରବାଲା ବୁଢ଼ା ସାଙ୍ଗରେ ।

ଛଅଟା ବାଜି ଯାଇଥିଲା, ମୁଁ ବେଶୀ ସମୟ ରହିବାକୁ ଇଚ୍ଛା କଲିନାହିଁ । କାରଣ ଯତିର ସ୍ତ୍ରୀ ଆସିଲେ ଆମ୍ଭେମାନେ ଏକାନ୍ତ ରୋଗୀ ପାଖରେ ରହନ୍ତୁ । ସେମାନଙ୍କର କଥାବାର୍ତ୍ତାରେ ବାଧା ପଡ଼ିପାରେ, ମୋର ଉପସ୍ଥିତିରେ । ତେଣୁ ତାଙ୍କର ଆସିବା ପୂର୍ବରୁ ମୋର ଅନ୍ତତଃ ଏଠାରୁ ଚାଲିଯିବା ଉଚିତ । କହିଲି—ମୁଁ ବାହାରିଲି, ତୁ ବେଶୀ କଥାବାର୍ତ୍ତା କରନା; ତଦ୍ଦ୍ୱାରା ତୋର ଅପକାର ହେବ ।

ହଁ ବୋଲି ଅନିଚ୍ଛାସତ୍ତ୍ୱେ କହି ଯତି କାଶିବାକୁ ଲାଗିଲା । ପୁଣି କହିଲା—"ସୌଭାଗ୍ୟବଶତଃ ତୋ ସହିତ ଦେଖାହେଲା । ନହେଲେ ଦୁଇ ଚାରିଦିନ ଭିତରେ ମୋତେ ହୁଏତ ଟି. ବି. ହସ୍ପିଟାଲକୁ ପଠାଇଦେବେ" ମନେ ମନେ ଶିହରି ଉଠିଲି । "ବିଚଳିତ ହେବା ଦରକାର ନାହିଁ ଯତି । ହୁଏତ ସେଠାରେ ତୋର ଯଥାପରିଚର୍ଯ୍ୟା ହେଲେ ତୁ ଆରୋଗ୍ୟ ହୋଇଯିବୁ । ମୁଁ ମଧ୍ୟ ତୋତେ ଦେଖିବାକୁ ସେଠାକୁ ଯିବି—ଏବେ ଚାଲିଲି ।"

ଦୁଃଖ ଭାରାକ୍ରାନ୍ତ ହୃଦୟରେ ଯତିର ନିଷ୍ପ୍ରଭ କରୁଣ ଦୃଷ୍ଟିକୁ ସମ୍ବଳ କରି ବସାକୁ ଫେରିଲି ।

## ଅଠେଇଶି

ହୁଁ, ଯତି ତା'ଠେଇଁ ଯେଉଁ କଥା ତା' ସ୍ତ୍ରୀ ଆଗରେ କହି ଦେଇଛି । ମୁଁ ଯେ ତାର ଜଣେ ଘନିଷ୍ଠ ବନ୍ଧୁ ... ଆଉ ଯଦି ଦୁର୍ଭାଗ୍ୟବଶତଃ ଯତି ସେ ପୁରକୁ ଯାଏ, ତେବେ ମୁଁ ସ୍ୱାମୀଙ୍କ ବନ୍ଧୁ ଭାବରେ ଯଥେଷ୍ଟ ସାନ୍ତ୍ୱନା ଦେଇପାରିବି । କିମ୍ବା ଆର୍ଥିକ ସାହାଯ୍ୟ ଦରକାର ପଡ଼ିଲେ ମୁଁ ତାହା ମଧ୍ୟ ଦେଇପାରିବି ଏହିପରି କିଛି ଭରସା କହି ଯତି ମୋର ପରିଚୟଟା ତା' ପାଖରେ ଦେଇଛି । ଏଇଆ ? ନା, ଆଉ କିଛି ? କିଛି ଠିକ୍ କରି ଭାବିପାରିଲି ନାହିଁ ମୁଁ ।

କିନ୍ତୁ ଅକସ୍ମାତ୍ ଏ ଦୁର୍ଘଟଣାରେ ଯତି ସ୍ତ୍ରୀପରି ତରୁଣୀ ବିଧବାର ଜୀବନ ଗତି କିପରି ଭାବରେ ନିର୍ବାହିତ ହେବ ? କାହିଁକି ? ତାର ଅଭିଭାବକମାନେ ଅଛନ୍ତି । ସେମାନେ ଯାହା କହିବେ, ସେହି ଅନୁସାରେ ତା' ସ୍ତ୍ରୀ ଚଳିବ । କିନ୍ତୁ ଏ ସବୁ କଥା ମୋ ଭାବନାରେ ବା ସ୍ଥାନ ପାଇବ କାହିଁକି ? ତଥାପି ନିଜେ ନିଜକୁ ବୁଝାଇ ପାରିଲି ନାହିଁ । ମନଟା କିପରି କିମିତି ଗୋଟାଏ ଘାଣ୍ଟି ହେବାରେ ଲାଗିଲା ।

ତହିଁ ଆରଦିନ ମୁଁ ଯତି ପାଖକୁ ଗଲି । ତା' ଅବସ୍ଥା ପୂର୍ବଦିନ ଅପେକ୍ଷା ଅଧିକ ଖରାପ ହୋଇ ଯାଇଥିଲା । ତା' ଡିପାର୍ଟମେଣ୍ଟର ସହକର୍ମୀ

ମାନେ ମଧ୍ୟ ତା’ ନିକଟରେ ଘେରି ରହିଥିଲେ । ମୁଁ କେବଳ ଦେଖି ଆସିଲି ତାକୁ । ଅଳ୍ପ ସମୟ ତା’ ବେଡ୍ ପାଖରେ ଠିଆ ହୋଇଥିଲି । ଶୁଣିଲି, ପରଦିନ ସେ ସର୍ ଅର୍ଦେସିର୍ ଦଲାଲ୍ ଟି. ବି. ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ ହୋଇ ଯାଉଛି । ସେଠାକୁ ଗଲେ ତା’ ସହିତ ଦେଖା କରିବା ମୋ ପକ୍ଷରେ ରବିବାର ଛଡ଼ା ସମ୍ଭବ ହୋଇ ପାରିବନାହିଁ ।

ଯତି ଖବର ନିରୁପମା ଆଗରେ କହିଲି । ସେ ଅତିଶୟ ଦୁଃଖୀତା ହୋଇପଡ଼ିଲା । କହିଲା—ବଚ୍ଚାର ତାଙ୍କ ସ୍ତ୍ରୀଟିର କି ଦଶା ହେବ ଦେଖଣି···।”

“ଏହା କେବଳ ଯତିର ସ୍ୱେଚ୍ଛାଚାରିତାର ଦୋଷ ।” ମୁଁ କହିଲି ।

× × × ×

ଏଥି ଭିତରେ ଯତି ଟି. ବି. ହସ୍‌ପିଟାଲ୍‌ରେ ଭର୍ତ୍ତି ହୋଇଯାଇଛି । ମୁଁ କିନ୍ତୁ ତା’ ନିକଟକୁ ଯିବା ପାଇଁ ଚେଷ୍ଟା କରି କୃତକାର୍ଯ୍ୟ ହୋଇ-ପାରିନାହିଁ । ଛଅମାଇଲ ଦୂର ସୁବର୍ଣ୍ଣରେଖା କୂଳରେ ବାଘ ଜଙ୍ଗଲ ମଧ୍ୟରେ ଟି. ବି. କଲୋନି । ଗୋଟିଏ ରବିବାର ପାର ହୋଇଗଲା । ମୁଁ ବଡ଼ ସ୍ୱାର୍ଥପର ମନେକଲି ନିଜକୁ । ପର ରବିବାର ଦିନ ଯିବା ପାଇଁ ଚେଷ୍ଟା କରିବି ବୋଲି ଅନାଇ ରହିଲି ।

ଯାଇଁକରି ମଧ୍ୟ କି ଲାଭ ? କେବଳ ଯତିକୁ ଦେଖି ମନର ଦୁଃଖ ଦ୍ୱିଗୁଣିତ କରିବା ବ୍ୟତୀତ ଅନ୍ୟ କିଛି ନୁହେ । ଏଥିମଧ୍ୟରେ କୁହାଙ୍କ-ଠାରୁ ଖବର ନେବାରେ ଜଣାଗଲା, ଅବସ୍ଥା ଦିନକୁ ଦିନ ଦ୍ରୁତ ଗତିରେ ଖରାପ ହେଉଛି, କାରଣ ଦୁଇଟିଯାକ ଫୁସଫୁସ (ଲୁଙ୍ଗ୍ସ୍) ଟି. ବି. ଜୀବାଣୁରେ ନଷ୍ଟ ହୋଇଥିବାହେତୁ ।

ପର ରବିବାର ଦିନ ମୋତେ ଆଉ ଯିବାକୁ ପଡ଼ିଲାନାହିଁ । କେବଳ ମୋର ନ ଯିବାର ଅସହାୟତା ଲକ୍ଷ୍ୟକରି ଯତି ବୋଧହୁଏ

ଅଶେଷ ନଜର ବୁଲି ବୁଲି ଚାଲିଗଲା ଅନ୍ୟ ଗୋଟିଏ ଅଜଣା କଲୋନୀକୁ । ସେଠାରେ ଲୁଅଚେଡ଼ ଏତିକୁ ବେଗ ଯନ୍ତ୍ରଣା କରୁହୁଁ ନାହିଁ ।

ଅଜାଣତରେ ଝରି ପଡ଼ିଲା ଦୁଇଟୋପା ଲୁହ ମୋ ଆଖି କୋଣରୁ । ମୁଁ ଅଫିସରେ ବସି ବସି ରୁମାଲରେ ମୁହଁ ଘୋଡ଼ାଇଲି । କାମ କରି ପାରିଲି ନାହିଁ । ଅଧବେଳା ଛୁଟି ନେଇ ଗଲି ଘରକୁ ।

—୫୫୫—

## ଅଣଓରିଶି

'ଛନ୍ଦମହଲ'ର ଶିଳ୍ପୀମାନଙ୍କ ତରଫରୁ ଗୋଟିଏ ଶୋକସଭା ତା' ପରଦିନ ଅନୁଷ୍ଠିତ ହେଲା । ପରେଶର ଅନ୍ୟାନ୍ୟ ବନ୍ଧୁବର୍ଗଙ୍କ ସହିତ ମୁଁ ମଧ୍ୟ ଶୋକ ସଭାରେ ଯୋଗ ଦେଇଥିଲି । ପରେଶର ପରିଚିତ ଭଦ୍ର-ବ୍ୟକ୍ତି କେତେଜଣ, ଯେଉଁମାନେ କି ତାର ଅଭିନୟ ଦେଖି ହସି ହସି ଭାରି ତାରିଫ୍ କରନ୍ତି, ଆସିଥିଲେ ଏହି ସଭାକୁ ସ୍ୱର୍ଗତଃ ଆତ୍ମାର ସଦ୍‌ଗତି କାମନା କରିବା ପାଇଁ । ସଭା ସମିତିରେ ଯୋଗଦେବା ପାଇଁ ଆମ୍ଭେମାନେ ତ ହଜାର ହଜାର ସଂଖ୍ୟାରେ ଧାଇଁଥାଉ । ଶୋକସଭା କଥାତ ଛାଡ଼ । ବେଶଭୂଷାରେ ମଧ୍ୟ ଏକରୁ ଅନେକ ଆଖି ଝଲସାଇ ଦେଲାଭଳି ଯେଉଁ କେତେଜଣ ଆସିଥିଲେ, ତହିଁରେ ଯୁବକ ଓ ବାଳିକା କେଇଟି ବେଶ୍ ସଜବାଜ ହୋଇ ମୁହଁରେ ସ୍ନୋ ପାଉଡ଼ର, ଜାମା ଓ ଶାଢ଼ୀରେ ଏସେନ୍ସ ଛିଞ୍ଚିହୋଇ ମଧ୍ୟ ଆସିଥିଲେ, ଶୋକ ସଭାରେ ଯୋଗଦେବା ପାଇଁ । ଶିଳ୍ପୀମାନଙ୍କ ବକ୍ତୃତାରୁ ଜଣାଗଲା, ପରେଶର ଲୋକର ତତ୍ତ୍ୱାବଧାନରେ 'ଛନ୍ଦମହଲ' ନାଟ୍ୟ ଅନୁଷ୍ଠାନର ଏକ ଅପୂରଣୀୟ କ୍ଷତି ହେଲା; କଥାଟି ସତ । ପରେଶ ମୃତ୍ୟୁରେ ତାହାର ତାହାର କେତେ ନା କେତେ କ୍ଷତି ହୋଇଛି । ମୁଁ ଭାବୁଥିଲି ପରେଶ ମୃତ୍ୟୁରେ ମୋର କଣ କେତେ କ୍ଷତି ହୋଇଛି ?

ଦୁଇଦିନ ପରେ—

ଯତି ସ୍ତ୍ରୀଙ୍କୁ ସାନ୍ତ୍ୱନା ଦେବାକୁ ହେବ । କି ସାନ୍ତ୍ୱନା ଦେବି ମୁଁ ? କିନ୍ତୁ ସାନ୍ତ୍ୱନା ଦିଏ ବା ନ ଦିଏ, ଅନ୍ତତଃ ତାଙ୍କ ସ୍ୱାମୀର ବନ୍ଧୁ ରୂପେ ଦୁଆରେ ଠିଆହେଲେ ସେ ହୁଏତ ଧୈର୍ଯ୍ୟ ଧରିବେ, ସାହସ ବାନ୍ଧିବେ । ଏହାପରି କିଛି ଭରସା କରି ଯତି ତା ସ୍ତ୍ରୀ ଆଗରେ ମୋର ନାମଧାମ ଅଧା କହି ଯାଇଛି । ତେଣୁ ମୋର ଯିବା ଏକାନ୍ତ ଉଚିତ । ମୁଁ ବାହାରିଲି ।

ଭାବିଲି, ଯତି ସ୍ତ୍ରୀ ଯଦି ଏକାକିନୀ ଥାଆନ୍ତି, ତେବେତ ବଡ଼ ଅସୁବିଧା ହେବ । ଯଦି ସେ ବୁଢ଼ୀଲୋକଟି ଥାଆନ୍ତି, ତାହାହେଲେ ବରଂ ଭଲ ହେବ । କିନ୍ତୁ ତାଙ୍କ ବାପଘର ତରଫରୁ ଆତ୍ମୀୟ ହୁଏତ କେହି ତାଙ୍କୁ ବୁଝାଇବାକୁ ଆସି ପାଖରେ ଥିବେ । ତଥାପି ସବୁ କଥାକୁ ପଛକରି ମୁଁ ଗୋଡ଼ ଆଗକୁ ଆଗକୁ ପକାଇଲି ।

ଯତି ସ୍ତ୍ରୀଙ୍କ ସହିତ ମୋର କିପରି ଦେଖାହେବ ? ସେ ହୁଏତ ମୋତେ ଦେଖି ବାହୁନି କରି କାନ୍ଦି ଉଠିବେ··· । ଭାଷାରେ କିପରି ତାଙ୍କୁ ପ୍ରବୋଧନା ଦେବି କିଛି ସ୍ଥିର କରିପାରିଲି ନାହିଁ । ଛାତି ଭିତରଟା ମୋର ଦାନ୍ ଦାନ୍ ହୋଇ ପଡ଼ୁଥାଏ । ଶୁଖି ଯିବେ ପେଟର ଭୁଖ ହୋଇଯିବ ।

ସନ୍ଧ୍ୟା ହୋଇ ଆସୁଥାଏ । ମୁଁ ସିଧା ଅଫିସରୁହିଁ ଯତି ଘରକୁ ଯାଉଥାଏ । ଚାଲିବାର ଶିଘ୍ରତା ଯୋଗୁଁ କି ଭାବନାର ବ୍ୟଗ୍ରତା ଯୋଗୁଁ ମୁଁ ଯେ କେତେବେଳେ ଆସି ଯତି ଘର ପାଖରେ ପହଞ୍ଚିଲି ଜାଣି ପାରିଲି ନାହିଁ । ମୁହଁସଞ୍ଜ ହେଲା ପ୍ରାୟ ।

ମୁଁ ଯାଇ ବାରଣ୍ଡାରେ ଠିଆ ହେଲି । କବାଟ ଦରଆଜିଆ ହେଲା ପରି ଥିଲା । ମୋ ଜୋତା ଶବ୍ଦରୁ ଯତି ସ୍ତ୍ରୀ ହୁଏତ ଆଗନ୍ତୁକ କିଏ ଦେଖିବା ପାଇଁ ଝରକାର ପରଦାବାଟେ ଅନାଇଦେଇ ଘୁଞ୍ଚିଗଲେ ।

ଆଖି ମିଟ୍‌କିଲବେ ମୁଁ ଖାଲି ଦେଖିଲି ତାଙ୍କର ଛାୟା । ଅର୍ଦ୍ଧ ଅନାବୃତ ମୁଖମଣ୍ଡଳର ଛାୟା ଅର୍ଦ୍ଧପଲକ ପାଇଁ ଦେଖିବା, କିନ୍ତୁ ନଦେଖିବା ସଙ୍ଗେ ସମାନ । ଚେୟାରଟିଏ ଘୁଞ୍ଚାଇବା ଶବ୍ଦ ଶୁଣି ମୁଁ ଭିତରକୁ ପ୍ରବେଶ କଲି ତଳକୁ ମୁହଁ ପୋତି । ମୋତେ ଆସନ ଦେବା ପାଇଁ ହୁଏତ ଯତିଭ ସ୍ୱାମୀ ଚେୟାର ରଖିଦେଇଥିଲେ । ମୁଁ ବସିପଡ଼ିଲି । ସେ ଘରେ କେହି ନଥିଲେ । ଯତି ସ୍ୱାମୀ ବୋଧହୁଏ ଆର ବଖରାକୁ ଚାଲିଗଲେ । ଦୁଇବଖରା ମଝିରେ ଗୋଟିଏ ମାତ୍ର ଦ୍ୱାର ।

ଦୁଇ ତିନି ସେକେଣ୍ଡ ପରେ ଅରପାଖ ଘରୁ ନୀରବ କାନ୍ଦଣାର ସକ୍ ସକ୍ ଶବ୍ଦ କାନରେ ପଡ଼ିଲା । ମୁଁ ସେ ଅଖି ଛଳ ଛଳ କରି ନଥିଲି ନୁହେ । କିନ୍ତୁ ଗୋଟାଏ କହିବାକୁ ଇଚ୍ଛୁଥିଲି । ମାତ୍ର କଣ୍ଠ ମୋର ବାଷ୍ପାକୁଳ ହୋଇ ଉଠିଥିଲା । ରୁମାଲରେ ମୁହଁ ପୋଛୁ ମୁଁ ଗୁଣ୍ଡାଇଲାପରି କହିଲି—"କାନ୍ଦିବାରେ ଲାଭ କଣ ? ଯେ ଗଲାଣି, ସେ କଣ ଆଉ ଫେରି ଆସିବ ?" ଦୃଷ୍ଟି ମୋର ଗୃହତଳେ ଅବନତ ।

'କାହାକୁ ଆପଣ ସାନ୍ତ୍ୱନା ଦେବାକୁ ଆସିଛନ୍ତି ପ୍ରଭାସବାବୁ ? କାହା, ପତ୍ନୀଙ୍କୁ ? କଇଁ କଇଁ ହେଉଥିବା ଅଥଚ ସ୍ପଷ୍ଟ ଗୋଟାଏ କଣ୍ଠସ୍ୱର ଶୁଣି ମୁଁ ଅନ୍ୟ ଘରର ଦ୍ୱାରଦେଶ ଆଡ଼କୁ ଅନାଇଲି । ଅଲୁଲାୟିତ-କେଶା ଜାହ୍ନବୀ ତାଙ୍କର ଦୀର୍ଘ ନେତ୍ରର ଅପଲକ ଭାବରେ ଅନାଇ ରହିଛନ୍ତି ମୋଆଡ଼କୁ । ଗଣ୍ଡ ଉପରେ ତାଙ୍କର ଦରଦର ଅଶ୍ରୁଧାର ପ୍ରବାହିତ । ଅଖି ଦୁଇଟି ଫୁଲି ଫୁଲି ଜମାଜମା ଦିଶୁଛି ।

କିମ୍ଭୂତ ଭାବରେ ଅନାଇ ରହିଲି ମୁଁ । ଜାଗ୍ରତ ନା ସ୍ୱପ୍ନ ଦେଖୁଛି କିଛି ଭାବିପାରିଲି ନାହିଁ । ମୁଁ କେଉଁଠାରେ ? ଏକଣ ଯତିଭର ନୁହେ ? ଅଜ୍ଞାତ ପାଟିରୁ ମୋର ବାହାରି ପଡ଼ିଲା—"ତୁମେ !

ହଁ, ଭଲରକମ ଦେଖନ୍ତୁ ଥରେ । ଅଢେଇବର୍ଷ ତଳର ଜାହ୍ନବୀକୁ ହୁଏତ ଆପଣ ଭୁଲିଯାଇ ନଥିବେ । ଆପଣଙ୍କ ଆଗରେ ସେ ଏପରି

ରୂପ ଦର୍ଶନ ଦେଖାଇବ······ହାୟରେ କପାଳ !” କହି କହି ଜାହ୍ନବୀ ମୋ ଗୋଡ଼ ପାଖରେ ବାତାହତ ଉନ୍ମତ୍ତ ପରି କୁଣ୍ଡଳୀହୋଇ ପଡ଼ିଗଲେ ।

ଜାହ୍ନବୀହିଁ ଯତିର ପ୍ରେମ ନାୟିକା ! ତେବେ କାହା ଦୁଃଖରେ ଦୁଃଖୀ ମୁଁ । ଯତିର ମୃତ୍ୟୁରେ ନା ଜାହ୍ନବୀର ବୈଧବ୍ୟରେ ? ଜାହ୍ନବୀ ମୋର ଗୋଡ଼ ତଳକୁ ଘୋଷାରେଇ ହୋଇପଡ଼ି କଇଁ କଇଁ ହୋଇ କାନ୍ଦୁଥାଆନ୍ତି । ଦୁଃଖ ଓ ବହ୍ନୁସ୍ୟରେ ଘନୀଭୂତ ଆକାଶ ଭାଙ୍ଗି ପଡ଼ୁଛି ସତେ ଅବା ମୋ ମୁଣ୍ଡ ଉପରେ । ବାହାରେ ଅନ୍ଧକାର ଘୋଟି ଯାଉଛି । ରାତି ଆସିଯାଉଛି, ଖାଲି ଯତି ଘର ପାଖକୁ ନୁହେଁ, ସାରା ଜାମସେଦପୁରକୁ, ନା ନା, ସାରା ପୂର୍ବ ଗୋଲାର୍ଦ୍ଧକୁ, ନା ନା, ତା' ବି ନୁହେଁ, ମୋର ସନ୍ତାପିତ ହୃଦୟର ପ୍ରତି ରନ୍ଧ୍ର ଭିତରେ ଭର୍ତ୍ତି ହୋଇଯାଉଛି ରାତିର ନିବିଡ଼ କାଳିମା ।

ସ୍ଥାଣୁପରି ବସି ରହିଲି ଖାଲି । ଉଠିଯାଇ ଘରର ବିଜୁଳିବତୀଟି ଜାଳିଦେବା ପାଇଁ ମଧ୍ୟ ଗୋଡ଼ ଚଳିଲାନାହିଁ ମୋର । ଯତି ଘର ପାଖରୁ ଦୂର ଦୂରରେ ରାସ୍ତାକଡ଼ର ବିଜୁଳିଆଲୁଅ ବ୍ୟତୀତ ସବୁ ଅନ୍ଧାର । ଉପରେ ତାରପୁଷ୍ପିତ ଶୀତ ଆକାଶ, ତଳେ ସୌନ୍ଦର୍ଯ୍ୟମାନା, ଭୂଶଯ୍ୟାଶାୟିନୀ ଜାହ୍ନବୀ; ଆକାଶର ଅର୍ଦ୍ଧପଥରୁ ଖୁଁ ଖୁଁ ହୋଇ କାଶି ଉଠୁଛି ସତେ ଯେପରି ଯତୀନ୍ଦ୍ରନାଥ, ଆଉ ଏ ସବୁ ମଝିରେ ମୁଣ୍ଡରେ ହାତଦେଇ ବସିଛି ମୁଁ ।

କି ସାନ୍ତ୍ୱନା ଦେବି ? କାହାକୁ ସାନ୍ତ୍ୱନା ଦେବି ? ହୃଦୟର କେଉଁ କୋଣରେ ଯାଇ ବାଜିବ ମୋର ସାନ୍ତ୍ୱନା ଓ ଆଶୀର୍ବାଣୀ ଜାହ୍ନବୀଙ୍କର ? ଉଠି, ତାଙ୍କୁ ଉଠାଇବାକୁ ଚେଷ୍ଟା କଲି । ଲଜ୍ଜା ନାହିଁ, ସଙ୍କୋଚ ନାହିଁ, ଭୟ ନାହିଁ, କୌଣସି ବାଧା ବନ୍ଧନ ନାହିଁ, ମୁଁ ଶୂନ୍ୟେ ଶୂନ୍ୟେ ଜାହ୍ନବୀଙ୍କ ବାହୁ ଧରି ତାଙ୍କୁ ଉଠାଇ ଠିଆ କରାଇଲି ।

ଟଳଟଳ ହୋଇ ଢଳିପଡ଼ିଲେ ସେ ମୋ ଉପରେ । ଅସ୍ବସ୍ତି ଲାଗିଲା ଅବଶ୍ୟ । ବାଧା ଦେବାକୁ କିନ୍ତୁ ଶକ୍ତି ନଥିଲା । ବିସ୍ମୃତିର ଅତଳ ଗର୍ଭରେ ଲୀନ ହୋଇ ଯାଇଥିଲା ଚୈତନ୍ୟ ମୋର । କେଶ, ବାସ କୌଣସିଠିର ହେଲେ ସଂଯମ ରକ୍ଷାର ଚେଷ୍ଟା କରୁନାହାନ୍ତି ଜାହ୍ନବୀ । ଏକପ୍ରକାର ବିବସ୍ତ୍ରା ମାନବୀରୂପେ ସେ ଢଳିପଡ଼ିଛନ୍ତି ମୋର କାନ୍ଧ ଉପରେ ।

କୌଣସିମତେ ନିଜକୁ ସଂଯତ କରି ଜାହ୍ନବୀଙ୍କୁ ଏକପ୍ରକାର ଚଲାଇ ଚଲାଇ ନେଇ ଚେୟାର ପାଖ ଛୋଟ ଦଉଡ଼ି ଖଟିଆରେ ବସାଇଲି । ବସୁ ବସୁ ସେ ଢଳିପଡ଼ିଲେ ଖଟିଆ ଉପରେ ଆଉ କାନ୍ଦିବାକୁ ଲାଗିଲେ ଅବିଚ୍ଛିନ୍ନ ଭାବରେ । ମୁଁ ବତୀ ଲଗାଇବା ପାଇଁ ସୁଇଚ୍ ଟିପିଦେଲି ।

ନୀରବ ହୋଇ ବସି ରହିଲି କିଛିକ୍ଷଣ । ବିଦ୍ୟୁତର ଅଧିକାରେ ଏତ ପେଟ ଭିତରେ କୋହ କନ୍ଦାଇପାରୁ ନଥିଲା ମୋତେ । ପଚାରିଲି, ତୁମେ ଆଉ କେତେଦିନ ଧରି କାନ୍ଦିବ ଜାହ୍ନବୀ, କେତେ ଯୁଗ ?"

ନିରତଶପ୍ତ ଅଭିମାନିନୀର କ୍ରନ୍ଦନମୟ କଣ୍ଠରେ ଜାହ୍ନବୀ କହିଲେ—"ଯେତେଦିନ ମୋତେ କନ୍ଦାଇ ତୁମେ ଆନନ୍ଦ ପାଉଥିବ ।"

"ଅର୍ଥାତ୍, ତୁମ କଥାତ ମୁଁ କିଛି ବୁଝିପାରୁନି । ତୁମକୁ କନ୍ଦାଇ ମୁଁ ଆନନ୍ଦ ପାଉଛି ?"

ତୁମେ କିପରି ବୁଝିବ ? ସେଦିନ ଯଦି ତୁମେ ଏ ଘରକୁ ବାହା ଭଳି ଖାଇବାକୁ ଆସି ନଥାନ୍ତ, ତାହାହେଲେ ମୋତେ ମଧ୍ୟ ଏକଥା ଭାବିବାକୁ ପଡ଼ି ନଥାନ୍ତା । ଜାହ୍ନବୀର କଥା କହିବାର ଭଙ୍ଗି ମୋର ତାନ୍ତ ଅବୋଧ୍ୟ ହୋଇ ଉଠିଲା । ପଚାରିଲି—

ଏ କଥାର ମାନେ କଣ ଜାହ୍ନବୀ ?

ହେଃ, ମାନେ ? ବ୍ୟଥା ଜର୍ଜର ଅଥଚ ତୀବ୍ରଲକ୍ଷ କର୍କଶ ସ୍ୱରରେ କହିଲେ ଜାହ୍ନବୀ । ମାନେ, ମୁଁ ତ ନିଜେହିଁ ବୁଝି ନଥାନ୍ତି ଯେ, ମୋତେ ଏପରି କନ୍ଦାଇ, ମୋତେ ଏପରି ଜଳାଇ ଯେ ତୁମେ ଆଜି ମୋର ସର୍ବନାଶ କରିବା ମୂଳରେ କିଏ ? କହୁ କହୁ ଅଞ୍ଚଳରେ ଆଖି ପୋଛୁ ପୋଛୁ ଜାହ୍ନବୀ ଭିତର ଘରକୁ ଚାଲିଗଲେ ।

ଏତେ ବଡ଼ ଅଭିମାନ କାହିଁକି କରୁଛ ଜାହ୍ନବୀ ମୋ ଉପରେ ? କଣ୍ଠସ୍ୱର ମୋର ବଡ଼ ନରମ ହୋଇ ଆସିଲା । ମୁଁ କଣ ଜାଣିଶୁଣି ତୁମର କିଛି ସର୍ବନାଶ କରିଛି ? ସହଜ ଭାବରେ କଣ କହିବ ନାହିଁ ? ମୁଁ କଣ ଏତେ ହୃଦୟହୀନ ଯେ, ତୁମପରି ବାଳିକାର ସର୍ବନାଶ କରନ୍ତି ? କଣ୍ଠ ମୋର ଭାରାକ୍ରାନ୍ତ ହୋଇ ଆସିଲା । ଦୁଃଖ ଓ ଆବେଗରେ ବୃଥା ଦୋଷାରୋପର ଆତ୍ମଗ୍ଲାନିରେ କିପରି ଯେ ନିଜ ଅଜାଣତରେ କାନ୍ଦ ପକାଇଲି ତା' ମୁଁ ନିଜେହିଁ ବୁଝିପାରିଲି ନାହିଁ । ସତେ ଯେପରି ଅନୁଭବ କଲି ମୋପରି ଦୁର୍ବଳ ଏ ସାରା ସୃଷ୍ଟିରେ ଅନ୍ୟ ଜଣେ ନାହିଁ ।

ଏସବୁ ଚିଠି ପଢ଼ିଲେ କେଉଁ ବାଳିକା ଭଲା କହିବ ତୁମେ ହୃଦୟହୀନ ବୋଲି······କହୁ ପୁଳାଏ ଚିଠି ମୋ କୋଳ ଉପରକୁ ଫିଙ୍ଗାଇଦେଇ ନାଆଁକି ବସିପଡ଼ିଲେ ଜାହ୍ନବୀ ମୋ ଗୋଡ଼ କଡ଼ରେ । ଗୋଡ଼କୁ ମୋର କୁଣ୍ଢାଇ ଧରି ମୋ ଆଣ୍ଠୁ ଉପରେ ମୁହଁମାଡ଼ି ବାହୁନି ବସିଲେ ପୁଣି ଥରେ······ଉଁ-ହୁଁ-ହୁଁ, ମୋତେ କୁହ ପ୍ରଭାସବାବୁ ! ଉଁ-ହୁଁ-ହୁଁ, ମୋତେ କୁହ କେଉଁ କୂଳକୁ ମୁଁ ଯିବି···?

ଦେଖିଲି, ଆଖି ମିଚୁଳାକେ ଚିହ୍ନି ନେଲି ନିଜ ହସ୍ତାକ୍ଷରଗୁଡ଼ିକୁ ମୁଁ । ଯେଉଁ ହୃଦୟହୀନର ପ୍ରେମାରତ ସାଜି ଅସ୍ମରତାରେ ଜଳି-ଉଠିଥିଲେ, ଏହି ଚିଠିଗୁଡ଼ିକ ଆଜି ହୁଏତ ନିର୍ବାଣ ପ୍ରାପ୍ତିର ଅଖଣ୍ଡ

ତୃପ୍ତି ଧରି ଫେରି ଆସିଛନ୍ତି ତାଙ୍କ ପୃଷ୍ଠପୋଷିକାଙ୍କ ପାଖକୁ—ସେ ଆଉ ଜଣେ ଅତି ହୃଦୟସ୍ପନ୍ଦନ ।

"ମୋତେ ମୋ ଭୁଲ ବୁଝାଇ ଆଉ ଅପମାନ ଦିଅନାହିଁ ଜାହ୍ନବୀ । ତୁନି ହୁଅ; ତୁନି ହୁଅନା, ମୁନା ପିଲାଟିପରି ତୁନି ହୋଇଯାଅ, ଛି, ମୋ କଥା ମାନ ।"

ମୁଁ ରୁମାଲରେ ଜୋରକରି ତାଙ୍କ ଆଖି ଓ ମୁହଁ ପୋଛିଲି ଓ କହିଁ କହିଁ ଶବ୍ଦକୁ ବନ୍ଦ କରିବାକୁ ଯାଇ ପାଟିରେ ରୁମାଲ ଭର୍ତ୍ତିକଲି । ମୋ ଆଣ୍ଠୁ ଉପରେ କିନ୍ତୁ ସେ ତାଙ୍କର ମୁଣ୍ଡଟି ଢୁଲାଇ ରଖିଲେ ।

କହିଲି—ଜାନୁ, ତୁମେ ମୋତେ କ୍ଷମା କରିବନାହିଁ ଜାଣେ, ଚାହିଁଲେ ନିଜେଇ ଟିକେ ଏବେ ନିଜକୁ ସଂଯତ କର । ଏ ଶଠିଗ୍ରହର କୌତୂହଳବଶତଃ ଲେଖିଦେଇ ମୁଁ ଏବେ ଅନୁତାପ କରି କରି ମରିବି । ତଥାପି ଜାହ୍ନବୀ ଆଣ୍ଠୁ ଉପରୁ ମୋର ମୁଣ୍ଡ ନଉଠାନ୍ତି । କଣ ପଥର ପାଲଟିଗଲେ ନା କଣ ? ସେ ଯେ ପଥର ଅଥବା ସ୍ତ୍ରୀ, ସାଇ ପଡ଼ିଶା ଭିତରୁ ଦୁଏକ ଘଟିଲେ, ପ୍ରବଳବେଗେ କେତେ କଏ ଆସି ପ୍ରବୋଧନା ଦେଇ ଯାଉଥିବେ, କିନ୍ତୁ ଏପରି ଅବସ୍ଥାରେ କେହି ଦେଖିଲେ……

ସବୁ ଦିଗରୁ ବିପଦରେ ପଡ଼ିଲି ମୁଁ ଆସି । ଲୋଟି ଯାଉଥିବା ଅଝଟ ପିଲାକୁ ଟେକି ଧରିବ ଉଠାଇବାପରି ମୁଁ କୃଶାଙ୍ଗୀ ଜାହ୍ନବୀଙ୍କୁ ଉଠାଇ ଠିଆ କରାଇଲି । ରୋଗୀକୁ ନେଲାପରି ଧରି ଧରି ଭିତର ଅଗଣାକୁ ନେଲି । ଖିଆପିଆର ଠିକ୍ ଠିକଣା ନଥିବାରୁ ବଡ଼ ଦୁର୍ବଳ ଜଣାପଡ଼ୁଥିଲେ ଜାହ୍ନବୀ । ବାଲ୍ଟିକୁ ପାଣିନେଇ ମୁଁ ତାଙ୍କର ମୁହଁଟିକୁ ଭଲ ରକମ ଧୋଇଦେଇ ତାଙ୍କର ଶାଢ଼ୀରେ ପୋଛିଦେଲି ଓ ଅଗ ବଖରାକୁ ଆଣି ପୂର୍ବବତ୍ ଖଟିଆରେ ବସାଇଦେଲି । ସେ ମୋତେ କୌଣସି କଥାରେ ବାଧା ଦେଉନାହାନ୍ତି ।

ଡାକିଲି—ଜାହ୍ନବୀ ! ଶୁଣିଲେନାହିଁ । ଦେଖିଲି, ଥପଥପ ହୋଇ ଆଖିରୁ ତାଙ୍କର ଲୁହବୁନ୍ଦା ଝରିପଡୁଛି । କହିଲି—"ତୁମେ ତା'ହେଲେ ବସି ବସି କାନ୍ଦୁଥାଅ । ତୁମକୁ ବୁଝାଇବା ସମ୍ଭବ ହେବନାହିଁ ମୋ ପକ୍ଷରେ । ମୁଁ ଚାଲିଲି ।" ଭାବିଥିଲି ଏପରି କହିଲେ ମୁଁ ଚାଲିଯିବା କଥାରେ ହୁଏତ ଜାହ୍ନବୀ ତୁନିହେବେ । ମାତ୍ର କୋହ ତାଙ୍କର ଦ୍ୱିଗୁଣିତ ହୋଇ ପୁଣି ବାହୁନା ରୂପରେ ମର୍ମରିତ ହୋଇ ଉଠିଲା ।

କେଉଁଠି ଏ ହତଭାଗୀକୁ ଛାଡ଼ିଯିବେ ପ୍ରଭାସବାବୁ ? ହେଁ...ହେଁ...ହେଁ କେଉଁ ମୁହଁରେ ଛାଡ଼ିକରି ଯିବେ ବୋଲି କହୁଛନ୍ତି ? ଉଁ-ହୁଁ-ହୁଁ...ତଣ୍ଟି ଉପରେ ଭଲ ଗୋଡ଼ଦେଇ ଦଳିଦିଅନ୍ତୁ..... ବୋଉ ଲୋ...ବୋଉ...କି ଦଶା ହେଲା ମୋର...

ଦେଖିଲି ଏ ଅଶ୍ରୁ ସହଜର ନୁହେ । ଦୁଃଖିନୀ ସ୍ତ୍ରୀ ଲୋକଟିକୁ ପ୍ରବୋଧ ଦେବା ମୋ ପକ୍ଷରେ କେତେ କଷ୍ଟ ମୁଁ ତାହା ଭଲହେଲେ ଧାରଣା କରି ନଥିଲି । ନିଜ ଅବସ୍ଥାର ଦୈନ୍ୟ ସକାଶେ ଜାହ୍ନବୀ ଏତେ ଅଧୀର ହୋଇ ପଡ଼ିଥିଲେ ଯେ, କେତେବେଳେ କଣ କହିଯିବେ କିଛି ଠିକଣା ନଥିଲା । ଏପରି ଅବସ୍ଥାରେ କଣ କରିବି କିଛି ସ୍ଥିର କରିପାରିଲି ନାହିଁ । ସ୍ଥିର କଲି ମିଛ ସତ ଯୁକ୍ତିଗୁଡ଼ିଏ ବାଢ଼ିଲେ ଜାହ୍ନବୀଙ୍କ ମନର ଗତି ଅନ୍ୟଆଡ଼କୁ ମୋଡ଼ପାଇପାରେ । କହିଲି—ଦେଖ ଜାହ୍ନବୀ, ଘରର ନୃତ୍ୱରେ ସ୍ତ୍ରୀ ଭାବରେ ସବୁଠାରୁ ବେଶୀ କ୍ଷତି ତୁମର । ତୁମେ କାନ୍ଦିଲେ ଯେ ସେ କ୍ଷତିପୂରଣ ହେବ ତା' ନୁହେଁ । ତେଣୁ କାନ୍ଦି କାନ୍ଦି ଦେହ ମନକୁ ଦୁର୍ବଳ କରୁଛ କାହିଁକି ?

କେଉଁ ବଳ ଅଉ ଅଛି ମୋର ପ୍ରଭାସବାବୁ ? ମୋତେ ତ ଅଉ କିଛି ବୁଦ୍ଧି ଦିଶୁନାହିଁ । କି ବୁଦ୍ଧି କରିବ ? ମୋତେ ଲୁହ..... ମୋତେ ଲୁହ ମୋର କି ଗତି ହେବ, ମୋର ଅଉ କି ବ୍ୟବସ୍ଥା

ହୋଇପାରିବ ତୁମଦ୍ୱାରା···ଆଉ କଟୁରେ ଖାଇବେ ·ମୋତେ କନ୍ଦାଇବ ନା ହସାଇବ······ମଣିଷ କୁହନ୍ତି······ମୋ ବାପା—ମୋ ବୋଉ ସ୍ୱାମୀ·····!

ମୋତେ ତୁମେ ଭୁଲ ବୁଝନା ଜାହ୍ନବୀ !

କିଏ କହିବ ଆପଣଙ୍କର ଭୁଲ, ମୋ ଭାଗ୍ୟର ନହୋଇ ? ଦେଖିଲି, ମୁଖମଣ୍ଡଳରେ ଜାହ୍ନବୀଙ୍କର ପରିବର୍ତ୍ତନର ଆଭାସ । ଫୁଲିଲା ଫୁଲିଲା ଆଖି ଭିତରେ ଜ୍ୱଳନ୍ତ ଅଗ୍ନିଶିଖା ।

ମୁଁ ଯେ ଚିଠିଗୁଡ଼ିକ ଲେଖିଛି ଯଦି କିଏ କହୁଛି ତୁମକୁ କେବେ ?

କ୍ରୋଧ ଓ ଅଭିମାନ ମିଶା କଣ୍ଠରେ ଜାହ୍ନବୀ କହିଲେ—ନାଃ, ଆପଣ କାହିଁକି ଲେଖିବେ, ଅପଣଙ୍କ ବନ୍ଧୁ ଦ୍ୱୟଙ୍କ ସେତ ଯନ୍ତ୍ରଣାରେ ଅନ୍ୟ କାହାରି ନାଁ ନହୁଁ ନହୁଁ ଆପଣଙ୍କ ନାଁ କହିଦେଲେ ।

ତୁମ କଥାକୁ ହେଉ; ମୁଁ ମାନୁଛି ଯେ, ଚିଠିଗୁଡ଼ିକ ମୋ ଦ୍ୱାରା ଲେଖା ହୋଇଛି । କିନ୍ତୁ ତୁମେ ଜାହ୍ନବୀ ଯେ ମୋ ବନ୍ଧୁ ପରର ନାୟିକା ମୁଁ ଜାଣେନି କିପରି ?

ମୋତେ କୁହନ୍ତୁ ପ୍ରଦୀପବାବୁ, ଆଠ ଦଶଖଣ୍ଡ ଚିଠି କୌଣସି ବାଳିକା ପାଖକୁ ଲଗାଣ ଯିଏ ଲେଖେ, ଆଉ କମାନ୍ଦୁପରେ ଯେ ଉତ୍ତର ପାଉଥାଏ, ବେଳକୁ ବେଳ ଛନ୍ଦ ଯାଉଥାଏ ଚିଟି ଭିତରେ ତା' କଳ୍ପନାର ଇନ୍ଦ୍ରଜାଲ, ସେ ଯିଏ ହେଉପଛେ ସେ ବାଳିକାଟିକୁ ନଦେଖି ମଧ୍ୟ ଭଲ ନ ପାଉଥାଏ କିପରି ? ଖଣ୍ଡେ ଚିଠିର ଉତ୍ତର ଆସିଲେ ସେ ବାଳିକା ମନର କି ପରିଚୟ ପାଇ ଆଉ ଖଣ୍ଡେ ଚିଠି ଲେଖିବସେ ?

ଉତ୍ତୁଙ୍ଗ ପର୍ବତ ଶିଖରରୁ ବର୍ଷାବାରି ଝର ଝରଝର ଗହ୍ୱରକୁ ପ୍ରବେଶ କଲାପରି ମୋ ହୃଦୟର କେଉଁ ନିଭୃତ କୋଣରୁ ଜାହ୍ନବୀଙ୍କର

ଏହି କଥାଗୁଡ଼ାକ ଭେଦଗଲା । କହିଲି—"ତୁମ କଥା ନିଶ୍ଚୟ ସତ୍ୟ; ଜାଣିଛି, ନିତାନ୍ତ ଯୁକ୍ତିଯୁକ୍ତ···କଥା ମୋର ଶେଷ ହେବା ଆଗରୁ ହଠାତ୍ ବାହାରେ ପଦଶବ୍ଦ ଶୁଣାଗଲା । ବୃଦ୍ଧ ଆସିଲେ କାମରୁ । ଏହା ଭିତରେ ଯେ ରାତି ଦଶଟା ବାଜିଗଲାଣି ମୁଁ ଅସ୍ତ୍ରସ୍ତ ହୋଇ ଘଣ୍ଟାକୁ ଅନାଇଲି । କିନ୍ତୁ ମୋଟେ ଆଠଟା ବାଜିଥିଲା । ବୃଦ୍ଧ କହୁ-ପୋଛୁ ଆଗରୁ ଚାଲିଆସିଛନ୍ତି ନା କଣ ।

ଦୁଆର ମୁହଁରୁ କହିଲେ—ତ୍ରିଭୁବନବାବୁ, ଏ ଝିଅଟିର ସଂସାର ମାଟି ହୋଇଗଲା । ମାଟି ହୋଇଗଲା । ବଗୁଲାକୁ ମଝି ଦରିଆରେ ଭସାଇ ଚାଲିଗଲା ସେ । ବୁଢ଼ାର କଣ୍ଠସ୍ୱରରେ ଦରଦ ପୂରି ରହିଥିଲା ।

ମୁଁ କଣ ଖବରଟା ବୁଝିଛି ? ବୁଢ଼ା ଅନାଇଲେ । କହିଲି—ତାହାତ ଯାହା ଭାଗ୍ୟରେ ଥିଲା ହେଲା; ଏବେ ସ୍ୱାଙ୍କୁତ ମୁଁ ବୁଝାଇ ବୁଝାଇ ଥକିଗଲିଣି ।

ମୁଁ ତ କମ୍ ବୁଝାଉଛି ବାବୁ ଏ ଛଅଦିନ ହେଲା ? ମୁଁ ପରା ଛୁଟି ନେଇଥିଲି । ଆଜି କେବଳ କାମକୁ ଯାଇଥିଲିନା ?

ବୁଢ଼ାଙ୍କୁ ମୁଁ ପଦାକୁ ଡାକିନେଲି । ପ୍ରଥମେ ପଚାରିଲି—ସ୍ୱାଙ୍କର ପରା କେହିଥିଲେ ? ସେମାନେ କେହି ଆସିଥିଲେ ?

ଛି, ଛି, ଛି, ତାଙ୍କ କଥା ତୁଣ୍ଡରେ ଧରନ୍ତୁ ନାହିଁ । ବାହା ହେଲଦିନୁ ଦିନେ କାଳେ ଏ ଦୁଆର ମାଡ଼ନ୍ତି ? ତାଙ୍କୁପରା ଚୋଟ ନେଇଥିଲା । ତୁମ ସାଙ୍ଗ ମରିବା ଦିନ କେଉଁ ଲୋକଟାର ପିଯୁଷା ଟିକିଏ ଦ'ପ୍ରାଣୀ ଆସିଥିଲେ । କହିଲେ, କାନ୍ଦିଲେ ବୋବେଇଲେ କଣ ହେବ ? ତୋ' ଭାଗ୍ୟରେ ଯାହାଥିଲା ହେଲା । ଶୁଦ୍ଧ କାମଟା ଟେକି ତୋତେ ଆସି ମାସେ ସନ୍ଦରଦଳ ନେଇଯିବୁ ।

ତାପରେ ?

ତା'ପରେ ବୁଝୁନାହାନ୍ତି ? ପରି ବାବୁଙ୍କର ପୈତୃକ ସମ୍ପତ୍ତି କିଛି ଅଛି । ଘର ପାଖରେ ବଡ଼ ଯାଆ ମଧ୍ୟ ଅଛନ୍ତି । ପିଅପାଙ୍କର ଇଚ୍ଛା ଏ ପିଲାଟି ଯାଇଁ ସେଇଠାରେ ରହିବ ଆଉ କଣ ?

ପରର ଭାଇଙ୍କ ପାଖକୁ ଟେଲିଗ୍ରାମ କରିହୋଇନି ?

ହୋଇଛି ତ, କାଲି ହୁଏତ ଆସିପାରନ୍ତି କେହି ।

କହିଲି—ମୁଁ କଣ କହୁଥିଲି କି, ଏତ ଏପରି ଅବୁଝା ହୋଇ ପଡ଼ିଛନ୍ତି, ତୁମେ ଯଦି କିଛି ନଭାବନ୍ତି, ତେବେ ମୁଁ ଯୂଥିକୁ ସାଙ୍ଗରେ ଧରି ଆମ ବସାକୁ ନେଇଯାଆନ୍ତି । ବସାରେ ମୋ ପିଲାମାନେ ଅଛନ୍ତି । ବୁଝୁନା, ସ୍ତ୍ରୀ ଲୋକଙ୍କ ସହିତ ସ୍ତ୍ରୀଲୋକ ରହିଲେ ସେମାନେ ତାଙ୍କୁ ଶୁଶ୍ରୂଷା କରାଇବେ । ସେ କଷ୍ଟ ହେବ ? ଆମେ ଏବେ ଅଣ୍ଡ୍ରିସି-ଚଣ୍ଡ୍ରିସି କେମିତି ଯୂଥିକୁ ବୁଝାଇବା ? ତା'ପରେ ମୋର ଗୋଟିଏ ପୁଅ ଓ ଗୋଟିଏ ଝିଅ, ସେମାନଙ୍କ ମେଳରେ ତାଙ୍କ ମନ ଟିକେ ଅନ୍ୟ-ପ୍ରକାର ହେବ ନା କଣ କହୁଛ ?

ବାଃ, ବାଃ, ଭାରି ଭଲକଥା ବାବୁ; ମୋ ବାପା, ତୁମେ ଏହିକ୍ଷଣି ନେଇଯାଅ, ଆପଣ କହିବ ବାବୁ, ଏ ଦୁଇଦିନ ହେଲା ପିଲାଟିର କାନ୍ଦ ଦେଖି ମୁଁ ମଧ୍ୟ କୋଧ ସମ୍ଭାଳି ପାରୁନାହିଁ । ହିଁ ଶୁଦ୍ଧି ଦେଲଲୁ—

ସେଥିପାଇଁ ଚିନ୍ତା କରନାହିଁ । ଦଶଦିନ ସକାଳୁ ମୁଁ ଯୂଥିକୁ ସଙ୍ଗରେ ଆଣି ପହଞ୍ଚିଲେତ ହେଲା ଆଉ କଣ ?

ମୁଁ ମଧ୍ୟ ଛୁଟି ନେଇ ଘରେ ଥିବି ।

ଆଚ୍ଛା, ପରତ ଟଙ୍କା ପଇସା କିଛି ରଖି ଯାଇନଥିବ ?

ପରି ରଖିବ ଟଙ୍କା କେଉଁଠା ? ହେଃ, ସେଇଠା ନାହାତ ଫଙ୍କାଟିଏ ହୋ···

ଦରକାର ପଡ଼ିଲେ ତୁମେ କିଛି ସାହାଯ୍ୟ କରିବଟି ? ମୁଁ ବୁଝିଲି ବୁଢାଙ୍କୁ । ମୁଁ ଟଙ୍କା ଦେବି ଯାଏ ଦେଇପାରିବି । କାରଣ ପିଲା

ବୁଅଙ୍କୁ ନେଇ ମୋର ମଧ୍ୟ ଅବସ୍ଥା ଏବେ ଭଲନୁହେଁ । ତୁମେ କଣ ତୁମ ବଣିକଙ୍କ ଖବରରୁ ବୁଝୁ ନଥିବ ଯେ—

ହଁ, ଆମ ଶକ୍ତି ମୁତାବକ ଆମେ ଦବା ଯେ, ତେବେ ଯଦିର ଭାଇଙ୍କ ଯଦି ଆସି ପହଞ୍ଚିପାରନ୍ତି, ତେବେ ତାଙ୍କ ବ୍ୟବସ୍ଥାକୁ ଚାହିଁ ଆମେ ଯାହା କରିବା ନା···ବୁଢ଼ା କହୁଥିଲେ ।

ତା ଅବଶ୍ୟ ଠିକ୍ । ବର୍ତ୍ତମାନତ ସାତ ଅଠଦିନ ବାକି ଅଛି । ସେ ଆସିଲେ ତାଙ୍କୁ ଆମ ଘରକୁ ପଠାଇଦେବ । ସେ ମୋତେ ଓ ମୋ ପରିବାରଙ୍କୁ ଭଲରୂପେ ଜାଣନ୍ତି । ହୁଏତ ତୁମର ଏ ବସା ପାଇବେ କି ନାହିଁ । କିନ୍ତୁ ମୋ ନାଁ କହିଲେ ସେ ଏଠା ଏକା ଆମ ବସାକୁ ଚାଲିଯିବେ ।

ତା'ହେଲେ ବାବୁ, ତେବେ କାହିଁକି ? ମୁଁ ଖଣ୍ଡେ ଟାକ୍ସି ଡାକି ଆଣୁଛି ?

"ହଁ ହଁ, ଟିକେ କଷ୍ଟ କରିଯାଅ···।" ବୁଢ଼ା ଟାକ୍ସି ପାଇଁ ଗଲେ । ମୁଁ ଭିତରକୁ ଯାଇ ଡାକିଲି—ଜାହ୍ନବୀ, ଉଠ ଚାଲ—

ଆଉ କେଉଁଠିକି ଯିବ ? ଆଉ କେଉଁ ମୂରରେ ବାସ ମିଳିବ ମୋତେ ?

ଉଠନା, କଣ ଖାଲି ପିଲାଟିପରି ହେଉଛ ? ପଢ଼ାଶୁଣା ଲୋକ ହୋଇ ଏପରି ବାମ୍ଣୀଙ୍କ ପରି ହେଲେ ଚଳିବ ? ଧୀରେ ଧୀରେ କହିଲି—ଚାଲ, ଶାଢ଼ୀଟା ଟିକେ ଭଲକରି ପିନ୍ଧନା···ଏତେଶି ସେଥିରୁ ଚିତ୍ର ଗୋଟିଗୁଡ଼ିକ ପକେଟରେ ପୁରାଇବାକୁ ଭୁଲିଲି ନାହିଁ ।

ଟାକ୍ସି ଆସିଗଲା । ବୁଢ଼ା ଜାହ୍ନବୀଙ୍କୁ ଧରି ଧରି ଆଣିଲେ । କହିଲେ ମାଁ କାନ୍ଦନା, ତୋ କପାଳରେ ଯାହା ବିଧି ଲେଖିଥିଲା ତାହା ଘଟିଗଲା । କାନ୍ଦ କାନ୍ଦ ନଖାଇ ନପିଇ ଏପରି ହେଲେ ଫଳ କଣ ହେବ କହିଲୁ ? ଏ ଭଦ୍ରଲୋକ ଆସିଛନ୍ତି । ତାଙ୍କ କଥା ଟିକେ

ଖୁସି । ତୋର ଇଚ୍ଛା ଯେମିତି ହେବ ଆମେ ନିଶ୍ଚେ ସେ ବ୍ୟବସ୍ଥା କରିବୁ । ତୁ ଯା, ଭୁଇ.ଗୁରୁବଦନ ପ୍ରଭାସବାବୁଙ୍କ ଘରେ ନ ରହିଲେ ତୋର କାନ୍ଦଣା ବନ୍ଦ ହେବନାହିଁ । ବୁଢ଼ା ବାସ୍ତବରେ ଜାହ୍ନବୀଙ୍କୁ ଝିଅ ପରି ଭଲପାଏ ।

ଜାହ୍ନବୀ ଝାଙ୍କି ଭିତରେ ସ୍ଲେଟ କଣେଇଟି ପରି ମୋରଅଙ୍ଗରୁ ଅଳଗ, ଏପରିକି ମୋର କାନ୍ଧ ଉପରେ ଢଳିକରି ବସିଲେ । ସେ ବୋଧହୁଏ ମନେ କରୁଥିଲେ ଯମ ବୋଲି ଯିଏ ଚାଲିଗଲା, ସେ ହିଁ ଏତ ଗୋଟାଏ ନିଷ୍ଠୁର ପ୍ରତିବନ୍ଧକ ଥିଲା । ସେ ଗଲାପରେ ଜାହ୍ନବୀ ସତେ ଅବା ନିଜର ଅଭିଷ୍ଟ ସ୍ଥାନ ଫେରି ପାଇଛନ୍ତି । ତଥାପି ତାଙ୍କର ନ ଖାଭୁର ଏହି ନିର୍ଦ୍ଦୟ ଅବମାନନା ସେ କଦାପି ସହ୍ୟ କରିପାରୁ-ନଥିଲେ ଦେହ ଓ ମନରେ । ତାହା ସତେ ଯେପରି କୋହ ରୂପରେ ଆଖିରୁ ଝରଝର ହୋଇ ଝରି ପଡ଼ୁଥିଲା ।

ନିରୁପମା ଜାହ୍ନବୀଙ୍କ ମୁହଁକୁ ପୋଛି ପୋଛି ତାଙ୍କୁ ଭୁଲେଇଲା କାଟେଇଲା ପରି ଭିଡ଼ଭାଡ଼ ଝାଙ୍କି ପାଖରୁ ଘର ଭିତରକୁ ନେଇଗଲା ।

## ତରଣି

ଦୁଇଦିନ ପରେ ଜାହ୍ନବୀଙ୍କ ମନର ଅବସ୍ଥା ଟିକେ ପରିବର୍ତ୍ତନ ହେଲପରି ଜଣାପଡ଼ିଲା । ନିରୁପମା ନଥିଲେ କି ମୋର ପିଲାଏ ନଥିଲେ ଏତେଶୀଘ୍ର ଏତେଟା ପରିବର୍ତ୍ତନ ହୋଇ ନଥାନ୍ତା ଅବଶ୍ୟ । ରାତିରେ ସେମାନେ ଦୁହେଁ ଏକଦମ ଶୁଅନ୍ତି ମଝିରେ ମୋ ଝିଅଙ୍କୁ କୋଳକରି ଆମେ ବାପା ପୁଅ ଦୁହେଁ ଅନ୍ୟ ବଖରାଟିରେ ଶୋଉଁ । ଦିନ ଭିତରେ ମଧ୍ୟ ମୁଁ ଅଫିସ ବାହାରିଗଲେ ଖରାବେଳଟାଯାକ ଦୁହେଁ ଏକାଠି ରହନ୍ତି । ଏତେ ଦୀର୍ଘ ସମୟର ମିଳାମିଶାରେ ନିରୁ ଓ ଜାହ୍ନବି ବାସ୍ତବିକ୍ ପାଖକୁ ପାଖ ଲାଗି ଆସିଛନ୍ତି । ଏହି ଦୁଇ ତିନିଦିନ ଭିତରେ ଜାହ୍ନବୀଙ୍କ ସମ୍ବନ୍ଧ ଟିକେ ଆଲୋଚ କରିବାକୁ ମନ ଛକପକ ହେଉଥିଲେ ବି ନିରୁପମା ଆଗରେ ଦେଖାଇଦିଏ ମୁଁ ଅତି ସଚ୍ଚରିତ୍ର ଓ ଭଦ୍ର ।

ନିରୁପମାର ଅଭ୍ୟାସ, ସେ ସାଢ଼େ ଚାରିଟା କିମ୍ବା ପାଞ୍ଚଟା ଭିତରେ ଗାଧୋଇପଡ଼େ ପାଣିକଳ ପାଖରେ । ନ ଗାଧୋଇ ସେ ରୋଷେଇ-ଶାଳକୁ ଯାଏନାହିଁ । ପୁଣି ଏତେ ସକାଳେ ପାଣିକଳ ପାଖରେ ସାଧାରଣତଃ କେହି ନଥାନ୍ତି । ଆଉ ପାଣିକଳଟା ମଧ୍ୟ ବେଶୀ ଦୂରରେ ନୁହେଁ । ମୁଁ ଢିଲୁ ନିଶ୍ଚିନ୍ତ ହୋଇ ଶୋଇ ରହୁଥାଏ । ମାତ୍ର ସେଦିନ, ମାନେ ଜାହ୍ନବୀଙ୍କ ଆସିବାର ତୃତୀୟ ଦିନ, ସକାଳ ପାଞ୍ଚଟାରେ ନିଦ

ମୋର ଭାଙ୍ଗିଗଲା । ଆଖି ଖୋଲି ଚାହିଁଲାବେଳକୁ ମୋର ବିଛଣା ପାଖରେ ଠିଆ ହୋଇଛନ୍ତି ଜାହ୍ନବୀ । ମୁଁ ସିଧା ସଳଖ ତାଙ୍କ ମୁହଁକୁ ଅନାଇଲି । ସେ ମୋତେ କେତେବେଳୁ ଯେ ନିର୍ନିମେଷ ନୟନରେ ଅନାଇ ରହିଛନ୍ତି ତାହା ମୁଁ ଜାଣେନାହିଁ । ମୋର ବିଛଣା ନିକଟକୁ ଆସିବାର ପଦଶବ୍ଦ ମଧ୍ୟ ମୁଁ ଶୁଣିପାରି ନଥିଲି । କହିଲି—"ଓଃ, ଜାହ୍ନବୀ, ତୁମେ ଉଠିଲଣି ଏତେଶୀଘ୍ର ?" ଜାହ୍ନବୀ କିଛି କହିଲେ ନାହିଁ ।

କଥା କହିବନି ବୋଲି ପଣ କରିଛ, ନିରୁପ । ବସ ନହେଲେ ଏଠି । ଜାହ୍ନବୀ ମୋ ବିଛଣା କଡ଼ରେ ଆସନ ଗ୍ରହଣ କଲେ । ପଚାରିଲି—"ନିରୁପମା ?"

ତଳକୁ ମୁହଁପୋତି କହିଲେ—"କଳ ପାଖରେ ଗାଧୋଉଛନ୍ତି ।"

ଏତେବେଳଯାଏ ତ ତୁମ ମୁହଁଟା ବେଶ୍ ପ୍ରଫୁଲ୍ଲ ଦେଖାଯାଉଥିଲା, ଏବେ ଶୁଖାଇଦେଲ କାହିଁକି କହିଲ—"

ଆପଣ କଣ ମୋ ଉପରେ ବିରକ୍ତ ହୋଇଛନ୍ତି ?

ବିରକ୍ତ ? ବାଃରେ, ବିରକ୍ତ କାହିଁକି ହେବି ?

ସେଦିନ ନିଚ୍ଛେ କଡ଼ା କଡ଼ା କଥା ଦିପଦ ଶୁଣେଇଦେଇଛି ନା, ସେଇଥିପାଇଁ ପଚାରୁଥିଲି । ମୃଦୁହସି କହିଲି—"ତୁମେ କଣ ମୋତେ ସବୁଦିନେ ଭୁଲ ବୁଝିବ ?"

"ତା'ହେଲେ ମୋ ସହିତ କଥା ହେଉନାହାନ୍ତି କାହିଁକି ଦିନ ଭିତରେ ?"

"ମୁଁ ଭାବୁଥିଲି କଣକି, ତୁମ ମନର ଅବସ୍ଥା ଯେପରି, ତୁମକୁ କିଛି କହି ଭାବାନ୍ତର ଆସିବ ନାହିଁ । ବରଂ କିଛି ସମୟ ପରେ ତୁମେ ଟିକେ ପ୍ରକୃତିସ୍ଥ ହୋଇଗଲେ ତେଣିକି କଥାବାର୍ତ୍ତା ହୋଇପାରିବା, ସବୁ କିଛି ବୁଝାପଡ଼ିବ—।"

ମୁଁ କିନ୍ତୁ ଭାବିଥିଲି ଅନ୍ୟ ରକମ ।

କଣ ?

ମାନେ ସେ ଅଡ଼କୁ ଟିକେ ଅନାନ୍ତୁ, ଆପଣଙ୍କ ପରିବାର ସନ୍ଦେହ କରିପାରନ୍ତି ନ ?

ନାଃ ହେ ନା, ତୁମେ ମୋତେ ଲଜ୍ଜିତ କରିବ ।

ଆଚ୍ଛା କୁହନ୍ତୁ ଦେଖି, ଯେଉଁ ବାଳିକାଟି ଆପଣଙ୍କ ପ୍ରେମ ଚିଠି-ଗୁଡ଼ିକରେ ଭୁଲିଗଲା, ସେ କାହାକୁ ପ୍ରେମ କରୁଥିବ ବୋଲି ଆପଣ ସମ୍ଭବ କରୁଛନ୍ତି ପତ୍ର ବାହକକୁ ନା ପତ୍ର ଲେଖକକୁ ?

ସେକଥା କଣ କିଛୁଦିନ ପରେ ଆଲୋଚନା କଲେ ଚଳନ୍ତାନାହିଁ ଜାଣିବା ?

ଆପଣ ଯଦିନା ଜାଣି ନଥିଲେ ପତ୍ରଗୁଡ଼ିକ ପାଇ ଯେଉଁ ବାଳିକାଟି ହାତରେ ପଡ଼ୁଛି, ସେଇଟି କିଏ ? କିନ୍ତୁ ଯେଉଁ ବାଳିକାଟିକୁ ହୃଦୟର ପ୍ରେମ ମଧୁ ଦେଖାଇ ଓ ଯେଉଁ ବାଳିକାଟିର ମନ ଉପବନର ଫୁଲ-ଗୁଡ଼ିକର ତାଜା ବାସନା ପାଇ ଚିଠି ଲେଖିବାରେ ମଜ୍ଜିଗଲେ, ତାକୁ ପୁଣି ଏତେ ନିର୍ଦ୍ଦୟ ଭାବରେ ଅନ୍ୟ ହାତରେ ସମର୍ପି ଦେଲେ କିପରି ? ଧରନ୍ତୁ ସେ ବାଳିକାଟି ମୁଁ ନୁହେଁ, ଧରନ୍ତୁ ସେ ମୋପରି ଅନ୍ୟଜଣେ ହେବେ······?

କିନ୍ତୁ ନ ଜଣାଇବା ଯାଏ ସେ ବାଳିକାଟି ଜାଣି ନଥିଲା ଯେ ଚିଠିରେ ତାକୁ ଭଲ ପାଉଛନ୍ତି ଅନ୍ୟଜଣେ କେହି ?

କିପରି ? ନ ଜଣାଇବାର ଢେର୍ ଆଗରୁ ସେ ଜାଣିପାରିଥିଲା ତା' ପ୍ରତି ଯେଉଁ ଅନ୍ୟାୟ ଯାହାଦ୍ୱାରା କରାଯାଇଛି । ଆପଣ ଭାବନ୍ତୁ ଆପଣଙ୍କ ବନ୍ଧୁ ମୋତେ ଜଣାଇବା ପୂର୍ବରୁ ମୁଁ ଜାଣି ନଥିଲି ? କିନ୍ତୁ ଜାଣନ୍ତି, ଭୋଜଭାତ ଖାଇବାକୁ ଗଲାଦିନ ମୁଁ ଆପଣଙ୍କୁ ଦେଖିବାମାତ୍ରେ ହିଁ ନିଶ୍ଚିତରୂପେ ବୁଝିଲି ଯେ, ଚିଠିଗୁଡ଼ିକ

ଆପଣଙ୍କ ବ୍ୟତୀତ ଅନ୍ୟ କେହି ଲେଖିନାହାନ୍ତି । ଯେହେତୁ ଆପଣ ମୋ ସ୍ୱାମୀଙ୍କ ପରମବନ୍ଧୁ, ଆଉ ଯେହେତୁ ଆପଣଙ୍କ ପରିଚୟ ମୁଁ ବହୁ ପୂର୍ବରୁ ପାଇସାରିଥିଲି । ଭଲ ପାଇବାର ଯେଉଁ ସ୍ୱର୍ଣ୍ଣ ଆସନରେ ମୋ ହୃଦୟର ଅନ୍ଧକାର ଭିତରେ ବସିଥିଲେ ମୋର ସେହି ପ୍ରଭାସବାବୁ, ତାଙ୍କୁ ସେଦିନ ମୁଁ ଘୃଣାରେ ତଳେ ଗଡ଼ାଇଦେଲି । ଏତେ ଘୃଣା କଲି ଯେ, ମୋର ରସିକ ସ୍ୱାମୀ ହାତଧରି ଭିଡ଼ିଲେ ମଧ୍ୟ ମୁଁ ଆଗରୁ ଆସି ତାଙ୍କର ମୁହଁ ଚାହିଁଲି ନାହିଁ ।

କାନମୂଳ ମୋର ନାଲି ପଡ଼ିଗଲା । ଶୀତ ପ୍ରଭାତର ଆଳସ୍ୟ ଯେପରି ଜଡ଼େଇଗଲା ମୋର । ହା-ହୁତାଶମୟ ଲାଗିଲା ମୋ ଦେହ ସାରା । ଦେଖିଲି, ଜାହ୍ନବୀ ବେଦନାତଶଯ୍ୟାରେ କାନ୍ଦ ପକାଇବା ଉପରେ । ଏହି ସମୟରେ ପତ୍ର କଥା ମନେପଡ଼ିଗଲା—"ମୋର ଆଶ ସାର ହେଲା, ମୁଁ ନିଜକୁ ଅନ୍ତରାଳରେ ରଖିପାରିଲି ନାହିଁ ।" ମୁଁ କେବଳ ତଳକୁ ମଥା ନତକରି ଜାହ୍ନବୀଙ୍କ ବଜ୍ରତୁଲ୍ୟ ବାକ୍ୟବାଣ ସହିବାରେ ଲାଗିଲି ।

"କିନ୍ତୁ ଆପଣଙ୍କ ବନ୍ଧୁ, ଏକଥା ଜଣାଇଦେବା ପରେ ମୁଁ ଦେଖିଲି, ମୋର ଅନୁମାନ ତିଳେହେଲେ ମିଛ ହୋଇନି । ସେତେବେଳେ ତୁଳନା କଲି, ମୁଁ ଯେତେ ଘୃଣା କରିଥିଲି, ଆପଣ ତା'ଠାରୁ କୋଟି ଗୁଣରେ ଅଧିକ ଘୃଣ୍ୟ । ନହେଲେ ବା ସେ ବାଳିକା ଜାହ୍ନବୀ, କିନ୍ତୁ ପ୍ରଭାସବାବୁ, ମୁଁ ପଚାରେ—ଆପଣ କଣ ଆପଣଙ୍କ ବନ୍ଧୁଙ୍କ ସ୍ୱଭାବ ଚରିତ ଜାଣି ନଥିଲେ ? ଗୋଟିଏ ନିରୀହା ବାଳିକାର ଜୀବନ ନେଇ ଆପଣଙ୍କ ବନ୍ଧୁତୁଲ୍ୟ ଯୁବକଙ୍କ ଜୀବନ ସହିତ ଛନ୍ଦିଦେବାକୁ ଶିକ୍ଷିତ ହୋଇ ଭଦ୍ରଲୋକ ହୋଇ ଟିକେହେଲେ ବାଧିଲାନାହିଁ ଆପଣଙ୍କୁ ? ଆଉ କେତେ କଣ କହି ଯାଇଥାନ୍ତେ ଜାହ୍ନବୀ । ମାତ୍ର ଫାଟକ ଅଗଳା ଶବ୍ଦରେ ନିରୁପମା ଆସୁଥିବ ଭାବି ଜାହ୍ନବୀ ଉଠିଲେ ।

ସକାଳ ହେଲା । ସୂର୍ଯ୍ୟ କିରଣରେ ପୃଥିବୀ ହସିଉଠିଲା । ମୁଁ କିନ୍ତୁ ଏହି ହାସ୍ୟମୟୀ ପୃଥିବୀକୁ ମଥା ଟେକି ଅନାଇବାର ସାହସ ସଞ୍ଚୟ କରିପାରିଲି ନାହିଁ । ମୁଁ ଯେପରି ଗ୍ଲାନି ଉପରେ ହାତଗୁଡ଼ି ଭଙ୍ଗି କରୁଥିଲି ମୋ ଭିତରର ଅନ୍ଧାରଗୁଡ଼ାକ ସେହିପରି ଜମାଟ ବାନ୍ଧି ରହିଲା । ଆଜି ମୁଁ ତାହାର ଭିତରେ ମଗ୍ନ ହୋଇ ଶୋଇଥାଏ ।

—§§§—

## ଏକଷଠିରେଶି

ଘଡ଼ିମଧ୍ୟରେ ଦିନେ ଜାହ୍ନବୀ ଘାଟରେ ଥିଲାବେଳେ ମୁଁ ପମାକୁ ଅଖିଠାର ଭିତରକୁ ଡାକିଲି । ମୋର ସାଜଙ୍ଗିଅ ମଞ୍ଜୁକୁ ଜାହ୍ନବୀ ବସିଥାଏ ବାଙ୍ଗଅଡ଼େ । ମଞ୍ଜୁକୁ ସେ ବଡ଼ ଭଲପାଇ ଛନ୍ତି ଏଥିରୁ କେତୋଟି ଦିନ ମଧ୍ୟରେ ।

ପଚ୍ଛବଲି—ଯତିର ସ୍ତ୍ରୀ କ'ଣ ସବୁ ଅଡ କହୁଥିଲେ ?

ନିରୁ କହିଲା—ଲୁହ ମୁଁ ଅନେକ ଅସେ—ଓଦାକୁ ଅଜାଭ ଅସି ଲା—ସେ କହୁଥିଲେ, ତାଙ୍କ ସ୍ୱାମୀ, ତୁମ ବନ୍ଧୁ ଯତିବାବୁ ଏତେ ମଦ ଖାଉଥିଲେ । ଏହାଙ୍କ ସହିତ ବଡ଼ ଖରାପ ବ୍ୟବହାର ଥିଲେ, ଏମିତି କେତେ କଣ କହୁଥିଲେ ।

"ତୁମେ କାହିଁ ପଚ୍ଛବାକୁ କହିଲେ ନା ମନକୁ ?"

"ମୁଁ ପଚ୍ଛବଲି ।"

"କଣ ପଚ୍ଛବଲ ତୁମେ ?"

ପଚ୍ଛବଲି, ତାଙ୍କ ସହିତ ଯେତୋଟି ଦିନ କଟାଇଛ, ସେ କେଉଁସୁ କୁ ସୁଖୀ କରାଇଥିବେ ।

"କଣ କହିଲେ ସେ ?"

ସେ ତ ପ୍ରଥମେ କିଛି କହିଲେ ନାହିଁ । କିଛିକ୍ଷଣ ପରେ ଯାଇ କହିଲେ, ସେ ମୋତେ କୌଣସି ପ୍ରକାରେ ସୁଖୀ କରାଇପାରି ନାହାନ୍ତି । ତାଙ୍କୁ ବା' ହୋଇ ମୁଁ ନିଜେ କେଡ଼େ ଭୁଲ କରିଛି ତା'ର ଅନୁଶୋଚନାରେ ବରଂ ବେଶୀ ଦଗ୍ଧ ହେଉଥିଲି । ତାଙ୍କ ପ୍ରତ୍ୟେକ ଅଙ୍ଗ ଭଙ୍ଗ, ପ୍ରତ୍ୟେକ ହାବଭାବ, ପ୍ରତ୍ୟେକ କଥା ମୋତେ ବିଷପରି ଲାଗୁଥିଲା ।

"ମୁଁ ବିସ୍ମୟରେ ଅନାଇରହିଲି—ନିରୁପମା କହିଲା, ଏ କିପରି କଥା କହୁଚ ତୁମେ ? ତାଙ୍କର ଚିଠିପତ୍ର ଦଶଅନାଅ କଥା, ମୁଁ ନଜାଣିବାପରି କିଛି କହିଲି ନାହିଁ । ଅବଶ୍ୟ କହିଦେବାକୁ ପାନ୍ଥିଟା ଖାଲି... ହେଉଥିଲା, କିନ୍ତୁ ସେ କହିଲେ, ମୁଁ ତାଙ୍କ ଚିଠିରୁ ଭାବିଥିଲି, ସେ ଅତି ଭଦ୍ର ଅତି ଶିକ୍ଷିତ ହୋଇଥିବେ । ତାଙ୍କ କୋଳରେ ମୁଣ୍ଡରଖି ମୁଁ ସ୍ୱର୍ଗଶାନ୍ତି ଲାଭ କରିବି । ମାତ୍ର ଫଳରେ ଦେଖିଲି ସେ ସମ୍ପୂର୍ଣ୍ଣ ଓଲଟା । ଚିଠିରେ ଲେଖିଥିବା ଶବ୍ଦଗୁଡ଼ିକରେ ଯେଉଁ ପ୍ରେରଣା, ଯେଉଁ ଦରଦ, ଆଭିଜାତ୍ୟ ମନର ଯେଉଁ ପରିଚୟ, ପରକୁ ଆପଣାର କରିନେବା ପାଇଁ ଯେଉଁ ଉତ୍କଣ୍ଠା ପାଇଥିଲି ତାଙ୍କର କଥାବାର୍ତ୍ତା ଓ ବ୍ୟବହାରରେ ସେ ସବୁର କିଛିହେଲେ ଆଭାସହିଁ ପାଇଲି ନାହିଁ ।...ସେ ନିହାତି ଅଜ୍ଞ ଓ ବର୍ବର । ଏମିତି ସେ ଯେ କେତେ କଣ ଗପିଗଲେ ତୁମକୁ କ... ଆଉ କହିବି ? ମୋର ଏତେ କିଛି ମନେ ରହିଲା ନାହିଁ ।

ତୁମ ଭିତରେ ଏତେ କଥା ପଡ଼ିଥିଲା କେତେବେଳେ ?

ଚାଲି ଖସିଗଲେ ।

ଆଉ କିଛି ?

ମୁଁ ପଚାରିଲି ପୁଣି—ତୁମେ ତାଙ୍କୁ ଏବେ ହସାଇ ନିଶ୍ଚିନ୍ତ ହେ... ନା କଣ ? କହିଲେ—ଆଃ, ନାଗ୍ରାଜରୁ ପାଇ, ଅଥବା ହୋଇ କଣ କହିବି ମୁଁ 'ନିଶ୍ଚିନ୍ତ ହେଲି ବୋଲି ଭୁଲ । ଆଖିରୁ ଆଉର......

ମୋର ଦୁର୍ଭାଗ୍ୟକୁ କେତେ ଅଭିନନ୍ଦନ କରୁଥିଲା, ଭଲରେ ସେ କାନ୍ଦିଲେ । ତେଣୁ ମୁଁ ଆଉ ତାଙ୍କୁ କିଛି ପଚାରିଲି ନାହିଁ । ଏସବୁ ପ୍ରଶ୍ନ ପଚାରି ତାଙ୍କ ଦୁଃଖଟାକୁ ମନେ ପକାଇଦେଲି ବୋଲି ମୁଁ ମଧ୍ୟ ଦୁଃଖୀତ ହେଲି । କାହ୍ନୁବାବୁ ଆସିବାର ପଦଶବ୍ଦ ଶୁଣି ନିରୁପମା ଉଠିଗଲା ମୋ ପାଖରୁ ।

—§§§—

## ବତିଶି

ମୁଁ ଯେ କି ଭୁଲ କରିଛି ଆଜି ଜାହ୍ନବୀ ଓ ନିରୁପମାଙ୍କ ଉକ୍ତି-ଗୁଡ଼ିକ ମଧ୍ୟରୁ ଏବେ ହୃଦୟଙ୍ଗମ କରିପାରିଲି । ଜାହ୍ନବୀଙ୍କ ଦୃଷ୍ଟିରେ ଚିନ୍ତାଶୀଳ ଓ ଗୁରୁସ୍ଥାନୀୟ ମୋର ସବଜ୍ଞାତ ଭଦ୍ର ସମାଜରେ ମୁଁ ଯେ କପଟ ନିନ୍ଦନୀୟ ହୋଇଥିବି ତାହା ମୁଁ କଳନା କରିପାରିଲି ନାହିଁ । କିନ୍ତୁ ଉପାୟ କଣ ?

ଏତେବେଳକୁ ଦୁଇଟି କଥା ଦୁହିଁଙ୍କ ପାଖରେ ଲୁଚିରହି ଉଭୟଙ୍କ ଅଜ୍ଞାତରେ ଥିଲା । ପ୍ରଥମତଃ ନିରୁପମା ଏବେ ବି ଜାଣି ନଥିଲା ଯେ, ଏହି ବିପ୍ରଦାଠି ହେଉଛି ଜାହ୍ନବୀ ଓ ଏହାଙ୍କୁ ଦେଖିବା ଦିନରୁ ମୁଁ ନିଜ ଅଜାଣତରେ ତାଙ୍କ ରୂପଶ୍ରୀର ମାଧୁର୍ଯ୍ୟରେ ଢଳି ପଡ଼ିଥିଲି ତାଙ୍କ ଅଜ୍ଞରେ । ଦ୍ୱିତୀୟତଃ ପ୍ରେମ ଚିଠିଗୁଡ଼ିକ ମୁଁ ଲେଖିଛି ବୋଲି ନିରୁପମା ଯେ ଭଲଭାବେ ଜାଣେ ଏହା ହୁଏତ ଜାହ୍ନବୀ ଭାବିପାରି ନାହାନ୍ତି କିମ୍ବା ଭାବିଥିଲେ ବିଶ୍ୱାସ କରିନାହାନ୍ତି । ତା' କରିଥିଲେ ସେ ହୁଏତ ନିରୁପମାକୁ କିଛି ଶୁଣାଇ ଥାଆନ୍ତେ···ମୋର ଦୁର୍ନାମ କରି ।

କିନ୍ତୁ ଆମର ସୁଖମୟ ସଂସାରରେ କଥା ପ୍ରସଙ୍ଗରେ ମୁଁ ନିଷ୍ଠୁର ଥଟ୍ଟା କରି ମଧ୍ୟ ନିରୁପମା ଆଗରେ ଏ ଚିଠି କଥା ଯେ କହିଥାଇପାରେ

ଜାହ୍ନବୀ ନିଶ୍ଚେ ମନେ ମନେ ଏହା ଜାଣିଥିବେ । ମୁଁ ଏହିପରି ଅନୁମାନ କଲି । ହୁଏତ ଜାହ୍ନବୀ ମୋତେ ଆଉ ଅଧିକ ଅପମାନ ଦେବାକୁ ନିଷ୍ପ୍ରୟୋଜନ ମନେ କରୁଥିଲେ ।

ଏବେ ଦୁନିଆରେ ମୋର ଆଉ ସ୍ଥାନ ରହିଲା କେଉଁଠି, କେବଳ ନିରୁପମା ହୃଦୟ ଛଡ଼ା ?

ଜାହ୍ନବୀ ମୋତେ କଣ ଭଲ ପାଆନ୍ତି ନାହିଁ ଆଉ ପୂର୍ବପରି ? ସେକଥା ଜାଣିକି ଥାଉ, ମାତ୍ର ମୁଁ କଣ ମନେ ମନେ ଜାହ୍ନବୀଙ୍କୁ କାମନା କରନାହିଁ ବୋଲି ସାହସର ସହିତ କହିପାରିବ ? ଦୁଇ ଗୃହଥର ମାତ୍ର ଜାହ୍ନବୀଙ୍କ ସଂସ୍ପର୍ଶ, କିପରି ନିବିଡ଼ ହୋଇ ଉଠିଥିଲା ମୋ ପକ୍ଷରେ, କିପରି ଅପ୍ରତିହତ ଉଗ୍ରବେଗରେ ମୋର ଜର୍ଜରିତ କାମନା ଧାଇଁଥିଲା ତାଙ୍କ ପଛରେ, କିପରି ସଂବେଦନଶୀଳ କରୁଣ ତାଙ୍କର ପ୍ରେମମୟୀ ମୂର୍ତ୍ତି ପ୍ରତିଫଳିତ ହୋଇ ଆସୁଥିଲା ମୋର ପ୍ରାଣ ମୁକୁରରେ । ଅନ୍ଧଭାବରେ ମୁଁ କିପରି ଭଲପାଇ ବସିଥିଲି ନାରୀର ଅଜ୍ଞାତସାରରେ, ଏପରିକି ତାଙ୍କର ରୂପ ଗରିମା ଆଡ଼କୁ ଆଖି ଦେଇ, ନିରୁପମାର ସ୍ୱର୍ଗୀୟ ସ୍ନେହକୁ ମଧ୍ୟ ଉଲ୍ଲଂଘନ କରି ଆସୁଥିଲି । ଜାହ୍ନବୀଙ୍କ ସହିତ ଏହି ଦୁଇ ଅତର୍କିତ ସାକ୍ଷାତ ନ ହୋଇଥିଲେ ମୋ ଜୀବନର ଗତି କିପରି ପରିବର୍ତ୍ତିତ ହୋଇଥାନ୍ତା କିଏ କହିବ ? ଏବେ ତାଙ୍କୁ ଫେରିପାଇ ମୁଁ କଣ ପୁଣି ଅସହାୟ ହୋଇ ଉଠିନାହିଁ ? ମନକୁ ମୋର ପଚାରି ବସିଲି ଏକଥା ।

କିନ୍ତୁ ମୋତେ କୁହ, ମୁଁ କଣ କେବେ ଜାହ୍ନବୀଙ୍କୁ ଲାଭ କରି-ପାରେ ? କିଏ କହିବ ମୋତେ ? କିଏ ମୋର ଏହି ହୀନ ପ୍ରବୃତ୍ତିରେ ନିନ୍ଦା ନ କରି କର୍ଣ୍ଣପାତ କରିବ ? କିନ୍ତୁ ମନ କାହିଁକି ଏହି ପାପ ସ୍ପୃହା, ଏହି ନୀତି ଅନୀତି ବୁଝେନା ? ପ୍ରେମ କାହିଁକି ମାନେନା ବାଧା ବନ୍ଧନ ? ପ୍ରେମ କାହିଁକି କୌଣସି ନିପାତନ ସିଦ୍ଧ ନୁହେଁ ? ଜାହ୍ନବୀଙ୍କୁ ପାଇବାର

ପଥ ପରିଷ୍କାର ଥିଲା ଅବା କେବେ ମୋ ପାଇଁ ? ଏବେ ପୁଣି ଅତ୍ୟଧିକ କଣ୍ଟକିତ ନ ହୋଇପଡ଼ିଲା ବା କପଟ ? ସେପରି ମୋର ବନ୍ଧୁପ୍ରୀତି!

ଛିଃ, ଛିଃ, ଛିଃ, ମୁଁ ପୁଣି ଏପରି ଅବସ୍ଥାରେ ଜାହ୍ନବୀଙ୍କୁ ପାଇବାର କଳ୍ପନା ମନ ମଧ୍ୟରେ ସ୍ଥାନ ଦେଇଛି । ଛି ଛି, ଶତଧିକ୍ ମୋର ନୀଚ କଳ୍ପନାକୁ······ନିରନ୍ତର ଅନୁତାପାନଳରେ ମୁଁ ଦଗ୍ଧ ହେବାକୁ ଲାଗିଲି ।

ନିରୁପମା କିନ୍ତୁ ସରଳ ହୃଦୟା; ଜାହ୍ନବୀଙ୍କ ପରି ଚିନ୍ତାର ଅନୁଶୀଳନୀ ସେ ସ୍ଥାନ ଦେଇନାହିଁ ତା ମନ ମଧ୍ୟରେ । ତା'ର ସ୍ନେହପ୍ରବଣ ଅନ୍ତରର ଅମ୍ବୁରାଶି ମଧ୍ୟରେ ଏବେ ମଧ୍ୟ ଝଡ଼ ଝଞ୍ଜା ଉର୍ମିର ରେଖାପାତ ହୋଇନାହିଁ ।

ଯଦି ଅଜ୍ଞାତରେ ନିରୁପମା ଜାଣିପାରେ ଯେ ମୁଁ ଜାହ୍ନବୀଙ୍କୁ ବାସ୍ତବିକ ଅନ୍ତର ମଧ୍ୟରେ ଭଲପାଏ ଓ ଏଥି ଅଧୀରା ହେଉଛି ସେହି ଜାହ୍ନବୀ ଓ ଯଦି ଜାହ୍ନବୀ ନିରୁପମାଙ୍କୁ ତାଙ୍କ ବୁଦ୍ଧିମତୀର ଗୁପ୍ତସ୍ଥ ଖୋଲି ବୁଝାଇ ଦିଅନ୍ତି ଯେ, ମୋପରି ନିସ୍ପୃହା ବାଳିକାର କି କ୍ଷତି କରିଛନ୍ତି ତୁମର ଦେବତୁଲ୍ୟ ସ୍ୱାମୀ ଥରେ ଚିଠିଗୁଡ଼ିକ ପଢ଼ି ଦେଖ, ତେବେ ମୋର ଦଶା କଣ ହେବ ? ଯେଉଁ ଜଣଙ୍କ ହୃଦୟରେ ଗୌରବମୟୀ ସ୍ୱର୍ଣ୍ଣ ସିଂହାସନରେ ବସି ମୁଁ ନିର୍ଦ୍ଦୋଷପତିଙ୍କ ସ୍ନେହ-ଭଜନରେ ସୁଖାନୁଭବ କରୁଛି ସେ ସୌଭାଗ୍ୟ କି ମୋର ଆଉ ରହିବ ? ସେ ସିଂହାସନ କି ଆଉ ରହିବ ? ସେ ସୁଖମୟ ସଂସାର କି ଆଉ ରହିବ ? ହାୟ ଭଗବାନ୍, କି ଦୁର୍ବୁଦ୍ଧି ହେଲା ମୋର ! ନିଜର କି ସର୍ବନାଶ ନିଜେ କଲି !

—§§§—

ତେତିଶି

ପିତାର ଶ୍ରାଦ୍ଧକ୍ରିୟା ଅନୁଷ୍ଠିତ ହେବାଦିନ ମୋତେ ରହିବାକୁ ପଡ଼ିଲା ଜାହ୍ନବୀଙ୍କ ନିକଟରେ। ଘରକୁ ଫେରୁ ଫେରୁ ସଞ୍ଜ ବାଜିଥା। ସବୁ ଅପମାନର ଗାଳି ଭୁଲିଯାଇ ନିତ୍ୟପ୍ରତି ଯାଇ ଖବର ନେବାକୁ କୋଟି କୋଟି ଅନୁନୟ କରି ସେଦିନ ସନ୍ଧ୍ୟାରେ ଅଶ୍ରୁଛଳ ନୟନରେ ବିଦାୟ ଦେଲେ ଜାହ୍ନବୀ। ଅନ୍ୟ କୌଣସି ସ୍ଥାନକୁ ନଯାଇ ଅନ୍ତତଃ କିଛିଦିନ ପାଖରେ ରହିବେ ବୋଲି ବୃଥା ନିର୍ଭର ଜବାବ ଦେଇଥାନ୍ତି ବୋଧହୁଏ ଜାହ୍ନବୀଙ୍କ ମନକଥା ଜାଣିପାରି।

ଘରକୁ ଫେରି ମୁଁ ବିସ୍ମୟ ସାଗରରେ ନିମଜ୍ଜିତ ହୋଇପଡ଼ିଲି। ନିରୁପମା ମୋତେ ଦେଖିଦେଲେ ପଚାରିଲା ନାହିଁ। ଅନ୍ୟଦିନ ହୋଇଥିଲେ ସେ ଶତ ପ୍ରଶ୍ନରେ ମୋତେ ଜର୍ଜ୍ଜରିତ କରିପକାଇଥାନ୍ତା। କିନ୍ତୁ କେବଳ ସେଦିନ ସନ୍ଧ୍ୟାରେ ନୁହେଁ, ପରଦିନ ଓ ତା'ପର, ଏହିପରି ଦିନ ଦିନ ବହିଗଲା। ମୁଁ ସ୍ପଷ୍ଟ ଜାଣିପାରିଲି ନିରୁପମାର ମନ ପୂର୍ବପରି ନାହିଁ, ସମ୍ପୂର୍ଣ୍ଣ ବଦଳି ଯାଇଛି। ସେ ହୋଇପଡ଼ିଛି ବଡ଼ ଅଭିମାନିନୀ। ମୋର ପୂର୍ବ ସନ୍ଦେହ ଓ ଭୟ ସତ୍ୟରେ ମୂର୍ତ୍ତିମନ୍ତ ହୋଇଛି।

ମୁଁ ବି ଭଲ କରି ନିରୁପମା ଏବେ ବୁଝିପାରିଛି ଏଥିରେ ସନ୍ଦେହ ନାହିଁ। ନିରୁପମା ନିଜେ ଏତେଟା ବୁଝିପାରିନାହିଁ। କିନ୍ତୁ ଜାହ୍ନବୀ ହୁଏତ ସବୁକଥା ତାକୁ ବୁଝାଇ ଦେଇଛନ୍ତି। ଜାଣିପାରି

ନିରୁପମା ମୋତେ କ୍ଷମା କରିପାରି ନାହିଁ । କାରଣ ସେ ମଧ୍ୟ ନାରୀ, ଜାହ୍ନବୀଙ୍କ ପରି । ନିରୁପମାର ଅଭିମାନର ଏହା ହେବ ପ୍ରଧାନ କାରଣ । କିନ୍ତୁ ଏହି ଅଭିମାନଟା କଣ ଏତେଦିନ ସ୍ଥାୟୀ ହୋଇ-ପାରେ ? ଯେଉଁ ନିରୁପମା ମୋ ପାଇଁ ସଦାସର୍ବଦା ଜାଗ୍ରତ, ମୋ କଥା ଶୁଣିବା ପାଇଁ ସର୍ବଦା ଆତୁର, ମୋତେ ଖୁଆଇ ପିଆଇ, ମୋର ପ୍ରାଣପଣ ସେବା କରି ତଥାପି ଅତୃପ୍ତ, ସେହି ତାର ହୃଦୟ କଣ ଏବେ ଏତେ ଅନୁଦାର ହୋଇପାରେ ? ତାର ଯେ ଆଜିକାଲି ମୋ ପ୍ରତି ଆଗ୍ରହ ନାହିଁ, କଥା କଣ ? ଏବେ ଅଉ ଗୋଟିଏ ଦୁଶ୍ଚିନ୍ତା ମନକୁ ଅଧିକାର କରି ବସିଲା ।

ମୁଁ ସିନା ମନେ ମନେ ଭାବୁଛି ମୋ ପ୍ରତି ନିରୁର କୌଣସି ଆଗ୍ରହାତିଶଯ୍ୟ ନାହିଁ ବୋଲି; କିନ୍ତୁ ଗୃହ କାର୍ଯ୍ୟରେ ତ ସେପରି କିଛି ଅଦୃଷ୍ଟପୂର୍ବ ବୈଲକ୍ଷଣ୍ୟ ଦେଖୁନାହିଁ ? ତଥାପି ମନରେ ଏପରି ଭାବୁଛି କାହିଁକି ? ମୋ ମନହିଁ କଣ ମୋତେ ସନ୍ଦେହାନଳରେ ଭସ୍ମୀଭୂତ କରୁଅଛି ?

ନା, ନିରୁପମାର ମନଟା କିପରି ଉଦାସୀନ ହୋଇ ପଡ଼ୁଛି । ସେ ହସିଲେ କିପରି ଗୋଟାଏ ଉଦାସମୟ କାତର ବେଦନା ତା' ହସ ଭିତରେ ଝରି ଆସୁଛି । ତା'ପରେ ନିଜପ୍ରତି ନିରୁପମା ସେପରି ଅତି ଆଗ୍ରହଶୂନ୍ୟା ହୋଇପଡ଼ୁଛି । ମୁଁ ନିରୀକ୍ଷଣ କରୁଛି ଅତ୍ୟନ୍ତ ଦ୍ରୁତ-ଗତିରେ ତାର ସ୍ୱାସ୍ଥ୍ୟର ଅବସାନ ହେଉଅଛି । ସର୍ବଦା ସେ ଚିନ୍ତିତା ପରି ମନେ ହେଉଛି । ସର୍ବଦା ମୌନ । ଖାଇବା କଥା ମନେ ପକାଇ ନଦେଲେ ଖାଉନାହିଁ । ତାର ମନର ଅଭିମାନ ହୁଏତ ସମତଳ ଉପତ୍ୟକାରୁ ହିମାଳିତ ଅଧିତ୍ୟକା ଓ ଗିରି ଉପକଣ୍ଠ ଅତିକ୍ରମ କରି ଏକ ଉନ୍ନତ ତୁଷାର ପ୍ରତ୍ୟନ୍ତ ପ୍ରଦେଶରେ ଉପନୀତ ହେବାକୁ ବସିଲଣି ।

ପୁଣି ଭାବିଲି । ମନେ ହେଲା, ଜାହ୍ନବୀ ହୁଏତ ଆଜି ବି କହୁ
ହୁଛନ୍ତି ନିରୁପମାଙ୍କୁ । ହଁ, ସେ ହୁଏତ କହୁଛନ୍ତି ତାଙ୍କର ପୂର୍ବ
ଇତିହାସ । କିପରି ମୋତେ ପ୍ରଥମେ ଭେଟିଲେ । କିପରି ମୋତେ
ଥମେ ଅବିବାହିତ ମନେକରି ମନେ ମନେ ସୁଖ ପାଇଲେ । ମୁଁ
ପରି ତାଙ୍କ ଘରକୁ ଯାଇ ତାଙ୍କର ସୋହାଗପୂର୍ଣ୍ଣ ଅତିଥ୍ୟ ଗ୍ରହଣ
ରିଛି । ତା'ପରେ କିପରି ଚିଠିଗୁଡ଼ିକ ଯାହା ପାଇଁ ଲେଖିଦେଇ ନିଜ
ଛଣାରେ ତାଙ୍କୁ ଭଲପାଇ ବସିଛି ଓ ସେ ମଧ୍ୟ ମୋତେ······

ଜାହ୍ନବୀ ଯଦି ଏସବୁ କଥା କହୁଥାନ୍ତି, ତେବେ ନିରୁପମା
ଶ୍ଚୟ ମୋତେ ସନ୍ଦେହ କରି ମନେ ମନେ ତାହାହିଁ ଓତପ୍ରୋତ
ବରେ ଚିନ୍ତା କରୁଛନ୍ତି । ଆଜି ଯେତେ ଚିନ୍ତା କରୁଛି ସେତେ ତାଙ୍କ
ନ୍ଦେହ ଦୃଢ଼ତର ହେଉଛି ମନ ଭିତରେ ।

ଏହା ନହୋଇ କଣ ହୋଇପାରେ ? ମୁଁ ନିରୁପମାଙ୍କୁ ପ୍ରତାରଣା
କରୁଛି ବୋଲି ନିରୁପମା ଭାବି ନେଇଛି । ତେଣୁ ତା' ମନରେ ସଂଶ
ଭି ଯାଇଛି । ମୋତେ ଭଲପାଏ ଅତି ବେଶି । ତେଣୁ ହୁଏତ ମୋ
ନରେ ଦୁଃଖ ଦେବାପାଇଁ ଏ କଥା କହୁଥାଏନ ନିଜେ ମନେ ମନେ
କ୍ଷୁଧା ବେଦନାରେ ଘାରି ହେଉଛି । ପଳ ପଳ କରି ଜଳି ଦେଉଛି
ଉଛି । ତିଳ ତିଳ କରି କ୍ଷୟ କରୁଛି ସ୍ୱାସ୍ଥ୍ୟ ନଖାଇ, ନପିଇ,
ହୁବେଳେ ଏହିସବୁ ଦୁଶ୍ଚିନ୍ତା ପୁଷିଇ ହୁଏତ ମନକଷ୍ଟକୁ ନିଦା
ରି କରି ସେ ନିଜକୁ ଧ୍ୱଂସ କରୁଛି । ମୋ ପକ୍ଷରେ ତାର ଅଭିଯୋଗକୁ
ନାବଶ୍ୟକ ମନେ କରୁଛି । ଏଥିପାଇଁ କଣ କରିପାରେ ମୁଁ ? କି
ପାୟରେ ମନକୁ ତାର ନିଜଆଡ଼କୁ ଫେରାଇବି । ଭାବି ଭାବି
ଳକୂଳ ପାଇଲିନାହିଁ ।

## ଚଉତିରିଶି

ଶନିବାର । ଅଫିସରୁ ଫେରିଲି ଦିନ ଦୁଇଟାବେଳେ । ଗୁହୁ ଓ ମଞ୍ଜୁ ଦୁହେଁ ବାହାଅଡ଼େ ସଜନାଗଛ ମୂଳେ ଖେଳୁଥିଲେ । ଗୁହୁକୁ ଡାକି ପଚାରିଲି—ତୋ ବୋଉ ଆଜି ଦୁଧ ପିଇଥିଲାରେ ଗୁହୁ ?

ହଁ, ସବୁଯାକ ଆପେ ପିଇଲା । ବୋଉ ଆମକୁ ଦେଇଦେଲା ପିଇବାକୁ—ଗୁହୁ କହିଲା ।

ଆଜି କିଛି ଖାଇନି ତୋ ବୋଉ ?

ନା, ତା ଦିହ ତ ଖରାପ । ଚୁଲି ପାଖରେ ବସି କାନ୍ଦୁଥିଲା ପରା ?

ଦେହ ଖରାପ ହେଲେ ନିରୁପମା କେବେ କାନ୍ଦିବାର ଜାଣି-ନଥିଲା । କେବଳ ତାହାରି ପାଇଁ ଅଧସେର ଦୁଧ ବନ୍ଦୋବସ୍ତ କରିଥିଲେ ମଧ୍ୟ ସେ ଲୁଚିକରି ତାହା ନପିଇ ପିଲାମାନଙ୍କୁ ଦେଇଦେଉଛି । ଏ ସନ୍ଦେହ ମୁଁ ଆଗରୁହିଁ କରିଥିଲି । ଘରକୁ ଯାଇ ଦେଖିଲି ନିରୁପମା ଖଟ ଉପରେ କାନ୍ଥଆଡ଼କୁ ଅଣେଇ ହୋଇ ଶୋଇଛି । ତାକୁ ବୋଧ-ହୁଏ ନିଦ ହୋଇଯାଇଛି । ମଥାରେ ହାତ ମାରିଲି—ତାତି...

ପାଖରେ ବସିପଡ଼ିଲି । ତାକୁ ଡାକିକରି ଉଠାଇବାକୁ ଇଚ୍ଛା ହେଲା ନାହିଁ । ତାରଆଡ଼କୁ ଅନାଉ ଅନାଉ ଘରର ଚାରିଆଡ଼କୁ ଥରେ ଆଖି ବୁଲାଇ ଗଲି । କୌଣସି ଗୋଟିଏ ଜିନିଷ ତାର ଅଭ୍ୟସ୍ତ ସ୍ଥାନରେ

ଯଥାଯଥ ପରିପାଟୀରେ ନାହିଁ । ସବୁ ଯେପରି ବିକ୍ଷିପ୍ତ । ନିରୁପମାର ଦେହ ଖରାପ; ଏ ସବୁର ଯତ୍ନ ବା ନେବ କିଏ ? ଅଲଗୁଣି ଉପରେ ବ୍ୟବହୃତ ଶାଢ଼ୀ ବ୍ଲାଉଜ ଇତ୍ୟାଦି ଇତସ୍ତତଃ ଅବିନ୍ୟସ୍ତ ହୋଇ ଓହଳିଛନ୍ତି । ସୁଟ୍‌କେସ ଉପରେ ଧୋବାଘରୁ ଆସିଥିବା ଧୋଇ ଶାଢ଼ୀ ଗୁଡ଼ିକ ସେହିପରି ଭାଙ୍ଗ ନଫିଟି ଥୁଆ ହୋଇଛି । ସାଧାରଣତଃ ଶନି ଓ ରବିବାର ଦିନ ନିରୁପମା ନିଜକୁ ଧୋବ ଫରଫର ଶାଢ଼ୀରେ ଧୋବ କରି ଶୋଭନ କରିଥାଏ । କାରଣ ଶନି ରବି ମିଶି ମୋଟ ଦେଢ଼ଦିନ ଛୁଟି । ସେହି ଆନନ୍ଦର ପରିସ୍ଫୁଟନ ତାର ବେଶ ଶୋଭନ ଭିତରେ ଆତ୍ମପ୍ରକାଶ କରିଥାଏ । ମାତ୍ର ଆଜି ଶନିବାର ହେଲେ ମଧ୍ୟ ସବୁ ଯେପରି ନିସ୍ପୃହ ନିରାଡ଼ମ୍ବର ମଳିନ ।

ଏହିପରି କେତୋଟି ଶନି ରବି ଏହା ମଧ୍ୟରେ ଗଲେଣି ବିତି । ମାତ୍ର ମୁଁ ଯଥାର୍ଥ ଅନୁଭବ କଲିଣି, ଏହି ଛୁଟି ଦିନଗୁଡ଼ିକରୁ ଏହି ପରିବାରଟି ପାଇଁ ଆଉ କୌଣସି ହାସ୍ୟୋଲ୍ଲାସର ଉତ୍ସ ନିଃସୃତ ହେଉନାହିଁ । ଏ ଦିନଗୁଡ଼ିକରେ ଖାଦ୍ୟପେୟ, ଆମୋଦପ୍ରମୋଦ, ବୁଲାଚଲା ଇତ୍ୟାଦିରେ ଯେଉଁ କେତୋଟି ବିଶେଷତ୍ୱ ପ୍ରକାଶ ପାଉଥାଏ ଆଜିକାଲି ସେପରି କିଛିନାହିଁ । ସପ୍ତାହର ଅନ୍ୟାନ୍ୟ କର୍ମମୁଖର ଦିନ ଗୁଡ଼ିକ ପରି ଏମାନେ ମଧ୍ୟ ନୀରସ ଓ ନିରାନନ୍ଦମୟ ହୋଇ ପଡ଼ୁଛନ୍ତି । ଯେଉଁ ବିରାଟ ଅଭିମାନର ପାହାଡ଼ ନିରୁର ମନଭିତରେ ମୁଣ୍ଡଟେକି ଉଠୁଛି ଏସବୁ ତାହାର ଛାୟା......

ମନଟା କିପରି କ୍ଷୁବ୍ଧ ହୋଇ ଉଠିଲା । ଅଫିସରୁ ଫେରି ଘରେ ଯେଉଁ ଆନନ୍ଦ କୋଳାହଳ ଶୁଣିବାକୁ ଆଶା କରୁଥିଲି ତାହା ବଦଳରେ ଅଛି କଣ ନା ଗୋଟାଏ ତୀବ୍ର ଯନ୍ତ୍ରଣାରେ ଅବସାଦମୟ ମୌନତାର କରୁଣ ବିଳାପ ।

ଭାବିଲି, ଯାଇଁ ଟିକିଏ ନେଇକି ଡାକ୍ତରଙ୍କୁ ଡାକି ଆଣିବି ! ଓ କେତେଦିନ ହେଲା ନିରୁପମାକୁ ଏହିପରି ଗୋଟାଏ ଘାଣ୍ଟି ହୁଏ । ଡାକ୍ତରଙ୍କୁ ଘରକୁ ଡାକି ଭଲଭାବରେ ଟିକିଏ ପରାମର୍ଶ କରିବି । ଉଠିଲି ଟେବୁଲକୁ କଡ଼ ନେଇଥାଇଲି ନିରୁପମା । ମୋତେ ଦେଖିପାରି ଉଠିବସିଲା ଓ କିଛି ନକହି ଧୀରେ ଧୀରେ ଖଟ ତଳକୁ ଗୋଡ଼ ବଢ଼ାଇଲା ।

କହିଲି—କାହିଁକି ଉଠୁଛ ନିରୁ । ଦେହ ଭଲ ଲାଗୁନାହିଁ ତ ଶୁଅ—ତୁମପାଇଁ ଭାତ ଦି'ଟା ବାଢ଼ିଦିଏ । କେତେବେଳୁ ଅଫିସଲଣି, ଡାକୁନା—ଟୋକାଟାକୁ କହିଥିଲି, ବାପା ଆସିଲେ ଉଠାଇ ଦେବାକୁ ଯେ···ବାଧାଦେଇ କହିଲି—"ମୁଁ କଣ ହାତରେ ଭାତ ଦିଟା ବାଢ଼ି ଖାଇ ପାରିବିନାହିଁ ? ତୁମେ କାହିଁକି ଏତେ ବ୍ୟସ୍ତ ହେଉଛ ନିରୁ ?

—ମୁଁ କଣ ବାଢ଼ିଦେଇ ପାରିବି ନାହିଁ କି ହାତରେ ବାଢ଼ିବି ?

ନିରୁପମା ଭାତ ବାଢ଼ିବାକୁ ଉଠିଗଲା ।

ମୋତେ ତ ଭୋକ ହୋଇନାହିଁ, ତୁମେ ଯେ କାହିଁକି ଏପରି ଅଙ୍କଟ ହେଉଛ କିଛି ବୁଝିପାରୁନାହିଁ । ଦେହରେ ତାତ ଭର୍ତ୍ତି ହୋଇଛି ମୋ କଥା ମାନ, ତୁମେ ଚୁପ ହୋଇ ଶୋଇ ରୁହ । ମୁଁ ନିରୁପମାକୁ ଧରି ଖଟ ଉପରେ ଶୋଇ ଦେଲି । ଦେହରେ ଖଣ୍ଡେ ଗୁଦର ମଧ୍ୟ ସେ ଏପର୍ଯ୍ୟନ୍ତ ଘୋଡ଼ି ହୋଇ ନଥିଲେ । ଖଣ୍ଡେ ଗୁଦର ଘୋଡ଼େଇ ଦେଉଁ ଦେଉଁ କହିଲି—ଦେହ ଯେତେବେଳେ ଖରାପଥିଲା, ଏତେ କଷ୍ଟ କରି ସେତେଯାଏ କଲ କାହିଁକି ?

—କଣ ହୋଇଛିକି ମୋର ? ଲୋକେ କେତେ କଷ୍ଟ ପାଉଛନ୍ତି, ଟିକେ ସାମାନ୍ୟ ଜ୍ୱର ହୋଇଛି ବୋଲି କଣ ତୁମକୁ ଉପାସ ରଖାଇ ଥାଆନ୍ତି ? ପିଲାମାନେ···ମୋର···କଣ ଖାଇ ଥାଆନ୍ତେ ?

—କାହାର ହାତରେ ଖବର ଟିକେ ପଠାଇଥିଲେ ତ ମୁଁ ଛୁଟି ନେଇ ଚାଲି ଆସି ଥାଆନ୍ତି । ତୁମ ପାଇଁ ଅବୁଝା ଲୋକଙ୍କୁ ଆଉ କିଏ ବୁଝାଇବ !" କହି ମୁଁ ଉଠିଗଲି ।

ଦେହ ଯେତେ ଖରାପ ଥିଲେ ମଧ୍ୟ ମୁଁ ଘରକୁ ଫେରିଲେ ନିରୁପମାର ଅନ୍ତର ଯେପରି ପୁଲକରେ ନାଚି ଉଠେ —ଅନ୍ୟଦିନ ମାନଙ୍କରେ । ସଦାସର୍ବଦା ସେ ପିଲାଙ୍କୁ ଧରି ମୋତେ ହାସ୍ୟମୟ ଅଭିନନ୍ଦନ ଜଣାଇଥାଏ, କିନ୍ତୁ ଏବେ ଏତେ ଗୁଡ଼ିଏ ଦିନ ମଧ୍ୟରେ କି ଟିକେ ହାସ୍ୟର ଛଟା ଉକୁଟି ଉଠିଲାନି ମୁହଁରେ ତାର । ସବୁ ଯେପରି କେଉଁ ଅଦୃଶ୍ୟ ଯବନୀକାନ୍ତରାଳରେ ବିଲୁପ୍ତ ହୋଇଯାଇଛି । ପ୍ରତିବାକ୍ୟ ମଧ୍ୟରେ ଭରି ଯାଇଛି ଅଭିମାନର ଅନନ୍ତ ବେଦନା । ଦୀର୍ଘଶ୍ୱାସଟିଏ ମୋର ଅସ୍ଥି ପିଞ୍ଜର ଦୋହଲାଇ ପଦାକୁ ବାହାରି ଆସିଲା ।

ମନେ ମନେ ଡାକ୍ତରଙ୍କୁ ଡାକିବା ପାଇଁ ସ୍ଥିର କରି ମୁଁ ବାହାରକୁ ବାହାରି ଗଲି ।

## ପଇଁତିରିଶି

ସେଦିନ ଡାକ୍ତରଙ୍କ ଘରେ ବସିଛି ଅଫିସରୁ ଯାଇଁ । ଏହା ଯଶର ଶୁଦ୍ଧି କ୍ରିୟାର ଦଶ ପନ୍ଦର ଦିନ ପରେ । ଏହା ଭିତରେ ଯିବାର ଅବକାଶ ନଥିଲା ।

ନିରୁପମା ଅସୁସ୍ଥ । ମଝିରେ ମଝିରେ ଟିକେ ସୁସ୍ଥ ହୋଇ ପୁନର୍ବାର ଅସୁସ୍ଥ ହୋଇ ପଡୁଛି । ତାର ଏହି ଅପ୍ରତ୍ୟାଶିତ ସ୍ୱାସ୍ଥ୍ୟହାନିରେ ମୁଁ ମଧ୍ୟ ଆଶଙ୍କାକୁଳ ହୋଇ ଉଠୁଛି । ଘରେ ତ ମୋର ଶାନ୍ତି ନାହିଁ । ନିରୁପମା ସହିତ କହିବାକୁହିଁ ସଦ୍‌ଭାବ ନାହିଁ ତାଳହେଲେ ଯଦିଓ କଥାବାର୍ତ୍ତା ବନ୍ଦ ହୋଇନାହିଁ । ମାତ୍ର ସେଥିରେ ତଳେହେଲେ ସ୍ଫୂର୍ତ୍ତିର ଆନନ୍ଦ ନାହିଁ । ତା'ପରେ ଅନ୍ତଃସତ୍ତ୍ୱା ନିରୁପମା ଦେହଭାର ବହନ କରି, ଗୃହଧନ୍ଦା କରିବାରେ ତାର ଯେଉଁ ଅନାସକ୍ତି ଭାବ, ତହିଁରେ ପୁଣି ମୋ ଉପରେ ରୁଷ୍ଟ ଅଭିମାନ ଯୋଗୁଁ ମୋ' ଅନ୍ତର ନିସ୍ପୃହାର ଯେଉଁ ପ୍ରତ୍ୟାଘାତ, ଏହିସବୁ ଦୁଶ୍ଚିନ୍ତା ମୋତେ ଡାକ୍ତରଙ୍କ ଘରକୁ ସଙ୍କେତ ଦେଖାଇ ଟାଣି ନେଉଛି । ଠିକ୍ କହିପାରୁନାହିଁ ତେବେ ସେଦିନ ମୁଁ ଟିକେ ଅଧିକ ବିବ୍ରତ ହୋଇ ପଡ଼ିଥିଲି ମୋର ଏହି ପୁରାତନ ସଂସାରର ଜଞ୍ଜାଳ ଭିତରେ । ହୁଏତ ଏବେ ଟିକେ ଡାକ୍ତରଙ୍କ ପାଖରେ ବସି ତାଙ୍କ ନିବସିତ ଜୀବନ ବିଷୟରେ ଦୁଇ

ଗୁରିଷ୍ଠା କଥା ଆଲୋଚନା କରିବା, କିମ୍ବା କୌଣସି ବ୍ୟବସ୍ଥା କରିବା ଏତଦ୍ୱାରା ସହାନୁଭୂତି ଦେଖାଇବା ସହିତ ଜାହ୍ନବୀଙ୍କର ଯଥେଷ୍ଟ ଉପକାର ମଧ୍ୟ କରାଯିବ । ମନଟା କିନ୍ତୁ ନୀରସ ହୋଇଥାଏ । ଜର୍ଜରିତ ବ୍ୟଥା ଯେପରି ଆଖି ପତା ତଳେ ଅଶ୍ରୁ ସହିତ ଢଳ ଢଳ ହେଉଥାଏ ।

—"ଏତେଦିନ ପରେ ଏ ଅଭାଗିନୀ କଥା ମନେ ପକାଇଲେ ?

—ଜାହ୍ନବୀ, ମୁଁ କେତେ ଅସହାୟ ତା'କଣ ଜାଣି ପାରିବ ? କୋହ ଯେପରି ଉଚ୍ଛୁଳି ଉଠିଲା ମୋ ପେଟ ଭିତରେ । ଅତେବ ଯଦି ତୁମେ ବୁଦ୍ଧିମନ୍ତ କେତେ ଅସହାୟ ବୋଲି ତା' ହେଲେ ଏ କଥା ବୁଝନ୍ତ ନାହିଁ । ତୁମର ଏତେଦୂର ସର୍ବନାଶ କରି······ପୂର୍ବେ ଯେଉଁ କେତେଥର ତୁମ ସହିତ ଦେଖାସୁଦ୍ଧା ହୋଇଥିଲି । ତୁମେ କଣ ମୋ ମନର ଖବର ପାଇନଥିଲ ? ଆଜି ତୁମ ଆଗରେ ମୁଁ ଏତେ ହୀନ, ଏତେ ଛୋଟ, ତୁଚ୍ଛ—ଏହାଠାରୁ ବଳି କି ଅବମାନନା ବାକି ଅଛି ? ଏପରି ଲୋକଟାଠାରୁ ଆଉ ବା କି—ପ୍ରତ୍ୟାଶା କରିବ ତୁମେ······

କଥା କହୁବା ଭିତରେ ଦୁଇଟି ଅଧୀର ଅଶ୍ରୁଧାର ଝରି ଆସିଥିଲେ ମୋ ଆଖିରେ ସମ୍ଭବତ ମୋ ପ୍ରିୟାର ନୟନ କୋଣରେ ସେମାନେ ତାଙ୍କ ସହଗାମିନୀମାନଙ୍କ ଦର୍ଶନାଭିଳାଷରେ ଉଚ୍ଛନ୍ନ ହୋଇ କିନ୍ତୁ ଗଳିବ ନନ୍ଦନବନା ଜାହ୍ନବୀ ସେମାନଙ୍କୁ ଅଞ୍ଚଳକାନିରେ ପୋଛି ଦେଉଁ ଦେଉଁ କାନ୍ଦୁଛ ? ଛି, ଛମା ଶୋଭା ପାଉନାହିଁ ତୁମକୁ···ମନଟା ତୁମର କହୁଛି ଏତେ ନରମ ବୋଲି ଏବେ ବି ମୋତେ ଜଣାନଥିଲା । ଯାହା ହେଉ ଭିତରେ ଦେଇ ଅନୁଭବ କଲି ଜାହ୍ନବୀ ଆଉ ପାଖରୁ ଲଗି ଅପରିଚିତା ମୋର । ଯଦିଓ ସଧବା ସ୍ତ୍ରୀ ବୋଲି ଏବେ ତାଙ୍କର ନାମ କରଣ ହୋଇ ନଥାନ୍ତା ତାହାହେଲେ ସେ ହୁଏତ ମୋ କୋଳରେ ବାହୁଲତା ଛନ୍ଦ

ମୋ ଘରରେ ମୁହଁଟି ମାଡ଼ଦେଇ ଲୁହରୁ ପକ୍ଷୀଏମ ଅଶ୍ରୟ ନେଇ ଥାଆନ୍ତେ । ଏତେବେଳକୁ ଆମେ କେହି କାହାକୁ ବୁଝିବାକୁ ଆଉ ବାକି ରଖିନଥିଲୁ । କିନ୍ତୁ······

ହଠାତ୍ କାହିଁ ଲକ୍ଷ ଯୋଜନରୁ ଆସନ୍ନ ପ୍ରସବା ଗର୍ଭିଣୀର ଆର୍ତ୍ତନାଦ ଭାସି ଆସିଲା କାନକୁ ମୋର । ମୋର ପ୍ରାଣ ପ୍ରତିମା ନିରୁପମାର ମୁଖଛବି ଉଦ୍‌ଭାସିତ ହୋଇ ଉଠିଲା ନୟନ ତଳେ— କହୁଛି ଆଜି କେଉଁଠାରେ ତୁମେ ? ଅଗୋ, ତୁମେ ଏବେ କେଉଁଠି ? ଶେଷରେ ଏହିପରି ଭାବରେ ମୋତେ ପ୍ରତାରଣା କଲ······

ମୁଁ କେଉଁଠି ? କେଉଁ ଭାବନାରେ ଏବେ ଅନୁପ୍ରାଣିତ ? କେଉଁ ପ୍ରିୟାର ଅଭିମାନ ମୋତେ ଆଜି ନିର୍ବାକ ନିସ୍ପନ୍ଦ ଅଶ୍ରୁପୂର୍ଣ୍ଣ କରି ତୋଳିଛି ?

ଦୂର ଆକାଶର କଳାଁଥ ମେଘ ମଣ୍ଡଳରୁ ରହି ରହି ହସୁଥିଲା ଜହ୍ନ । ନିଷ୍ଠୁର ସେ ହସ । ଅତି ନିଷ୍ଠୁର । ଦରହସା ହୋଇ ସେ ଖୁଁ ଖୁଁ ହୋଇ କାଶିବାକୁ ଲାଗିଲା । କାଶି କାଶି ମିଳେଇ ଗଲା ମେଘ ଭିତରେ । ପୁଣି ଥରେ ମୁହଁ ଦେଖାଇ ପାଟିଏ ରକ୍ତ ଭୁର୍‌ଭୁର୍ କରି କୁଳୁକୁଳୁଆ କରି ଯେପରି ବ୍ୟଙ୍ଗ କଲା ମୋତେ ଅନାଇ । ଠିକେ ହଲାଇ ଦେଇ ଜାହ୍ନବୀ କହିଲେ—ତୁମେ ଯେତେଯାହା ଭାବ ସେ କଥାକୁ ତୁଣ୍ଡରେ ଧରୁନା ? ଚମକିଲା ପରି କହିଲି—"ତୁମ ବାପା କଣ ଆଉ ଇହଧାମରେ ନାହାନ୍ତି ?",

—"ନାହାନ୍ତି । ସେ ଯଦି ଆଉ ଦୁଇବର୍ଷ ବଞ୍ଚି ଥାଆନ୍ତେ ତେବେ ମୋର ଦଶା ଏପରି ହୋଇଥାନ୍ତା ବୋଲି ଭାବୁନାହିଁ । ମୋତେ ଦୁଃଖରେ ଭସାଇବାକୁ ସେ ଚାଲିଗଲେ ।

—"ଅଚ୍ଛା, ତୁମେ କଣ ତୁମ ମାଆଙ୍କ ପାଖରେ ଚାଲିବାକୁ ମନ କରୁନା···?

—ଦିନେ ହେଲେ ଯାହାଙ୍କୁ ଦେଖିନାହିଁ ଆଖିରେ, ଆଜି, ସେ କି' ବିଭ୍ରାଟରେ, କି ମୃତ୍ୟୁ ଖବରରେ ଏଘରେ ପାଦ ପକାଇଲେ ନାହିଁ, କିପରି ତାଙ୍କ ପାଖରେ ଚଳିବି ବୋଲି ତୁମେ ଭାବୁଛ ?

—ତା ହେଲେ......

—ତୁମେ ଯାହା କହୁଛ । ଏତେ ମଣିଷର ଏତେବଡ଼ ପୃଥିବୀ ଭିତରେ କାହାକୁ ଆଉ ମୁଁ ଚିହ୍ନିଛି ତୁମଛଡ଼ା ? ମୋ ଆଖିରେ ଦିଶୁଛି ଦୁଇଟି ବାଟ, ହୁଏତ ମୋତେ ବିଷ ପିଇଦେଇ ମାରିଦିଅ; ନଚେତ—ନଚେତ ? ପଚାରିଲି ?

ଜାହ୍ନବୀ ମୋ ବେକ ଉପରେ ଢଳେଇ ଦେଲେ ତାଙ୍କ ମୁଣ୍ଡଟି । କହିଲେ ମୋତେ ତୁମ ସାଙ୍ଗରେ ନିଅ.....ମୁଁ ଆଉ କେଉଁଠିକି ହେଲେ ଯିବିନାହିଁ ।

ଚମକି ପଡ଼ିଲି ସ୍ୱପ୍ନରୁ ଉଠିଲି ପରି । କିନ୍ତୁ ଭାବିପେଲି ମଧ୍ୟରେ ପ୍ରକୃତସ୍ଥ ହୋଇ ହସିଲି ଟିକେ ।

—ହସିଲ ଯେ......

—ସେ ପଥ ତୁମେହିଁ ରୁନ୍ଧି କରି ଦେଇଛ ଜାହ୍ନବୀ ।

—ମୁଁ ? କିପରି ?

—କୌତୁହଳ ପ୍ରବଶ ହୋଇ ଦିନେ ହୁଏତ ମୁ ଏକ ପ୍ରକାଣ୍ଡ ଭୁଲ କରି ବସିଥିଲି କିନ୍ତୁ ଦୁଃଖ ଓ ଅତବଗରେ ତୁମେ ଏବେ ଅନ୍ୟ ଏକ......

—କଣ, କୁହ କୁହ ତୁମକୁ ମୋରାଣ...

—ଲୁଚିବ ! ସେସବୁ କହି ଲାଭନାହିଁ କିନ୍ତୁ ହିଁ.....ମୋତେ ଭୁଲି ଯିବାକୁ ଦିଅ ଜାହ୍ନବୀ, ମୁଣ୍ଡଟା କାହିଁକି ଘାଇ ଘାଇ ଲାଗୁଛି । ଭୁଲି ଦେଇଛ ମଧ୍ୟ ।

ନିଜକୁ ସଂଯତ କରି ଜାହ୍ନବୀ ଦୁର୍ବଳ ହୋଇ ଅଶାନ୍ତ ହେଲା ସ୍ଥିର ଠିଆ ହେଲେ । ଛଳ ଛଳ ଆଖିରେ କାନ୍ଥକୁ ଆଉଜି ମୋର ଅଙ୍ଗକୁ ଅନାଇ ରହିଲେ । ଆଉ ରଙ୍ଗଶୂନ୍ୟ ଉଜ୍ଜ୍ୱଳ ତନୁଲତା ଉପରେ ଧୋବ ଶାଢ଼ୀ ଖଣ୍ଡିକ ତାଙ୍କୁ ଅପରିସୀମ ମହିମାରେ ଯେପରି ଅଧିକ ଉଜ୍ଜ୍ୱଳ କରିଥିଲା । ଯିବା ପାଇଁ ଉଠି ଠିଆହେଲି......

—ଯାଉଛି......

—ମୋତେ ଆଜି ବିଦାୟ ଦିଅ; ମୁଁ ଯାଏଁ । ତୁମ କଥା ଆହୁରି ଭାବିବାକୁ ସମୟ ନେଉଛି ।

—କେବେ ଆସିବ ମୋ ପାଖକୁ ଆଉ—

—ଯେତେବେଳେ କହିବ । ଆସିବ ନାହିଁ ବୋଲି ଭାବୁଛ, ଏତେ ଅବିଶ୍ୱାସ ଆଉ କରନାହିଁ ।

—ଆଉ ଟିକେ ବସିଲେ କଣ କ୍ଷତି ହେବ ?

—ପୁଣି ଥରେ ବସିଲି । ଜାହ୍ନବୀ ଆଉ ଘରକୁ ଗଲେ । ବାହାରେ ସାଇକେଲ ଘଣ୍ଟି ଶୁଣି ମୁଁ ଝରକା ବାଟେ ଅନାଇଲି । ପ୍ରମଥ ନାଥ ମହାନ୍ତି ଡାକୁଛନ୍ତି ।

—କିହୋ, ତୁମେ ଆସିଛ କି ? ସେ ପଚାରିଲେ ।

—ହଁ, ଏ କେତେ ଦିନ ହେଲା ଆସି ପାରି ନଥିଲି । ବେଳ ବି ନଥିଲା । ଆଜି ଚାଲିଆସିଲି । ଭାବିଲି ଟିକେ ଦେଖା କରି ଯିବି । ମୁଁ କହିଲି ।

ଯତି ବାବୁଙ୍କ ସ୍ତ୍ରୀଙ୍କ ପାଇଁ କଣ ତାହାହେଲେ କରୁଛ ? ସେ ପଚାରିଲେ ।

—କିଛିତ ସ୍ଥିର କରି ହୋଇନାହିଁ । ସେ'ତ ଏ ବୁଢ଼ାଙ୍କ ଘରେ ଅଛନ୍ତି । ଦେଖାଯାଉ, କିଛି ଗୋଟାଏ ବ୍ୟବସ୍ଥା କରିବାକୁ ହେବ ।

—"ବୁଢ଼ାଘରେ ଅଛନ୍ତି ?"

—ନା, ଊଉଟି ଉପରେ—

—ଅଚ୍ଛା ଯାଏଁ,

—କୁଆଡ଼େ ଆସିଥିଲ ? ଟେଷ୍ଟରେ ପଚାରିଲି ?

—ଟିକେ ବୁଢାଙ୍କ ପାଖରେ କାମ ଥିଲା । କହି ପ୍ରମଥ ନାଥ ଚାଲିଗଲେ । ଏ ହେଉଛନ୍ତି ସହରର ଜଣେ ତଥା କଥିତ ବନ୍ଧୁ । ଯାଙ୍କୁ ଦେଖି ମନଟା କାହିଁକି ପାପ ଛୁଇଁଲା । ବୁଢାଙ୍କ ପାଖରେ ଯାଙ୍କର କି କାମ ଥାଇପାରେ ? ଉଦ୍ଦେଶ୍ୟ ଅନ୍ୟ କିଛି ନୁହେଁ ତ ଯାଙ୍କର ? ଚିନ୍ତାକୁଳ ହୋଇ ପଡ଼ିଲି ଟିକେ ।

ଜାହ୍ନବୀଙ୍କୁ ପଚାରିଲି—ଏ ମହାଶୟଙ୍କୁ ଜାଣ, ତୁମ ସ୍ୱାମୀଙ୍କ ବନ୍ଧୁ । କହିଲେ—ବନ୍ଧୁ ନୁହେଁ, ତ ଚେଲା……ଦିନେ ବୁଢାଙ୍କୁ ଖୋଜିବାକୁ ଆସିଥିଲେ ବୁଢା ନଥିଲାବେଳେ । ମୁଁ ଜାଣେ ବୁଢାଙ୍କ ସହିତ ଯାଙ୍କର କିଛି କାମ ନାହିଁ । ଆସି ଶୋଷ କହିବାର ବାହାନା କରି ମୋତେ ପାଣି ଗିଲାସେ ମାଗିଲେ । ମୁଁ ତାଙ୍କୁ ଆସନ୍ତୁ ବୋଲି କହି ଗେଟ୍ ପାଖକୁ ନେଇଗଲି । ସେ ବୋକାଙ୍କ ପରି ମୋ ପଛେ ପଛେ ଗଲେ । ଗେଟ୍ ପାଖରେ କହିଲି ଏଇବାଟେ ଚାଲି ଡାହାଣକୁ ବୁଲି ପାଆନ୍ତୁ ଆଗରେ ପାଣି କଳଟାଏ ମିଳିବ……ଲଙ୍ଗୁଳ କଳ ଉଅଳୁଉପର ତଳକୁ ମୁହଁ ପୋତି ଚାଲିଗଲେ । ଖଣ୍ଡେ ଖଣ୍ଡେ କାଶିମାନ……

ଏବେ ଦୁଃଖରେ ମଧ୍ୟ ହସିବାକୁ ପଡ଼ିଲା ।

ଦେଖିଲି ଥାଳିଆରେ ଦୁଇଟି ବାଲୁସାହି ଓ ଗିଲାସେ ପାଣି ଥୁଆ ହୋଇଛି । ହାସ୍ୟ ପ୍ରଫୁଲ୍ଲ ମୁହଁରେ ଚାହିଁଛନ୍ତି ଜାହ୍ନବୀ । କପୋଳ ପୃଷ୍ଠରେ ଏବେ ବି ବିଗତ ଅଶ୍ରୁର ଆର୍ଦ୍ରତା ଲାଗି ରହିଛି ।

—"ଏବେ, ଯାକୁ କାହିଁକି ଆଣିଲ ।

—ଅଫିସରୁ ତ ଏଇଆଡ଼େ ଆସିଥିବ, । ମିଠାଖିଆ ଖାଇ ପାଣି ଟିକିଏ ପିଇଦେଲେ କାହିଁ ଯିବକି ?

—କେଉଁଠୁ ଆସିଲା ।

—ବୁଢ଼ା କଣ ଭାରି ଯତ୍ନରେ ବଜାରରୁ ଆଣି ମୋ ହାତରେ ଦେଲେ ମୁଁ ଯେପରି ତାଙ୍କର ପିଲାଟିଏ; ମିଠେଇ ଖୋଇ ଭୁଲାଇବେ ମୋର ଅବୁଝା ମନକୁ । ସତରେ ଭାରି ସ୍ନେହ କରୁଛନ୍ତି । ଏଠାରୁ ମୁଁ ଚାଲିଗଲେ ଦାରୁଣ ଦୁଃଖ ହେବ ତାଙ୍କ ମନରେ । ମୋର ଏ ଗୁଡ଼ାକ ଖାଏ କିଏ ?

—ଲଳିତ ପକେଟରୁ ମନିବ୍ୟାଗ୍ କାଢ଼ି ଜାହ୍ନବୀଙ୍କୁ ବଢ଼ାଇ ଦେଲା । ସେଥିରୁ କିଛି ଟଙ୍କା ରଖ; ସମୟ ପଡ଼ିଲେ ଖର୍ଚ୍ଚ କରିବ । ମୋର କିନ୍ତୁ ଖାଇବାକୁ ଭଲ ହେଲେ ଇଚ୍ଛାନାହିଁ ଜାନୁ···ବିଶେଷତଃ ଏ ମିଠାନଖାଇଲେ ନଖାଅ; ତୁମକୁ ଖୋଇବାର କି ଅଧିକାର ବା ଅଛି ମୋର ? ମିଠାଗୁଡ଼ା ଆଉ କାହାକୁ ଖାଇବାକୁ ଦେବାକୁ···

ବାଧ୍ୟ ହୋଇ ଖାଇଲା । ଅନିଚ୍ଛାସତ୍ତ୍ୱେ ନଖାଇ ଜାହ୍ନବୀଙ୍କୁ ଦୁଃଖୀ କରାଇ ପାରିବନାହିଁ ।

କାଢ଼ିଲା ଟଙ୍କା···

—ଟଙ୍କା ପଇସା କଣ ହେବ ? ବୁଢ଼ାତ ସବୁ ଖର୍ଚ୍ଚ କରୁଛନ୍ତି ତା' ବୋଲି ତାଙ୍କ ଉପରେ ନିର୍ଭର କରିପାରିବ ନି ଚିରଦିନ । କିନ୍ତୁ ଏବେ ନେବା ଦରକାର ପଡ଼ୁନାହିଁ ।

ସବୁ ସେ ଖର୍ଚ୍ଚ କରି ଯାଉଛନ୍ତି ବୋଲି ତ ତୁମକୁ କହୁଛି ।

—ମାନେ ?

—"ତୁମ ପାଇଁ ଖର୍ଚ୍ଚ କରିବା ପାଇଁ ମୁଁ ତାଙ୍କୁ ସାହାଯ୍ୟ କରୁଛି ବୋଲି ଧରିନିଅ ।" ଜାହ୍ନବୀଙ୍କୁ ହସାଇଲା । ତୁମେ ନିଜ ହାତରେ ଖର୍ଚ୍ଚ ନକଲେ ତାଙ୍କୁ ଦେଇ ଦେବନାହିଁ ? କହିବ ପ୍ରକାଶ ବାବୁ ଆସିଥିଲେ, ଦୁଇ ଚାରିଟା ଟଙ୍କା ନାହିଁ କରୁ କରୁ ଦେଇ ଯାଇଛନ୍ତି । ମୋର ବା କି ଖର୍ଚ୍ଚ ଅଛି ? ତୁମେ ନିଅ ରଖ, ଦରକାର କଲବେଳେ ଖର୍ଚ୍ଚ କରିବ ।

—କଣ ଦରକାର ? ତୁମେ ତ ଏବେ ହାତରୁ ଗୁଡ଼ାଏ ଖର୍ଚ୍ଚ କରୁଛ ଶୁଦ୍ଧି କାମରେ । ବରଂ ଅଉ । ମୁଁ ନିଜେହିଁ ଦରକାର ପଡ଼ିଲେ ମାଗିନେବି ।

—ହଉ ତେବେ, ତୁମ ପାଖରେ ସ୍ୱଚ୍ଛନ୍ଦ ମାନିଲେ ମଧ୍ୟ ମୁଁ ଖୁସି, ମୋ ଆଗେ ଆଗେ ଜାହ୍ନବୀ ପଥ ଓଗାଳିଲା ସବୁ ଦ୍ୱାର ବନ୍ଦ କରି ଭିତର ପଟରେ ଠିଆହୋଇଲେ ଅର୍ଦ୍ଧ ମୌନ ହୋଇ ।

—ଯାଉଛି ଜାହ୍ନବୀ, ସତ ଅଠଟା ବାଜି ଗଲାଣି ।

—ଯାଉଛି······

—ଆଉ କଣ କିଛି କହୁଛ ?

—ନାଃ, ଖାଲି ଭାବୁଛି······

—ଦେଖ, କାନ୍ଦୁଛ କାହିଁକି ? ମୁଁ ତ ପୁଣି କାଲି କିମ୍ବା ଅପର ଦିନ ଆସିବି । କଣ ଭାବୁଛ କୁହତ······

—କେଉଁ ଦିନ ତୁମେ ଆଉ ମୋ ପାଖରୁ ଯିବନାହିଁ······

—କିନ୍ତୁ ମୁଁ ତ ଭାବୁଛି କେବେହେଲେ ଯିମିତ ତୁମଠାରୁ ଅନ୍ତର ହୋଇ ପାରିବନାହିଁ ବୋଲି । ତୁମେ ବଡ଼ ଦୁର୍ବଳ ହୋଇ ପଡ଼ିଛ । ମୁଁ ଜାଣୁଛି, ସର୍ବ ପ୍ରଥମ ଦିନର ଜାହ୍ନବୀ ତୁମେ ଆଉ ନାହିଁ । ଜାହ୍ନବୀ ମୋର ହାତଟି ଧରି ପକାଇଲେ । ଛଡ଼ାଇ ନେଇ ତାଙ୍କୁ ପୀଡ଼ିତ କରିବାକୁ ଇଚ୍ଛା ନକରି ବରଂ ତାଙ୍କ ଝରିଲା ନୟନରୁ ଅଶ୍ରୁଧାର ପୋଛି ଦେବା ପାଇଁ ହାତକୁ ତାଙ୍କ ଆଖିପଟକୁ ନେଲି । କିନ୍ତୁ ମୋତେ ଲାଗିଲା ଜାହ୍ନବୀ ଯେପରି ତାଙ୍କର କମ୍ପ୍ର ଅଧର ଗୁପି ହାତରେ ମୋର ଏକ ମୃଦୁ ଚୁମ୍ବନ ଦେଇ ଦେଇଛନ୍ତି ।

ନିଜକୁ ସମ୍ଭାଳି ରଖି ପାରିଲି ନାହିଁ । ଆଉ ଜାହ୍ନବୀଙ୍କ ପାଖରୁ ଚାଲି ଆସିଲି ସନ୍ଧି କାଳୀନ ବିସ୍ତୀର୍ଣ୍ଣ ରାଜପଥ ଉପରକୁ ।

## ଛତିଶି

ଏ ତିନି ଚାରିମାସ ଭିତରେ ବହୁତ ପରିବର୍ତ୍ତନ ଆସିଛି ମୋର ପାରିବାରିକ ତଥା ନୈତିକ ଜୀବନ ଉପରେ । ନିରୁପମା ଅତିଶୟ ରୁଗ୍‌ଣା ହୋଇ ପଡ଼ିଛି । ଏପରି ରୁଗ୍‌ଣା ହୋଇ ପଡ଼ିଛି ଯେ, ତାର ଗର୍ଭସ୍ଥିତ ଶିଶୁଟିର ଅପମୃତ୍ୟୁ ନହେବ ତାହା ସ୍ଥିର ନିଶ୍ଚିତରୂପେ କହିପାରୁନି । କରଜ କରି ପାଞ୍ଚଶତ ଟଙ୍କା ଉଠାଇ ଦେଲିଣି ତା' ପିଛା । ମାତ୍ର ସ୍ୱାସ୍ଥ୍ୟର ଭଲେହେଲେ ପରିବର୍ତ୍ତନ ହେଉନି ତାର । ଔଷଧ ଇନ୍‌ଜେକ୍‌ସନ୍, ଡାକ୍ତର ଫିସ୍, ଫଳମୂଳ, ଦୁଧ, ଅଣ୍ଡା, ପାଉଁରୁଟି କେଉଁଟିର ଅଭାବ ରଖିଛି ବୋଲି ମନେହେଉନି ।

କିନ୍ତୁ ଏହାସତ୍ତ୍ୱେ ଦନକ୍ଷୁଦନ ନିର୍ବୋଧ ପାଲଟିଛି ମୁଁ । ଦନକ୍ଷୁଦନ ନିଷ୍ପେଷିତ ହୋଇ ଯାଉଛି ମୋ ବିବେକ । ନିରୁପମା ଗଭୀର ପ୍ରେମର ଉଚ୍ଛଳ ବୁକୁ ଭିତରେ ଯେଉଁ ସନ୍ଦେହ ରୂପୀ ଦୁଷ୍ଟ କୀଟ ପଶିଛି, ଆଜି ତାକୁ ତିଳ ତିଳ କରି ଖାଉଛି, କେଉଁ ଡାକ୍ତର ତାର ଉପଶମ କରିବ ଆଉ ମୋ ପରି କେଉଁ ସ୍ୱାମୀ ବା ତାର ଉଚ୍ଛେଦ ସାଧନ କରିବ ?

କେବଳ ସେତିକି ନୁହେଁ । ମୁଁ ପୁଣି ଲୁଚିକି ଅଜବାଲ ଘରର ବିଧବା ସ୍ତ୍ରୀ ସହିତ ଗୁପ୍ତ ପ୍ରଣୟ କରେ । ଏ ଯେଉଁ ଅପବାଦର କୋଳାହଳ କାମଦେବପୁର ଓଡ଼ିଆ ମହଲରେ ଶୁଣାଯାଉଛି ନିରୁପମା କାନରେ ତାହା ନବାଜିବା ପାଇଁ କି ପ୍ରତିରୋଧ କରିଇ ପାରେ ମୁଁ ?

ମୁଁ ଆଜି ହୀନ, ମୁଁ ଆଜି ନିନ୍ଦନୀୟ । ମୁଁ ଆଜି ସ୍ତ୍ରୀ ସ୍ତ୍ରୀରେ ଗଳି ଗଳି ଭିତରେ ଅପମାନିତ । ଯେଉଁ ଦିନ ପ୍ରଥମେ ଏ ନିନ୍ଦାବାଦ ମୋ କାନରେ ବାଜେ ସେଦିନ ସେହି ପ୍ରମଥନାଥ ମହାନ୍ତି, ଯେକି ମୋତେ ଜାହ୍ନବୀଙ୍କ ଘର ପାଖରେ ଦିନେ ସନ୍ଧ୍ୟାରେ ଭେଟିଥିଲେ ତାଙ୍କ କଥା ମୋର ମନେପଡ଼େ । ମାତ୍ର ଏସବୁ କଥା କର୍ଣ୍ଣପାତ କରି ବିଚଳିତ ହୋଇ, ନିଜକୁ ଏତେ ଅଧୈର୍ଯ୍ୟ, ଆତ୍ମ ପ୍ରତ୍ୟୟଶୂନ୍ୟ କରି-ପକାଇବା ପାଇଁ ଏତେଦୂର ଦୁର୍ବଳତା ନଥିଲା ମୋର । ଯାହାହେଉ, କୃତାର୍ଥ ହେଲି ଏଇଆ ଭାବି ଯେ, ଯଦିଓ ସାଥିର ଭଟ୍ଟାଚାର୍ଯ୍ୟଙ୍କରେ । 'ପ୍ରଭାସ ବାବୁ' ପରି ଲୋକର ଏହି ମହିମାମୟ ଆବିର୍ଭାବ ହେଲା ଶେଷକୁ ।

କାହାଆଗେ କହିବି ମୋ ଦୁଃଖର ଅସରା କାହାଣୀ ? କିଏ ଆସିବ ସହାନୁଭୂତି ଦେଖାଇବାକୁ ? ସେ ଦିନ ସଞ୍ଜରେ ଜାହ୍ନବୀଙ୍କ ପାଖକୁ ଯାଇଥିଲି ତାଙ୍କୁ ମୋ ଶେଷ ବ୍ୟବସ୍ଥା ପତ୍ର ଶୁଣାଇ ଦେବାକୁ । କହିଲି—ଜାହ୍ନବୀ ମୋ ଅପବାଦର କାହାଣୀ ଶୁଣିପାରିଛ ?

—ଖୁବ୍ ପାରିଛି । ଭଲେ ହେଲେ ବିଚଳିତ ହୋଇ ପାରିନି । କାରଣ ମୁଁ ଜାଣିଥିଲି ଅପ୍ରତ୍ୟାଶିତ ଭାବରେ ତୁମ ଉପରେ ଏ କୋଟ ପଡ଼ିବ ଦିନେନାଦିନେ । କାରଣ ତୁମେ ଯେତେବେଳେ ଏଠାକୁ ମୋ ଖବର ନେବାକୁ ଆସୁଛ, କେବଳ ଏହି ଯିବା ଆସିବା ଯୋଗୁଁ ଏବେ ମୋର ଅଧିକକାଳ ଏପରି ଅବସ୍ଥାରେ ଏଠାରେ ରହିବା ହେବ.....

—ତୁମେ କଣ ବାସ୍ତବରେ ମୋତେ ଭଲ ପାଅନା ? ପଚାରିଲି ମୁଁ । ଗୋଟାଏ ସୁଦୀର୍ଘ ନିଶ୍ୱାସ ତାଙ୍କର ଅନୁଭ କଣ୍ଠରେ କମ୍ପି ଉଠି ବାହାରି ଆସିଲା ପଦାକୁ ।

କହିଲେ—କଣ ଭଲେ ବିଶ୍ୱାସ ଅଛିତ ତୁମ ମୁଁ ତା ଜାଣେ । କଣ କହେ ମୁଁ ତୁମକୁ ସୁଖୀ କରିପାରିବି ? ଶେଷକେ ତ ମୁଁ ହିଁ ଏବେ

ପାରୁନି । ନିଜର ସର୍ବନାଶ ଦେଖିବାକୁ ମୁଁ ରହିବି ଏପରି ଭାବରେ ? ମୋତେ ଅନ୍ୟ କେଉଁଠାରେ ଛାଡ଼ିଦିଅ ତୁମେ······?

ମୁଁ ଜାଣେ ଯେଉଁ ସ୍ୱାର୍ଥତ୍ୟାଗ ସକାଶେ ତୁମପରି ମୋ ପ୍ରାଣ ପ୍ରତିମାକୁ ଆଜି ମୁଁ ଅନୁରୋଧ କରିବାକୁ ଧାଇଁ ଆସିଛି ତାହା କଦାପି ତୁମେ ଦଳି ଦେବନାହିଁ ପାଦରେ ।

—ଏତେ ଶକ୍ତି କଣ ଅଛି ମୋ ମନରେ ?

—ଅଛି ଜାହ୍ନବୀ, ମୋର ଦୃଢ଼ ବିଶ୍ୱାସ ସେ ଶକ୍ତି ତୁମଠାରେ ଅଛି ?

—ତା'ହେଲେ କୁହ ଶୀଘ୍ର କହିଦିଅ ।

—ଏବେ ବି କହିବାର ସମୟ ଆସିନାହିଁ ଜାନୁ······

—ସମୟ ଆସିନାହିଁ ? ନା ଭୟ କରୁଛ ତୁମେ ? ମୋର ଏ କେତେଦିନ ହେଲା କଣ ମନେ ହେଉଛି ଜାଣ ?

—କଣ ?

—ମୋପରି ଅନାଥିନୀମାନଙ୍କ ପାଇଁ ସେବାଶ୍ରମ, ବା ଋଷିବାଶ୍ରମ କଣ କେଉଁଠି ନାହିଁ ?

—ଠିକ୍ ଏହିପରି ଗୋଟିଏ ଯାଗାରେ ନେଇ ତୁମକୁ ଛାଡ଼ିଦେଇ ଆସିବି ବୋଲି ମୁଁ ମଧ୍ୟ ମନେ ମନେ ଚିନ୍ତା କରୁଥିଲି ଏ କେତେ-ଦିନହେଲା । କିନ୍ତୁ ଯାଇ ପାରିବତ ? ବହୁତ ଦୂର; ହିମାଦ୍ରୀ ଦେଶର ଋଷିକେଶ । ଋଷିକେଶରେ ନେଇ ତାଙ୍କୁ ଛାଡ଼ି ଆସିବି ବୋଲି ସ୍ଥିର କରିଥିଲି ମୁଁ ।

—ଯାଇ ପାରିବନାହିଁ କାହିଁକି ?

—ତା'ହେଲେ ତୁମେ ଆଜି ମୋତେ ଅଶେଷ ଗୌରବରେ ମଣ୍ଡିତ କରିଛ । ଅଶେଷ ମହିମାରେ ମହିମାନ୍ୱିତ କରି ଦେଇଛ ଜାହ୍ନବୀ ।

—ସତେ ନା ? କହୁ କହୁ ଜାହ୍ନବୀ ଧୀରେ ଧୀରେ ଶଯ୍ୟା ଉପରକୁ ଢଳିଗଲେ । ପ୍ରାୟ ପାଞ୍ଚ ମିନିଟ୍ ପରେ ସେ ଯେପରି କ୍ଳାନ୍ତ ଶିଶୁଟି ପରି ମୋ ବକ୍ଷ ଉପରେ ଢଳିପଡ଼ି ମୁହଁ ଲୁଚାଇଦେଲେ । ମୁଁ ତାଙ୍କର ଶିଥିଳ କବରୀର ମୁକ୍ତ ଅଳକଗୁଚ୍ଛକୁ ଧୀରେଧୀରେ ଆନ୍ଦୋଳନ କରିବାକୁ ଲାଗିଲି । ମୋର ଛାତି ପକେଟରେ ଖଣ୍ଡେ ଛୋଟ କାଗଜ ଦେଖିଲେ ଜାହ୍ନବୀ, କାଢ଼ିନେଇ ପଢ଼ିଲି—"ଯିବା ପୂର୍ବରୁ ଯଦି ମୁହୂର୍ତ୍ତକ ପାଇଁ ମୋର ବକ୍ଷ ବିଦାର୍ଣ୍ଣ କରି ଦେଖିପାରନ୍ତ, ତାହାହେଲେ ଦେଖନ୍ତ ଏ ହୃଦୟ ଭିତରେ ଯାହାର ଦିବ୍ୟଜ୍ୟୋତି ପ୍ରତିଫଳିତ, ପ୍ରେମର କୋଟି ମାଣିକ୍ୟ ମୁକ୍ତାରେ ଯାହାର ସୌମ୍ୟମୂର୍ତ୍ତି ବିଭୂଷିତ, ସୋହାଗର ବକୁଳ ନିର୍ଯ୍ୟାସରେ ଯାହାର ଲାବଣ୍ୟତନୁ ସଦାସ୍ନାତ, ସେ ମୂର୍ତ୍ତି ତାହାର । ସାରା ବିଶ୍ୱର ନିନ୍ଦାବାଦରେ ଉଜାଡ଼ିହେଲେ ତାହା କାଳିମାମୟ ହେବାର ନୁହେଁ ।"

ପଢ଼ିସାରି କହିଲି—ଜାନୁ, ତୁମର ସେହି ସୌମ୍ୟ ମୂର୍ତ୍ତିଟିକୁ ଏବେ ଦୁନିଆ କାଳିମାମୟ କରିନାହିଁ, ସୁନାଟି ପରି···ଅନ୍ୟମାନଙ୍କର ଶୁଭଯାତ୍ରାର ସବୁ ଅପ୍ରୋଚନକର ଡେଇଁଯାଏଁ ଆସିବ । ଆଜି ମୋତେ ବିଦାୟ ଦେବନାହିଁ ?

ଜାହ୍ନବୀ ମୁହଁ ଟେକି ମୋ ଆଡ଼କୁ ଅନାଇଲେ । ଅବାଧ୍ୟ ସେ ନୟନର ଭାଷା; ଦରଦର ଅଶ୍ରୁଧାରରେ ଗଣ୍ଡ ଦୁଇଟି ଭିଜି ଯାଉଛି । କମ୍ପି ଉଠିଲା ଅଧରପୁଟ, କେଉଁ ଅନ୍ତରରେ ଗଦଗଦ ହୋଇ କହିଲେ, ସେଦିନହିଁ ପ୍ରଥମେ ଜାହ୍ନବୀ ପଦତଳେ ମୋର ମଥା ନୁଆଇଁ ପ୍ରଣାମ କଲେ ଓ ଅର୍ପଣ କଲେ ଅଶ୍ରୁମାଳ ।

—o—

## ଶଇଁ ଭରସି

ଋଷିକେଶରେ (ହୃଷିକେଶ)ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କ ଶିବାନନ୍ଦ ଆଶ୍ରମ ଓ ଉପନିବେଶକୁ ଯିବା ପାଇଁ ରାସ୍ତାଘାଟ ଖର୍ଚ୍ଚ ପତ୍ର ସୁବିଧା ଅସୁବିଧା କଥା ଜାଣିବା ପାଇଁ ମୁଁ ଏଣେତେଣେ ବୁଲି ଯାଉଁ ତାଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବାରେ ଏପରି ମନପ୍ରାଣ ଢାଳି ଦେଇଥିଲି ଯେ, ଆଜିକୁ ପ୍ରାୟ ସାତଦିନ ହେବ ନିରୁପମା ଗୋଟିଏ ପୂର୍ଣ୍ଣ ସନ୍ତାନ ପ୍ରସବ କରି ହରାଇଥିବା ଦୁଃଖ ମୁଁ ମୋଟେ ଅନୁଭବ କରୁନଥିଲି । ଶେଷୋକ୍ତ ଘଟଣାରେ ଦୁଃଖ ଅପେକ୍ଷା ପୂର୍ବୋକ୍ତ ତଥ୍ୟ ସଂଗ୍ରହ ଯେପରି ମୋତେ ଅନିର୍ବଚନୀୟ ଆନନ୍ଦ ପ୍ରଦାନ କରୁଥିଲା । ନବାଗତ ଶିଶୁଟି ଅକାଳମୃତ୍ୟୁ ମୁଁ ପୂର୍ବରୁ ହିଁ ଆଶଙ୍କା କରୁଥିଲି ।

ନିରୁପମା ଶଯ୍ୟାଶାୟିନୀ । ଏବେ ମଧ୍ୟ ମେଡ଼ିକେଲ୍‌ରେ ରହିଅଛି । ଛୁଟିନେଇ ଘରେ ରହୁଥିଲି । ନିଜ ହାତରେ ରୋଷେଇ କରିବା, ସ୍ତୁବୁକୁ ଖୋଇ ଦେଇ ସ୍କୁଲକୁ ପଠାଇବା, ଅଢ଼େଇ ବର୍ଷର ଝିଅ ମଞ୍ଜୁ, ସମ୍ଭାଳି ପୁଣି ସନ୍ଧ୍ୟା ସମୟରେ ନିରୁକୁ ଦେଖିବା ପାଇଁ ଡାକ୍ତରଖାନା ଯିବା ଏସବୁ ଭିତରେ ମୁଁ ଆଉ ବାବୁଙ୍କ ପାଖକୁ ଯାଇନଥିଲି ।

ମୋର ଉଠିପାଇ ବାପା ଓ ବୋଉ ଉଭୟେ ବ୍ୟାକୁଳ ହୋଇ ଆସି ରହିଥିଲେ । ବାପାଙ୍କର କେବେ ବେଶୀ ଦେହରେ ଆଦୌ ଭଲନାହିଁ । ଏବେତ ତାର ଜଳଖିଆ ଧରଣର ଲୁଚିପୁରି ଓ ଚଲଚାଉଳ ଖାଦ୍ୟ

ଦ୍ୱିତୀୟରେ ଜଳବାୟୁ ପରିବର୍ତ୍ତନ ଏକାନ୍ତ ଆବଶ୍ୟକ । ମୁଁ ଏଥିପାଇଁ ଡାକ୍ତର ସହିତ ପରାମର୍ଶ କରି ନିରୁକୁ ତାଙ୍କୁ ପଠାଇବାକୁ ସ୍ଥିର କଲି । ସେମାନେ ସମସ୍ତେ ଯିବେ, ଏପରିକି ଗୁଲୁ ମଧ୍ୟ ଗଲେ ଭଲ ହେବ । ସେ ପଛେ ଏଠାରୁ ନାଁ କଟାଇ ତାର ମାମୁଁ ଘରେ ରହି ବର୍ଷଟାଏ ପଢ଼ିବ । ମୁଁ କେବଳ ରହିବି ଜାମସେଦପୁରରେ । କାରଣ ଛୁଟି ନେବାପାଇଁ ଜମା ଛୁଟି ମୋର ଆଉ ପାଉଣା ନାହିଁ । ଗୁଲୁକୁ ମୋ ପାଖରେ ରଖି ଚଳାଇବା ଯେପରି କଷ୍ଟକର, ଏକପ୍ରକାର ଅସମ୍ଭବ କହିଲେ ଚଳେ ।

ଗ୍ରାମରେ ଦୁଏକ ମାସେ ରହନ୍ତେ ରହିବା ପରାରୁ ସେମାନେ ନିରୁକୁନେଇ ପୁଣି ଚାଲିଯିବେ । ଏ ପ୍ରସ୍ତାବରେ ଆପତ୍ତି ନ ହେବାର କାରଣ ନଥିଲା । ଶେଷ ଭଲି ନିରୁପମା ମଧ୍ୟ ଏ ପ୍ରସ୍ତାବରେ ସମ୍ମତ ହୋଇଗଲା । ମୁଁ ମଧ୍ୟ ପରିତୃପ୍ତି ଲାଭ କଲି ।

ଯିବା ପୂର୍ବ ରାତ୍ରିରେ ପଚାରିଲି ନିରୁପମାକୁ—'ନିରୁ, କହିବ ଦେଖି, ଅଯଥା ସନ୍ଦେହ କରି, ମୋ ପ୍ରତିମିଥ୍ୟା ଅଭିମାନ କରି ନିଜର କି କ୍ଷତି ନ କରିଛ ?

ସ୍ମିତ ହସ ହସିଲା ସେ । ଚଇତନ୍ତ୍ର ରକ୍ତିମ ତାର ଦୁଇ ଓଠରେ ଯେପରି ସେହି ହସ ଟିକକରେ ଶିହରି ଉଠିଲି କ୍ଷଣେକ ପାଇଁ । ହସି ହସି କହିଲା—ଛତ ଗୋଟାଏ କଣ ? ମୋ ଦେହ କଣ ଭଲ ହୋଇଯିବ ନାହିଁ ? ଯେଉଁ ଅତିଥିକୁ ଭଗବାନ ଦୟାକରି ଦେଇଥିଲେ, ତାକୁ ଫେରି ପୁଣି ନେଇଗଲେ । ଆମ ହାତରେ କଣ ଅଛି ! କିନ୍ତୁ ତୁମ ମନରେ କଷ୍ଟ ଦେଇନାହିଁ ତ, ତୁମ......

ସେହି ଲୁଚଣ ହସଟି ଯେମା ଓଠ ଉପରେ ଲାଗି ରହିଥିଲା ନିରୁପମାର । ତାହା ତାର କଳ୍ପିତ ଆଉ ପ୍ରାନ୍ତରେ ମୋତେ ଦେଖି ଯାଉଥିଲା, ଯାହା ମୋର ଲାଜ ଲାଜ ହେଲା, ମନେହେଲା ତାକୁ

ତୋଳିନେଇ ବକ୍ଷ ଉପରେ ଚାପି ଧରିବି । ମାତ୍ର ତାହା କରିପାରିଲି ନାହିଁ । ବରଂ ନିଜେହିଁ ତା ଛାତି ଉପରକୁ ନୁଆଁଇ ଆଣିଲି ମଥାଟିକୁ ମୋର । ଶୀର୍ଣ୍ଣ ବାମହାତଟି ମୋର କାନ୍ଧ ଉପରେ ରଖିଦେଇ କହିଲା—କହିଲ, କେଉଁଦିନ ମୋର ମରଣ ନହେବ ତୁମ ଆଗରେ ?

—ଛି, ଏପରି କାହିଁକି ଭାବୁଛ ନିରୁ ? ତୁମେ କଣ ମନେ କରୁଛ ମୁଁ ତୁମକୁ ପ୍ରେମ କରୁନାହିଁ ? ଆଉ ତୁମଠାରେ ସବୁ ପ୍ରୟୋଜନ ମୋର ନିଃଶେଷ ହୋଇଗଲା ? ସେ କିଛି କହିଲା ନାହିଁ ? କେବଳ ନୀରବ ଚାହାଣୀରେ ଅନାଇଁ ରହିଲା । ତାର ଓଠ ପାଖରେ ମୃଦୁହସ, ତାର କରୁଣ ଚାହାଣୀ ଉପରେ ଆଶିଷ, ଶୀର୍ଣ୍ଣ ମୁହଁଟି ପରି ତାର ରକ୍ତହୀନ ପାଣ୍ଡୁର ଗଣ୍ଡ ଉପରେ ଆଖି ବୁଲାଇ ବୁଲାଇ ସତେ ଯେପରି ମୁଁ ସେଇଠୁ ମୋର କଙ୍କଣ, କେୟୂର, ନୂପୁର ଓ ଚନ୍ଦ୍ରିକା ପିନ୍ଧା ବିବାହ ବେଦିର ନବପରିଣୀତା ବାଳିକା ବଧୂ ନିରୁପମାକୁ ଖୋଜି ଦେଉଥିଲି ।

—୫୫୫—

## ଅଠତିରିଶି

ନିରୁପମା ଗ୍ରାମକୁ ଯିବାର ପ୍ରାୟ ଦେଢ଼ମାସ ପରେ ମୁଁ ଋଷିକେଶ ଯିବାପାଇଁ ସବୁ ଆୟୋଜନ କରି ଡାକ୍ତରବାବୁଙ୍କୁ ପ୍ରସ୍ତୁତ କରାଇଲି । ନିରୁପମା କିନ୍ତୁ ଫେରି ଆସିନାହିଁ । ଚିଠି ପାଏ ଯେ ଏବେ ମଧ୍ୟ ତାର ପୂର୍ବ ସ୍ୱାସ୍ଥ୍ୟ ଫେରି ପାଇନାହିଁ । ଭଲରୂପେ ଉଠି ବସି ପାରୁନାହିଁ । ସେ ହୁଏତ ଶଯ୍ୟାଶାୟିନୀ, ତେଣୁ ପୁଣି ଯିବାକଥା ବୁଝେଥାଉ, ଅବସ୍ଥା ଯେ ଭଲ ଆଡ଼କୁ ଆସୁନାହିଁ ଏହାହିଁ ମୋର ଚିନ୍ତାର ବିଷୟ ।

ନିରୁପମାର ଅବସ୍ଥା ହୁଏତ ଧୀରେଧୀରେ ଭଲ ଆଡ଼କୁ ଗତି-କରିବ । ଖରାପ ହେବ କାହିଁକି ? ସେ ନିଶ୍ଚେ ଭଲ ହୋଇଯିବ । ସେ କଣ ଏବେ ମଧ୍ୟ ମନ ଭିତରୁ ସେହି ସନ୍ଦେହର ଛାୟା ଅପସାରଣ କରିନାହିଁ ? ସେଥି ଭିତରେ ମୋର ସମୟେ ସମୟେ ମନ୍ଦ ହୁଏ ଏକଥା ଭାବିଲେ ।

ନିରୁପମା ହୁଏତ ଭାବୁଥିବ ତାର ଅନୁପସ୍ଥିତିରେ ଡାକ୍ତରଙ୍କ ସହିତ ମୋର ପ୍ରଣୟ ଅଧିକ ଗଭୀର ହୋଇଯିବ । ଏଥର ଲୋକଙ୍କ ମୁହଁରେ ରଟିତ ମୋର ନିନ୍ଦାଶୁଣି, ସେ ମଧ୍ୟ ମୋତେ ଅବିଶ୍ୱାସ କରୁଛି । ସେ ନିଶ୍ଚେ ରୋଗ ଶଯ୍ୟାରେ ଶୋଇ ଶୋଇ ଭାବୁଥିବ ମୋ କଥା ଓ ଡାକ୍ତରଙ୍କ କଥା । ମୁଁ କେତେମାନ ଏକାବେଳେକେ ସ୍ୱାଧୀନ ହୋଇ ଉଠିଛି । ତେଣୁ ଡାକ୍ତରଙ୍କ ସଙ୍ଗକୁ ଲାଭ ପ୍ରତି ଯିବାପାଇଁ

ବାଧା ଦେବାକୁ ଦେଉନାହିଁ । ତାଙ୍କର ପାଖରେ, ତାଙ୍କର ରକ୍ଷଣାରେ ଦିନ ଯାପନ କରି ଦୁନିଆକୁ ଭୁଲି ରହୁଥିବ । ଏକଥା ହୁଏତ ନିରୁପମା ସଦାସର୍ବଦା ଭାବହେଉଛି । ନହେଲେ ତାର ଅବସ୍ଥାର ତାପେ ସ୍ୱାସ୍ଥ୍ୟର ପରିବର୍ତ୍ତନ ନ ହୁଅନ୍ତା କାହିଁକି ?

ଜାଲୁବାଙ୍କୁ ଉକ୍ତି ଦେଶରେ ଛାଡ଼ି ମୋତେ ହୁଏତ ଥରେ ଗ୍ରାମକୁ ଯାଇ ତାକୁ ଦେଖି ଆସିବାକୁ ପଡ଼ିବ । ନ ହେଲେ ନ ଚଳେ । ନିଜ ଆଖିରେ ତାର ଅବସ୍ଥାର ଗତି ବିଧି ନ ଦେଖିଲେ ମନ ମୋର ବୁଝିବ ନାହିଁ । ନିରୁପମା ଆଜ ଅଧିକରୁ ଅଧିକ ଖରାପ ଆଡ଼କୁ ଯାଉନାହିଁ ତ ? ଏଣେ ଛୁଟି ଯେ ମୋର ନାହିଁ । କେବଳ ଗୃହ ପାଞ୍ଚଦିନ ପାଇଁ କୌଣସି ମତେ ସିକ୍ ରିପୋର୍ଟ ଦେଇ ମୋତେ ଉକ୍ତି ଦେଶରୁ ଫେରି ଆସି କାର୍ଯ୍ୟରେ ଉପସ୍ଥିତ ହେବାକୁ ପଡ଼ିବ । ତାପରେ ଅନ୍ତତଃ [illegible] ତୃଭ ଭଜନଦାନ ସଭାଶେଷ ଆଷାଢ଼ରେ ଦରଖାସ୍ତ [illegible] ଯିବ ଗ୍ରାମକୁ । ଅବସ୍ଥା ସେପରି ଜଣାପଡ଼ିଲେ [illegible] ବେଳକୁ ନିରୁପମାକୁ ଠାଠା ନେଇ ଆସିବ [illegible] ସ ପର କଥା; ବର୍ତ୍ତମାନ ଜାଲୁବାଙ୍କୁ ନେଇ [illegible] ବା ଦାୟିତ୍ୱ ମୁଣ୍ଡ ଉପରେ ବହନ କରି ମୁଁ ଅତ୍ୟନ୍ତ [illegible]

ଗାଇପଡ଼ୁଛି ।

—§§§—

## ଅଣଗ୍ଲିଲିଶି

ଋଷିକେଶ ଯିବାପାଇଁ ମୁଁ ଯେଉଁ ଟଙ୍କା ସଞ୍ଚୟ କରି ନେଇଥିଲୁ ଭଣାପଣ୍ଡର ଭାଲୁବା ଓ ମୁଁ ଯିବା ଓ ମୋର ଏକାଙ୍କ ଫେର ଆସିବା ଖାଇ ନିତାନ୍ତ ଖଣ୍ଡେ ଲବେ ଲବାଖାଏ ଘଟିଯିବ । ଅନୁକୂଳ ପ୍ରସୂତଚର୍ଯ୍ୟା ସୂର୍ବ୍ବୁ ଓ ପରେ ତା'ପାଇଁ ଖର୍ଚ୍ଚ କରି କରି ମୁଁ ଏକପ୍ରକାର କପର୍ଦ୍ଦକ ଶୂନ୍ୟ ହୋଇ ପଡ଼ିଥିଲି । ତେଣୁ ନବେଟି ଟଙ୍କା କରଜ କରିବାକୁ ବାଉ ଲୋକଙ୍କ ନିକଟରେ ହାତ ନିକୁଟିବାକୁ ପଡ଼ିଲା । ମୋର ପ୍ରାପ୍ୟ ସବୁ ଉଣାଗୁଣା ସ୍ତ୍ରୀମାନଙ୍କ ନିକଟରେ ମୁଁ ଏତେ ନିନ୍ଦନୀୟ ହୋଇ ପଡ଼ିଥିଲି ଯେ, ମୋତେ ଟଙ୍କା ପଇସା ଧାର ଦେବାତ ଦୂରରେ ଥାଉ ମୁଁ ଗୁଣ୍ଡଗଲବେଳେ ସେମାନେ କଣେଇ କଣେଇ ଅନାଉଥିଲେ ଓ ଦେଖେଇ ଶିଖେଇ ଫୁସୁର୍‌ଫାସର୍ କରି କଥା କହୁଥିଲେ । ତେଣୁ ବଣିଆଙ୍କ ପାଖରୁ ଧାର ନେବାକୁ ପଡ଼ିଲା । ସେ ଯାହାହେଉ ଟଙ୍କାଟା ହାତକୁ ଆସିବା ପରେ ମୁଁ ସଂକ୍ଷେପରେ ମୋର ଯାତ୍ରାର ଯୋଜି କାର୍ଯ୍ୟକ୍ରମଟିଏ ପ୍ରସ୍ତୁତ କଲି, ତଳେ ଲେଖେ ରୁ:—

ଛଅଟାରୁ ସନ୍ଧ ସାଢ଼େ ଦଶଟାରେ ବମ୍ବେ ମେଲରେ ହାଓଡ଼ା ଯିବ—ହାଓଡ଼ାରେ ପରଦିନ ସଞ୍ଜ ସାଢ଼େ ...ରେ ହାଓଡ଼ା-ଡେରାଡୁନ୍ ଏକ୍ସପ୍ରେସ୍ ଯୋଗେ ବନାରସ୍ ବାଟଦେଇ ହରିଦ୍ୱାର ଯିବ । ପଥ ମଧ୍ୟରେ ଓହ୍ଲାଇ ଗାଡ଼ି ବଦଳି କରିବାକୁ ପଡ଼ିବନାହିଁ । ତେଣୁ ଏହା ସବୁଠାରୁ ସୁବିଧା

ଲାଗିବ ଗାଡ଼ି । ହରଦ୍ୱାରରେ ସକାଳେ ଓହ୍ଲାଇ ହୋଇ ମଟର ଧରିବ ଋଷିକେଶ ଯିବାପାଇଁ । ମଟର ରାସ୍ତା ୧୫,୧୬ ମାଇଲ । ଋଷିକେଶରେ ପହଞ୍ଚି ମୋତେ ଦେଖା କରିବାକୁ ହେବ ଡିଭାଇନ୍ ଲାଇଫ୍ ସୋସାଇଟିର ସମ୍ପାଦକଙ୍କ ସହିତ । ଏହି ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀ । କେଉଁ ସମୟରେ ସ୍ୱାମୀଜୀଙ୍କ ଦର୍ଶନ ମିଳିବ ତାହା ଓ ତାଙ୍କ ସହିତ ଭେଟ କରାଇବାର ସ୍ଥାନ ଓ ସମୟ ଏହା, ସମ୍ପାଦକ ଋଷି ହୃଦୟାନନ୍ଦ ସ୍ଥିର କରିଦେବେ । ତାପରେ ସ୍ୱାମୀଜୀଙ୍କ ସହିତ ପରାମର୍ଶ କରି ଜାହ୍ନବୀଙ୍କୁ ରଖାଇବା ଓ ପରିବେଶରେ ଜାହ୍ନବୀଙ୍କ ଠାରୁ ଚିରଦିନ ପାଇଁ ବିଦାୟ ନେଇ ମୋର ପ୍ରତ୍ୟାବର୍ତ୍ତନ ।

ଏହି ବିବରଣୀକୁ ଆଖି ଆଗରେ ରଖି ବାହାରି ପଡ଼ିଲି । ଏବେ ଜାହ୍ନବୀ ଓ ମୁଁ ଏକ ମଙ୍ଗଳ ପଥର ଯାତ୍ରୀ । ଅନାବିଲ ପ୍ରେମର ପୂତ ପୟସ୍ୱିନୀ ନାଚି ନାଚି ବହିଯାଉଛି ଯେଉଁ ଦେଶରେ, ବଦ୍ରୀଧାମରୁ ପ୍ରେମାନନ୍ଦମୟ ପ୍ରଶାନ୍ତ ଅଳକା ଝର ଝର ଝରୁଛି ଯେଉଁ ସାତ୍ତ୍ୱିକ ବୃକ୍ଷ ଲତା ଫୁଲ ଫଳରେ, ପ୍ରେମ ଓ ତ୍ୟାଗ ଆନନ୍ଦ ଓ ତୃପ୍ତି ଶାନ୍ତି ଓ ମୁକ୍ତିର ସଙ୍ଗୀତମୟ ମେଘମାଳାରୁ ଅଳପ ଛନ୍ଦ, ତାନ ଓ ମୂର୍ଚ୍ଛନା ବାୟୁତାନରେ ନୃତ୍ୟରତ ହୋଇ ମର୍ମର ଉଠୁଛି ଯେଉଁ ଦେଶର ଝଲସିତ ଦରୀ ଓ ମଧୁଯାମିନୀ ଗୁଞ୍ଜନରେ, ଆମେ ଚାଲିଛୁ ସେହି ଦେଶକୁ ଦୀର୍ଘ ଅଳିକମୟ ପଥରେ......

ମୁଁ ଓ ଜାହ୍ନବୀ, ଦୁହେଁ ମୌନ । କଥା ନକହି ଛନ୍ଦ ହୋଇଛୁ ଆପଣା ଆପଣା ଚିନ୍ତା ଜାଲରେ ମଗ୍ନରେ । ସେ ହୁଏତ ମହତ ତ୍ୟାଗର ବାଣୀ ଶ୍ରବଣରେ କେଉଁ ଅପୂର୍ବ ଭାବାବେଶରେ ଅଭିଭୂତ ହୋଇ ପଡ଼ିଛନ୍ତି । ଆଉ ମୁଁ ଜଗତ ଧର୍ମର ଅନୁଶୋଚନା କରିବାର ତୀବ୍ର ଯାତନା, ସଂସାର ମାୟାର ଅହ୍ୱାନ, ପୁଣି ଜାହ୍ନବୀଙ୍କ ଲାଗି ଅସହ ବିଚ୍ଛେଦର ଦୁଃଖ, ପରିବେଶରେ ସୌମ୍ୟ ପ୍ରକୃତିର ସୌନ୍ଦର୍ଯ୍ୟ-ଭୋଗ-

ଲିପ୍‌ସାର ଦୃଢ଼ ଆହ୍ୱାନକୁ ପ୍ରତିରୋଧ କରିବାର ନିର୍ମମ ପ୍ରୟାସ, ଏକାଧାରରେ ଶତକୋଟି ଚିନ୍ତା ଧାରରେ କ୍ଷତ ବିକ୍ଷତ ପ୍ରାୟ । କଥା ଭୁଲିବାର ସ୍ପୃହା ଆପଣା ମନକୁହିଁ ନେଇଁଅତେ ଲୀନ ହୋଇଯାଉଛି । ସବୁ ଚିନ୍ତା ଭୁଲିବା ପାଇଁ ଜାଗ୍ରତ ଅବସ୍ଥାରେ ସଙ୍ଗରେ ନେଇଥିବା ପ୍ରିୟଙ୍କଣୀ ଇଂରାଜୀ ଲେଖକ ଥୋମାସ ହାର୍ଡିଙ୍କ ଫାର ଫ୍ରମ ମାଡ଼ିଂ କ୍ରାଉଡ଼ ଉପନ୍ୟାସଟି ପାଠ କରିବାକୁ ଚେଷ୍ଟା କରିଛି; କିନ୍ତୁ ବ୍ୟର୍ଥ ହୋଇଛି । ବହି ମଧ୍ୟରେ ଗ୍ୟାବିଲ୍ ଓକ ଓ ସାର୍ଜେଣ୍ଟ୍ ଟ୍ରୟ ଦୁଇଟି ଚରିତ୍ର ଓ ନାୟିକା ଏଭରଡିନର ସୁସ୍ମିତା ଚେହେରା ମାନସ ପଟରେ କ୍ଷଣେ କ୍ଷଣେ ଝଲକି ମାରି ଉଠୁଛି ।

ଦିନ ଯାଇଁ ପୁନର୍ବାର ରାତି ଆସିଛି ଆମକୁ କାମ୍ପ୍ରିସ୍ ଶକଟ ମଧ୍ୟରେ ବସାଇଦେଇ । ସେଦିନ ରାତିର ଶେଷ ଯାମରେ ତନ୍ଦ୍ରା ବିହ୍ୱଳ ହୋଇ କେତେବେଳେ ଢୁଳେଇ ପଡ଼ିଛି ଜାଣେନାହିଁ । ପ୍ରଭାତର ଶୀତଳ ପବନ ସ୍ପର୍ଶରେ ନିଦ୍ରାଭଙ୍ଗ ହେଲା । ଅନୁଭବକଲି ଜାହ୍ନବୀ କୋଳରେ ମୁଁ ମଥାରଖି ନିଶ୍ଚିନ୍ତରେ ଶୋଇ ଯାଇଥିଲି । କିନ୍ତୁ କିପରି ? ତାଙ୍କ କଡ଼ରେ ମୁଁ ବସି ବସି ତନ୍ଦ୍ରାଭିଭୂତ ହୋଇଥିବା ଅବସ୍ଥାରେ ସେ ହୁଏତ ମୋର ମଥାଟି ତାଙ୍କର କୋଡ଼ ଉପରେ ସ୍ଥାପନ କରି ଦେଇ ଅଛନ୍ତି । ଆଖି ଖୋଲି ମୁଁ ତାଙ୍କ ମୁହଁକୁ ଅନାଇଲି । ତାଙ୍କର ସଜଳ କରୁଣ ଦୃଷ୍ଟି ମୋତେ ଯେପରି ତାଙ୍କ ଅନ୍ତରରେ—ଚିରନ୍ତନୀ ମୋ ଆଗରେ ପ୍ରକାଶକଲା—ଏ ସୌଭାଗ୍ୟ ମୋର ଆଉ ଆସିବ ନାହିଁ ଜୀବନରେ । ଆମ୍ଭେମାନେ ହରଦ୍ୱାର ପହଞ୍ଚିଲୁ ।

ହରଦ୍ୱାର ଷ୍ଟେସନ୍‌ରୁ ଯାଇଁ ସହର ମଧ୍ୟରେ ପହଞ୍ଚିଲାବେଳକୁ ଏକବାରେ ସକାଳ ହୋଇଗଲା । ଏଠାରୁ ମଟର ଧରି କ୍ରମେ କ୍ରମେ ହିମାଳୟ ଆରୋହଣ କରିବାକୁ ହେବ । ଗଙ୍ଗା ଏଠାରେ ସପ୍ତଧାରରେ ପ୍ରବାହିତ ।

କହିଲି—ଜାହ୍ନବୀ, ଆମେ ଆସି ହରଦ୍ୱାରରେ ପହଞ୍ଚିଲେଣି । ଗଙ୍ଗାସ୍ନାନ କରିବ ?

—ନାଃ, କେବଳ ଛୋଟ ଉତ୍ତରଟିଏ ଦେଲେ ସେ ।

ଜାହ୍ନବୀ ଯେତେବେଳେ ଅଜାଠାରୁ ପ୍ରତିଦିନ ଗଙ୍ଗାସ୍ନାନ କରିବେ ତେବେ ଏତୁଷଣି ଏଠାରେ ତୀର୍ଥ ।ନର ପୁଣ୍ୟ ବରଂ ମୋରତ୍ତୁଁ ଲୋଭା ବେଶୀ । କିନ୍ତୁ ମୁଁ ଭାବିଲି ଏ ପୂତ ଭୂମିରେ ମୋପରି ପାପି ଯେତେବେଳେ ପାଦରଖି ପାରିଛି ସେତିକି ଯଥେଷ୍ଟ ପୁଣ୍ୟ ମୋ ପକ୍ଷରେ ।

ବହୁଦିନପରେ ଜାହ୍ନବୀ ଟିକେ ହସିଲେ ଅଳ୍ପ ଓଠରେ । ଆଖି ଦୁଇଟି କିନ୍ତୁ ଅଶ୍ରୁ ସମାକୁଳ । କହିଲେ—ତୁମେ ବରଂ ଗଙ୍ଗାସ୍ନାନ କର । ହରଦ୍ୱାରରେ ଗଙ୍ଗାସ୍ନାନର ପୁଣ୍ୟ ଅର୍ଜନ ପାଇଁ ଜୀବନରେ ଆଉ ସୁଯୋଗ ପାଇବ ନାହିଁ ହୁଏତ......

ଜାହ୍ନବୀଙ୍କର ସେଦିନ ପ୍ରକୃତିର ସେହି ହସ ଟିକକ ଓ ସେହି ମୁଖଛବି ଜୀବନରେ ଭୁଲି ପାରିବ ନାହିଁ । କରୁଣାର ସିକ୍ତ କଣିକା ସତେ ଅବା ଝରି ପଡୁଥିଲା ସେହି ମ୍ଳାନ ଅଧର ଓ ଅଶ୍ରୁ ସମାକୁଳ ଲୋଚନ ମଧ୍ୟରୁ । ତ୍ୟାଗ ମହିମାରେ ମଣ୍ଡିତ ହୋଇ, ପବିତ୍ରତାର ଶୁଭ୍ର ଦୁକୂଳ ପରିଧାନ କରି ଗିରିକନ୍ୟା ତପସ୍ୱିନୀ ନିରଞ୍ଜନାଙ୍କ ସଦୃଶ ଜାହ୍ନବୀ ଦେଖାଗଲେ ସେଦିନ ମୋ ଆଖିକୁ । ଗଙ୍ଗାସ୍ନାନ ପାଇଁ ହୋଲକନଗରର ଧର୍ମଶାଳାରେ ଆଶ୍ରୟ ନେଇ ଦିନଟିଏ ରହିବା ପାଇଁ ପଡ଼ିଲା—ଜାହ୍ନବୀଙ୍କ କହିବା ଅନୁସାରେ ।

—o—

ରୁକ୍ମିଣି,

ଆଶ୍ଚର୍ଯ୍ୟର କଥା, ପରଦିନ ଋଷିକେଶଠାରେ ସ୍ୱାମୀ ଶିବାନନ୍ଦଙ୍କର ଏହି ପବିତ୍ର ତପୋବନରେ ପହଞ୍ଚିଲାବେଳକୁ ଆମ୍ଭମାନଙ୍କର ରହିବା ଘର ଓ ଖାଇବା ପାଇଁ କିଛି ଦୁଧ ଓ ଫଳ ଆଗରୁ ଆୟୋଜନ କରା-ଯାଇଥିଲା ।

ଆମ୍ଭମାନଙ୍କୁ ସ୍ୱାମୀଜୀଙ୍କର ଯେଉଁ ଶିଷ୍ୟ ପାଛୋଟି ନେଲେ ତାଙ୍କୁ ପଚାରିବାରୁ ସେ କହିଲେ—କେତେଜଣ ଅତିଥି କେଉଁ ଦିଗରୁ ଆସୁଛନ୍ତି । ତାହା ସ୍ୱାମୀଜୀ ଜାଣିପାରନ୍ତି ଓ ସେମାନଙ୍କର ସବୁପ୍ରକାର ସୁବିଧା କରିଦେବା ପାଇଁ ସ୍ୱାମୀଜୀ ଦିନକ ପୂର୍ବରୁ ନିର୍ଦ୍ଦେଶ ଦେଇ ଥାଆନ୍ତି ।

ଶିବପୁରର ଅନେକ ସୋପାନ ଆରୋହଣରେ ମୁଣ୍ଡ ମୋର ଘୂରେ ଯେପରି ବୁଲିଗଲା । ସବୁ ଶେଷକୁ ହେଲା । ସ୍ୱାମୀଜୀଙ୍କ ଦର୍ଶନ ମିଳିଲା । ମୋର ଋଷିକେଶ ଯିବାର ଉଦ୍ଦେଶ୍ୟ ଓ ଅଭିଳାଷ ଚରିତାର୍ଥ ହେଲା । ସୌମ୍ୟକାନ୍ତି, ଦିବ୍ୟଦ୍ୟୁତି ପବିତ୍ର ପୁଣ୍ୟାତ୍ମାଙ୍କର ଚରଣ ସ୍ପର୍ଶକଲି । ହସ ହସ ବଦନରେ ସେ ମୋତେ ଆଶୀର୍ବାଦ କଲେ ।

ସ୍ୱାମୀଜିଙ୍କ ସହିତ ଅଳପ ସାଙ୍ଗ ହେବା ପରେ ଶୀଘ୍ରହିଁ ତାଙ୍କୁ ମୋଠାରୁ ଅନ୍ତର ହୋଇଗଲେ । ତାଙ୍କ ନିକଟରୁ ପ୍ରେମର ପରିଚୟ ଦେଖାଇ, ନାଟକୀୟ ଭଙ୍ଗିରେ ବିଦାୟ ନେଇ ପାରିଲି ନାହିଁ । ମୁଁ

ଜାହ୍ନବୀଙ୍କଠାରୁ କଦାପି ନେଇ ପାରିଲି ନାହିଁ ଶତଚେଷ୍ଟା କରି— ଗଢ଼ିଥିଲି ଏକ ଦୃଢ଼ ବନ୍ଧନରେ ସେ ଏତେବଡ଼ ବାନ୍ଧ ରଖିଛନ୍ତି ମୋର ମନଟିକୁ । ଆଉ ଜାହ୍ନବୀଙ୍କ ଆତ୍ମା ଏବେ ମଧ୍ୟ ମୋ ଭିତରେ ପ୍ରାଣିତ ହୋଇ ରହିଛି ।

ତାପରେ ଋଷିକେଶ, ସେହି ପବିତ୍ର ଋଷିକେଶ । ହିମାଳୟର ପାଦଦେଶରେ ଭ୍ରମକାନ୍ତ ନିବିଡ଼ ଅରଣ୍ୟାନୀ ମଧ୍ୟରେ ଶ୍ୟାମାୟମାନ ଋଷିକେଶ ଏବେ ମଧ୍ୟ ସ୍ମୃତି ପଥରେ ମୋର ଉଚ୍ଛ୍ୱସିତ ବେଦନା ଭିତରେ ଆତ୍ମପ୍ରକାଶ କରି ଜାଗି ଉଠୁଛି, ଯେ ହତଭାଗ୍ୟ, ଯାର ଜୀବନ ବେଦୀ ଉପରେ ଏକ ଚରମ ବିଡ଼ମ୍ବିତ—କନକକାନ୍ତି ନିରୁପମାର କରୁଣ ଅଶ୍ରୁର ଆହ୍ୱାନ ବାଜି ଉଠୁଛି, ପୁଣି ଜାହ୍ନବୀଙ୍କର ପ୍ରତିମା ବିସର୍ଜନରେ ହାହାକାରମୟ କରୁଣଧ୍ୱନି ମର୍ମରି ଉଠିଛି ତାହାପାଇଁ ଏହି ଋଷିକେଶର ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କିପରି ସମ୍ଭବ ହୁଏ ?

ଉପରେ ମୌନବ୍ରତରେ, ଭିତର ଶାନ୍ତକାନ୍ତ ଓ ବାହାର ଅପଚ୍ଛନ୍ତ ଓ ସର୍ବସ୍ୱାନ୍ତ ହେଲପରି ପାଗଳ ପ୍ରାୟ ଅବସ୍ଥାରେ ମୁଁ ଆସି ଟାଟାନଗର ଷ୍ଟେସନ୍‌ରେ ପହଞ୍ଚିଲି ତାହା ବର୍ଣ୍ଣନା କରିବାର ଭାଷା ନାହିଁ ମୋ ପାଖରେ ।

ଦିନ ଛଅଟା ହେବ ଟ୍ରେନ୍‌ରୁ ଓହ୍ଲାଇଲାବେଳକୁ ସୁଁ ସୁଁ ପବନ ପିଟିଛି । ପ୍ରଳୟ ତାଣ୍ଡବର ପୂର୍ବ ସୂଚନା ପରି ଆକାଶରେ ଘମାଘୋଟ ମେଘର ଅନ୍ଧକାର । ମୁଁ ପ୍ଲାଟ ଫର୍ମ ପାରହୋଇ ଶୀଘ୍ର ଟାକ୍ସି ଧରିଲି । ବସାକୁ ଆସି କବାଟ ପିଟାଇଲି ଓ ଭିତରକୁ ପ୍ରବେଶ କଲି । ବସାରେ କେହି ନାହାନ୍ତି । ନିରୁପମା ଯାଇଁ ଗ୍ରାମରେ, ଆଉ ନିରୁପମା ସ୍ୱର୍ଗ ଶଯ୍ୟାରେ; ପିଲାମାନେ ମଧ୍ୟ ତାଙ୍କର ସହିତ ଦେଶରେ । ମୁଁ ଏବେ ଏଣୁ ବସାରେ ଏକା ? ହିଁ ମୁଁ ଏକା ।

ଜାହ୍ନବୀ କାହାନ୍ତି । ଜାହ୍ନବୀ ଯେ ଆଉ ପୂର୍ବଭାଗ ... ଲାଗି ଶୃଙ୍ଖଳାବଦ୍ଧ, ଉଦ୍ଭିନ୍ନଶ—ସେହି ବନ୍ଧୁ ଦୂରରେ ... ଉପନ୍ୟାସର । ... ଭିତରୁ ମୋର କୋହ ଉଠି ଆସିଲା । ମୁଁ ... ହୋଇଯାଉଛି ପୁଣି ଥରେ । ... ଉଦ୍ଭାସିତ ହୋଇ ଉଠିଲା । ... ସେ ମୋତେ ... ଦେଖୁଥିଲେ ।

ବାହାରେ ବର୍ଷା ମାଡ଼ି ଆସୁଛି । ମେଘର ଗୁଡ଼ୁ ଗୁଡ଼ୁ ଡାକ ଶୁଣାଯାଉଛି । ଝରକାରେ ଭିଜି ଆସୁଛି ମୋର ଅଭିଳଷିତ ଦୃଶ୍ୟ...... ଅନ୍ୟ ମନସ୍କତା ପାଇଁ କେତେବେଳେ ... ଜାଣେନାହିଁ । ଯେତେବେଳେ ସେହି ସ୍ବର୍ଣ୍ଣିଳ ଦୃଶ୍ୟ ମେଘମାଳ ... ହଠାତ୍ ପିଠି ମୋତେ ଆଉ ... ଝାଣି ଉଦ୍‌ଗାର କରୁଛି ... ଲୁଚକାଳି......

ହଠାତ୍ ଶୁଭିଲା—ବାବୁ !

ଚୌକିଦାର ଉଚ୍ଚାରିଲା—ପୋଷ୍ଟମ୍ୟାନ୍ ।

—ଶୀଘ୍ର ଆସନ୍ତୁ, ନ ହେଲେ ମୁଁ ଚାଲିଯିବି, ସାଇନ୍ କରନ୍ତୁ, ଆପଣଙ୍କ ଟେଲିଗ୍ରାମ ।

—ମୋ ଟେଲିଗ୍ରାମ;

—ଟେବୁଲ୍ ପାଖରେ ଠିଆ ହୋଇ କହିଲା ଖୋଲି ପଢ଼ାଇଲି । ହଠାତ ବଡ଼ ବଡ଼ ହୋଇ ଚଢ଼ଚଢ଼ାଏ ମାରିଦେଲି । ଟେଲିଗ୍ରାମ ଖଣ୍ଡି ନେବାରେ ବିଳମ୍ବ ହେଲା ନାହିଁ । ବନ୍ଧୁ ସଙ୍ଗେ ପଢ଼ା ମୋର ଶ୍ରୀମାନଙ୍କୁ ଟିପିଦେଲି ତାର ସବୁଠ ଶବ୍ଦ ପ୍ରତ୍ୟେକ ଥର ।

—Extremely sorry my telegram fourth returned undelivered presume you out station stop mothe wished you much before

**she breathed last this morning at five—**

**Charu**

ମୁଣ୍ଡ ମୋର ବୁଲାଇ ଦେଲା; ହଠାତ୍ ବୁଝି ପାରିଲି ନାହିଁ ଏହି ଟେଲିଗ୍ରାମ୍‌ଟାର ଭାଷା । ତାହା ଯେପରି ମୋ କାନ ମୂଳରେ ଗର୍ଜି ଉଠି କହିଲା—ନିରୁପମା ଆଉ ନାହିଁ । ଅଭିମାନିନୀ ନିରୁପମା ଆଉ ଏ ସଂସାରରେ ନାହିଁ । ନିରୁପମା ପାଇଁ ନିରୁପମ ସ୍ୱର୍ଗର ବ୍ୟୋମ ଦେଶରେ ।

ସମାପ୍ତ